ପୃଷ୍ଠା-୮+୮

# ଧରିତ୍ରୀ
DHARITRI

ରାୟଗଡ଼ା, ବୁଧବାର, ମାର୍ଚ୍ଚ ୯/୨୦୨୨ (୮+୮=୧୬ ପୃଷ୍ଠା) | Rayagada, Wednesday, March 9/2022 | Page 16 | ₹ 7.00 | ★
୧୨ଶ ଭାଗ ୩୨ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada | ମୂଲ୍ୟ ₹୭/-



**ଡୁପ୍ଲାଣ୍ଟିସ୍‌ଙ୍କ ବିଶ୍ୱ ରେକର୍ଡ**
ଅଲିମ୍ପିକ ଚାମ୍ପିୟନ ମୋଣ୍ଡୋ ଡୁପ୍ଲାଣ୍ଟିସ ପୋଲ୍‌ଭଲ୍ଟରେ ତାଙ୍କ ନିଜ ବିଶ୍ୱ ରେକର୍ଡ ଭଙ୍ଗ କରିଛନ୍ତି।

୦୮

୦୭

**ଶୋ' ଛାଡ଼ିଲେ ଆଦିତ୍ୟ**
ଜୀ ଟିଭି ଦ୍ୱାରା ପ୍ରସାରିତ ସିଙ୍ଗିଙ୍ଗ୍ ରିଆଲିଟି ଶୋ' 'ସାରେଗାମାପା'କୁ ଛାଡ଼ିଦେଇଛନ୍ତି ଆଦିତ୍ୟ ନାରାୟଣ। ସେ ଏ ନେଇ ଇନ୍‌ଷ୍ଟାଗ୍ରାମରେ ଜଣାଇଛନ୍ତି।





ଅନ୍ତର୍ଜାତୀୟ ମହିଳା ଦିବସ ଅବସରରେ ଭୁବନେଶ୍ୱରସ୍ଥିତ ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟ ସମ୍ମୁଖରେ ମଙ୍ଗଳବାର ଏବିଭିପି ପକ୍ଷରୁ ମିନି ମାରାଥନ।

# ରୁଷିଆରୁ ତୈଳ ଆମଦାନୀ ବନ୍ଦ କଲା ଆମେରିକା

## ବିଶ୍ୱ ତୈଳ ବଜାର ଉପରେ ପ୍ରଭାବ ପଡ଼ିବ

ୱାଶିଂଟନ୍, ୮।୩

ୟୁକ୍ରେନ୍ ଉପରେ ରୁଷିଆର ଆକ୍ରମଣ ପ୍ରତିବାଦରେ ଆମେରିକା ଏକ ବଡ଼ ପଦକ୍ଷେପ ନେଇଛି। ଆମେରିକା ରାଷ୍ଟ୍ରପତି ଜୋ ବାଇଡେନ୍ ରୁଷିଆରୁ ତୈଳ, ପ୍ରାକୃତିକ ଗ୍ୟାସ୍ ଆମଦାନୀ ବନ୍ଦ କରିବାକୁ ମଙ୍ଗଳବାର ଘୋଷଣା କରିଛନ୍ତି। ଆମେରିକୀୟ ବନ୍ଦରଗୁଡ଼ିକୁ ରୁଷିଆରୁ ଆସୁଥିବା ତୈଳ ଆଉ ଗ୍ରହଣ କରାଯିବ ନାହିଁ ବୋଲି ବାଇଡେନ୍ ସ୍ପଷ୍ଟ କରିଛନ୍ତି। ରୁଷିଆ ଉପରେ ଆମେରିକା ସମେତ ପାଶ୍ଚାତ୍ୟ ଦେଶଗୁଡ଼ିକ ଲଗାଇଥିବା କଟକଣା ଯୋଗୁ ଅନ୍ତର୍ଜାତୀୟ ବଜାରରେ ଅଶୋଧିତ ତୈଳ ଦର ଆକାଶଛୁଆଁ ହୋଇଥିବାବେଳେ ବାଇଡେନ୍‌ଙ୍କ ଏହି ନିଷ୍ପତ୍ତି ପରେ ପେଟ୍ରୋଲ ଡିଜେଲ ଆହୁରି ମହଙ୍ଗା ହେବ ବୋଲି କୁହାଯାଉଛି।

ପାଶ୍ଚାତ୍ୟର କଟକଣାକୁ ଭ୍ରୁକ୍ଷେପ ନ କରି ରୁଷିଆ ରାଷ୍ଟ୍ରପତି ଭ୍ଲାଡିମିର ପୁଟିନ ଫେବୃୟାରୀ ୨୪ରେ ୟୁକ୍ରେନ୍ ଉପରେ ଆକ୍ରମଣ କରିଥିଲେ। ରୁଷୀୟ ସୈନ୍ୟ ରାଜଧାନୀ କ୍ୱିଭ୍ ସମେତ ଗୋଟିଏ ପରେ ଗୋଟିଏ ସହର ଦଖଲ କରିଚାଲିଥିବାବେଳେ ଆମେରିକା ଓ ୟୁରୋପୀୟ ସଂଘ (ଇୟୁ) ସଦସ୍ୟ ରାଷ୍ଟ୍ରଗୁଡ଼ିକ ୧୩ ଦିନ ଭିତରେ ମସ୍କୋ ବିରୋଧରେ ଅନେକ କଟକଣା ଲଗାଇସାରିଛନ୍ତି। ତଥାପି ପୁଟିନ୍ ପଛଘୁଞ୍ଚାର ନାଁ ନ ନେଇ ଓଲଟା



ଜୋ ବାଇଡେନ୍





ପାଶ୍ଚାତ୍ୟକୁ ଧମକ ଦେଉଛନ୍ତି। ଏହି ପରିପ୍ରେକ୍ଷୀରେ ବିଶ୍ୱର ଏକ ନମ୍ବର ଶକ୍ତିଶାଳୀ ରାଷ୍ଟ୍ର ଆମେରିକା କଠୋର ଆଭିମୁଖ୍ୟ ଦେଖାଇଛି। ହ୍ୱାଇଟହାଉସ୍‌ରୁ ବାଇଡେନ୍ ମଙ୍ଗଳବାର ଏକ ଟେଲିଭିଜନ ବାର୍ତ୍ତାରେ କହିଛନ୍ତି, ରୁଷିଆର ଆଭିମୁଖ୍ୟ ବିପଜ୍ଜନକ। ମସ୍କୋ ବିରୋଧୀ ଯୁଦ୍ଧକୁ ବିଭାଜିତ ହେବାକୁ ଆମେରିକା ଦେବନାହିଁ। ୟୁରୋପର ସହଯୋଗୀ ଦେଶଗୁଡ଼ିକ ସହ ବିଚାରବିମର୍ଷ ପରେ ଏହି କଟକଣା ନିଷ୍ପତ୍ତି ନିଆଯାଇଛି। ହେଲେ ରୁଷିଆରୁ ତୈଳ, ଗ୍ୟାସ୍ ଆମଦାନୀ ବନ୍ଦ କରିବାକୁ ନେଇ ପାଶ୍ଚାତ୍ୟ ଦେଶ ଆମେରିକା ସହ ରାଜି ହେବା ସ୍ଥିତିରେ ନାହାନ୍ତି। ୟୁରୋପୀୟ ଦେଶଗୁଡ଼ିକ ରୁଷିଆର ଶକ୍ତିଉତ୍ସ ଉପରେ ଯେପରି କମ୍ ନିର୍ଭରଶୀଳ ହେବେ ସେ ଦିଗରେ ଆମେରିକା ଏକ ଦୀର୍ଘସ୍ଥାୟୀ ରଣନୀତି ଉପରେ କାର୍ଯ୍ୟ କରୁଛି ବୋଲି ବାଇଡେନ୍ ପ୍ରକାଶ କରିଛନ୍ତି। ଏହା ଦ୍ୱାରା ରୁଷିଆ ଅର୍ଥନୀତି ବ୍ୟାପକ ଭାବେ ପ୍ରଭାବିତ ହେବ ବୋଲି କୁହାଯାଉଛି। ତୈଳ, ଗ୍ୟାସ୍ ରପ୍ତାନୀରୁ ରୁଷିଆ ମୋଟ ରାଜସ୍ୱର ପ୍ରାୟ ୪୦ ପ୍ରତିଶତ ପାଇଥାଏ। ଅପରପକ୍ଷେ ଚଳିତ ବର୍ଷ ଶେଷ ସୁଦ୍ଧା ତୈଳ ଓ ଗ୍ୟାସ୍ ପାଇଁ ରୁଷିଆ ଉପରେ ୟୁରୋପର ନିର୍ଭରଶୀଳତା ଦୁଇ ତୃତୀୟାଂଶ କମାଯିବାକୁ ୟୁରୋପୀୟ ୟୁନିୟନ (ଇୟୁ) ପକ୍ଷରୁ ଯୋଜନା କରାଯାଉଛି। ☞ପୃଷ୍ଠା-୪

# ୨୫ରେ ବିଧାନସଭା

## ୩୦ରେ ଆଗତ ହେବ ବଜେଟ

ଭୁବନେଶ୍ୱର,୮।୩(ବ୍ୟୁରୋ)



- ୩୧ରେ ଅଧିବେଶନ ଶେଷ ହେବ
- କୋଭିଡ୍ ଗାଇଡ୍‌ଲାଇନରେ ଚାଲିବ ଗୃହ

ଆସନ୍ତା ୨୫ ତାରିଖରୁ ବିଧାନସଭାର ବଜେଟ ଅଧିବେଶନ ଆରମ୍ଭ ହେବ। ଏହା ୩୧ ତାରିଖ ପର୍ଯ୍ୟନ୍ତ ଚାଲିବ। ୩୦ ତାରିଖରେ ୨୦୨୨-୨୩ ଆର୍ଥିକ ବର୍ଷ ଲାଗି ବଜେଟ ଆଗତ ହେବ। ଏନେଇ ମଙ୍ଗଳବାର ବାଚସ୍ପତି ସୂର୍ଯ୍ୟ ନାରାୟଣ ପାତ୍ର ସୂଚନା ଦେଇଛନ୍ତି। ଏହି ଅଧିବେଶନ ସ୍ୱଳ୍ପକାଳୀନ ହେବ। ୨୫ ତାରିଖରୁ ଆରମ୍ଭ ହେବାକୁ ଥିବା ଅଧିବେଶନ ୭ ଦିନ ଯାଏ ଚାଲିବ। ଏହା ମଧ୍ୟରେ ଗୋଟିଏ ଦିନ ଛୁଟି ପଡୁଥିବାରୁ ମୋଟ ୬ଟି କାର୍ଯ୍ୟଦିବସ ରହିବ।

ଅଧିବେଶନର ପ୍ରଥମ ଦିବସରେ ରାଜ୍ୟପାଳ ଅଭିଭାଷଣ ଦେବେ ଓ ଧନ୍ୟବାଦ ପ୍ରସ୍ତାବ ଆଗତ ହେବ। ୨୬ରେ ରାଜ୍ୟପାଳଙ୍କ ଅଭିଭାଷଣ ଉପରେ ଆଲୋଚନା ହେବ। ୨୭ରେ ରବିବାର ପଡୁଥିବାରୁ ଗୃହକାର୍ଯ୍ୟ ବନ୍ଦ ରହିବ। ୨୮ରେ ରାଜ୍ୟପାଳଙ୍କ ଧନ୍ୟବାଦ ପ୍ରସ୍ତାବ ଉପରେ ଆଲୋଚନା ହେବ। ୨୯ରେ ସରକାରୀ କାର୍ଯ୍ୟ ଦିବସ ରଖାଯାଇଥିବା ବେଳେ ୩୦ରେ ଅର୍ଥମନ୍ତ୍ରୀ ବଜେଟ ଆଗତ କରିବେ। ସେହିଦିନ ଭୋଟ ଅନ୍ ଆକାଉଣ୍ଟ ବା ଲେଖାନୁଦାନ ପ୍ରସ୍ତାବ ଆଗତ ହେବ ଏବଂ ଏହା ଉପରେ ଆଲୋଚନା ଆରମ୍ଭ ହେବ। ୩୧ ତାରିଖରେ ବ୍ୟୟମଞ୍ଜୁରୀ ବିଲ୍ ପାରିତ ହେବ। ସେହିଦିନ ବଜେଟ ଅଧିବେଶନ ଶେଷ ହେବ ବୋଲି କହିଛନ୍ତି ବାଚସ୍ପତି। କୋଭିଡ୍ ସଂକ୍ରମଣ ହ୍ରାସ ପାଇଥିଲେ ମଧ୍ୟ ଆସନ୍ତା ବଜେଟ ଅଧିବେଶନ ସମୟରେ ରାଜ୍ୟ ସରକାରଙ୍କ କୋଭିଡ୍ ଗାଇଡ୍‌ଲାଇନ ଅନୁଯାୟୀ ଗୃହ ପରିଚାଳନା କରାଯିବ ବୋଲି ବାଚସ୍ପତି କହିଛନ୍ତି।

# ୨୨ରୁ ୨୪ ଉଚ୍ଚ ଶିକ୍ଷାନୁଷ୍ଠାନରେ ପରୀକ୍ଷା ହେବନି

ଭୁବନେଶ୍ୱର, ୮।୩(ବ୍ୟୁରୋ)

ରାଜ୍ୟରେ ଆସନ୍ତା ୨୪ ତାରିଖରେ ପୌର ନିର୍ବାଚନ ହେଉଛି। ପୌର ନିର୍ବାଚନ ସକାଶେ ୩ ଦିନ ପାଇଁ ଅର୍ଥାତ ୨୨ରୁ ୨୪ ତାରିଖ ପର୍ଯ୍ୟନ୍ତ ଉଚ୍ଚ ଶିକ୍ଷାନୁଷ୍ଠାନଗୁଡ଼ିକରେ ପରୀକ୍ଷା ବନ୍ଦ ରଖିବାକୁ ସରକାର ନିର୍ଦ୍ଦେଶ ଦେଇଛନ୍ତି। ଉକ୍ତ ୩ଦିନ ଡିଗ୍ରୀ ମହାବିଦ୍ୟାଳୟ ଓ ବିଶ୍ୱବିଦ୍ୟାଳୟର ପରୀକ୍ଷା ବନ୍ଦ ରଖିବାକୁ ମଙ୍ଗଳବାର ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ନିର୍ଦ୍ଦେଶନାମା ଜାରି ହୋଇଛି। ଏ ନେଇ ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ରାଜ୍ୟର ସମସ୍ତ କୁଳପତି ଓ କଲେଜ ଅଧକ୍ଷଙ୍କୁ ଚିଠି ଲେଖାଯାଇଛି। ଚିଠିରେ ଉଲ୍ଲେଖ ରହିଛି ଯେ, ପୌର ନିର୍ବାଚନ ପାଇଁ କଲେଜଗୁଡ଼ିକରେ ଭୋଟ୍ ଗ୍ରହଣ ଲାଗି ବୁଥ୍ କରାଯିବ। ଏ ନେଇ ପୂର୍ବରୁ ରାଜ୍ୟ ନିର୍ବାଚନ କମିଶନ୍‌ଙ୍କ ପକ୍ଷରୁ ନୋଟିସ୍ ଜାରି ହୋଇଛି। ସୂଚନାଯୋଗ୍ୟ, ରାଜ୍ୟ ନିର୍ବାଚନ କମିଶନ୍‌ଙ୍କ ପକ୍ଷରୁ ନୋଟିସ୍ ଜାରି କରାଯାଇଥିଲା ଯେ, ପୌର ନିର୍ବାଚନ ସମୟରେ ☞ପୃଷ୍ଠା-୪

**ଆଜିର ସମ୍ପାଦକୀୟ**
**ଚାଇନା ଦେଖୁଛି**

# ଅପହରଣକୁ ପ୍ରତିରୋଧ କରିବାରୁ ହତ୍ୟା

## ଝିଆରୀ ପାଇଁ ବଳିପଡ଼ିଲେ ଦାଦା

ରାଜନଗର, ୮।୩(ଡି.ଏନ.ଏ.)

କେନ୍ଦ୍ରାପଡ଼ା ଜିଲା ରାଜନଗର ଥାନା କୁରୁଣ୍ଟି ପଞ୍ଚାୟତ ଚନ୍ଦ୍ରଶିଖର ଗାଁରେ ସୋମବାର ରାତିରେ ଏକ ଅଭାବନୀୟ ଘଟଣା ଘଟିଛି। ଝିଆରୀଙ୍କ ଅପହରଣକୁ ପ୍ରତିରୋଧ କରିବାକୁ ଯାଇ ବଳି ପଡିଛନ୍ତି ଦାଦା। ଝିଆରୀଙ୍କୁ ପ୍ରେମ କରୁଥିବା ଜଣେ ଯୁବକ ଓ ତାଙ୍କ ସାଙ୍ଗମାନେ ତାଙ୍କୁ ଲୁହାରଡ଼ରେ ପିଟି ହତ୍ୟା କରିବା ଘଟଣା ଏଠାରେ ଆଲୋଡ଼ନ ସୃଷ୍ଟି କରିଛି। ଏହି ଘଟଣା ପରେ ଗାଁରେ ଉତ୍ତେଜନା ପ୍ରକାଶ ପାଇଛି। ପୋଲିସ ୪ ଜଣଙ୍କୁ ଥାନାରେ ଅଟକ ରଖି ତନାଘନା ଚଳାଇଛି। ଅଭିଯୁକ୍ତମାନେ ଫେରାର ଅଛନ୍ତି। ଏହି ରିପୋର୍ଟ ଲେଖା ହେବା ପର୍ଯ୍ୟନ୍ତ ଅପହୃତା ଯୁବତୀଙ୍କ ପତ୍ତା ମିଳିନାହିଁ। ସମ୍ପୃକ୍ତା ଯୁବତୀଙ୍କ ଭାଇ ଦେବେନ୍ଦ୍ର କୁମାର ବିଶ୍ୱାଳଙ୍କ ଏତଲାକୁ ଭିତ୍ତିକରି ପୋଲିସ ଏକ ମାମଲା(ନଂ. ୭୧/୨୨)ରୁଜୁ କରି ତନାଘନା ଚଳାଇଛି।

ମିଳିଥିବା ସୂଚନା ଅନୁଯାୟୀ, ସୋମବାର ରାତି ପ୍ରାୟ ସାଢେ ୯ଟାରେ ୪ଟି ବାଇକ୍‌ରେ କେତେଜଣ ଯୁବକ ଆସି ଚନ୍ଦ୍ରଶିଖରପୁର ଗାଁରେ ପହଞ୍ଚିଥିଲେ। ସେମାନେ ଦେବେନ୍ଦ୍ରଙ୍କ ଘର ଆଗରୁ ତାଙ୍କ ଭଉଣୀଙ୍କୁ ଏକ ବାଇକ୍‌ରେ ଉଠାଇ ନେଇ ଦ୍ରୁତଗତିରେ ଫେରାର ହୋଇଯାଉଥିଲେ। ଦେବେନ୍ଦ୍ରଙ୍କ ସାନବୋଉ(ଖୁଡ଼ୀ) ଏହା ଦେଖି ଚିତ୍କାର କରିଥିଲେ। ସାନବୋଉଙ୍କ ଚିତ୍କାର ଶୁଣି ଦାଦା ବିଚିତ୍ରାନନ୍ଦ ସେମାନଙ୍କୁ ଧରିବା ଉଦ୍ଦେଶ୍ୟରେ ନିଜ ବାଇକ୍‌ରେ ପିଛା କରିଥିଲେ। ଜୁଣ୍ଟୁପାଙ୍ଗରା ଗାଁର ଅଭିରାମ ଦାସଙ୍କ ଘର ଆଗରେ ସେମାନଙ୍କୁ ବିଚିତ୍ରାନନ୍ଦ ଅଟକାଇଥିଲେ। ହେଲେ ଏଥିରେ ଉତ୍‌କ୍ଷିପ୍ତ ହୋଇ ଶ୍ରୀକାନ୍ତ ଜେନା ଓରଫ୍ ଲିପୁ ଚିତ୍କାର କରିବା ସହ ମୁଁ ତୁମ ଝିଆରୀଙ୍କୁ ଭଲ ପାଇ ଆଣିଛି, ବାହା ହେବି ବୋଲି କହିଥିଲେ। ଏହାକୁ ବିଚିତ୍ରାନନ୍ଦ ସହଜରେ ଗ୍ରହଣ କରି ପାରି ନ ଥିଲେ। ସେ ଝିଆରୀଙ୍କୁ ସେହି ଯୁବକଙ୍କ କବ୍‌ଜାରୁ ଖସାଇ ଆଣିବାକୁ ଉଦ୍ୟମ କରିଥିଲେ। ଏହାକୁ ନେଇ କିଛି ସମୟ ପାଇଁ ଲିପୁଙ୍କ ସହିତ ତାଙ୍କର ଧସ୍ତାଧସ୍ତି ହୋଇଥିଲା। ଏହି ସମୟରେ ☞ପୃଷ୍ଠା-୪



ବିଚିତ୍ରାନନ୍ଦ ବିଶ୍ୱାଳ



ସେ ଆତ୍ମନିର୍ଭରଶୀଳା। ମହାକାଶଠାରୁ ଆରମ୍ଭ କରି ଯୁଦ୍ଧ କ୍ଷେତ୍ର ଅବା ଶିକ୍ଷାଠାରୁ ସ୍ୱାସ୍ଥ୍ୟ ସେବା ସବୁ କ୍ଷେତ୍ରରେ ଉପସ୍ଥିତି ଜାହିର କରି ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଛି। କାହା ଦୟା ନୁହେଁ ବରଂ ଯୋଗ୍ୟତାକୁ ମାନଦଣ୍ଡ କରି ଆଗେଇ ଚାଲିଥିବା ନାରୀ ଆଜି ଅନ୍ୟ ପାଇଁ ପ୍ରେରଣା ପାଲଟିଛି। କୋଭିଡ୍ ମହାମାରୀ ସମୟରେ ଜୀବନକୁ ବାଜି ଲଗାଇ ଅନ୍ୟର ଜୀବନ ବଞ୍ଚାଇଛି। ଏ ହେଉଛି ଆଜିର ନାରୀ। ମିଳିତ ଜାତିସଂଘ ଦ୍ୱାରା ଅନୁମୋଦନ ହେବା ପରେ ୧୯୭୫ ମସିହାରୁ ଭାରତ ସମେତ ଅନେକ ରାଷ୍ଟ୍ରରେ ପାଳିତ ହୋଇଆସୁଛି ଅନ୍ତର୍ଜାତୀୟ ମହିଳା ଦିବସ। ଏହି ଅବସରରେ ମଙ୍ଗଳବାର ବିଭିନ୍ନ ସ୍ଥାନରେ ଅନୁଷ୍ଠିତ କାର୍ଯ୍ୟକ୍ରମର କିଛି ଝଲକ.....



ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ ପକ୍ଷରୁ ଭୁବନେଶ୍ୱରସ୍ଥିତ ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟ ନିକଟରେ ଆୟୋଜିତ ମହିଳା ଦିବସ କାର୍ଯ୍ୟକ୍ରମରେ ଜଣେ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଉଛି।

# ଶ୍ରୁତି ମହାପାତ୍ରଙ୍କୁ ‘ନାରୀ ଶକ୍ତି ପୁରସ୍କାର’

## ୨୯ ମହିଳାଙ୍କୁ ସମ୍ମାନିତ କଲେ ରାଷ୍ଟ୍ରପତି

ଭୁବନେଶ୍ୱର, ୮।୩(ବ୍ୟୁରୋ)

ଅନ୍ତର୍ଜାତୀୟ ମହିଳା ଦିବସ ଅବସରରେ ମଙ୍ଗଳବାର ରାଷ୍ଟ୍ରପତି ରାମନାଥ କୋବିନ୍ଦ ୨୯ଜଣ ମହିଳାଙ୍କୁ ନାରୀ ଶକ୍ତି ପୁରସ୍କାର ପ୍ରଦାନ କରିଛନ୍ତି। ରାଷ୍ଟ୍ରପତି ଭବନ ପରିସରରେ ଆୟୋଜିତ ଏକ ସ୍ୱତନ୍ତ୍ର ସମାରୋହରେ ୨୦୨୦ ଏବଂ ୨୦୨୧ ବର୍ଷ ପାଇଁ ଉଲ୍ଲେଖନୀୟ ଓ ପ୍ରଶଂସନୀୟ ଉପଲବ୍ଧି ହାସଲ କରିଥିବା ୨୯ଜଣ ମହିଳାଙ୍କୁ ଏହି ପୁରସ୍କାର ପ୍ରଦାନ କରାଯାଇଛି। ନାରୀ ସଶକ୍ତୀକରଣ, ବିଶେଷକରି ଦୁର୍ବଳ ଓ ବଞ୍ଚିତ ବର୍ଗଙ୍କ କଲ୍ୟାଣ ଦିଗରେ ଉଲ୍ଲେଖନୀୟ କାର୍ଯ୍ୟ କରିଥିବା ୨୯ ଜଣ ମହିଳାଙ୍କୁ ମୋଟ ୨୮ଟି ପୁରସ୍କାର (ଉଭୟ ବର୍ଷ ପାଇଁ ୧୪ ଜଣ ଲେଖାଏ)ରେ ସମ୍ମାନିତ କରାଯାଇଥିଲା। ଓଡ଼ିଶାର ଶ୍ରୁତି ମହାପାତ୍ରଙ୍କୁ ଏହି ପୁରସ୍କାର ମିଳିଛି। ସୂଚନାଯୋଗ୍ୟ, ମହିଳାମାନଙ୍କ ଉପଲବ୍ଧିକୁ ସମ୍ମାନ ଜଣାଇବା ଲାଗି, ନାରୀ ସଶକ୍ତୀକରଣ ଓ ସମାଜ କଲ୍ୟାଣ ଦିଗରେ ଯୋଗଦାନ ତଥା ସମାଜରେ ସକାରାତ୍ମକ ପରିବର୍ତ୍ତନ ଆଣିଥିବା ପ୍ରଗତିଶୀଳ ନାରୀମାନଙ୍କୁ ସମ୍ମାନିତ କରିବା ଉଦ୍ଦେଶ୍ୟରେ ମହିଳା ଓ ଶିଶୁ ବିକାଶ ମନ୍ତ୍ରଣାଳୟ ପକ୍ଷରୁ ପ୍ରତିବର୍ଷ ସଫଳ ମହିଳା ଏବଂ ମହିଳାଙ୍କ ଉତ୍ଥାନ ପାଇଁ କାର୍ଯ୍ୟ କରୁଥିବା ସଙ୍ଗଠନଗୁଡ଼ିକୁ ନାରୀ ଶକ୍ତି ପୁରସ୍କାର ପ୍ରଦାନ କରାଯାଇଥାଏ। କୋଭିଡ-୧୯ ମହାମାରୀ କାରଣରୁ ଦେଖାଦେଇଥିବା ପରିସ୍ଥିତିଯୋଗୁ ୨୦୨୦ ଏବଂ ୨୦୨୧ରେ ଏହି ପୁରସ୍କାର ବିତରଣ ସମାରୋହ ଆୟୋଜିତ ହୋଇପାରି ନ ଥିଲା।


ଶ୍ରୁତି ମହାପାତ୍ରଙ୍କୁ ରାଷ୍ଟ୍ରପତି ରାମନାଥ କୋବିନ୍ଦ ନାରୀ ଶକ୍ତି ପୁରସ୍କାର ପ୍ରଦାନ କରୁଛନ୍ତି।



ମଙ୍ଗଳବାର ଭୁବନେଶ୍ୱର ମୁଖ୍ୟ କାର୍ଯ୍ୟାଳୟଠାରେ ‘ଧରିତ୍ରୀ’ ପରିବାର ପକ୍ଷରୁ ଅନ୍ତଃରାଷ୍ଟ୍ରୀୟ ମହିଳା ଦିବସ ପାଳନ ଅବସରରେ ଧରିତ୍ରୀ ଓ ଓଡ଼ିଶା ପୋଷ୍ଟର ମୁଖ୍ୟ କାର୍ଯ୍ୟନିର୍ବାହୀ ଆଦ୍ୟାଶା ସତପଥୀ ଓ ଅନ୍ୟମାନେ।



ଭୁବନେଶ୍ୱରଠାରେ ସର୍ବଭାରତୀୟ ମହିଳା ସାଂସ୍କୃତିକ ସଂଗଠନ ପକ୍ଷରୁ ନାରୀ ବିରୋଧୀ ଆଭିମୁଖ୍ୟ ବିରୋଧରେ ପ୍ରତିବାଦ କରାଯାଉଛି।



କଳିଙ୍ଗ ଷ୍ଟାଡିୟମରେ ଏଏଫ୍‌ସି ମହିଳା ଦିବସ ପାଳନ ଅବସରରେ ସମ୍ବର୍ଦ୍ଧିତ ଫୁଟବଲ ଖେଳାଳି।



ଭୁବନେଶ୍ୱର ଗୌତମନଗରଠାରେ ଅଭିପ୍ସା ଅନୁଷ୍ଠାନ ପକ୍ଷରୁ ଆୟୋଜିତ ଅଭିପ୍ସା ଆୱାର୍ଡ ଉତ୍ସବରେ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ ଏବଂ ଅନ୍ୟମାନେ।


ପୁରୀ ସଂସ୍କୃତି ଭବନରେ ଭାଜପା ପକ୍ଷରୁ ମହିଳା ଦିବସ ପାଳନ ଅବସରରେ ପରିବେଷିତ ସାଂସ୍କୃତିକ କାର୍ଯ୍ୟକ୍ରମ।



କଟକସ୍ଥିତ ସଦ୍‌ଗୁରୁ ହସ୍ପିଟାଲ ପକ୍ଷରୁ ମଙ୍ଗଳବାର ଲିଙ୍କରୋଡ ଟ୍ରାଫିକ ଟାୱାରଠାରେ ଟ୍ରାଫିକ ମହିଳା ପୋଲିସଙ୍କ ସ୍ୱାସ୍ଥ୍ୟ ପରୀକ୍ଷା ଶିବିର ଅବସରରେ ଆୟୋଜିତ ସଭାରେ ମଞ୍ଚାସୀନ ଅତିଥିବୃନ୍ଦ।

# ବାଲେଶ୍ୱରର ୨ ସ୍ୱାସ୍ଥ୍ୟକର୍ମୀଙ୍କୁ ଜାତୀୟ ପୁରସ୍କାର

**ବାଲେଶ୍ୱର ଅଫିସ/ଖଇରା, ୮।୩(ଡି.ଏନ.ଏ.):** ଅନ୍ତର୍ଜାତୀୟ ମହିଳା ଦିବସ ଅବସରରେ ବାଲେଶ୍ୱର ୨ ମହିଳା ସ୍ୱାସ୍ଥ୍ୟକର୍ମୀଙ୍କୁ ଶ୍ରେଷ୍ଠ କୋଭିଡ-୧୯ ଟିକାପ୍ରଦାନକାରୀ ଭାବେ ଜାତୀୟ ପୁରସ୍କାର ମିଳିଛି। ନୂଆଦିଲ୍ଲୀସ୍ଥିତ ଜାତୀୟ ସ୍ୱାସ୍ଥ୍ୟ ଏବଂ ପରିବାର କଲ୍ୟାଣ ପ୍ରତିଷ୍ଠାନରେ ମଙ୍ଗଳବାର କେନ୍ଦ୍ର ସ୍ୱାସ୍ଥ୍ୟମନ୍ତ୍ରୀ ଡ. ମନସୁଖ ଲାଲ ମାଣ୍ଡଭିୟ ଏହି ସମ୍ମାନ ପ୍ରଦାନ କରିଛନ୍ତି। ପୁରସ୍କୃତ ସ୍ୱାସ୍ଥ୍ୟକର୍ମୀ ହେଲେ ସାମୁନୀ ନାୟକ ଓ ମଧୁସ୍ମିତା ଜେନା।

ଦେଶରେ କୋଭିଡ୍ ଟିକାକରଣ କାର୍ଯ୍ୟରେ ନିୟୋଜିତ ସମସ୍ତ ସ୍ୱାସ୍ଥ୍ୟକର୍ମୀଙ୍କ ପ୍ରତିଦିନର କାର୍ଯ୍ୟକଳାପ ବିଭାଗ ପକ୍ଷରୁ ଅନ୍‌ଲାଇନ୍‌ରେ ଏଣ୍ଟ୍ରି କରାଯାଉଥିଲା। ଏହି ରିପୋର୍ଟ ଅନୁସାରେ ଓଡ଼ିଶାରେ ସର୍ବାଧିକ ଟିକାକରଣ କ୍ଷେତ୍ରରେ ବାଲେଶ୍ୱରରୁ ସାମୁନୀ ଓ ମଧୁସ୍ମିତା ସର୍ବାଗ୍ରେ ରହିଥିଲେ। ବାଲେଶ୍ୱର ସଦରରେ ସ୍ୱାସ୍ଥ୍ୟକର୍ମୀ ଭାବେ କାର୍ଯ୍ୟରତ ସାମୁନୀ ୭୦,୨୫୦ ଡୋଜ୍ ଟିକାକରଣ କରିଥିବା ବେଳେ କୁପାରୀ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ କାର୍ଯ୍ୟରତ ମଧୁସ୍ମିତା ୬୯,୫୫୮ ଡୋଜ୍ ଟିକାକରଣ କରିଛନ୍ତି। ଉଭୟଙ୍କୁ ଜିଲାପାଳ କେ. ସୁଦର୍ଶନ ଚକ୍ରବର୍ତ୍ତୀ ଶୁଭେଚ୍ଛା ଜଣାଇଛନ୍ତି।



ନୂଆଦିଲ୍ଲୀଠାରେ କେନ୍ଦ୍ର ସ୍ୱାସ୍ଥ୍ୟମନ୍ତ୍ରୀ ମନସୁଖ ଲାଲ ମାଣ୍ଡଭିୟ ମଙ୍ଗଳବାର ମଧୁସ୍ମିତା(ବାମ) ଓ ସାମୁନିଙ୍କୁ ପୁରସ୍କୃତ କରୁଛନ୍ତି।



ଭୁବନେଶ୍ୱର ଗୀତଗୋବିନ୍ଦ ସଦନରେ ମଙ୍ଗଳବାର କେନ୍ଦ୍ର ସାହିତ୍ୟ ଏକାଡେମୀ ପକ୍ଷରୁ ଆୟୋଜିତ ସର୍ବଭାରତୀୟ ଲେଖିକା ମହୋତ୍ସବରେ ଉପସ୍ଥିତ ଅତିଥି ଓ ଲେଖିକାମାନେ।

# ବିଦ୍ୟୁତ୍ ଫାଶରେ ପଡ଼ି ଦନ୍ତା ହାତୀ ମୃତ



ଘଟଣାସ୍ଥଳରେ ମରିପଡ଼ିଥିବା ଦନ୍ତା।

**ବନ୍ତଲା,୮।୩(ଡି.ଏନ.ଏ.)**

ଜନ୍ତୁ ଶିକାର ପାଇଁ ବିଛାଯାଇଥିବା ବିଦ୍ୟୁତ୍ ଫାଶରେ ପଡ଼ି ମଙ୍ଗଳବାର ଏକ ଦନ୍ତାହାତୀର ମୃତ୍ୟୁ ହୋଇଛି। ଅନୁଗୋଳ ବନଖଣ୍ଡ ଅନୁଗୋଳ ରେଞ୍ଜ ନନ୍ଦପୁର ପଞ୍ଚାୟତସ୍ଥିତ ମାଧପୁର ଗ୍ରାମ ଡଙ୍ଗାପାଳଠାରେ ଏହି ଘଟଣା ଘଟିଛି। ସ୍ଥାନୀୟ ଅଞ୍ଚଳର ଜଣେ ବ୍ୟକ୍ତି ବନ୍ୟଜନ୍ତୁ ଶିକାର ପାଇଁ ୧୧ କେଭି ବିଦ୍ୟୁତ୍ ତାରରୁ ହୁକ ପକାଇ ନିଜ ଜମି ଚାରିପଟେ ବିଛାଇଥିଲେ। ମଙ୍ଗଳବାର ଭୋର୍ ସମୟରେ ଉକ୍ତ ତାରରେ ଲାଗି ଦନ୍ତା ହାତୀର ମୃତ୍ୟୁ ହୋଇଥିଲା। ବନ ବିଭାଗ କର୍ମଚାରୀ ପହଞ୍ଚି ହାତୀ ମୃତଦେହ ବ୍ୟବଚ୍ଛେଦ ପରେ ପୋତି ଦେଇଛନ୍ତି। ଦୁଇଟି ଦାନ୍ତ କଟାଯାଇ ଜବତ କରାଯାଇଛି।

# ହତ୍ୟା ଅଭିଯୁକ୍ତଙ୍କୁ ହତ୍ୟା

**ସମ୍ବଲପୁର,୮।୩(ବ୍ୟୁରୋ)**

ହତ୍ୟା ଅଭିଯୋଗରେ ଜେଲ ଯାଇ ଜାମିନରେ ଆସିଥିବା ଜଣେ ଅଭିଯୁକ୍ତଙ୍କୁ ମଙ୍ଗଳବାର ହତ୍ୟା କରାଯାଇଛି। ସେ ହେଲେ କମଳ ବାଗ। ପ୍ରତିଶୋଧ ପରାୟଣ ହୋଇ ଅଭିଯୁକ୍ତମାନେ ଗୋଡାଇ ଗୋଡାଇ ମାରପିଟ କରିବା ପରେ ଛୁରିରେ ଆକ୍ରମଣ କରି ହତ୍ୟା କରିଛନ୍ତି। ଏଭଳି ଲୋମହର୍ଷଣକାରୀ ଘଟଣା ଘଟିଛି ସମ୍ବଲପୁର ଜିଲା ଧମା ଥାନା ଗୁଣ୍ଡେରପୁର ଡୁରିପଡ଼ାରେ। ସମ୍ପୃକ୍ତ ଅଭିଯୁକ୍ତ ଗାଁ ମୁଣ୍ଡ ରାଜ୍ୟ ରାଜପଥ କଡରେ ମୃତଦେହ ଫିଙ୍ଗି ଚାଲିଯାଇଥିଲେ। ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପରେ ପରିବାରବର୍ଗଙ୍କୁ ହସ୍ତାନ୍ତର କରିଛି। ମାଖନୀ ବାଗ (ପୂର୍ବରୁ ହତ୍ୟାର ଶିକାର ହୋଇଥିବା)ଙ୍କ ପୁଅ ଓ ନାତିଙ୍କୁ ପୋଲିସ ସନ୍ଦେହରେ ଅଟକ ରଖି ପଚରାଉଚୁରା କରୁଛି। ହତ୍ୟାକାଣ୍ଡରେ ବ୍ୟବହୃତ ଛୁରି ମଧ୍ୟ ଜବତ ହୋଇଛି। ଘଟଣାସ୍ଥଳରେ ସାଇଣ୍ଟିଫିକ ଟିମ୍ ପହଞ୍ଚି ତଦନ୍ତ କରିଛି। ଗ୍ରାମରେ ଚାପା ଉତ୍ତେଜନା ଲାଗିରହିଥିବାରୁ ଧମା ଥାନା ଷ୍ଟାଫଙ୍କ ସମେତ ୧ ପ୍ଲାଟୁନ ପୋଲିସ ମୁତୟନ ରହିଛନ୍ତି।

ମିଳିଥିବା ରିପୋର୍ଟ ଅନୁସାରେ ୨୦୨୧ ଅଗଷ୍ଟ ୮ରେ ଡୁରିପଡ଼ାର ମାଖନୀ ବାଗ୍ (୫୦)ଙ୍କୁ ଟାଙ୍ଗିଆରେ ହାଣି ହତ୍ୟା କରାଯାଇଥିଲା। ଗାଁ ଦାଣ୍ଡରେ ଏଭଳି ଘଟଣା ନେଇ ଗ୍ରାମବାସୀ ଭୟଭୀତ ହୋଇଯାଇଥିଲେ। ଏପରି କି ଅଭିଯୁକ୍ତଙ୍କୁ ଗିରଫ ଦାବିରେ ସମ୍ବଲପୁର-ସୋନପୁର ରାସ୍ତା ଅବରୋଧ କରିଥିଲେ। ଧମା ପୋଲିସ ମୁଖ୍ୟ ଅଭିଯୁକ୍ତ ସୁଶୀଲ ବାଗ (୩୦), ତାଙ୍କ ଅପା ଆରତି ବାଗ (୫୦) ଓ ବାପା କମଳ ବାଗଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। ଗିରଫର ୨ ମାସ ପରେ ଆରତିଙ୍କୁ ଜାମିନ ମିଳିଯାଇଥିଲା। ହେଲେ କମଳ ଓ ପୁଅ ସୁଶୀଲଙ୍କୁ ଫେବୃୟାରୀ ମାସରେ ଜାମିନ ମିଳିଥିଲା। ଜାମିନ ଆସିବା ପରେ ସୁଶୀଲ ପୂର୍ବଭଳି ପଡ଼ାରେ ଅଶାନ୍ତ ପରିବେଶ କରୁଥିଲେ। ବିନା କାରଣରେ ଲୋକଙ୍କୁ ଗାଳିଗୁଲଜ କରୁଥିଲେ। ଏପରି କି ମୃତ ମାଖନୀଙ୍କ ପରିବାରବର୍ଗଙ୍କୁ ମଧ୍ୟ ଧମକଚମକ ଦେଉଥିଲେ। ଏଭଳି ପରିସ୍ଥିତିରେ ମାଖନୀଙ୍କ ପରିବାର ପ୍ରତିଶୋଧ ନେବାକୁ ଯୋଜନା କରିଥିଲେ। ଏହି ଘଟଣାରେ ପୋଲିସ ସ୍ପଷ୍ଟ ଭାବେ କିଛି ସୂଚନା ଦେଇପାରୁ ନାହିଁ।

# ପୂର୍ଣ୍ଣ ଟିକାକରଣରେ ଓଡ଼ିଶା ପ୍ରଥମ

**ଭୁବନେଶ୍ୱର, ୮।୩(ବ୍ୟୁରୋ):** ପୂର୍ଣ୍ଣ ଟିକାକରଣରେ ଦେଶରେ ଓଡ଼ିଶା ପ୍ରଥମ ସ୍ଥାନରେ ରହିଛି। ଜାତୀୟ ପୂର୍ଣ୍ଣ ଟିକାକରଣ ହାରଠାରୁ ମଧ୍ୟ ବହୁ ଆଗୁଆ ଅଛି। ମଙ୍ଗଳବାର ମୁଖ୍ୟ ଶାସନ ସଚିବ ସୁରେଶ ଚନ୍ଦ୍ର ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ରାଜ୍ୟ ଷ୍ଟିଅରିଂ କମିଟି ବୈଠକରୁ ଏହା ଜଣାପଡ଼ିଛି। ପୂର୍ଣ୍ଣ ଟିକାକରଣ କ୍ଷେତ୍ରରେ ହୋଇଥିବା ଅଗ୍ରଗତି ନେଇ ସମ୍ପୃକ୍ତ ବିଭାଗକୁ ମୁଖ୍ୟ ଶାସନ ସଚିବ ଶୁଭେଚ୍ଛା ଜଣାଇବା ସହିତ ମିଶନ ଇନ୍ଦ୍ରଧନୁଷ ୪.୦ ଟିକାକରଣକୁ କ୍ଷେତ୍ରସ୍ତରୀୟ ସମନ୍ୱୟ ମାଧ୍ୟମରେ ସଫଳ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଲୋକସେବା ଭବନରୁ ଭର୍ଚ୍ଚୁଆଲ ମୋଡ୍‌ରେ ସ୍ୱାସ୍ଥ୍ୟ ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ ରାଜ କୁମାର ଶର୍ମା କହିଥିଲେ, ଜାତୀୟ ପରିବାର ସ୍ୱାସ୍ଥ୍ୟ ସର୍ଭେ(ଏନ୍ଏଫ୍ଏଚ୍ଏସ୍)-୫ ରିପୋର୍ଟ ଅନୁସାରେ ଓଡ଼ିଶା ପୂର୍ଣ୍ଣ ଟିକାକରଣ ହାର ୯୦.୫ ପ୍ରତିଶତ ହୋଇଛି, ଯାହାକି ଜାତୀୟ ହାର ୭୬.୪ ପ୍ରତିଶତକୁ ପ୍ରାୟ ୧୪ ପ୍ରତିଶତ ଅଧିକ। ଅନ୍ୟ ରାଜ୍ୟ ତୁଳନାରେ ମଧ୍ୟ ଓଡ଼ିଶା ଜାତୀୟ ସ୍ତରରେ ସର୍ବପ୍ରଥମ ସ୍ଥାନରେ ରହିଛି।









ଓଡ଼ିଶା ସରକାର

DSPL - 420



## ରବି ଧାନ ସଂଗ୍ରହ ପାଇଁ ଚାଷୀ ପଞ୍ଜିକରଣ

ଚଳିତ ରବି ଋତୁ (ଧାନ ସଂଗ୍ରହ ବର୍ଷ 2021-22) ପାଇଁ ରାଜ୍ୟ ସରକାର ପୂର୍ବ ବର୍ଷ ପରି ଚାଷୀମାନଙ୍କଠାରୁ ସେମାନଙ୍କର ବଳକା ଧାନ କ୍ରୟ କରିବେ । ଏଥିପାଇଁ ଚାଷୀମାନେ ସେମାନଙ୍କ ଅଧିକୃତ ପ୍ରାଥମିକ କୃଷି ସମବାୟ ସମିତି ବା ପେକ୍ସ/ଲ୍ୟାମ୍ପସ୍/ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ/ପାଣି ପଞ୍ଚାୟତ (ସଂକ୍ଷେପରେ, ସମିତି)ରେ ଆଗୁଆ ପଞ୍ଜିକରଣ କରିବା ଆବଶ୍ୟକ ।
ରବି ଧାନ ସଂଗ୍ରହ ତା.1.5.2022 ରୁ ତା.30.6.2022 ମଧ୍ୟରେ ହେବ ।

**ପୂର୍ବରୁ ପଞ୍ଜିକୃତ ଚାଷୀଙ୍କ ନବୀକରଣ**

- ଗତ ରବିରେ ପଞ୍ଜିକୃତ ଚାଷୀମାନେ ନବୀକରଣ କରି ଚଳିତ ରବି ଋତୁ ପାଇଁ ପୁନଃ ପଞ୍ଜିକୃତ ହେବେ ।
- ନବୀକରଣ ପାଇଁ ଚାଷୀମାନଙ୍କୁ ସେମାନଙ୍କ ସମିତିରୁ ନବୀକରଣ ଫର୍ମ ତା. 1. 3. 2022 ରୁ ତା. 15. 3. 2022 ପର୍ଯ୍ୟନ୍ତ ଉପଲବ୍ଧ ହେଉଅଛି । ସମିତି ସମ୍ପାଦକ www.foododisha.in ପୋର୍ଟାଲରେ LOGIN କରି Farmer Registration linkରେ ଥିବା "Renewal Form for 2022 Rabi Farmers" tabରୁ download କରି ଏହା print କରିବେ ।
- ଖରିଫ ଋତୁରେ ଚାଷୀମାନେ ଚାଷ କରିଥିବା କେବଳ ଜଳସେଚିତ ଜମିର ତଥ୍ୟ ଉକ୍ତ ଫର୍ମର ଦ୍ୱିତୀୟ ଭାଗରେ ଖାତା ଓ ପ୍ଲଟ ୱାରୀ ଉଲ୍ଲିଖିତ ଥିବ ।
- ଯଦି ରବି ଋତୁ ପାଇଁ ଉପରୋକ୍ତ ଜମି ବାବଦ ତଥ୍ୟାବଳୀରେ ଚାଷୀ କୌଣସି ପରିବର୍ତ୍ତନ କରିବାକୁ ଚାହୁଁନଥାନ୍ତି, ତେବେ ଉକ୍ତ ଫର୍ମର ତୃତୀୟ ଭାଗରେ ଏହି ମର୍ମରେ ଘୋଷଣାନାମା ପ୍ରଦାନ କରିବେ ।
- ଯଦି ଚାଷୀ ଜମି ବାବଦରେ ପରିବର୍ତ୍ତିତ ତଥ୍ୟ ଦେବାକୁ ଚାହୁଁଥାନ୍ତି, ତାହା ଉକ୍ତ ନବୀକରଣ ଫର୍ମର ଚତୁର୍ଥ ଭାଗରେ ଦର୍ଶାଇବେ ।

**ନୂତନ ଚାଷୀଙ୍କ ପଞ୍ଜିକରଣ**

- ଯେଉଁ ଚାଷୀମାନେ ଗତ ରବିରେ ପଞ୍ଜିକରଣ କରିନଥିବେ, ସେମାନେ ସେମାନଙ୍କର ସମିତିରୁ ଗୋଟିଏ ନୂତନ ପଞ୍ଜିକରଣ ଫର୍ମ ନେଇ ପୂରଣ କରିବେ । ଏହା ବିଭାଗର website www.foododisha.inରେ ମଧ୍ୟ ଉପଲବ୍ଧ । ନୂଆ ଫର୍ମରେ ସମସ୍ତ ବ୍ୟକ୍ତିଗତ ତଥ୍ୟ ସହ ଜଳସେଚିତ ଜମି ସଂକ୍ରାନ୍ତୀୟ ଖାତା ଓ ପ୍ଲଟର ବିଶଦ ବିବରଣୀ ଦେବାକୁ ହେବ ।

**ଚାଷୀମାନଙ୍କର ଦାୟିତ୍ୱ**

- ସମସ୍ତ ଚାଷୀଙ୍କୁ ପଞ୍ଜିକରଣ/ନବୀକରଣ ପାଇଁ ନିଜ ନିଜ ସମିତିରେ ସମ୍ପର୍କ କରିବାକୁ ଅନୁରୋଧ ।
- ଚାଷୀମାନଙ୍କୁ ଅନୁରୋଧ ସେମାନେ ସେମାନଙ୍କ ନୂତନ ପଞ୍ଜିକରଣ ଫର୍ମ ସହିତ ଆଧାର କାର୍ଡର ନକଲ, ବ୍ୟାଙ୍କ ପାସ ବୁକର ପ୍ରଥମ ପୃଷ୍ଠାର ନକଲ, ଦାଖଲ ହୋଇଥିବା ନୂତନ ଜମି ବିବରଣୀର RoR ନକଲ ଏବଂ ଯଦି ଭାଗଚାଷୀ ହୋଇଥାନ୍ତି, ତେବେ ସମ୍ପୃକ୍ତ ଜମି ମାଲିକଙ୍କ ସହମତି ପତ୍ର/ ଆଧାର/ ମୋବାଇଲ ନମ୍ବର ପ୍ରଦାନ କରିବେ । ଜମି ମାଲିକଙ୍କ ଆଧାର କାର୍ଡର ନକଲ ମଧ୍ୟ ପ୍ରଦାନ କରିବେ । ଜମି ମାଲିକଙ୍କ ସହମତି ପତ୍ର ହସ୍ତଗତ ନ'ହେଲେ ଭାଗଚାଷୀ ପଞ୍ଜିକରଣ ଗ୍ରହଣ ଯୋଗ୍ୟ ହେବ ନାହିଁ ।
- ପଞ୍ଜିକରଣ / ନବୀକରଣ ଫର୍ମ ପୂରଣ କରି ଚାଷୀମାନେ ସମିତି କାର୍ଯ୍ୟାଳୟରେ ତା. 1.3.2022 ରୁ ତା. 7.4.2022 ମଧ୍ୟରେ ଦାଖଲ କରିବେ ।
- ରବି ଚାଷ କରାଯାଇଥିବା ପ୍ଲଟ ୱାରୀ ଜମି ବିବରଣୀ ବାବଦରେ ସତ୍ୟ ଏବଂ ବାସ୍ତବ ତଥ୍ୟ ପ୍ରଦାନ କରିବେ। ଚାଷ ହେଉଥିବା ଜମିର ପରିମାଣ ସମ୍ବନ୍ଧରେ ମିଥ୍ୟା ତଥ୍ୟ ପ୍ରଦାନ କଲେ ତା'ହା ଗ୍ରହଣୀୟ ହେବ ନାହିଁ ଏବଂ ସେଥିପାଇଁ ନିୟମ ମତେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇପାରେ ।
- ନିର୍ଦ୍ଧାରିତ ସମୟକୁ ଅପେକ୍ଷା ନକରି ଯଥେଷ୍ଟ ପୂର୍ବରୁ ଚାଷୀମାନେ ପୂରଣ କରାଯାଇଥିବା ଫର୍ମ ସମିତିରେ ଦାଖଲ କରିବାକୁ ଅନୁରୋଧ ।

**ସମିତି କର୍ମକର୍ତ୍ତାଙ୍କର ଦାୟିତ୍ୱ**

- ନବୀକରଣ ଫର୍ମ ପ୍ରିଣ୍ଟ କରି (ପୂର୍ବରୁ ପଞ୍ଜିକୃତ) ଚାଷୀମାନଙ୍କୁ ତୁରନ୍ତ ପ୍ରଦାନ କରିବେ ।
- ପୂର୍ବରୁ ପଞ୍ଜିକୃତ ନହୋଇଥିବା ଚାଷୀମାନଙ୍କୁ ନୂତନ ପଞ୍ଜିକରଣ ଫର୍ମ ପ୍ରଦାନ କରିବେ । ଯେଉଁ ଦିନ ଫର୍ମ ହସ୍ତଗତ ହେବ, ସନ୍ନିବେଶିତ ତଥ୍ୟ ସେହି ଦିନ ବା ଅତି ବେଶୀରେ ତା' ପ'ର ଦିନ digitize କରିବେ ।
- ସମିତି କର୍ମକର୍ତ୍ତାମାନେ ଫର୍ମ ପୂରଣ ପାଇଁ ଚାଷୀମାନଙ୍କୁ ଆବଶ୍ୟକୀୟ ସହାୟତା ଯୋଗାଇଦେବେ । ଏଥି ନିମନ୍ତେ ଏକ ଉତ୍ସର୍ଗୀକୃତ ହେଲ୍ପ ଡେସ୍କ ସମିତି ସ୍ତରରେ କାର୍ଯ୍ୟ କରିବ ।
- ଚାଷ ଅଯୋଗ୍ୟ ଜମି କିସମକୁ ପଞ୍ଜିକରଣ କରିବେ ନାହିଁ । କେବଳ ଜଳସେଚିତ ଜମିର ପଞ୍ଜିକରଣ କରିବେ। ମିଥ୍ୟା ତଥ୍ୟ ପଞ୍ଜିକରଣରେ ସହାୟତା କଲେ ତା'ହା ନିୟମାନୁଯାୟୀ କାର୍ଯ୍ୟାନୁଷ୍ଠାନ ଯୋଗ୍ୟ ହେବ ।
- ଅଯୋଗ୍ୟ / ଅନୁଚିତ ବ୍ୟକ୍ତି ବିଶେଷଙ୍କୁ ପଞ୍ଜିକରଣ କରିବେ ନାହିଁ ।
- ସମିତି କର୍ମକର୍ତ୍ତା ଉଭୟ ନବୀକରଣ ଫର୍ମ ଏବଂ ପଞ୍ଜିକରଣ ଫର୍ମରେ ଥିବା ତଥ୍ୟକୁ ତା.1.3.2022 ରୁ ତା.10.4.2022 ମଧ୍ୟରେ ତାଙ୍କ LOGINରେ ଡିଜିଟାଇଜ କରିବେ । ଡିଜିଟାଇଜେସନ କାର୍ଯ୍ୟ ନିର୍ଭୁଲ ହେବା ଆବଶ୍ୟକ ।
- ପଞ୍ଜିକରଣ ଯଥା ଶୀଘ୍ର ହୋଇ ନିର୍ଭୁଲ୍ ଚାଷୀ ତାଲିକା 30.4.2022 ମଧ୍ୟରେ ନିଶ୍ଚିତ ଭାବରେ ପ୍ରସ୍ତୁତ ହେବା ଆବଶ୍ୟକ । ଏହା ବିଳମ୍ବିତ ହେଲେ ସମସ୍ତ ଆନୁଷଙ୍ଗିକ କାର୍ଯ୍ୟ ବିଳମ୍ବିତ ହେବ ।

**ଅଭିଯୋଗ/ପରାମର୍ଶ**

- ଯଦି କୋଣସି ଅଭିଯୋଗ ଥାଏ ତେବେ ଦେୟମୁକ୍ତ ହେଲ୍ପଲାଇନ ନମ୍ବର 1967 ରେ ସରକାରୀ କାର୍ଯ୍ୟ ନିର୍ଘଣ୍ଟ ମଧ୍ୟରେ ଯୋଗାଯୋଗ କରିବା ପାଇଁ ଅନୁରୋଧ ।

**ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ**

OIPR-07001/13/0023/2122

**ଆଜିର ମନ୍ତବ୍ୟ**
"ଭାରତୀୟ ମହିଳାମାନେ ନିଜ ଜ୍ଞାନ, ଉତ୍ସର୍ଗ ଓ ଶକ୍ତି ବଳରେ ସମାଜକୁ ବଦଳାଇପାରିବେ।
– ରାହୁଲ ଗାନ୍ଧୀ, କଂଗ୍ରେସ ନେତା




## ଜନ୍ମଦିନର ଶୁଭେଚ୍ଛା

ନାମ: ..................................
ବୟସ:..................................
ଜନ୍ମ ତାରିଖ: ..................................


ଗୁନ୍‌ଗୁନ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ବିଜେଡିରୁ ବିନୋଦ ନିଲମ୍ବିତ

ଢେଙ୍କାନାଳ ଅଫିସ୍‌, ୮।୩: ଦଳବିରୋଧୀ କାର୍ଯ୍ୟ ପାଇଁ ଢେଙ୍କାନାଳ ଟାଉନ ଯୁବ ବିଜେଡି ସଭାପତି ବିନୋଦ ମହାନ୍ତିଙ୍କୁ ମଙ୍ଗଳବାର ଦଳରୁ ନିଲମ୍ବିତ କରାଯାଇଛି। ଦଳୀୟ ସଭାପତି ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶକ୍ରମେ ତାଙ୍କ ବିରୋଧରେ ଏଭଳି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଥିବା ଜିଲା ଯୁବ ବିଜେଡି ସଭାପତି ଧର୍ମାନନ୍ଦ ପରିଡ଼ା ଏକ ପ୍ରେସ୍‌ ବିଜ୍ଞପ୍ତିରେ ସୂଚନା ଦେଇଛନ୍ତି। ଏ ସଂକ୍ରାନ୍ତରେ ନିଜ ପ୍ରତିକ୍ରିୟାରେ ବିନୋଦ କୁହନ୍ତି, ଅନ୍ୟ ଦଳରୁ ଆସିଥିବା ଜଣେ ପ୍ରାର୍ଥୀଙ୍କୁ ଟିକେଟ ଦିଆଯିବାରୁ ଅସନ୍ତୁଷ୍ଟ ହୋଇ ସେ ଦଳ ଛାଡ଼ିଛନ୍ତି। ସୂଚନାଯୋଗ୍ୟ, ପୌର ନିର୍ବାଚନରେ ଢେଙ୍କାନାଳ ମ୍ୟୁନିସିପାଲିଟିର ୭ନଂ. ୱାର୍ଡ ମହିଳା ବର୍ଗଙ୍କ ଲାଗି ସଂରକ୍ଷିତ ରହିଛି। ବିନୋଦ ତାଙ୍କ ସ୍ତ୍ରୀ ଜୁଲିନାଙ୍କୁ ଏହି ୱାର୍ଡରୁ ବିଜେଡି ପ୍ରାର୍ଥୀ କରିବାକୁ ଆଶାୟୀ ଥିଲେ। ହେଲେ ନିକଟରେ ଭାଜପାରୁ ଆସି ବିଜେଡିରେ ସାମିଲ ହୋଇଥିବା ଅଜୟ କୁମାର ଭଞ୍ଜଙ୍କ ସ୍ତ୍ରୀଙ୍କୁ ଟିକେଟ ପ୍ରଦାନ କରାଯାଇଥିଲା। ଏହାପରେ ବିନୋଦ ଦଳ ଛାଡ଼ି ଭାଜପାରେ ସାମିଲ ହୋଇଥିଲେ। ତାଙ୍କ ସ୍ତ୍ରୀ ଜୁଲିନା ୭ନଂ. ୱାର୍ଡରୁ ଭାଜପା କାଉନ୍‌ସିଲର ପ୍ରାର୍ଥୀ ହୋଇଛନ୍ତି।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଅରିକି ସରି,**
**ବାଞ୍ଝ ମାଇପ କି କୁଳକୁ ଶିରୀ ?**

କୁଳର ରକ୍ଷା ବା ବଂଶ ବୃଦ୍ଧି ପାଇଁ ଉତ୍ତରାଧିକାରୀ ଲୋଡ଼ା ପଡିଥାଏ। ପରନ୍ତୁ ସନ୍ତାନହୀନା ନାରୀ ଏ ଦିଗରେ ପ୍ରତିବନ୍ଧକ ସାଜୁଥିବା କାରଣରୁ ସମାଜରେ ଏପରି ଅପୁତ୍ରିକ ନାରୀ ନିନ୍ଦିତ ହେଉଥିବା ଅର୍ଥରେ ଏଭଳି କଟୂକ୍ତି ପ୍ରକାଶ କରାଯାଇଛି।

**ଅଳପ ଦୁହିଁଲେ ଗୋସେଇଁ ରୁଷେ**
**ବହୁତ ଦୁହିଁଲେ ବାଛୁରୀ ରୁଷେ।**

ଗାଈ ଦୁହାଁଳି ବ୍ୟକ୍ତି ଗାଈଠାରୁ ଅଳ୍ପ କ୍ଷୀର ଦୁହିଁଲେ ଗାଈର ମାଲିକ ତା' ଉପରେ ଅସନ୍ତୁଷ୍ଟ ହୋଇଥାନ୍ତି। ସେମିତି ଗାଈଠାରୁ ବେଶି କରି କ୍ଷୀର ଦୁହିଁଲେ ବାଛୁରୀଟି ଖାଇବାକୁ ପାଇ ନ ଥାଏ। ଏ ପରିସ୍ଥିତିରେ ଗାଈ ଦୁହିଁଥିବା ବ୍ୟକ୍ତିଟି ଅତ୍ୟନ୍ତ ଧର୍ମ ସଙ୍କଟରେ ପଡିଯାଇଥାଏ। ପରୋକ୍ଷରେ ଦୁଇ ପକ୍ଷର ଲୋକଙ୍କ ମନକୁ ନେଇ ଚଳିବା ଆଦୌ ସହଜ ହେଉ ନ ଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ରୂଢ଼ି ପ୍ରୟୋଗ – ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା:ଲି:

# ମିନିଟ୍ରକ୍‌ ଧକ୍କାରେ ଦମ୍ପତି ମୃତ

■ ଉତ୍ତେଜନା, ରାସ୍ତା ଅବରୋଧ
■ ୨୦ ଫୁଟ୍‌ ତଳକୁ ଓଲଟିଲା ଗାଡ଼ି

ପାଣିକୋଇଲି, ୮।୩ (ଡି.ଏନ.ଏ.)

ପାଣିକୋଇଲି ଥାନା ଷଠିପୁର-ଯାଜପୁର ରାସ୍ତାର ମାଧପୁର ପୋଲ ନିକଟରେ ମଙ୍ଗଳବାର ପୂର୍ବାହ୍ନ ୧୧ଟାରେ ଏକ ମିନିଟ୍ରକ ଧକ୍କାରେ ଦମ୍ପତିଙ୍କ ମୃତ୍ୟୁ ଘଟିଛି। ଏହି ଘଟଣା ପରେ ସେଠାରେ ଉତ୍ତେଜନା ପ୍ରକାଶ ପାଇଥିଲା। ମୃତକଙ୍କ ସମ୍ପର୍କୀୟମାନେ କ୍ଷତିପୂରଣ ଦାବିରେ ୩ ଘଣ୍ଟା ରାସ୍ତା ଅବରୋଧ କରିଥିଲେ। ପୋଲିସ ବୁଝାଶୁଝା କରିବା ପରେ ରାସ୍ତା ଅବରୋଧ ହଟିଥିଲା।

ସୂଚନା ଅନୁଯାୟୀ, ମଙ୍ଗଳବାର ପୂର୍ବାହ୍ନରେ ବ୍ରଜନଗରସ୍ଥିତ ବୈତରଣୀ ନଦୀପଠାରେ ତେଲଙ୍ଗା (କେଳା) ସମ୍ପ୍ରଦାୟର ଏକ ବୈଠକ ଥିଲା। ଉକ୍ତ ବୈଠକରେ ଜିଲା ଓ ଅନ୍ୟ ଜିଲାର ନେତୃମଣ୍ଡଳୀ ଯୋଗଦେବାର କାର୍ଯ୍ୟକ୍ରମ ରହିଥିଲା। କୋରାଇ ମଣ୍ଡଳ ସଭାପତି ତଥା ପାଣିକୋଇଲି ଥାନା ଅଧୀନ ଓଲିନ୍ଦା ତାଜପୁର ଗ୍ରାମର ପ୍ରଫୁଲ୍ଲ ଦାସ (୬୦) ଓ ତାଙ୍କ ସ୍ତ୍ରୀ କୁନି ଦାସ (୫୫) ଷଠିପୁର-ଯାଜପୁର ରାସ୍ତାରେ ଚାଲି ଚାଲି ଉକ୍ତ ବୈଠକକୁ ଯାଉଥିଲେ। ଏହି ସମୟରେ ଷଠିପୁର ପଟୁ ଏକ ମିନିଟ୍ରକ (ନମ୍ବର ବିହୀନ) ଦ୍ରୁତଗତିରେ ଆସି ମାଧପୁର ପୋଲ ନିକଟରେ ଏହି ଦମ୍ପତିଙ୍କୁ ଧକ୍କା ଦେଇ ରାସ୍ତାର ୨୦ ଫୁଟ ତଳକୁ ଓଲଟି ପଡିଥିଲା। ଘଟଣାସ୍ଥଳରେ ହିଁ ପ୍ରଫୁଲ୍ଲ ଓ କୁନିଙ୍କ ମୃତ୍ୟୁ ଘଟିଥିଲା। ଏହାପରେ ଚାଳକ ଘଟଣାସ୍ଥଳରୁ ଫେରାର ହୋଇଯାଇଥିଲେ। ଉକ୍ତ ଖବର ଜଣାପଡିବା ପରେ ତେଲୁଗୁ ସମ୍ପ୍ରଦାୟର ଲୋକମାନେ ସେଠାରେ ପହଞ୍ଚି ରାସ୍ତା ଅବରୋଧ କରିଥିଲେ। ପାଣିକୋଇଲି ଥାନା ଅଧିକାରୀ ସଦଳବଳ ସେଠାରେ ପହଞ୍ଚି ଉତ୍ୟକ୍ତ ଲୋକଙ୍କୁ ବୁଝାଶୁଝା କରିଥିଲେ। ପରେ ସେମାନଙ୍କୁ ରେଡ଼କ୍ରସ ପାଣ୍ଠିରୁ ସହାୟତା ଯୋଗାଇ ଦେବାକୁ ପ୍ରତିଶ୍ରୁତି ଦେବା ପରେ ରାସ୍ତା ଅବରୋଧ ହଟିଥିଲା। ଉଭୟ ମୃତଦେହକୁ ଯାଜପୁର ମୁଖ୍ୟ ଚିକିତ୍ସାଳୟରେ ବ୍ୟବଚ୍ଛେଦ କରାଯିବା ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି।

# ୪ସପ୍ତାହରେ ରିପୋର୍ଟ ଦେବାକୁ ଗଣଶିକ୍ଷା ବିଭାଗକୁ ନିର୍ଦ୍ଦେଶ

## ବର୍ଦ୍ଧିତ ସ୍କୁଲ ଫି' ଆଦାୟକୁ ବିରୋଧ



ଭୁବନେଶ୍ୱର, ୮।୩(ବ୍ୟୁରୋ)

ମହାମାରୀ ଯୋଗୁ ସ୍କୁଲ ସବୁ ପ୍ରାୟ ଦୁଇ ବର୍ଷରୁ ଅଧିକ ସମୟ ଧରି ବନ୍ଦ ଥିଲା। ଏହି ସମୟରେ ଅଭିଭାବକଙ୍କ ଆର୍ଥିକ ସମସ୍ୟା ଏବଂ ସ୍କୁଲ ବନ୍ଦ ଥିବା କାରଣରୁ ହାଇକୋର୍ଟ ଓ ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶରେ ୨ଟି ପର୍ଯ୍ୟାୟରେ ସ୍କୁଲ ଫି' ରିହାତି ଦେବାକୁ ଗଣଶିକ୍ଷା ବିଭାଗ ସବୁ ଘରୋଇ ସ୍କୁଲ ପାଇଁ ୨୦୨୦-୨୧ ଶିକ୍ଷା ବର୍ଷ ପାଇଁ ନିର୍ଦ୍ଦେଶ ଜାରି କରିଥିଲେ। ୨୦୨୧-୨୨ ଶିକ୍ଷା ବର୍ଷରେ କରୋନା ଯୋଗୁ ସ୍କୁଲ ପ୍ରାୟ ବନ୍ଦ ରହିବା ସହ ଅନ୍‌ଲାଇନରେ ପଢ଼ା ଚାଲିଥିଲା। ଗତ କିଛି ମାସ ହେଲା ବିଭିନ୍ନ ପର୍ଯ୍ୟାୟରେ ସ୍କୁଲ ଖୋଲିଛି। ହେଲେ କେତେକ ଘରୋଇ ସ୍କୁଲ ବନ୍ଦ ସମୟରେ ଫି' ବୃଦ୍ଧି କରି ଆଦାୟ କରିଛନ୍ତି। ଓଡିଶା ଅଭିଭାବକ ମହାସଂଘ ଏହି ବର୍ଦ୍ଧିତ ଫି' ଆଦାୟ ଓ ଅଭିଭାବକଙ୍କୁ ପରୀକ୍ଷାରୁ ବଞ୍ଚିତ ରଖିବାକୁ ବିରୋଧ କରି ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଛନ୍ତି। ଉଚ୍ଚ ଅଦାଲତ ଏହି ମାମଲାକୁ ଗ୍ରହଣ କରି ବିଭିନ୍ନ ବିଦ୍ୟାଳୟର ଫି' ଆଦାୟ ସଂକ୍ରାନ୍ତ ରିପୋର୍ଟକୁ ୪ ସପ୍ତାହ ମଧ୍ୟରେ ଦାଖଲ କରିବାକୁ ଗଣଶିକ୍ଷା ବିଭାଗର ପ୍ରମୁଖ ଶାସନ ସଚିବଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଏଥିସହିତ ପିଲାମାନେ ଦେଇଥିବା ଫି'କୁ ଆଧାର କରି ମାମଲାର ରାୟ ପ୍ରକାଶ ପାଇବ ବୋଲି ମୁଖ୍ୟ ବିଚାରପତି ଜଷ୍ଟିସ ଏସ୍‌. ମୁରଲୀଧର ଓ ଜଷ୍ଟିସ ବି. ପି. ରାଉତରାୟଙ୍କୁ ନେଇ ଗଠିତ ଖଣ୍ଡପୀଠ ଅନ୍ତରୀଣ ଆଦେଶରେ ଦର୍ଶାଇଛନ୍ତି । ଓଡିଶା ଅଭିଭାବକ ମହାସଂଘର ଅଧକ୍ଷ୍ୟ ବାସୁଦେବ ଭଟ୍ଟ ଙ୍କ ଦ୍ୱାରା ଏହି ମାମଲା ଦାୟର କରାଯାଇଥିବା ବେଳେ ଏହାକୁ ଯୁବ ଆଇନଜୀ ମିସ ଆଦିଶା ମହାନ୍ତି ପରିଚାଳନା କରିଥିଲେ ବୋଲି ଓଡ଼ିଶା ଅଭିଭାବକ ମହାସଂଘ ସହ ଅଧକ୍ଷ ପ୍ରସନ୍ନ ବିଶୋଇ କହିଛନ୍ତି।

ପ୍ରଥମ ପୃଷ୍ଠାରୁ...

## ୨୨ରୁ ୨୪ ଉଚ୍ଚ...

ମାର୍ଚ୍ଚ ୨୨ରୁ ୨୪ ତାରିଖ ପର୍ଯ୍ୟନ୍ତ କଲେଜ କୋଠାଗୁଡ଼ିକ ଭୋଟ୍‌ ଗ୍ରହଣ ପାଇଁ ବ୍ୟବହାର କରାଯିବ। ଏତଦ୍‌ବ୍ୟତୀତ ସହରାଞ୍ଚଳର ଛାତ୍ରୀଛାତ୍ରମାନେ ମାର୍ଚ୍ଚ ୨୪ରେ ଭୋଟ୍‌ ଦେବାକୁ ଯିବେ। ତେଣୁ ୨୨ରୁ ୨୪ ତାରିଖ ପର୍ଯ୍ୟନ୍ତ କଲେଜ ଓ ବିଶ୍ୱବିଦ୍ୟାଳୟଗୁଡ଼ିକରେ ପରୀକ୍ଷା ନ କରିବା ପାଇଁ ଉଚ୍ଚଶିକ୍ଷା ବିଭାଗ କହିଛି।

## ରୁଷିଆରୁ ତୈଳ...

ସର୍ବାଧିକ ତୈଳ ଓ ପ୍ରାକୃତିକ ଗ୍ୟାସ୍‌ ରପ୍ତାନୀ କରୁଥିବା ଦେଶ ମଧ୍ୟରେ ରୁଷିଆ ଅନ୍ୟତମ। ଏବେ ମସ୍କୋରୁ ତୈଳ ଆମଦାନୀ ବନ୍ଦ ହେବା ଫଳରେ ଏହି ସାମଗ୍ରୀର ବୈଶ୍ୱିକ ଯୋଗାଣ ପ୍ରଭାବିତ ହେବ। ଅଶୋଧିତ ତୈଳ ମୂଲ୍ୟ ବଢ଼ିବା ଫଳରେ ସମସ୍ତ ଜିନିଷର ଦରଦାମ ବୃଦ୍ଧି ପାଇବ। ମୁଦ୍ରାସ୍ଫୀତିକୁ ନିୟନ୍ତ୍ରଣ ଭିତରେ ରଖିବା କଷ୍ଟକର ହୋଇପଡ଼ିବ। ଭାରତ ମଧ୍ୟ ଏଥିରୁ ବାଦ ପଡ଼ିବ ନାହିଁ।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ**
ଆଜିର ପ୍ରତ୍ୟୁଷ ଯାତ୍ରା, ବନ୍ଧୁ ସମ୍ପର୍କ, ଆନୁଷ୍ଠାନିକ କ୍ଷେତ୍ର ବହୁତ ଭଲ ରହିବ। ପ୍ରତ୍ୟେକ କ୍ଷେତ୍ରରେ ସଫଳତାର ସହ ପ୍ରଶଂସା ଓ ପ୍ରୋତ୍ସାହନ ପାଇ ଖୁସି ରହିବେ। ଘରର କେତେକ ସ୍ଥଗିତ କାମ ସମ୍ପନ୍ନ କରିବା ସକାଶେ ତତ୍ପର ରହିପାରନ୍ତି। ଆର୍ଥିକ ସ୍ୱଚ୍ଛଳତା ଫେରି ପାଇବେ ସତ, ମାତ୍ର ଆଶା କରିଥିବା ଦିଗରୁ ଅର୍ଥ ପ୍ରାପ୍ତି ହେବ ନାହିଁ।

**ବୃଷ**
କର୍ମକ୍ଷେତ୍ରରୁ ସୁଫଳ ଓ ଆନନ୍ଦ ମିଳିବ। ପାରିବାରିକ ସ୍ଥିତି ମନ୍ଦ ହେବନି କିନ୍ତୁ ସାମୟିକ ମତାନ୍ତର ଘଟିବ। ପରୀକ୍ଷା, ଅପରିଚିତଙ୍କ ସହ ସମ୍ପର୍କ ସ୍ଥାପନ, ବ୍ୟବସାୟିକ ଉତ୍କର୍ଷ, ବିବାଦୀୟ ପରିସ୍ଥିତିର ଶିଥିଳତାରୁ ଆଶ୍ୱସ୍ତି ମିଳିବ। ଜମିଜମା, ରାଜନୀତି, ଲେଖାପଢ଼ା, ଯାତ୍ରା ଓ ଆଲୋଚନାଦି କ୍ଷେତ୍ରରେ ଉନ୍ନତମାନର ସୁଫଳ ପାଇବେ।

**ମିଥୁନ**
ସ୍ନାୟବିକ ଦୁର୍ବଳତା, ପରୋକ୍ଷ ଶତ୍ରୁତା, ଧାରକରଜ ମନକୁ ମ୍ଳାନ କରିଦେଇପାରେ। ଆଲୋଚନାକାଳରେ ବନ୍ଧୁଙ୍କ ନିକଟରେ ମନକଥାକୁ ଲୁଚାଇ ରଖିପାରିବେ ନାହିଁ। ସାଙ୍ଗଠନିକ, ରାଜନୈତିକ, ଆନୁଷ୍ଠାନିକ କ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେବାକୁ ପଡ଼ିପାରେ। ସରକାରୀ କ୍ଷେତ୍ରରୁ ଲାଭର ଆଶା ମନକୁ ଉଲ୍ଲସିତ କରିବ।

**କର୍କଟ**
ସ୍ୱତନ୍ତ୍ର ନିମନ୍ତ୍ରିତ ସଭାସମିତିରେ ବିଶିଷ୍ଟବ୍ୟକ୍ତିମାନଙ୍କ ସାନ୍ନିଧ୍ୟଲାଭର ସୁଯୋଗ ପାଇବେ। ବାଣିଜ୍ୟ, ବ୍ୟବସାୟରେ ସଫଳତା ହାସଲ କରିବେ। ଘରର ବରାଦ ଅନୁଯାୟୀ ବିଳାସ ଉପକରଣ କିଣିପାରନ୍ତି। କଳା, କ୍ରୀଡ଼ା, ସଙ୍ଗୀତ ଓ ପ୍ରତିଯୋଗିତାରେ ନିଜର ଦକ୍ଷତା ପ୍ରତିପାଦନ କରି ପ୍ରଶଂସିତ ହେବେ।

**ସିଂହ**
ଆଜି ବାଧ୍ୟବାଧକତାରେ କେତେକ କାମ କରିବାକୁ ପଡ଼ିପାରେ। ଯେତେ ଭଲ କାମ କଲେ ମଧ୍ୟ ଆକସ୍ମିକ ଭାବରେ ବନ୍ଧୁଙ୍କ ଅନୁରୋଧ ରକ୍ଷାକରି ଦୂରଯାତ୍ରା କରିବାର ସୂଚନା ରହିଛି। ଘରୋଇ ସମସ୍ୟା ହେତୁ ମାନସିକ ଶାନ୍ତି ବ୍ୟାହତ ହେବାର ଆଶଙ୍କାକୁ ଏଡ଼ି ହେବନାହିଁ। ଦୀର୍ଘ ଦିନରୁ ଚାହୁଁଥିବା ସୁଯୋଗ ହାତଛଡ଼ା ହୋଇପାରେ।

**କନ୍ୟା**
କର୍ମକ୍ଷେତ୍ରରେ ପଦସ୍ଥ ବ୍ୟକ୍ତିଙ୍କ ସାନ୍ନିଧ୍ୟ ଲାଭ କରି ନିଜର କୌଣସି କାର୍ଯ୍ୟ ସକାଶେ ଅନୁରୋଧ କରିପାରନ୍ତି। ପରିବାରର ସାଧାରଣ କଥାକୁ ଜଟିଳ ଆକାରରେ ଗ୍ରହଣ କରିବେ । ଦକ୍ଷତାର ମୂଲ୍ୟାୟନରେ ବିଚାରବୋଧ ଆପଣଙ୍କ ସପକ୍ଷରେ ଯିବାର ସମ୍ଭାବନା ରହିଛି। ଅଭାବନୀୟ ପରିସ୍ଥିତି ମଧ୍ୟରେ କାମ କରିବାକୁ ବାଧ୍ୟ ହେବେ।

**ତୁଳା**
ସାମାଜିକ ସ୍ତରରେ ଜଟିଳତା କ୍ରମଶଃ ଦୂରେଇଯିବାର ଆଶା କରାଯାଇପାରେ। ପ୍ରତିଯୋଗିତା କ୍ଷେତ୍ରରେ ଶୀର୍ଷସ୍ଥାନରେ ରହି ବୁଦ୍ଧିଜୀବୀମାନଙ୍କ ପ୍ରଶଂସାଭାଜନ ହେବେ। ଶାରୀରିକ ଅସୁସ୍ଥତା ଲାଗି ରହିବା କାରଣରୁ ମନୋରଞ୍ଜନ ଉପଭୋଗ୍ୟ ନ ହୋଇପାରେ । ଶିଳ୍ପ, ବାଣିଜ୍ୟ ଓ ବ୍ୟବସାୟ କ୍ଷେତ୍ରରୁ ଆଶାଜନକ ସୁଫଳ ପାଇବେ।

**ବିଛା**
କର୍ମକ୍ଷେତ୍ରରେ କିଛି ମନ୍ତବ୍ୟକୁ କେନ୍ଦ୍ରକରି ବୟସ୍କ ବ୍ୟକ୍ତି ଜଣେ ଅସନ୍ତୋଷ ପ୍ରକାଶ କରିପାରନ୍ତି। ମାନସିକ ଦ୍ୱନ୍ଦ୍ୱ ଦୂରେଇଯିବ ଓ ଭାଙ୍ଗିପଡ଼ିଥିବା ସମ୍ପର୍କର ପୁନରୁଦ୍ଧାର କରିପାରିବେ। ଯେଉଁ ବନ୍ଧୁଙ୍କ ସହ ଯୋଗାଯୋଗ କରିବେ ସେ ନିଶ୍ଚିତ ସାହାଯ୍ୟ କରିବେ। ବାଣିଜ୍ୟ, ବ୍ୟବସାୟ, ପ୍ରତିଦ୍ୱନ୍ଦ୍ୱିତା କ୍ଷେତ୍ରରେ ସମସ୍ୟା ଦୂର ହୋଇପାରେ।

**ଧନୁ**
କର୍ମକ୍ଷେତ୍ରରେ ମିଥ୍ୟାଭିଯୋଗ ସକାଶେ ଅନ୍ୟ ଉପରେ ବିରକ୍ତି ପ୍ରକାଶ କରିବେ। ବିଳାସ ଉପକରଣ କ୍ରୟ କରିବା ସକାଶେ ଘରୁ ବରାଦ ପାଇପାରନ୍ତି। ସାଙ୍ଗମାନଙ୍କ ସହ ପ୍ରତ୍ୟୁଷ ଯାତ୍ରାରେ ସଫଳତା ହାସଲ କରିପାରନ୍ତି। ସାମାଜିକ ସ୍ତରରେ ନିଜ ଉପରୁ ଦୋଷ ଛଡ଼ାଇବାର ଉପକ୍ରମ କରିବେ।

**ମକର**
ପାରିବାରିକ ଜୀବନ ପ୍ରୀତିପ୍ରଦ ରହିବା ସହ ଲୋକ ସମ୍ପର୍କରେ ଉନ୍ନତି ହେବ। କର୍ମକ୍ଷେତ୍ରରେ ଉଚ୍ଚ ଚିନ୍ତା କରିବେ ଏବଂ ସାହାଯ୍ୟ ସହଯୋଗର ଅଭାବ ରହିବ ନାହିଁ। ଭୁଲ୍‌ ବୁଝାମଣା କାରଣରୁ ଆତ୍ମୀୟମାନଙ୍କ ସହ ସମ୍ପର୍କ ହାନି ଯୋଗୁ ଚିନ୍ତା ପ୍ରକଟ କରିପାରନ୍ତି। ବନ୍ଧୁଙ୍କ ନିକଟରେ ବାକି ରହିଯାଇଥିବା ଅର୍ଥ ଆଦାୟ କରିବାରେ ସକ୍ଷମ ହେବେ।

**କୁମ୍ଭ**
ସ୍ୱାସ୍ଥ୍ୟ ଯଦିଓ ଠିକ୍‌ ରହିବ ତଥାପି ଏଣୁତେଣୁ ଗୁଡ଼ାଏ କଥା ଭାବି ମାନସିକ ସ୍ଥିତି ଠିକ୍‌ ରହି ନ ପାରେ। ପୂର୍ବର କେତେକ ବିବାଦୀୟ କଥାକୁ ମନେପକାଇ ଆତ୍ମୀୟସ୍ୱଜନ ଦୂରେଇ ଯାଇପାରନ୍ତି। ଅର୍ଥ ସମ୍ପର୍କୀୟ କଥାକୁ କେନ୍ଦ୍ରକରି ପରିବାରରେ ଝଡ଼ ଉଠିପାରେ। ବନ୍ଧୁଙ୍କ କଥାରେ ପ୍ରଭାବିତ ହୋଇ କୌଣସି ଭୁଲ୍‌ କାମ କରିପାରନ୍ତି।

**ମୀନ**
ଆଜିର ପ୍ରତ୍ୟୁଷ ଯାତ୍ରା ଫଳପ୍ରଦ ହେବ ଏବଂ ଅଭିଳଷିତ ଦ୍ରବ୍ୟ ପ୍ରାପ୍ତିରେ କୌଣସି ଅସୁବିଧା ରହିବ ନାହିଁ । ସଭାସମିତିରେ ସମ୍ମାନିତ ହେବେ ଏବଂ ଆନୁଷ୍ଠାନିକ କାମରେ ଦକ୍ଷତା ବୃଦ୍ଧି ପାଇବ। ଜଣେ ଅଜଣା ବନ୍ଧୁଙ୍କ ସାହାଯ୍ୟ ସବୁ ଦିନ ସକାଶେ ସ୍ମରଣୀୟ ରହି ଯାଇପାରେ। ସ୍ୱକର୍ମକ୍ଷେତ୍ରରେ ମଧ୍ୟ ଅପ୍ରିୟ ସତ୍ୟ ଭାଷଣରୁ ଦୂରେଇ ରହିବା ଭଲ।

## ଅପହରଣକୁ ପ୍ରତିରୋଧ...

ଲିପୁଙ୍କ ସହ ତାଙ୍କ ସାଙ୍ଗ ବାବୁନି ଜେନା, ଦେବୁନି ଜେନା, ବିଶ୍ୱରଞ୍ଜନ ପ୍ରଧାନ ପ୍ରମୁଖ ବିଚିତ୍ରାନନ୍ଦଙ୍କୁ ସଂଘବଦ୍ଧ ଆକ୍ରମଣ କରିଥିଲେ। ଏତିକିରେ କଥା ସରି ନ ଥିଲା। ଲିପୁ ଏକ ଲୁହାରଡ଼ରେ ବିଚିତ୍ରାନନ୍ଦଙ୍କ ମୁଣ୍ଡକୁ ଶକ୍ତ ପ୍ରହାର ପକାଇଥିଲେ। ଫଳରେ ବିଚିତ୍ରାନନ୍ଦ ସେଠାରେ ଚିତ୍କାର କରି ଟଳି ପଡ଼ିଥିଲେ। ଏହାପରେ ଲିପୁ ବିଚିତ୍ରାନନ୍ଦଙ୍କ ଝିଆରୀଙ୍କୁ ଗାଡ଼ିରେ ବସାଇ ସେଠାରୁ ସାଙ୍ଗମାନଙ୍କ ସହ ଫେରାର ହୋଇଯାଇଥିଲେ। ଏହାର କିଛି ସମୟ ପୂର୍ବରୁ ଦେବେନ୍ଦ୍ର ଓ ତାଙ୍କ ସାଙ୍ଗ ଘଟଣାସ୍ଥଳରେ ପହଞ୍ଚି ମୁମୂର୍ଷୁ ଅବସ୍ଥାରେ ବିଚିତ୍ରାନନ୍ଦଙ୍କୁ ରାଜନଗର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ହେଲେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ମଙ୍ଗଳବାର ବିଚିତ୍ରାନନ୍ଦଙ୍କ ମୃତଦେହ ବ୍ୟବଚ୍ଛେଦ ପରେ ପୋଲିସ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ଏହି ଘଟଣା ରାଜନଗର ଅଞ୍ଚଳରେ ଶୋକାକୁଳ ପରିବେଶ ସୃଷ୍ଟି କରିଛି।


# classifieds Everyday
0674-2580101, 2549302




### BRIDE WANTED

fair girl for 28 year old MBBS student in London Ph. 00917510057164, No Bars kailash.trive@gmail.com. D-23311

କରଣ, 54years, 5'10" ଅବିବାହିତ M.Tech Ex-Principal ବର୍ତ୍ତମାନ ଭୁବନେଶ୍ୱର ପ୍ରାଇଭେଟ୍ କମ୍ପାନୀରେ କାର୍ଯ୍ୟରତ ପାଇଁ any caste କନ୍ୟା (Bhubaneswar/ Khorda/ Cuttack) Tailoring କାର୍ଯ୍ୟ ଜାଣିଥିବା ଆବଶ୍ୟକ। Whatsapp:- 9861407187. D-71952

### GROOM WANTED

Wanted suitable Bengali/ Oriya Groom for my daughter, 37, 5'3", Assistant Professor. Contact: 8249848300. D-23310

Beautiful Khandayat girl 1993, 5'5", B.Tech (Burla), MBA (XIMB) Serving Manager reputed Bank Bombay, "SUNASANSAR". 9937512659, 8249969649. D-23313




### SALE

**Fully loaded 2015 Excellent running condition Swift Dzire Petrol, 5,20,000/-. Contact Owner-9853926464 (BABU BHAI).** D-23307




### SALE

Plot for sale at Chhatabar per sqft. @99/-. 7381268181, 9583295832. D-23294

**ଭୁବନେଶ୍ୱର ବାରଙ୍ଗ ଥାନାରୁ 1Km. ଦୂରରେ କୁଞ୍ଜବିହାରୀ କଲେଜ ପାଖରେ ୧୦୦ ଫୁଟ ପିଚୁରୋଡ୍‌କୁ ଲାଗି yellow zone plot sqft. 970/-. 6371801630, 9556907765.** D-73209

ଭୁବନେଶ୍ୱର ରବିଟକିଜ୍ ସାଇ ମନ୍ଦିର ପୂର୍ବରୁ ରାସ୍ତା ପାଚେରି ଥାଇ ପ୍ଲଟ୍ ବିକ୍ରିହେବ। 9827119799. D-71955

**Residential plot near AIIMS, Bhubaneswar, Sole Owner, 2000 sqft. 18 Lakhs. Contact- 8917645241.** D-23305

ଭୁବନେଶ୍ୱର ଜଟଣୀଗେଟ୍ ନିକଟରେ sqft.-300/- ଏବଂ ତ୍ରିନାଥବଜାର ନିକଟରେ sqft.-240/- (outright). 9776974912. D-23286

**5000sqft. (50ft.X100ft.) fully commercial developed 100% litigation free Gharabari, Yellowzone, Single Patta Owner plot for sale with 25ft. wide road at Dhauli Square just 3rd plot from Dhauli-Uttara NH. Price-Rs. 1,50,00,000/-. Contact: direct Owner- 9040026465 (BABU BABU).** D-23306

କଟକ-ଭୁବନେଶ୍ୱର ମଧ୍ୟଭାଗରେ ନିର୍ମିତ ଓଡ଼ିଶାର Biggest Commercial Hub "GrandBazar" ସମ୍ମୁଖରୁ ଅଳ୍ପଦୂରରେ ବାସୋପଯୋଗୀ ଘରବାରି ପ୍ଲଟ୍ ଶସ୍ତାରେ କିଣନ୍ତୁ। 8249310759. D-73204

### PURCHASE

Want to purchase a small Warehouse or Godown with proper boundarywall in the areas (1) Bypass between Bhubaneswar to Cuttack near the Highway. (2) By the side of NH between Khandagiri and Tamando Bhubaneswar within a budget of 25-30 lakhs inclusive of registration and well demarcated boundarywall of the property. Ready to move and complete in all aspects. Interested sellers contact: 9938138185. Dr. A. Ghosh, Seaview Hotel, Puri, Odisha, Pin: 752001. D-69056

### CONSTRUCTION

**Construct your dream home @460/-, 850/-, 1325/- with branded material along with 3years AMC & 50 years structural guarantee. We provide plan approval, Boring, Bank Estimate. Contact: The Engineering Pvt. Ltd., 9439856856.** D-23344

**ପାଠକଙ୍କ ପାଇଁ ସୂଚନା**
କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।




2250sqft, 4BHK with attached bath, modular kitchen, large hall on independent floor with all basic Amenities, Vaastu compliant and Four wheeler parking. Interested parties may contact-9871300261. D-23339




Ashirvaad Saloon and SPA get good massage for your health tha best therapy. 7077181074. D-71874

Newly open full body massage ladies and gents. 8327740003. D-71875

**Relax, Refresh your body, Mind at Saikrupa Spa with best therapies. 8984068077.** D-23343

Monalisa massage Club: All types Body massage with hiprofile smart lady rooms service available. 9708545108. D-23347

All types body massage with hiprofile smart lady room service available. 9142145769. D-71337

Newly open SPA positively health benefit with expert. Contact: 7749976301. D-71951

Refreshing your mind and body with the best therapy, 7873794731. D-23292

Newly opening SPA positively health benefits with expert therapist. 8917332216. D-71953

All types body massage with hiprofile smart lady room service available. 8917243035. D-71341

Day or Night home service body massage available . 9583808247, 9439140029. D-23290




ଅଗରବତି ମେସିନ୍ ବସାଇ ଆମ ମାଧ୍ୟମରେ ଦିନକୁ ୧୦୦୦-୧୫୦୦ ରୋଜଗାର କରନ୍ତୁ। 8114845472. D-71479

### AFFIDAVIT

By virtue of an affidavit before Notary Public, Dharmasala, I, Anshuman Jaydev, aged about 35 years, S/o Hemanta Kumar Sahoo, At- Maheswarpur, P.O.- Bramhabarada, P.S.- Dharmasala, Dist.- Jajpur, Odisha do hereby declare that, my date of birth is 4.10.1986 in my birth certificate and 10th standard certificate, 12th standard certificate and in my B.Sc. certificate, my name is mentioned as Ansuman Jayadev and in my Aadhaar ID, Pan Card, Passport my name is mentioned as Anshuman Jaydev. In all the certificates, my father's name and address is same. So Anshuman Jaydev, Ansuman Jayadev and Ansuman Jaydev is same and one person for all purposes to avoid future complicacy. D-23340

I, Mrs. Anjali Tripathy want to declare here that my maiden name was Anjali Pati and after marriage to Mr. Tapan Kumar Tripathy I have changed my surname from Anjali Pati to Anjali Tripathy for all purposes. D-23341

କେସିଙ୍ଗା ମାଜିଷ୍ଟ୍ରେଟ୍‌ଙ୍କ ନିକଟରେ ଶପଥପାଠ କରୁଛି ଯେ, ମୁଁ ଏଲିୟୋ ପତି (୫୯), ଗ୍ରାମ/ ପୋଷ୍ଟ- କଣରୁପଡ଼ା, ଥାନା- କେସିଙ୍ଗା, ଜି- କଳାହାଣ୍ଡିର ସ୍ଥାୟୀ ବାସିନ୍ଦା ଅଟେ। ମୋର ଶିକ୍ଷାଗତ ପ୍ରମାଣପତ୍ର, ଆଧାର କାର୍ଡ, ଭୋଟର କାର୍ଡରେ ଏଲି ୟୋ ପତି ଉଲ୍ଲେଖ ରହିଥିବା ବେଳେ ଭୁଲ୍ ବଶତଃ ଏଲିୟା ପତି ହୋଇଯାଇଛି। ଏଲି ୟୋ ପତି ଏବଂ ଏଲିୟା ପତି ଓ ଏଲିୟାସ ସେନାପତି ମୁଁ ଜଣେ ହିଁ ବ୍ୟକ୍ତି ଅଟେ। ଅଦ୍ୟ ଦିନଠାରୁ ସମସ୍ତ ସରକାରୀ, ବେସରକାରୀ କାଗଜପତ୍ରରେ ଏଲି ୟୋ ପତି ଭାବେ ମୋ ନାମକୁ ବ୍ୟବହାର କରିବି। ଧ-୨୩୩୪୬

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/-ରେ। ରଙ୍ଗୀନ ଟ୪୨୦/-ରେ। (ଫଟୋ ସହ)
ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।

**କରୋନା ସଂକ୍ରମଣ ସ୍ଥିତି**

| | ଆକ୍ରାନ୍ତ | ମୃତ୍ୟୁ | ଆରୋଗ୍ୟ |
|---|---|---|---|
| ବିଶ୍ୱ | ୪୪,୮୬,୨୪,୧୯୨ | ୬୦,୨୯,୮୭୪ | ୩୮,୨୮,୬୫,୧୫୧ |
| ଭାରତ | ୪,୨୯,୭୨,୩୦୮ | ୫,୧୫,୨୪୧ | ୪,୨୪,୦୬,୧୫୦ |
| ଓଡ଼ିଶା | ୧୨,୮୬,୧୧୭ | ୯୧୦୧(+୫୩) | ୧୨,୭୫,୯୮୦ |

ମଙ୍ଗଳବାର ରାତି ୧୦ଟା ସୁଦ୍ଧା (+ ଅନ୍ୟ ରୋଗରେ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ) ତଥ୍ୟ: https://www.worldometers.info/coronavirus/ ଏବଂ ଓଡ଼ିଶା ସରକାର

# ସିପସରୁବାଲିରେ ସ୍ଥିତି ପରଖିଲେ ୭ଜଣିଆ ଟିମ୍

**ପୁରୀ ଅଫିସ,୮।୩**

- ପୁରୀରେ ଆନ୍ତର୍ଜାତିକ ବିମାନ ବନ୍ଦର ନିର୍ମାଣ
- ବିମାନବନ୍ଦର ପାଇଁ ଟେକ୍ନୋ ଇକୋନୋମିକ ଫିଜିବିଲିଟି ଷ୍ଟଡି

ପୁରୀରେ ଶ୍ରୀଜଗନ୍ନାଥ ଆନ୍ତର୍ଜାତିକ ବିମାନ ବନ୍ଦର ନିର୍ମାଣ ପାଇଁ ଯୋଜନା ଚାଲିଛି। ଏଥିଲାଗି ବାରମ୍ବାର ବିଭିନ୍ନ ବୈଷୟିକ ଅଧିକାରୀ ଟିମ୍ ଆସି ବିଭିନ୍ନ ସ୍ଥିତି ଅନୁଧ୍ୟାନ କରୁଥିବା ବେଳେ ମଙ୍ଗଳବାର ଆଉ ଏକ ୭ଜଣିଆ ଟିମ୍ ପୁରୀ ଗସ୍ତରେ ଆସି ସିପସରୁବାଲିର ଅଞ୍ଚଳ ବୁଲି ଦେଖିବା ସହ ଆର୍ଥିକ ଓ ବୈଷୟିକ ସ୍ଥିତି ଅନୁଧ୍ୟାନ କରିଛନ୍ତି। ଏଥିସହ ବିମାନବନ୍ଦର ପାଇଁ ବୈଷୟିକ ଓ ଆର୍ଥିକ କ୍ଷେତ୍ରରେ କ'ଣ ସବୁ ଆବଶ୍ୟକତା ରହିଛି, ସେନେଇ ଟେକ୍ନୋ ଇକୋନୋମିକ ଫିଜିବିଲିଟି ଷ୍ଟଡି କରିବା ପାଇଁ ଇଡ୍‌କୋ ମାଧ୍ୟମରେ ଦିଲ୍ଲୀର ଡିଲାୟେଡ୍ ନାମକ ଏକ ଘରୋଇ ସଂସ୍ଥାକୁ ଦାୟିତ୍ୱ ମିଳିଛି। ଏହି ସଂସ୍ଥାର ଅଧିକାରୀମାନେ ପୁରୀରେ ପହଞ୍ଚି ସିପସରୁବାଲିରେ ସର୍ଭେ କରିଛନ୍ତି। ମୁଖ୍ୟତଃ ବୈଷୟିକ ଓ ଆର୍ଥିକ ଦୃଷ୍ଟିକୋଣରୁ ବିମାନବନ୍ଦର ନିର୍ମାଣ ହେଲେ କେଉଁ ସମସ୍ୟା ରହିବ ସେହି ଦିଗ ଉପରେ ଜିଲା ପ୍ରଶାସନ ସହ ବିସ୍ତୃତରେ ଆଲୋଚନା ହୋଇଛି। ବିମାନବନ୍ଦରର ନକ୍ସା ଦେଖିସାରିବା ପରେ ଜମି ଅଧିଗ୍ରହଣ, ରନ୍‌ୱେ, ବିମାନଯାତ୍ରା ପାଇଁ ଯାତ୍ରୀଙ୍କ ବାର୍ଷିକ ସଂଖ୍ୟା, ସମୁଦ୍ର ନିକଟବର୍ତ୍ତୀ ଅଞ୍ଚଳରେ ବିମାନବନ୍ଦରର ସ୍ଥାୟିତ୍ୱ, ଭିତ୍ତିଭୂମିର ପ୍ରକାର ଓ ଉଦ୍ୟୋଗୀକରଣକୁ ନେଇଥିବା ସମ୍ଭାବନା ଓ ଆହ୍ୱାନ ସମ୍ପର୍କରେ ଜିଲାପାଳ ସମର୍ଥ ବର୍ମାଙ୍କ ସହ ଅଧିକାରୀମାନେ ଆଲୋଚନା କରିଛନ୍ତି। ବିମାନବନ୍ଦର ନିର୍ମାଣକୁ ନେଇ ରାଜ୍ୟ ସରକାରଙ୍କର ସମ୍ପୂର୍ଣ୍ଣ ଯୋଜନା ଓ ନକ୍ସାକୁ ଏହି ଟିମ୍ ଟିକିନିଖି କରି ଦେଖିବା ସହ ବିଶେଷ ଭାବେ ବୈଷୟିକ ସ୍ଥିତିକୁ ନେଇ ଜିଲା ପ୍ରଶାସନକୁ ପ୍ରଶ୍ନ କରିଛି। ପୁରୀ ନିକଟବର୍ତ୍ତୀ ରାଜଧାନୀ ଭୁବନେଶ୍ୱରରେ ବିମାନବନ୍ଦର ଥିବା ହେତୁ ଏଠାରେ ଆନ୍ତର୍ଜାତିକ ବିମାନବନ୍ଦର କରିବା କେତେ ଫଳପ୍ରଦ ହେବ ଓ ଏହାର ଘରୋଇକରଣ ଫଳରେ ରାଜ୍ୟ ସରକାର କେତେ ଲାଭପ୍ରଦ ହେବେ, ସନେଇ ମଧ୍ୟ ରିପୋର୍ଟ ପ୍ରସ୍ତୁତି ଚାଲିଛି। ବିମାନବନ୍ଦରର କେତେ ଦୂରରେ ହୋଟେଲ ଶିଳ୍ପ ଅବସ୍ଥିତ, ତାହା ଯାତ୍ରୀଙ୍କ ଯାତାୟାତ ଓ ରହଣି ସୁବିଧାଜନକ ହେବ।

ପୁରୀ ଏକ ଜନଗହଳି ସହର ହୋଇଥିବା ହେତୁ ବିମାନବନ୍ଦରରେ ପହଞ୍ଚୁଥିବା ଯାତ୍ରୀଙ୍କ ଗମନାଗମନ କିଭଳି ସହଜ ହେବ ସେନେଇ ସର୍ଭେ ହୋଇଛି। ବୈଷୟିକ ଦୃଷ୍ଟିକୋଣରୁ ବିମାନବନ୍ଦରକୁ ଅତ୍ୟାଧୁନିକ ଭାବେ ଗଢ଼ିତୋଳିବା ପାଇଁ ସର୍ଭେ ହେଉଥିବା ବେଳେ ଏହାର ଆର୍ଥିକ ଦିଗ ଉପରେ ମଧ୍ୟ ଧ୍ୟାନ ଦିଆଯାଉଛି। ତେବେ ଏହି ଟିମ୍ ଆଗାମୀ ଦିନରେ ବାରମ୍ବାର ପୁରୀ ଆସି ସ୍ଥିତି ସର୍ଭେ କରିବେ। ସର୍ଭେ ରିପୋର୍ଟ ଦାଖଲ ହେବା ପରେ ବିମାନବନ୍ଦର କାର୍ଯ୍ୟ ଆଗେଇପାରିବ। ଜିଲା ପ୍ରଶାସନ ନିକଟରେ ଥିବା ତଥ୍ୟ ଓ ସୂଚନା ଅଧିକାରୀମାନଙ୍କୁ ଯୋଗାଇ ଦିଆଯାଇଛି। ସେହିଭଳି ନକ୍ସା ଓ ଏହାକୁ ନେଇଥିବା ଛୋଟବଡ଼ ସମସ୍ୟା ସମ୍ପର୍କରେ ମଧ୍ୟ ଆଲୋଚନା ହୋଇଛି ବୋଲି କହିଛନ୍ତି ଉପଜିଲାପାଳ ଭବତାରଣ ସାହୁ। ସେ ଆହୁରି କହିଛନ୍ତି, ବିମାନବନ୍ଦର ନିର୍ମାଣ ହେଲେ ଏହାର ଚାରିପାଖରେ ଏକ ବଡ଼ଧରଣର ଇକୋନୋମିକ୍ ଜୋନ୍ ଗଢ଼ି ଉଠିବ। ନିଯୁକ୍ତିଠାରୁ ଆରମ୍ଭ କରି ବ୍ୟବସାୟୀକରଣ ହେବ। ବୈଷୟିକ ଓ ଆର୍ଥିକ ଦିଗ ମଧ୍ୟରେ କିଭଳି ଭାବେ ଠିକ୍ ସମନ୍ୱୟ ରଖାଯାଇପାରିବ, ସେନେଇ ଆଲୋଚନା ହୋଇଛି। ଉଲ୍ଲେଖଯୋଗ୍ୟ, ପୂର୍ବରୁ ଥରେ ଏକ ବୈଷୟିକ ଟିମ୍ ପୁରୀ ଆସି ସିପସରୁବାଲି ଅଞ୍ଚଳ ପରିଦର୍ଶନ କରି ନକ୍ସା ଦେଖିଥିବା ବେଳେ ଏହା ବୈଷୟିକ ଓ ଆର୍ଥିକ ଟିମ୍‌ର ୨ୟ ଗସ୍ତ। ପୁରୀ ଉପଜିଲାପାଳ ଭବତାରଣ ସାହୁ ଏହି ୭ ଜଣିଆ ଟିମ୍‌କୁ ସମ୍ପୃକ୍ତ ଅଞ୍ଚଳ ପରିଦର୍ଶନ କରାଇଥିଲେ।



ପୁରୀରେ ଅନ୍ତର୍ଜାତୀୟ ବିମାନବନ୍ଦର ନିର୍ମାଣ ନେଇ ମଙ୍ଗଳବାର ୭ଜଣିଆ ବୈଷୟିକ ଟିମ୍ ସିପସରୁବାଲିରେ ସ୍ଥିତି ପରଖିବା ସହ ନକ୍ସା ଦେଖୁଛନ୍ତି।

# 'ଇମୋଶନାଲ ଟଚ୍' ବଜାୟ ରଖୁ

**ରିୟଲ୍ ଇଷ୍ଟେଟ୍ ହେଉଛି ତାଙ୍କ ପାରିବାରିକ ବ୍ୟବସାୟ। ହେଲେ ଅଳଙ୍କାର କ୍ଷେତ୍ରରେ କିଛି ନୂଆ କରିବା ଲକ୍ଷ୍ୟ ରଖି ବଡ଼ଭାଇ ଓମ୍‌ପ୍ରକାଶ ମିଶ୍ରଙ୍କ ସହଯୋଗରେ ଆରମ୍ଭ କରିଥିଲେ ହଲ୍‌ମାର୍କ ଅର୍ନାମେଣ୍ଟ୍ସ ପ୍ରାଇଭେଟ୍ ଲିମିଟେଡ୍। ଜୁଏଲେରି କ୍ଷେତ୍ରରେ ଅଭିଜ୍ଞତା ନ ଥିବାରୁ ଅନେକ ସମସ୍ୟାର ସାମ୍ନା କରିବାକୁ ପଡ଼ିଥିଲା। ତେବେ ସେ ସବୁକୁ ଖାତିର ନ କରି ଆଗକୁ ବଢ଼ିଚାଲିଥିଲା ବ୍ୟବସାୟ। ଏହି ରିକ୍ସଟେକର ଦକ୍ଷ ବ୍ୟବସାୟୀ ତଥା ହଲ୍‌ମାର୍କ ଅର୍ନାମେଣ୍ଟ୍ସ ପ୍ରାଇଭେଟ୍ ଲିମିଟେଡ ନିର୍ଦ୍ଦେଶକ ବିଶ୍ୱଚେତନ ମିଶ୍ରଙ୍କ ସହିତ ଧରିତ୍ରୀର ସ୍ୱତନ୍ତ୍ର ସାକ୍ଷାତ୍‌କାର।**



ବିଶ୍ୱଚେତନ ମିଶ୍ର, ନିର୍ଦ୍ଦେଶକ, ହଲ୍‌ମାର୍କ ଅର୍ନାମେଣ୍ଟ୍ସ ପ୍ରା.ଲି.

**➲ ହଲ୍‌ମାର୍କ ଅର୍ନାମେଣ୍ଟ୍ସର ବଜାର କିଭଳି ବୃଦ୍ଧି ପାଉଛି?**

୨୦୦୬ରୁ ଆମେ ହଲ୍‌ମାର୍କ ଅର୍ନାମେଣ୍ଟସ୍ ଆରମ୍ଭ କରିଥିଲୁ। ଜୁଏଲେରି ବ୍ୟବସାୟ ସହିତ ଆମେ ପୂର୍ବରୁ ଜଡ଼ିତ ନ ଥିଲୁ। ବ୍ୟବସାୟରେ ସେତେବେଳେ ଆମକୁ ସହଯୋଗ ମିଳି ନ ଥିବାରୁ ଏଥିରେ ତିଷ୍ଠି ରହିବା ଚ୍ୟାଲେଞ୍ଜ ଥିଲା। ବ୍ୟବସାୟ ଆରମ୍ଭ ସମୟରେ ସୁନାଦର ୧୦ ଗ୍ରାମ୍‌କୁ ମାତ୍ର ୯,୦୦୦ ଟଙ୍କା ଥିଲା ଏବଂ ବର୍ତ୍ତମାନ ତାହା ୫୫,୦୦୦ ପାର କରିଛି। ଗତ ୧୫ ବର୍ଷ ମଧ୍ୟରେ ସୁନାଦର ଯେଭଳି ଭାବରେ ବଢ଼ିଛି ତାହା ପୂର୍ବରୁ କେବେ ଦେଖିବାକୁ ମିଳି ନ ଥିଲା। ଏହା ଆମ ପାଇଁ ମହତ୍ତ୍ୱପୂର୍ଣ୍ଣ ସାବ୍ୟସ୍ତ ହୋଇଥିଲା। ପରେ ଆମେ ହୋଲ୍ ସେଲିଂ ଉପରେ ଧ୍ୟାନ ଦେଇଥିଲୁ ଏବଂ ଅଧିକ ଶୋ' ରୁମ୍ ଖୋଲିବା ପାଇଁ ମନ ବଳାଇଥିଲୁ। ବର୍ତ୍ତମାନ ଭୁବନେଶ୍ୱର ଓ ଅନୁଗୋଳରେ ଆମର ଶୋ'ରୁମ୍ ରହିଛି।

**➲ ଯୁବପିଢ଼ି ଓ ବୟସ୍କଙ୍କ ଚାହିଦା ପୂରଣ ଦିଗରେ ଆପଣ କିଭଳି କାର୍ଯ୍ୟ କରୁଛନ୍ତି?**

ବିବାହ ଧାର୍ଯ୍ୟ ହେବା ପରେ ବର୍ତ୍ତମାନର ଯୁବପିଢ଼ି ସେମାନଙ୍କ କଷ୍ଟ୍ୟୁମ୍‌ଠାରୁ ଆରମ୍ଭ କରି ଜୁଏଲେରି ପର୍ଯ୍ୟନ୍ତ ସବୁକିଛି ବାଛି ରଖୁଛନ୍ତି। ତେଣୁ ସେମାନଙ୍କ ପସନ୍ଦର ଜୁଏଲେରି ଡିଜାଇନ୍‌କୁ ଆମେ ଥ୍ରୀ-ଡି ଫର୍ମାଟ୍‌ରେ ସେମାନଙ୍କୁ ଦେଖାଇଥାଉ। ସେମାନଙ୍କୁ ଯାହା ପସନ୍ଦ ଆସେ, ସେହି ଦିଗରେ ଆମେ କାର୍ଯ୍ୟ କରୁ। ବୟସ୍କ ଲୋକମାନେ ଟ୍ରାଡିଶନାଲ୍ ଗହଣା ପ୍ରତି ଆଗ୍ରହ ପ୍ରକାଶ କରୁଛନ୍ତି। ଦୀର୍ଘ ୧୫ ବର୍ଷର ବ୍ୟବସାୟିକ ଅନୁଭୂତି ଥିବାରୁ ଆମେ ଉଭୟ ବର୍ଗର ଚାହିଦା ପୂରଣ କରିବାକୁ ସବୁବେଳେ ଧ୍ୟାନ ଦେଇଥାଉ।

ଧରିତ୍ରୀ | OrissaPOST BUSINESS EMINENCE AWARDS

**➲ 'ହଲ୍‌ମାର୍କ ଅଳଙ୍କାର' କିଭଳି ଭାବରେ ସ୍ୱତନ୍ତ୍ର? ଗତ ୧୫ବର୍ଷ ଧରି ଗ୍ରାହକଙ୍କୁ କିପରି ବାନ୍ଧି ରଖିବାରେ ସକ୍ଷମ ହୋଇଛନ୍ତି?**

ଜୁଏଲେରି ବ୍ୟବସାୟ ଆରମ୍ଭ ସମୟରେ 'ହଲ୍‌ମାର୍କ' ଗହଣା ଟ୍ରେଣ୍ଡ୍ କରୁଥିବାରୁ ଏହା ଉପରେ ଆମ ଶୋ' ରୁମ୍‌କୁ ନାମିତ କରିଥିଲୁ। ଅର୍ଥାତ୍ ଆମ ଶୋ' ରୁମ୍‌ର ନାମକୁ ଆମେ ୨୨ କ୍ୟାରେଟ୍‌ରେ ରୂପାନ୍ତରିତ କରିଦେଇଛୁ। ଏହା ହିଁ ଆମର ସ୍ୱତନ୍ତ୍ରତା। ଜୁଏଲେରି ହେଉଛି ଏକ 'ଇମୋଶନାଲ୍ ଟଚ୍', ଏହା ଏକ ପରିବାରର ପିଢ଼ିଠାରୁ ପରବର୍ତ୍ତୀ ପିଢ଼ିକୁ ସଞ୍ଚରିତ କରେ। ସାଧାରଣତଃ ମା'ବାପା ଯେଉଁ ଜୁଏଲେରିରୁ ଗହଣା କିଣନ୍ତି, ଝିଅପୁଅ, ନାତୁଣୀନାତି ମଧ୍ୟ ସେହି ଗହଣା ଦୋକାନ ଉପରେ ଭରସା କରନ୍ତି। ତେଣୁ ଆମେ ସେମାନଙ୍କର 'ଇମୋଶନାଲ୍ ଟଚ୍'କୁ ବଜାୟ ରଖିବାକୁ ପ୍ରୟାସ କରୁ।

**➲ ସୁନା ଦର ବୃଦ୍ଧି ଲୋକଙ୍କ ଗହଣା କ୍ରୟ ଉପରେ କିଛି ପ୍ରଭାବ ପକାଇଛି କି?**

ଭାରତୀୟଙ୍କ ପାଇଁ ଗହଣା ହେଉଛି ସେମାନଙ୍କର ସମ୍ପତ୍ତି। ବିଦେଶୀଙ୍କ ଅପେକ୍ଷା ଭାରତୀୟ ବଜାରରେ ଅଧିକ ଗହଣା ବିକ୍ରି ହୁଏ। ସେମାନେ ନିଜ ଗହଣାକୁ ପିଢ଼ିରୁ ପର ପିଢ଼ିକୁ ପ୍ରଦାନ କରନ୍ତି। ସେମାନେ ବିଶେଷ ଉତ୍ସବଗୁଡ଼ିକ ପାଇଁ ଗହଣା କିଣନ୍ତି। ପରେ ତାହା ସେମାନଙ୍କ ସମ୍ପତ୍ତି ଭାବରେ ଗଣାହୁଏ। ତେଣୁ ସୁନା ଦର ବୃଦ୍ଧି ସେମାନଙ୍କ ଉପରେ କୌଣସି ପ୍ରଭାବ ପକାଏନାହିଁ। ବରଂ ସେମାନେ ଚାହାନ୍ତି ଯେ, ସୁନା ଦର ବୃଦ୍ଧି ପାଉ, ଯାହାଦ୍ୱାରା ସେମାନଙ୍କ ସମ୍ପତ୍ତି ବଢ଼ିବ।

**➲ ପୂର୍ବରୁ ଲୋକଙ୍କ ସୁନା କିଣିବା ପାଇଁ ଅଧିକ ଆଗ୍ରହ ଥିଲା ନା ବର୍ତ୍ତମାନ?**

ଅଚାନକ ସୁନା ଦର ବଢ଼ିଗଲେ, ବଜାରରେ ଅଧିକ ଟଙ୍କାର ସୁନା ବିକ୍ରି ହୁଏ ମାତ୍ର ପରିମାଣରେ ହ୍ରାସ ଘଟେ। କିନ୍ତୁ ସୁନା କ୍ରୟ ପ୍ରତି ଆଗ୍ରହ କମ୍ ହୁଏନାହିଁ। ଲୋକେ ନିଜ ପୁରୁଣା ଗହଣା ବଦଳରେ ନୂଆ କ୍ରୟ କରିବା ଅପେକ୍ଷା ଶୋ' ରୁମ୍‌ରୁ ନୂଆ ଗହଣା କ୍ରୟ କରିବାକୁ ଅଧିକ ଆଗ୍ରହ ପ୍ରକାଶ କରନ୍ତି। ଏହିଥିରୁ ହିଁ ଲୋକମାନେ ସୁନା କ୍ରୟ କରିବାକୁ କେତେ ମାତ୍ରାରେ ଆଗ୍ରହୀ, ତାହା ଅନୁମାନ କରାଯାଇପାରେ।

**➲ କୋଭିଡ୍ ଲକ୍‌ଡାଉନ୍ ଜୁଏଲେରି ବ୍ୟବସାୟ ଉପରେ କି ପ୍ରଭାବ ପକାଇଛି?**

ମହାମାରୀର ପ୍ରଥମ ଲହର ଜୁଏଲେରି ବ୍ୟବସାୟ ଉପରେ ବିଶେଷ ପ୍ରଭାବ ପକାଇଥିଲା। ୪-୫ ମାସ ପର୍ଯ୍ୟନ୍ତ ବ୍ୟବସାୟ ସମ୍ପୂର୍ଣ୍ଣ ଠପ୍ ହୋଇଯାଇଥିଲା। ବିବାହ କାର୍ଯ୍ୟକ୍ରମ ୧ ବର୍ଷ ପାଇଁ ଘୁଞ୍ଚାଇ ଦିଆଯାଇଥିଲା। ସେହି ସମୟରେ ସୁନା ଦର ମଧ୍ୟ ବୃଦ୍ଧି ପାଇଥିଲା। ନିତାନ୍ତ ଆବଶ୍ୟକତା ବେଳେ ସୁନା ଦର ଆକାଶଛୁଆଁ ଥିଲେ ବି ଲୋକେ କିଣିବାକୁ ବାଧ୍ୟ ହୁଅନ୍ତି। ହେଲେ ସେହି ସମୟରେ କୌଣସି ବିଶେଷ ଉତ୍ସବର ଆୟୋଜନ ହେଉ ନ ଥିବାରୁ ୨୦୨୦-୨୧ ଆର୍ଥିକ ବର୍ଷର ପ୍ରାୟ ୬ ମାସ ସମୟ ସୁନା ବ୍ୟବସାୟ ମାନ୍ଦା ହୋଇଯାଇଥିଲା। ପୁଣି ୨୦୨୦ ଅକ୍ଟୋବର ପରେ ଫେଷ୍ଟିଭ୍ ସିଜନ୍ ଆରମ୍ଭ ହେବା ପରଠାରୁ ବ୍ୟବସାୟ ଆରମ୍ଭ ହୋଇଥିଲା।

**➲ ଅନ୍‌ଲାଇନ୍ ଅଳଙ୍କାର ବ୍ୟବସାୟ ଉପରେ ଆପଣଙ୍କର ମତ କ'ଣ?**

ବର୍ତ୍ତମାନ ସୁଦ୍ଧା ଅନ୍‌ଲାଇନ୍ ଅଳଙ୍କାର ବ୍ୟବସାୟ ଆରମ୍ଭ କରିନାହୁଁ। ତେବେ ଅନ୍‌ଲାଇନ୍ ଯୋଗେ ବୁକ୍ କରି ଶୋ' ରୁମ୍‌ରୁ ଆସି ନେବା ସୁବିଧା ଆମେ ଗ୍ରାହକଙ୍କ ପାଇଁ ଉପଲବ୍ଧ କରୁଛୁ। ସମ୍ପ୍ରତି ସବୁ ପ୍ରକାର ବ୍ୟବସାୟର ଅନ୍‌ଲାଇନ୍ ମୋଡ୍ ଉପଲବ୍ଧ। ତେବେ ବର୍ତ୍ତମାନ ସୁଦ୍ଧା ଗହଣାର ଅନ୍‌ଲାଇନ୍ ବ୍ୟବସାୟ ବିଶେଷ ଫଳପ୍ରଦ ହୋଇନାହିଁ। ବିଶ୍ୱାସଯୋଗ୍ୟ କୋରିୟର ବ୍ୟବସ୍ଥା ସହିତ ଇନ୍‌ସ୍ୟୁରାନ୍ସ ସୁବିଧା ରହିଲେ ଆମେ ନିଶ୍ଚିତ ଅନ୍‌ଲାଇନ୍ କାରବାର ଆରମ୍ଭ କରିବୁ।

**➲ ଭବିଷ୍ୟତରେ ବ୍ୟବସାୟକୁ ଆଗକୁ ବଢ଼ାଇବା ପାଇଁ କି ଯୋଜନା ରହିଛି?**

ଭବିଷ୍ୟତରେ ଅଧିକ ଜୁଏଲେରି ପ୍ରତିଷ୍ଠା ପାଇଁ ଆମେ ଯୋଜନା ରଖିଛୁ। ବାଲେଶ୍ୱରରେ ଏକ ଶୋ'ରୁମ୍ ପ୍ରତିଷ୍ଠା କରିବୁ। ତେବେ ବର୍ତ୍ତମାନ ୧ ବର୍ଷ ପାଇଁ ଏହି ଯୋଜନାକୁ ସ୍ଥଗିତ ରଖିବାକୁ ସ୍ଥିର କରିଛୁ। କୋଭିଡ୍ ସ୍ଥିତିକୁ ନଜରରେ ରଖି ଆଗକୁ ଏହା ଉପରେ ନିଷ୍ପତ୍ତି ନେବୁ।

# ନରସିଂହପୁର ତତ୍କାଳୀନ ରେଞ୍ଜର ନିଲମ୍ବିତ

## ହାତୀ କଙ୍କାଳ ଉଦ୍ଧାର ଘଟଣା

**ଭୁବନେଶ୍ୱର, ୮।୩(ବ୍ୟୁରୋ)**

ଆଠଗଡ଼ ବନଖଣ୍ଡ ଅଧୀନ ନରସିଂହପୁର ୱେଷ୍ଟ ରେଞ୍ଜରୁ ହାତୀ କଙ୍କାଳ ଉଦ୍ଧାର ଘଟଣାରେ ତତ୍କାଳୀନ ରେଞ୍ଜ ଅଫିସର ଅଶୋକ କୁମାର ବେହେରାଙ୍କୁ ମଙ୍ଗଳବାର ଚାକିରିରୁ ନିଲମ୍ବନ କରାଯାଇଛି। ଅନ୍ୟପକ୍ଷେ ଦୀର୍ଘ ମାସେ ପରେ ଏହି କାର୍ଯ୍ୟାନୁଷ୍ଠାନ ଅନେକ ସନ୍ଦେହ ସୃଷ୍ଟି କରିଛି। ନିଲମ୍ବନ ଚିଠିରେ କୌଣସି କାରଣ ଦର୍ଶାଯାଇନାହିଁ। ଏଥିରୁ ବନବିଭାଗର ଉଦ୍ଦେଶ୍ୟ ଉପରେ ମଧ୍ୟ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଉକ୍ତ ଘଟଣାର ସପ୍ତାହକ ପରେ ବନ ବିଭାଗ ଜଣେ ଫରେଷ୍ଟ ଗାର୍ଡ ଓ ଜଣେ ଫରେଷ୍ଟରଙ୍କୁ ନିଲମ୍ବନ କରିଥିଲା। ହେଲେ ସବୁ ପ୍ରମାଣ ପାଇ ରେଞ୍ଜରଙ୍କୁ ଏତେ ଦିନ ପର୍ଯ୍ୟନ୍ତ କାହିଁକି ସମୟ ଦିଆଗଲା ସେନେଇ ବନ୍ୟପ୍ରାଣୀ ବିଶେଷଜ୍ଞଙ୍କ ମଧ୍ୟରେ ସନ୍ଦେହ ବଢ଼ୁଛି।

ସବୁଠୁ ବଡ଼ କଥା ହେଲା, ହାତୀ କଙ୍କାଳ ଖୋଳାଯାଇ ବାହାର କରାଯିବା ଓ ଦାନ୍ତ ଜବତ ହେବା ପରେ ମଧ୍ୟ କାହାକୁ ଗିରଫ କରାଯାଇନାହିଁ। ବନ୍ୟପ୍ରାଣୀ ବିଶେଷଜ୍ଞଙ୍କ କହିବାନୁସାରେ, ହାତୀ ମୃତ୍ୟ ଲୁଚାଇବା ଘଟଣାରେ ବନ କର୍ମଚାରୀଙ୍କ ସମ୍ପୃକ୍ତିକୁ ନେଇ ଅନ୍ୟ ଏକ ସ୍ୱର୍ଣକାତର ବିଷୟ ହେଉଛି ଆଠଗଡ଼ ଡିଭିଜନରେ ସନ୍ଦେହଜନକ ଭାବେ ଦୁଇଟି ହାତୀ ମୃତ୍ୟୁ ଘଟଣା ଘଟିଛି। ଗତବର୍ଷଠାରୁ ଏକ ହାତୀ ମୃତ୍ୟୁ ଘଟଣାରେ ତତ୍କାଳୀନ ଆଠଗଡ଼ ରେଞ୍ଜ ଅଫିସର ଆୟେଶା ଅଖତାରୀ ବେଗମ ନିଲମ୍ବନରେ ଅଛନ୍ତି। ଏବେ ନରସିଂହପୁର ୱେଷ୍ଟ ରେଞ୍ଜର ନିଲମ୍ବନ ହେଲେ। ହାତୀ ମୃତ୍ୟୁ ସମୟରେ ଯିଏ ଡିଏଫ୍‌ଓ ଥିବେ ସେ ମଧ୍ୟ ସ୍ୱତଃ ସନ୍ଦେହ ଘେରକୁ ଆସିବେ। ନିଲମ୍ବିତ ରେଞ୍ଜର ଓ ତତ୍କାଳୀନ ଡିଏଫ୍‌ଓଙ୍କ ଲାଇ ଡିଟେକସନ ଟେଷ୍ଟ କରାଗଲେ ଅନେକ କଥା ବାହାରକୁ ଆସିବ। କାରଣ କ୍ରାଇମବ୍ରାଞ୍ଚ ଏସଟିଏଫ୍ ହିଁ ବାରାସିଂଘା ବିଟ୍‌ଯାଇ ହାତୀ କଙ୍କାଳ ଖୋଳି ବାହାର କରିଥିଲା।

# ହାଇକୋର୍ଟରେ ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ମାମଲା

## ଏଏସ୍‌ପି ତ୍ରିନାଥ ମିଶ୍ରଙ୍କ ସ୍ତ୍ରୀଙ୍କୁ ଆଗୁଆ ଜାମିନ

**କଟକ ଅଫିସ,୮।୩:** ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ମାମଲାରେ ଗିରଫ ହୋଇ ଜେଲ୍‌ରେ ଥିବା ପୋଲିସ କମ୍ୟୁନିକେଶନ ସେଲ୍‌ର ଅତିରିକ୍ତ ଏସ୍‌ପି ତ୍ରିନାଥ ମିଶ୍ରଙ୍କ ସ୍ତ୍ରୀ ଦୀପ୍ତିମୟୀ ମିଶ୍ରଙ୍କୁ ହାଇକୋର୍ଟ ମଙ୍ଗଳବାର ଆଗୁଆ ଜାମିନ ପ୍ରଦାନ କରିଛନ୍ତି। ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ ତ୍ରିନାଥ ଓ ଦୀପ୍ତିମୟୀଙ୍କ ନାଁରେ ଭିଜିଲାନ୍ସ ପକ୍ଷରୁ ମାମଲା(ନଂ.୧୩/୨୨) ରୁଜୁ ହୋଇଥିଲା। ତେବେ ଗିରଫଦାରିକୁ ଏଡାଇବା ପାଇଁ ଦୀପ୍ତିମୟୀ ଗତ ୧୭ ତାରିଖରେ ହାଇକୋର୍ଟରେ ଆଗୁଆ ଜାମିନ ଆବେଦନ କରିଥିଲେ। ବିଚାରପତି ସଙ୍ଗମ କୁମାର ସାହୁ ଏହି ମାମଲାର ଶୁଣାଣି କରି ଦୀପ୍ତିମୟୀଙ୍କୁ ଆଗୁଆ ଜାମିନ ପ୍ରଦାନ କରିଛନ୍ତି। ତଦନ୍ତବେଳେ ସେ ତଦନ୍ତକାରୀ ଅଧିକାରୀଙ୍କୁ ସହଯୋଗ କରିବେ ଓ ପ୍ରମାଣ ନଷ୍ଟ ନ କରିବାକୁ ସାହୁ ସର୍ତ୍ତ ରଖିଛନ୍ତି। ସୂଚନାଯୋଗ୍ୟ, ଗତମାସ ୧୫ ତାରିଖରେ ତ୍ରିନାଥଙ୍କ ଘର ସମେତ କଟକ, ଯାଜପୁର, ଖୋର୍ଦ୍ଧା, ଜଗତ୍‌ସିଂହପୁର ଓ ନବରଙ୍ଗପୁର ଜିଲାର ୧୧ଟି ସ୍ଥାନରେ ଚଢ଼ାଉ କରାଯାଇ ୮ କୋଟି ୬୮ ଲକ୍ଷ ଟଙ୍କାରୁ ଊର୍ଦ୍ଧ୍ୱ ସମ୍ପତ୍ତି ଠାବ କରାଯାଇଥିଲା।


**ୟୁନିଅନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ Union Bank of India** | Andhra | Corporation

**କ୍ଷେତ୍ରୀୟ କାର୍ଯ୍ୟାଳୟ: କଟକ**
ଏମ୍-୧୪, ବରମୁଣ୍ଡା ହାଉସିଂ ବୋର୍ଡ କଲୋନୀ, ଭୁବନେଶ୍ୱର-୭୫୧୦୦୩

**ସୁନା ନିଲାମ ବିଜ୍ଞପ୍ତି**

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି ଯେ ନିମ୍ନଲିଖିତ ସୁନା ଋଣଗ୍ରହୀତାମାନଙ୍କୁ ବ୍ୟାଙ୍କ ବାରମ୍ବାର ନୋଟିସ୍ ଦ୍ୱାରା ସୂଚାଇ ଦେଇଥିବା ସତ୍ତ୍ୱେ ମଧ୍ୟ ସେମାନେ ଋଣ ପରିଶୋଧ କରୁନାହାଁନ୍ତି । ଯଦି ସେମାନେ ନିଲାମ ତାରିଖ ପୂର୍ବରୁ ସେମାନଙ୍କର ବକେୟା ଋଣ ପରିଶୋଧ ନ କରନ୍ତି, ତାହେଲେ **ଆମର ଅଡ଼ାଳିଆ ଶାଖା ଓ ସୋମପୁର ଶାଖା ପରିସରରେ ତା.୨୨.୦୩.୨୦୨୨ରିଖ ପୂର୍ବାହ୍ନ ୧୧.୦୦ ଘଟିକା ସମୟରେ ଏବଂ କଟକ ଓଏସ୍‌ବିସି ଶାଖା ଓ ପାରାଦୀପ ଇସିବି ଶାଖା ପରିସରରେ ତା.୨୪.୦୩.୨୦୨୨ରିଖ ପୂର୍ବାହ୍ନ ୧୧.୦୦ ଘଟିକା ସମୟରେ** ସେମାନଙ୍କର ବନ୍ଧକଥିବା ସୁନା ଅଳଙ୍କାରଗୁଡ଼ିକୁ ନିଲାମ କରାଯିବ । ଋଣଗ୍ରହୀତାମାନଙ୍କର କୌଣସି ଅସୁବିଧା ବା କ୍ଷୟ କ୍ଷତି ପାଇଁ ବ୍ୟାଙ୍କ ଦାୟୀ ହେବ ନାହିଁ ଓ ଆବଶ୍ୟକ ସ୍ଥଳେ ବ୍ୟାଙ୍କର କ୍ଷୟ କ୍ଷତି ଘଟିଲେ ବ୍ୟାଙ୍କ ସେମାନଙ୍କ ବିରୁଦ୍ଧରେ ଅଦାଲତରେ ଆଶ୍ରୟ ନେବ । ଋଣଗ୍ରହୀତାମାନେ ନିଲାମ ସମୟ ପୂର୍ବରୁ ବକେୟା ରାଶି ପରିଶୋଧ କରି ଅଳଙ୍କାରଗୁଡ଼ିକ ନେଇପାରିବେ ।

| କ୍ର. ନଂ. | ଋଣଗ୍ରହୀତାମାନଙ୍କ ନାମ ଏବଂ ଠିକଣା | ତା.୦୭.୦୩.୨୦୨୨ରିଖ ସୁଦ୍ଧା ବକେୟା ଦେୟ + ସେବାବଦ ସୁଧ | ନେଟ୍ ଓଜନ ଗ୍ରାମ୍‌ରେ |
|---|---|---|---|
| | **ଅଡ଼ାଳିଆ ଶାଖା (୧୯୯୭୧), ଅଡ଼ାଳିଆ, ଡିପିଏସ୍ ଅଡ଼ାଳିଆ ରୋଡ୍ ନିକଟ, ନଖରା, ପୋ.: ଫୁଲନଖରା, ଜିଲ୍ଲା: କଟକ, ପିନ୍-୭୫୪୦୦୧, ମୋ.: ୭୭୫୧୮୪୪୩୮୯** | | |
| ୧. | **ପ୍ରଶାନ୍ତ କୁମାର ଗିରି,** ପିତା: ଗୌରାଙ୍ଗ ଗିରି, କିଲପୋଟ, ବର୍କ୍ସବଜାର, କ୍ୟାଣ୍ଟୋନ୍‌ମେଣ୍ଟ ରୋଡ୍, କଟକ-୭୫୩୦୦୧ | ଟ.୩୮,୦୮୯/- | ୧୭.୦୦ |
| | **କଟକ ଓଏସ୍‌ବିସି ଶାଖା (୨୦୮୦୨), ଓଡ଼ିଶା ଷ୍ଟେଟ୍ ବାର କାଉନ୍‌ସିଲ, ହାଇକୋର୍ଟ ପ୍ରିମିସେସ୍, କଟେରୀ ରୋଡ୍, କଟକ-୭୫୩୦୦୨, ମୋ.: ୯୭୬୩୫୪୧୨୩୧** | | |
| ୧. | **ନିର୍ମଳ ଚନ୍ଦ୍ର ସାହୁ,** ସା: ବିଡାନାସୀ, ସିଡିଏ ରୋଡ୍, କଟକ-୭୫୩୦୧୪ | ଟ.୧,୦୯,୪୯୩/- | ୩୩.୦୦ |
| | **ପାରାଦୀପ ଇସିବି ଶାଖା (୧୫୮୧୨), ପାରାଦୀପଗଡ, ପାରାଦୀପ ପୋଲିସ୍ ଷ୍ଟେସନ୍ ନିକଟ, ପାରାଦୀପ, ଜିଲ୍ଲା: ଜଗତ୍‌ସିଂହପୁର, ଓଡ଼ିଶା, ମୋ.: ୬୨୦୬୨୨୦୩୭୭** | | |
| ୧. | **ଶ୍ରୀକାନ୍ତ ରାଉତ,** ପିତା: ଶ୍ରୀଧର ରାଉତ, ସା: ସାଳିକଣ୍ଡା (ନଗରୀପଡା), ପୋ.: ଚାଙ୍ଖୋଳ, ଭାୟା: ଦାନପୁର, ଜିଲ୍ଲା: କେନ୍ଦ୍ରାପଡା-୭୫୪୨୧୦ | ଟ.୮୦,୭୨୯/- | ୨୫.୭୦ |
| | **ସୋମପୁର ଶାଖା (୨୫୩୧), ସୋମପୁର, ଜିଲ୍ଲା: କଟକ, ଓଡ଼ିଶା, ମୋ.: ୭୮୭୩୩୦୧୩୩୩** | | |
| ୧. | **ସାରଦା ପ୍ରସନ୍ନ ବେହେରା,** ପିତା: ନୀଳମଣି ବେହେରା, ବୋଧପୁର, ସୋମପୁର, କଟକ-୭୫୪୧୩୦ | ଟ.୪୫,୭୨୫.୭୦ | ୧୮.୦୦ |
| ୨. | **କାଶୀନାଥ ବିଶ୍ୱାଳ,** ପିତା: କମଳକାନ୍ତ ବିଶ୍ୱାଳ, ସା: ପାଇକାଣ, ସୋମପୁର, କଟକ-୭୫୪୧୩୦ | ଟ.୫୬,୭୫୪.୮୭ | ୨୫.୦୦ |

**ନିଲାମ ଧରିବା ପାଇଁ ଇଚ୍ଛୁକ ବ୍ୟକ୍ତି ବ୍ୟାଙ୍କର ନିମ୍ନଲିଖିତ ନିୟମ ଗୁଡ଼ିକ ପାଳନ କରି ନିଲାମରେ ଅଂଶଗ୍ରହଣ କରିପାରିବେ:**

୧) ନିଲାମ ଡାକିବା ପାଇଁ ଇଚ୍ଛୁକ ବ୍ୟକ୍ତିଙ୍କୁ ନିଲାମର ନିର୍ଦ୍ଧାରିତ ସମୟର ୨ ଘଣ୍ଟା ପୂର୍ବରୁ **ଟ.୧,୦୦୦/-** ଅମାନତ ଆକାରରେ ଜମା ଦେବାକୁ ହେବ ।
୨) ଅମାନତ ଦାଖଲ ପରେ, ନିଲାମ ପାଇଁ ନିର୍ଦ୍ଧାରିତ ଅଳଙ୍କାରଗୁଡ଼ିକୁ ନିଲାମ ସମୟରେ ନିଲାମ ଧରିବାକୁ ଇଚ୍ଛୁକ ଥିବା ବ୍ୟକ୍ତିମାନେ ଯାଞ୍ଚ କରିପାରିବେ ।
୩) ସର୍ବୋଚ୍ଚ ନିଲାମ ଡାକ ଡାକିଥିବା ବ୍ୟକ୍ତିଙ୍କୁ ଉକ୍ତ ଡାକର ଶତକଡା ୨୫ ଭାଗ ସଙ୍ଗେ ସଙ୍ଗେ ବ୍ୟାଙ୍କରେ ଜମା କରିବାକୁ ପଡିବ । ଯଦି କୌଣସି ବ୍ୟକ୍ତି ସର୍ବୋଚ୍ଚ ଡାକ ଡାକିଲା ପରେ, ଡାକର ଶତକଡା ୨୫ ଭାଗ ଜମା କରିବାକୁ ଅସମର୍ଥ ହୁଅନ୍ତି, ତେବେ ତାଙ୍କର ଅମାନତ ଟଙ୍କା ବାଜ୍ୟାପ୍ତି ହୋଇଯିବ ଓ ଉକ୍ତ ବ୍ୟକ୍ତିଙ୍କୁ ଆଉ ଥରେ ନିଲାମ ଡାକିବାକୁ ଅନୁମତି ଦିଆଯିବ ନାହିଁ ।
୪) ଗୋଟିଏ ଆକାଉଣ୍ଟର ନିଲାମ ଡାକ ଓ ଟଙ୍କା ଜମା ଇତ୍ୟାଦି ସରିଲା ପରେ ହିଁ ଅନ୍ୟ ଆକାଉଣ୍ଟ ପାଇଁ ନିଲାମ କାର୍ଯ୍ୟ ଆରମ୍ଭ ହେବ ।
୫) ବ୍ୟାଙ୍କ କୌଣସି ନିଲାମ ଡାକ ମାନିନେବାକୁ ବାଧ୍ୟ ନୁହେଁ । କୌଣସି କାରଣ ନ ଦର୍ଶାଇ ବ୍ୟାଙ୍କ ନିଲାମକୁ ରଦ୍ଦ କରିପାରେ ।
୬) ଯେଉଁ ବ୍ୟକ୍ତିଙ୍କ ସର୍ବୋଚ୍ଚ ଡାକ, ୟୁନିଅନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ ଶାଖା କାର୍ଯ୍ୟାଳୟ ଦ୍ୱାରା ଗ୍ରହଣୀୟ ହେବ ଉକ୍ତ ବ୍ୟକ୍ତି ନିଲାମ ଦୃଢ଼ୀକରଣ ହେବା ସୂଚନା ପାଇବାର ୩ ଦିନ ମଧ୍ୟରେ ନିଲାମର ଶତକଡା ୭୫ ଭାଗ ଟଙ୍କା ଜମା କରିବାକୁ ବାଧ୍ୟ ହେବେ । ନଚେତ୍ ପୂର୍ବରୁ ଜମା ଦେଇଥିବା ଶତକଡା ୨୫ ଭାଗ ଟଙ୍କା ଏବଂ ଅମାନତ ଟଙ୍କା ବାଜ୍ୟାପ୍ତି ହେବ ।
୭) ୟୁନିଅନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ ଶାଖା କାର୍ଯ୍ୟାଳୟ ଯଦି କୌଣସି ଉଚ୍ଚ ନିଲାମ ଡାକକୁ ନାକଚ/ରଦ୍ଦ କରନ୍ତି, ତେବେ ଜମା ହୋଇଥିବା ଶତକଡା ୨୫ ଭାଗ ଟଙ୍କା, ଅମାନତ ଟଙ୍କା ଉକ୍ତ ଜମାକାରୀଙ୍କୁ ବିନା ସୁଧରେ ଫେରାଇ ଦିଆଯିବ ।
୮) ନିଲାମରେ ରଖାଯାଇଥିବା ଅଳଙ୍କାର ଗୁଡ଼ିକର ଗୁଣ, ଓଜନ ଓ ବିଶୁଦ୍ଧତା ପାଇଁ ୟୁନିଅନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ କୌଣସି ପ୍ରକାର ଦାୟୀ ହେବ ନାହିଁ ।
୯) ନିଲାମରେ ଭାଗ ନେଇଥିବା କୌଣସି ବ୍ୟକ୍ତି ଉପରୋକ୍ତ ନିୟମକୁ ନ ମାନିଲେ ବ୍ୟାଙ୍କ ତାଙ୍କର ଅମାନତ ଟଙ୍କା ବାଜ୍ୟାପ୍ତି କରିପାରିବ ।

**ସ୍ଥାନ: ଭୁବନେଶ୍ୱର, ତାରିଖ: ୦୭.୦୩.୨୦୨୨** — **କ୍ଷମତାପ୍ରାପ୍ତ ଅଧିକାରୀ, ୟୁନିଅନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ**



**CAREER APPOINTMENT**
ON EVERY WEDNESDAY & SATURDAY
B/W : ₹. 350 per sq.cm
Colour : ₹. 400 per sq.cm
PAY FOR 1, GET 1 FREE
For Bookings
Call : 0674-2580385
Email : advt@dharitri.com



**REQUIRED**
**SMZVIG AUTOMATION PVT. LTD.**
(A leading manufacturer of Electrical Panel Board Company) (An ISO Certified Company) with CPRI Approved, Kalinga Vihar, Bhubaneswar
**Marketing Executive:** 2 Nos. (Any Graduate with 2 years exp. in Electrical Field). Salary: Approx.11,000/- to 14,000/- per month with TA+DA, 2 wheeler must for the above post.
Contact:8763281608, 8118008309
Email:smzvigautomation@gmail.com



**ଘରୋଇ କାମ କରିବା ନିମନ୍ତେ ଅବିବାହିତ ମହିଳା /ଦମ୍ପତି ଆବଶ୍ୟକ**
ରହିବା ଏବଂ ଖାଇବା ସୁବିଧା ଉପଲବ୍ଧ ।
**9132933333**



**RAJPUTTANA CASTLE RESORTS AND CLUBS PRIVATE LIMITED**

| POSITION | NO. OF VACANCY | EXPERIENCE | SALARY |
|---|---|---|---|
| Jr. Accountant | 6 | 1-2 Years (Min Graduation) | 10000/- to 12000/- |
| Housekeeping Staff/ Waiter Trainee | 30 | 6 months to 1 year (Hotel Management Course or Skill Development | 8000/- to 10000/- |
| Captain/Steward | 30 | 6 Months to 3 years (Skill Development or 12th pass required | 8000/- to 15000/- |

Food & Accomodation will be free.
Contact No.9689914135



www.ltfs.com
CIN: U65910WB1993FLC060810
L&T Financial Services

**WALK-IN Interview Drive – Micro Loan Officers**
9th, 10th & 11th March 2022

L&T Financial Services, L&T groupର ଏକ ଅଂଶ ଓ ଏହା ଭାରତର ଏକ ଅଗ୍ରଣୀ ଏନବିଏଫସି ବ୍ରାଣ୍ଡ ଅଟେ ଯାହା ମାଧ୍ୟମରେ ବ୍ୟାପକ ଶ୍ରେଣୀୟ ଆର୍ଥିକ ଉତ୍ପାଦ ପ୍ରଦାନ କରାଯାଉଛି । ବର୍ତ୍ତମାନ ଏହାର ମାଇକ୍ରୋଲୋନ୍ ବ୍ୟବସାୟ ପାଇଁ ଆବେଦନ ଆମନ୍ତ୍ରଣ କରୁଛି।

**ପଦବୀ** : ସେଲ୍ସ ଓ କଲେକ୍ସନ ଅଫିସର
**ଚାକିରୀ ସ୍ଥାନ** : ସାରା ଓଡ଼ିଶା
**ଯୋଗ୍ୟତା** : ଯେକୌଣସି ସ୍ନାତକ
**ବୟସ** : 21 ରୁ 30 ବର୍ଷ
**ବେତନ** : ସର୍ବୋତ୍ତମ ଇନ୍‌ସେନଟିଭ୍ ସ୍କିମ୍ ସହିତ ଆକର୍ଷଣୀୟ ବେତନ

**ଇଣ୍ଟରଭ୍ୟୁ ସବିଶେଷ:**

| ସମୟ | ସ୍ଥାନ |
|---|---|
| ସକାଳ 10 ଘ. ରୁ ଅପରାହ୍ନ 5 ଘ. | **ଏଲ୍&ଟି ଫାଇନାନ୍‌ସିଆଲ୍ ସର୍ଭିସେସ୍** ସା : ହେମସୁରପଡ଼ା, ଜେନା ଟିମ୍ବର ପଛ ପାଖ, ଅନୁଗୁଳ, ଓଡ଼ିଶା 759 122. **ଯୋଗାଯୋଗ ବିବରଣୀ:** ଅଜୟ – 9583495487 |
| | ଆସ୍କା ରୋଡ୍, ଲେବର ଅଫିସ ସମ୍ମୁଖ, ବ୍ରହ୍ମପୁର । **ଯୋଗାଯୋଗ ବିବରଣୀ -** ଶ୍ରୀକାନ୍ତ: 6371970931 |
| | ସା ପ୍ଲଟ୍ ନଂ. 99/402, ଷ୍ଟେଟ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ ନିକଟ, ଫୁଲନଖରା, ଜିଲ୍ଲା ଖୋର୍ଦ୍ଧା **ଯୋଗାଯୋଗ ବିବରଣୀ -** ପଦ୍ମନାଭ ଦାସ –7978975400 |
| | କୁଞ୍ଜକାନ୍ତ, ବ୍ଲକ୍ ଅଫିସ୍ ନିକଟ, ସା/ପୋ : ଢେଙ୍କାନାଳ । **ଯୋଗାଯୋଗ ବିବରଣୀ -** ଅଚ୍ୟୁତାନନ୍ଦ ସାହା: 8249258231 |
| | ସା/ପୋ : ଡାଳ, ବ୍ୟାସନଗର, ଯାଜପୁର ରୋଡ୍, ଯାଜପୁର **ଯୋଗାଯୋଗ ବିବରଣୀ -** ରିପନ୍ – 9778049999 |
| | ନବିନବାଗ, ଅଙ୍ଗୁଶ୍ରୀ କଲ୍ୟାଣ ମଣ୍ଡପ ନିକଟ, ଖୋର୍ଦ୍ଧା, **ଯୋଗାଯୋଗ ବିବରଣୀ -** ଶୁଭାଂଶୁ ସାହୁ: 7325941183 |
| | ମାର୍ଫତ୍ ସୁଦାମ ପୁଷ୍ଟି, ସା-ପ୍ରଫୁଲ୍ଲ ନଗର, ଆର୍ଯ୍ୟନ୍ତ ଆକାଡେମି ନିକଟ, ଭଦ୍ରକ । **ଯୋଗାଯୋଗ ବିବରଣୀ -** ଦୁର୍ଗା – 8984458910 |

ଆଗ୍ରହୀ ପ୍ରାର୍ଥୀମାନଙ୍କୁ ସେମାନଙ୍କର ରେଜ୍ୟୁମେ, ପାନ କାର୍ଡ୍, ଆଧାର କାର୍ଡ୍ ଓ ସ୍ନାତକ କାଗଜାତ ସହିତ ଆସିବାକୁ ଅନୁରୋଧ କରାଯାଉଛି। **ଦୁଇ ଚକିଆ ଗାଡ଼ି, ଡ୍ରାଇଭିଂ ଲାଇସେନ୍ସ ଥିବା ପୁରୁଷ ପ୍ରାର୍ଥୀଙ୍କୁ ଅଗ୍ରାଧୀକାର ପ୍ରଦାନ କରାଯିବ।**



**ASHWINI HOSPITAL**
empowered to heal...

**URGENT REQUIREMENT**
Multiple positions for :

| | |
|---|---|
| **Operation Theatre Manager** | 5-10 years experience |
| **Surgical Technician** | 3-5 years experience |
| **Anaesthesia Technician** | 3-5 years experience |
| **Anaesthesia Nurse** | 2+ years of experience |
| **B.Sc Nursing** | 3-5 years experience |

Candidates with BSc OT Technology and B.Sc Nursing preferred. Competitive compensation. Interested candidates can email their CV to
**hrd@ashwinihospitalcuttack.com**
**Ph.No.: 9238008834**
Department of Surgical Specialties

ଧନ ନିମିତ୍ତ ଧନୀ ପାଖରେ ମସ୍ତକ ନତ କରିବ ନାହିଁ। ତାଙ୍କର ଆଡମ୍ବର, ପ୍ରତିପତ୍ତି ବା ପ୍ରଭାବରେ କେତେବେଳେ ବି ବଶୀଭୂତ ହେବ ନାହିଁ। –ଶ୍ରୀଅରବିନ୍ଦ

# ଚାଇନା ଦେଖୁଛି

ୟୁକ୍ରେନ୍ ଉପରେ ରୁଷର ଆକ୍ରମଣ ୧୩ ଦିନ ଅତିକ୍ରମ କରିଗଲାଣି। ତଥାପି ଉଭୟ ଦେଶ ପଛଘୁଞ୍ଚା ଦେଉନାହାନ୍ତି। ଏହାଦ୍ୱାରା ଭୂରାଜନୈତିକ ସ୍ଥିତି ବିଗିଡ଼ିବାରେ ଲାଗିଛି। ସବୁ ରାଷ୍ଟ୍ରର କୂଟନୈତିକ ନୀତିକୁ କ'ଣ ରହୁଛି ତାହା ଉପରେ ବିଶ୍ୱ ସମୁଦାୟ ନଜର ରଖିଛି। ଏଭଳି ସ୍ଥଳେ ଗତ ସପ୍ତାହରେ ଆମେରିକା, ଜାପାନ, ଅଷ୍ଟ୍ରେଲିଆ ଓ ଭାରତକୁ ନେଇ ଗଠିତ କ୍ୱାଡ୍ ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ଅନ୍ୟ ତିନି ଦେଶ ଜାଣିଥିଲେ ଯେ ରୁଷିଆ ଭାରତକୁ ଯୁଦ୍ଧାସ୍ତ୍ରଠାରୁ ଆରମ୍ଭକରି ବିଭିନ୍ନ ଦିଗରୁ ସାହାଯ୍ୟ କରୁଥିବାରୁ ନୂଆଦିଲ୍ଲୀ ତା' ପ୍ରତି ଢଳି ରହିଛି। ସେହି ଆଭିମୁଖ୍ୟରେ ପରିବର୍ତ୍ତନ ଆଣିବା ସକାଶେ ସମ୍ଭବତଃ କ୍ୱାଡ୍‌ର ଅନ୍ୟ ତିନି ସଦସ୍ୟ ଦେଶ ଭାରତଠାରୁ ରୁଷିଆ ବିରୋଧରେ ମତ ବାହାର କରିବାକୁ ଚେଷ୍ଟା କରିଥିଲେ। କିନ୍ତୁ ଭାରତ ସେଥିରେ ନୀରବ ରହିଲା। ସେଥିପାଇଁ କୂଟନୈତିକ ବିଶେଷଜ୍ଞମାନେ ଆଶଙ୍କା କରୁଛନ୍ତି ଯେ, ଆସନ୍ତାକାଲି ଯଦି ଭାରତ ଉପରେ କୌଣସି ବିପଦ ପଡ଼େ ଓ ଚାଇନା ଭଳି ରାଷ୍ଟ୍ର ଆକ୍ରମଣ କରେ ତେବେ କ୍ୱାଡ୍ ସମେତ ଅନ୍ୟ ଦେଶଗୁଡ଼ିକ ଭାରତ ସପକ୍ଷରେ ପଦକ୍ଷେପ ନେବାକୁ ପଛେଇ ପାରନ୍ତି। ବାସ୍ତବରେ କ୍ୱାଡ୍ ସଦସ୍ୟଭୁକ୍ତ ଅନ୍ୟ ରାଷ୍ଟ୍ରଗୁଡ଼ିକ ଯେତେବେଳେ ଖୋଲାଖୋଲି ୟୁକ୍ରେନ୍ ଉପରେ ରୁଷିଆ ଆକ୍ରମଣକୁ ବିରୋଧ କରୁଛନ୍ତି, ସେତେବେଳେ ଭାରତ ନିନ୍ଦା ନ କରିବା ନୀତି ତାକୁ ଏକଘରକିଆ କରିଦେଉଛି। ଉକ୍ତ ବୈଠକରେ ଆମେରିକା ରାଷ୍ଟ୍ରପତି ଜୋ ବାଇଡେନ୍ ରୁଷିଆକୁ କଡ଼ା ସମାଲୋଚନା କରିଥିଲେ। ସେହିପରି ଜାପାନ ପ୍ରଧାନମନ୍ତ୍ରୀ ଫୁମିଓ କିଶିଦା ୟୁକ୍ରେନ୍‌ର ଜାତୀୟ ଅଖଣ୍ଡତା ଉପରେ ରୁଷିଆର ଆକ୍ରମଣ ଚିନ୍ତାଜନକ ବୋଲି କହିଥିବା ବେଳେ ଅଷ୍ଟ୍ରେଲିଆ ପ୍ରଧାନମନ୍ତ୍ରୀ ସ୍କଟ୍ ମୋରିସନ୍ ମଧ୍ୟ ରୁଷିଆ ଉପରେ କଠୋର କଟକଣା ଲଗାଯିବା ସଂକ୍ରାନ୍ତରେ ମତ ରଖିଥିଲେ। କିନ୍ତୁ ଭାରତ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ରୁଷିଆ ଆକ୍ରମଣକୁ ନିନ୍ଦା ନ କରି କ୍ୱାଡ୍‌ର ପ୍ରତିଶ୍ରୁତିବିହୀନ ଭାଗିଦାରି ଭୂମିକା ଅବଲମ୍ବନ କରିଥିଲେ। ଫଳରେ କ୍ୱାଡ୍ ବୈଠକ ଶେଷରେ ମିଳିତ ବିବୃତିରେ ରୁଷିଆ ବିରୋଧରେ କୌଣସି ନିନ୍ଦା ପ୍ରସ୍ତାବ ଆଗତ କରାଯାଇପାରିଲା ନାହିଁ। ଏଥିରୁ ବୁଝିବାକୁ ହେବ ଯେ, ପରବର୍ତ୍ତୀ ସମୟରେ କେବେ ଯଦି ତାଇୱାନ୍ ଓ ଭାରତ ଉପରେ ଚାଇନା ଆକ୍ରମଣ କରିବାକୁ ଚାହିଁ ରୁଷିଆ ମଡେଲ ଅନୁସରଣ କରେ, ସେତେବେଳେ କ୍ୱାଡ୍‌ର ଅନ୍ୟ ସଦସ୍ୟମାନେ ନୀରବ ରହିବାକୁ ଉଚିତ ମଣିପାରନ୍ତି।

ୟୁକ୍ରେନ୍ ଉପରେ ରୁଷିଆର ଆକ୍ରମଣକୁ ନେଇ ଜାତିସଂଘ ପରଜୁ କରାଯାଇଥିବା ଭୋଟ୍‌ରୁ ଭାରତ ବାରମ୍ବାର ବିରତ ରହୁଛି। ଯେତେବେଳେ ବିଶ୍ୱର ୧୪୧ ଦେଶ ମସ୍କୋକୁ ଦଣ୍ଡିତ କରିବା ସପକ୍ଷରେ ରହିଛନ୍ତି, ସେତେବେଳେ ଭାରତର ନୀରବତା ଭବିଷ୍ୟତରେ କେଉଁ ପ୍ରକାର ସମସ୍ୟା ସୃଷ୍ଟି କରିବ ଏବେ ବୁଝିବା କଷ୍ଟକର। ଏଭଳି ସ୍ଥଳେ ଯଦି ୟୁକ୍ରେନ୍‌ର ପତନ ଘଟେ ଓ ରୁଷିଆ ଯୁଦ୍ଧ ଜିତିଯାଏ ତେବେ ଚାଇନା ସମାନ ଧରଣର ଆକ୍ରମଣ ତାଇୱାନ୍ ଓ ସମ୍ଭବତଃ ଭାରତ ଉପରେ କରିବାକୁ ସାହସ ପାଇଯାଇପାରେ। ଉଲ୍ଲେଖଯୋଗ୍ୟ ଯେ, ଭାରତ ଓ ଚାଇନା ସୀମାନ୍ତ ବିବାଦ ଦୀର୍ଘବର୍ଷ ଧରି ଲାଗିରହିଛି ଏବଂ ନିକଟ ଅତୀତକୁ ଦେଖିଲେ ଜୁନ୍ ୨୦୨୦ରେ ଗଲୱାନ ଠାରେ ୨୦ ଯବାନ ନିହତ ହେବା ତାହାର ପ୍ରମାଣ ଦେଉଛି। ଇଣ୍ଡୋ-ପ୍ୟାସିଫିକ୍ ବା ଭାରତ-ପ୍ରଶାନ୍ତ ମହାସାଗରୀୟ କ୍ଷେତ୍ରରେ ଚାଇନାର ଆଧିପତ୍ୟକୁ ହ୍ରାସ କରିବା ଲାଗି ଏକଦା ଗଢ଼ିଉଠିଥିବା କ୍ୱାଡ୍ ମଧ୍ୟରେ ଯେଉଁ ମତଭେଦ ଏବେ ଦେଖାଦେଉଛି ତାହାକୁ ଅତି ପାଖରୁ ଦେଖୁଛି ଚାଇନା। ଏହା ସ୍ପଷ୍ଟ ଯେ, ୟୁକ୍ରେନ୍ ଉପରେ ରୁଷିଆ କେତେମାତ୍ରାରେ ଉନ୍ମତ୍ତ ହେଉଛି, ତାହାକୁ ମଧ୍ୟ ବେଜିଂ ପକ୍ଷରୁ ନଜର ରଖାଯାଉଛି। ଯୁଦ୍ଧ ବିଧ୍ୱସ୍ତ ୟୁକ୍ରେନ୍‌ର ମାନବୀୟ ସଙ୍କଟକୁ ନେଇ କ୍ୱାଡ୍ କେବଳ ଦୁଃଖ ପ୍ରକାଶରେ କାମ ସାରି ଦେଉଥିବାରୁ ତାହା ଭାରତୀୟ କୂଟନୀତିରେ ଖରାପ ଧାରା ସୃଷ୍ଟି କରିଛି। ବର୍ତ୍ତମାନ ସ୍ଥିତିରେ ରୁଷିଆର ଗତିରୋଧ କରିବାକୁ ଆମେରିକା ଓ ଅନ୍ୟମାନେ ଯେଉଁ ଉପାୟ ବାଟ ଯାଉଛନ୍ତି ତାହା ଉପରେ ମଧ୍ୟ ଚାଇନା ନଜର ରଖିଛି।

ୟୁପିଏର ଦଶ ବର୍ଷ ଏବଂ ଏବେ ମୋଦି ସରକାରଙ୍କ ଦ୍ୱିତୀୟ ପାଳିରେ ଭାରତର ପୁରୁଣା ଗୋଷ୍ଠୀ ନିରପେକ୍ଷ ଅନ୍ତର୍ଜାତୀୟ ରାଜନୀତିକୁ ସରକାରୀ ନୀତିଠାରୁ ଦୂରେଇ ଦିଆଯାଇଛି। ଏହାଫଳରେ ଭାରତ ସହ ଏବେ ଅନ୍ୟ କୌଣସି ଦେଶ ସହଯୋଗୀ ଭାବେ ଏକ ସ୍ୱରରେ କହିବା ପାଇଁ ନାହାନ୍ତି। ଅର୍ଥାତ୍ ଅନ୍ତର୍ଜାତୀୟ ମଞ୍ଚରେ ଭାରତ ତା'ର କୂଟନୀତିକୁ ଅତ୍ୟନ୍ତ ସଜାଗ ହୋଇ ପରିଚାଳନା କରିବା ଦରକାର। ନୂଆଦିଲ୍ଲୀର ଅମଲାତାନ୍ତ୍ରିକ କୂଟନୀତି ଏବେ ମଧ୍ୟ ପୁଟିନ୍‌ଙ୍କ ରୁଷିଆକୁ ପୂର୍ବର କମ୍ୟୁନିଷ୍ଟ ସୋଭିଏତ୍ ରୁଷିଆ ଭାବୁଥିବା ଭଳି ଧାରଣା ସୃଷ୍ଟି ହେଉଛି। ଏହା ଏକ ବିରାଟ ତ୍ରୁଟି। ପୁଟିନ୍‌ଙ୍କ ଚିନ୍ତାଧାରାରେ ଆଜିର ରୁଷିଆ ପାଇଁ ୟୁରୋପର କିଛି ଦେଶକୁ ଜୋର୍ ଜବରଦସ୍ତ ଦଖଲ କରିନେବା ଏକ ଗୁରୁତ୍ୱପୂର୍ଣ୍ଣ ଲକ୍ଷ୍ୟ ହୋଇଗଲାଣି। ରୁଷିଆରୁ ବାହାରୁଥିବା ଅନେକ ଲେଖାରୁ ବୁଝାପଡୁଛି ଯେ, ସାମରିକ କାର୍ଯ୍ୟ ମାଧ୍ୟମରେ ଅର୍ଥନୈତିକ ଉନ୍ନତି ଘଟିପାରିବ। ଏହିଭଳି ଚିନ୍ତାଧାରା ହିଟ୍‌ଲରଙ୍କର ଥିଲା ବୋଲି ଦ୍ୱିତୀୟ ବିଶ୍ୱଯୁଦ୍ଧ ଆରମ୍ଭ ହୋଇପାରିଥିଲା। ଯୁଦ୍ଧ ସାମଗ୍ରୀ ପ୍ରସ୍ତୁତ କରୁଥିବା ଦେଶ ଅନେକ ଯୁବକଙ୍କୁ ଚାକିରି ଯୋଗାଇପାରିବ। ଏହା ମାଧ୍ୟମରେ ଅର୍ଥନୈତିକ ପରିବର୍ତ୍ତନ ନିଶ୍ଚିତ ଭାବେ ଘଟିଥାଏ। କିନ୍ତୁ ଏହାର ଅନ୍ୟ ଦିଗଟି ସମ୍ପୂର୍ଣ୍ଣ ଭାବେ ଧ୍ୱଂସମୁଖୀ ବୋଲି କୁହାଯାଇପାରିବ। ଅତ୍ୟଧିକ ପରିମାଣର ଯୁଦ୍ଧ ସାମଗ୍ରୀ ତିଆରି କରୁଥିବା ଦେଶ ସବୁବେଳେ ନିଜେ ଯୁଦ୍ଧ ଭିଆଇଥାଏ। ଆମେରିକା ଯଦି କୋରିଆ, ଭିଏତ୍‌ନାମ ଏବଂ ଆଫଗାନିସ୍ତାନରେ ଯୁଦ୍ଧ ଘଟାଇପାରିଥିଲା, ସେହିଭଳି ରୁଷିଆ ମଧ୍ୟ ସିରିଆ ଭଳି ଦେଶରେ ଯୁଦ୍ଧ ସୃଷ୍ଟି କରିପାରିଛି ଏବଂ ନିଜେ ୟୁକ୍ରେନ୍‌ରେ ଯୁଦ୍ଧ କଲାଣି। ଏଭଳି ପୃଷ୍ଠଭୂମିରେ ଭାରତର କୂଟନୀତି ଯେଉଁ ପଥରେ ଆଗେଇ ଯାଉଛି ସେଥିରୁ ମନେହେଉଛି ଯେ ଆମ ଦେଶ, ନିକଟ ଭବିଷ୍ୟତରେ, ଅନ୍ତର୍ଜାତୀୟ ସ୍ତରରେ ସମ୍ପୂର୍ଣ୍ଣ ବନ୍ଧୁହୀନ ହୋଇଯାଇପାରେ।



# ଶ୍ରେଣୀ ଶିକ୍ଷକର ବିଡ଼ମ୍ବନା

ଡ. ସୁବାସ ଚନ୍ଦ୍ର ପାତ୍ର

ଓଡ଼ିଶାରେ କାର୍ଯ୍ୟରତ ସବୁ ଶିକ୍ଷକ ଶ୍ରେଣୀ ଶିକ୍ଷକ ନୁହନ୍ତି। ଉଭୟ ଗଣଶିକ୍ଷା ଓ ଉଚ୍ଚଶିକ୍ଷା ବିଭାଗରେ ବିଭିନ୍ନ କିସମର ଶିକ୍ଷକ ଅଛନ୍ତି–ଯେମିତି ପ୍ରଶାସକ ଶିକ୍ଷକ, ସଂଗଠକ ଶିକ୍ଷକ, ନେତା ଶିକ୍ଷକ, ଗବେଷଣା ଶିକ୍ଷକ, ଗବେଷକ ଶିକ୍ଷକ, ପରୀକ୍ଷା ଶିକ୍ଷକ ଓ ଅଫିସ ଶିକ୍ଷକ ଇତ୍ୟାଦି। ଏମାନେ ପ୍ରାୟତଃ ପରଜୀବୀ ଏବଂ ବ୍ୟବସ୍ଥା ଦୃଷ୍ଟିରୁ ଦେଖିଲେ ଏମାନେ 'ଫ୍ୟାସିଲିଟେଟର' ଗୋଷ୍ଠୀର। ହୁଏତ ଏମାନେ ବ୍ୟବସ୍ଥା ସହ ଜଡ଼ିତ କିଛି କାମକୁ ସୁଗମ କରିପାରନ୍ତି କିନ୍ତୁ ପ୍ରତ୍ୟକ୍ଷ ଶିକ୍ଷାଦାନ ସହ ଏମାନଙ୍କର ସମ୍ପର୍କ ନାହିଁ କହିଲେ ଚଳେ। ତେଣୁ ଏମାନଙ୍କୁ ଯେତେବେଳେ ପ୍ରତ୍ୟକ୍ଷ ଶିକ୍ଷାଦାନ କ୍ଷେତ୍ରକୁ ବଦଳି କରାଯାଏ, ଏମାନଙ୍କର ମୁଣ୍ଡ ଫାଟେ କାରଣ ବହୁ ଦିନରୁ ଏମାନେ ଚକ୍‌ଖଡ଼ି ଧରିବା ଛାଡ଼ି ଦେଇଛନ୍ତି ଏବଂ ବହି ସହ ଏକ 'ଶାନ୍ତିଚୁକ୍ତି' ସ୍ୱାକ୍ଷର କରିଛନ୍ତି। ଝାଳନାଳ ହୋଇ ଚକ୍‌ଗୁଣ୍ଡରେ ଗାଧୋଇ ଯିଏ ପାଠକୁ ବିଦ୍ୟାର୍ଥୀଙ୍କ ମସ୍ତିଷ୍କରେ ପ୍ରବେଶ କରେଇବା ସହ ଶିକ୍ଷାଦାନ ଓ ଶିକ୍ଷାଗ୍ରହଣ ପ୍ରକ୍ରିୟାକୁ ଏକ ଆନନ୍ଦଦାୟକ ଅନୁଭୂତିରେ ପରିଗଣିତ କରେ, ସେ ହିଁ ଶ୍ରେଣୀ ଶିକ୍ଷକ। ଦୁଃଖର କଥା, ଶ୍ରେଣୀ ଶିକ୍ଷକମାନଙ୍କ ସ୍ଥିତି ଆଜି ବିପର୍ଯ୍ୟସ୍ତ। ଶିକ୍ଷାଦାନ ଭଳି ଏକ ମହତ୍‌କାର୍ଯ୍ୟ, ସେମାନଙ୍କୁ ସମ୍ମାନ ଦେବା ପରିବର୍ତ୍ତେ କେତେବେଳେ କେତେବେଳେ ସେମାନଙ୍କୁ ଅପମାନ ମୁଖକୁ ଠେଲି ଦେଉଛି। ବ୍ୟବସ୍ଥାଗତ କେତେକ ଅନିବାର୍ଯ୍ୟ କାରଣ ଯୋଗୁ ସେମାନେ ଛାତ୍ରୀଛାତ୍ରଙ୍କ ଆଗରେ କେତେବେଳେ କ୍ଷମାପ୍ରାର୍ଥୀ ହେଉଛନ୍ତି ତ ଆଉ କେତେବେଳେ ସେମାନେ ଛାତ୍ରୀଛାତ୍ରଙ୍କ ଆଖିରେ ଗଳି ପଡୁଛନ୍ତି। ସେମିତି କିଛି କାରଣ ଉପରେ ଆଖି ପକାଯାଇପାରେ।

ଗୋଟିଏ ଶ୍ରେଣୀର ଗଠନ, ଶିକ୍ଷାଦାନ ଉପରେ ପ୍ରଭାବ ପକାଏ। ସତୁରି ଦଶକ ପର୍ଯ୍ୟନ୍ତ ସ୍କୁଲ ବା କଲେଜର କୌଣସି ଏକ ଶ୍ରେଣୀର ଛାତ୍ରୀଛାତ୍ରମାନଙ୍କ ହାରାହାରି ମେଧାସ୍ତର ବେଶ୍ ଗ୍ରହଣୀୟ ଥିଲା। ତା'ର କାରଣ, ଟିଉସନର ଅନୁପସ୍ଥିତି, କମ୍ ଛାତ୍ରୀଛାତ୍ରଙ୍କ ଶ୍ରେଣୀରେ ଭର୍ତ୍ତିହେବା, ଛାତ୍ରୀଛାତ୍ରଙ୍କ ଅଭିଭାବକମାନଙ୍କର ଉଚ୍ଚଶିକ୍ଷାର ଅଭାବ। ଅର୍ଥାତ୍ ସ୍କୁଲ ବା କଲେଜକୁ ଯେତିକି ପିଲା ଆସୁଥିଲେ ସମସ୍ତଙ୍କ ପୃଷ୍ଠଭୂମି ପ୍ରାୟତଃ ସମାନ ଥିଲା। ୮୦ ଦଶକ ପରେ ବହୁ ଅନୁଷ୍ଠାନ ଖୋଲିଲା, ସମାଜର ଦୁର୍ବଳ ଶ୍ରେଣୀ ଅବା କେତେକ ଜାତି ଓ ଗୋଷ୍ଠୀର ପିଲା ଯେଉଁମାନେ ଆଗରୁ ସ୍କୁଲ କଲେଜ ଆସୁ ନ ଥିଲେ, ସେମାନେ ଶ୍ରେଣୀରେ ଭର୍ତ୍ତିହେଲେ। ତା' ଛଡ଼ା ଘରୋଇ ଟିଉସନ ବ୍ୟାପକ ଭାବରେ ପ୍ରଚଳିତ ହେବାକୁ ଲାଗିଲା ଏବଂ ଅଭିଭାବକମାନଙ୍କର ଶିକ୍ଷାସ୍ତର ଉନ୍ନୀତ ହେବା ଲକ୍ଷ୍ୟ କରାଗଲା। ଏହି ଘଟଣାସମୂହ ହାରାହାରି ମେଧାସ୍ତରକୁ ପ୍ରଭାବିତ କଲା ଏବଂ ଛାତ୍ର–ଛାତ୍ର ମଧ୍ୟରେ ଏକ ଭୟଙ୍କର ଅସମତା ପରିଲକ୍ଷିତ ହେଲା। ସବୁଠୁ ଭଲ ପଢୁଥିବା ପିଲା ଏବଂ ସବୁଠୁ ଦୁର୍ବଳତମ ପିଲା ମଧ୍ୟରେ ମେଧା–ବ୍ୟବଧାନ ଦିନକୁ ଦିନ ବଢ଼ିବାକୁ ଲାଗିଲା। ଏହା ଶ୍ରେଣୀ ଶିକ୍ଷାକୁ ମଧ୍ୟ ପ୍ରଭାବିତ କଲା। ଶ୍ରେଣୀ ଶିକ୍ଷକ ଏହି ବିଷୟରେ ସଚେତନ ଥିଲେ ବି, ବେଳେବେଳେ ଶ୍ରେଣୀକକ୍ଷରେ ସେ ଅସହାୟ ଅନୁଭବ କଲେ। ଏହି ଅସହାୟତା ବେଶି ଦେଖାଗଲା ଉଚ୍ଚ ମାଧ୍ୟମିକ ଓ କଲେଜ ସ୍ତରରେ। ଶିକ୍ଷକଜଣକ ଶ୍ରେଣୀକକ୍ଷରେ ପ୍ରବେଶ କରି ନିଜକୁ ପଚାରିଲା ସେ କାହାକୁ ଆଖିରେ ରଖି ପାଠ ପଢ଼ାଇବ ବେଶ୍ କିଛି ଭଲପିଲା ଯେଉଁମାନେ ଗୋଟିଏ ବିଷୟ ପାଇଁ ଏକାଧିକ ଟିଉସନ ପଢ଼ି ସେଇ ଦିନର ପାଠ୍ୟ ଠୁ ବହୁତ ଆଗକୁ ଗଲେଣି ନା ଶ୍ରେଣୀକକ୍ଷ ଉପରେ ସମ୍ପୂର୍ଣ୍ଣ ନିର୍ଭରଶୀଳ ତଥା ସାମାଜିକ, ଆର୍ଥିକ ଦୃଷ୍ଟିରୁ ଅନଗ୍ରସର ଢେର ପିଲା ଯେଉଁମାନେ ଏତେ ସବଳ କି ଏତେ ଦୁର୍ବଳ ନୁହନ୍ତି। ଦୁର୍ବଳ ପିଲାଙ୍କୁ ନଜର ରଖି ପାଠ ପଢ଼ାଇଲେ ସବଳ ପିଲାମାନେ ଝରକା ବାହାରକୁ ବା ଛାତକୁ ଅନେଇବେ, କାରଣ ଏ ପାଠ ତାଙ୍କ ଟିଉସନରେ ସରିଯାଇଛି, ତେଣୁ ଆଉ କିଛି ଜାଣିବାର ଅନୁସନ୍ଧିତ୍ସା ନାହିଁ। ଏଣେ ସବଳ ପିଲାଙ୍କୁ ଧ୍ୟାନ ଦେଲେ ଦୁର୍ବଳ ପିଲାମାନେ କ'ଣ ପଢ଼ାଯାଉଛି ଜାଣିପାରିବେ ନାହିଁ। ଏହାର ପ୍ରତିକାର ହେଉଛି ଦୁର୍ବଳ ପିଲାମାନଙ୍କୁ 'ରିମେଡିଆଲ କୋଚିଂ' ମାଧ୍ୟମରେ ଭଲପିଲାମାନଙ୍କ ସହ ସମକକ୍ଷ କରି ଉଭୟଙ୍କୁ ଗୋଟିଏ ସ୍ତରକୁ ଆଣିବା ଅବା ଅଳ୍ପସଂଖ୍ୟକ ପିଲାଙ୍କୁ ନେଇ ଶ୍ରେଣୀ ଗଠନ କରି ସମସ୍ତଙ୍କ ଶୈକ୍ଷିକ ସ୍ୱାର୍ଥ ପ୍ରତି ଧ୍ୟାନ ଦେବା। ଉଚ୍ଚମାଧ୍ୟମିକ ଓ କଲେଜ ସ୍ତରରେ ଯେହେତୁ ଗୋଟିଏ ଗୋଟିଏ ଶ୍ରେଣୀରେ ୧୫୦ରୁ ଊର୍ଦ୍ଧ୍ୱ ପିଲା ବସନ୍ତି, ସେଠି ସମସ୍ତ ମହନୀୟ ଉଦ୍ୟମ ସତ୍ତ୍ୱେ ସବୁପିଲାଙ୍କୁ ଜ୍ଞାନାଲୋକ ପ୍ରଦାନ କରିବା, ଏପରି କି ଜଣେ ସଫଳତମ ଶିକ୍ଷକ ପକ୍ଷରେ ସମ୍ଭବ ହୁଏ ନାହିଁ।

ଜଣେ ଶ୍ରେଣୀ ଶିକ୍ଷକଙ୍କ ସଫଳତା ନିର୍ଭର କରେ ସେ କେତେ ସଫଳ ଭାବରେ ପାଠ୍ୟପୁସ୍ତକ ଅବା ସିଲାବସର ଚାରିକାନ୍ଥ ବାହାରକୁ ଯାଇ ଆବଣ୍ଟିତ ପାଠ୍ୟକୁ ଆନ୍ତବିଷୟକ କରିପାରୁଛନ୍ତି। ଅର୍ଥାତ୍ ଜଣେ ବିଜ୍ଞାନ ଷ୍ଟ୍ରିମ୍‌ର ଶିକ୍ଷକ କେତେ ମାତ୍ରାରେ କଳା ଅବା ବାଣିଜ୍ୟ ବିଷୟକ ପାଠକୁ ଉଦାହରଣ ଛଳରେ ନିଜର ଶିକ୍ଷାଦାନ କ୍ଷେତ୍ରକୁ ଟାଣି ଆଣି ପାରୁଛନ୍ତି ଅବା ପାଠକୁ ବାହ୍ୟ ପୃଥିବୀ, ପ୍ରକୃତି, ଜନସମାଜ ସହିତ ସଂଶ୍ଳିଷ୍ଟ କରି ଦେଖେଇ ପାରୁଛନ୍ତି ଯେ ଶ୍ରେଣୀକକ୍ଷରେ ପଢ଼ା ଯାଉଥିବା ବା ବହିରେ ଲେଖା ଯାଇଥିବା ପାଠ, ବାହ୍ୟ ପୃଥିବୀରୁ ଆନୀତ ଅବା ତା' ସହ ଜଡ଼ିତ୍। ଅର୍ଥାତ୍ ଚକ୍କର କାଟି କାଟି ଫୁଲ ଉପରେ ପ୍ରଜାପତି ବସି ପଡ଼ିବା ଏବଂ ଚକ୍କର କାଟି ହେଲିକପ୍ଟର ଓହ୍ଲେଇବା ଭିତରେ ଏକ ସମାନ ତତ୍ତ୍ୱ ନିହିତ। ଦୁଃଖର କଥା କୋର୍ସ ସାରିବା ତାଡ଼ନାରେ ଅବା ଆସନ୍ନ ପରୀକ୍ଷାର ଚାବୁକ ମାଡ଼ରେ, ଶ୍ରେଣୀ ଶିକ୍ଷକଟିଏ ପାଠକୁ ଯେମିତି ବ୍ୟାପକ ଭଙ୍ଗୀରେ ପଢ଼େଇବାକୁ ଚାହୁଁଥାଏ, ତାକୁ ସେ ସୁଯୋଗ ମିଳେ ନାହିଁ। ଯନ୍ତ୍ରବତ୍ ଏକ ଏକ୍ସପ୍ରେସ ଟ୍ରେନ ପରି ସେ ଖାଲି ଦୌଡ଼ି ଚାଲେ। ପିଲାମାନଙ୍କ ବୋଧଗମ୍ୟତା ପ୍ରତି ଦୃଷ୍ଟି ଦେଇହୁଏ ନାହିଁ କି ପାଠକୁ ଉଭୟ ନିଜ ପାଇଁ ଏବଂ ଛାତ୍ରୀଛାତ୍ରଙ୍କ ଲାଗି ଏକ ଉପଭୋଗ୍ୟ ବସ୍ତୁ ହିସାବରେ ଉପସ୍ଥାପିତ କରିହୁଏ ନାହିଁ। କୋର୍ସ ସାରିବା, ଆଗାମୀ ପରୀକ୍ଷାର ପ୍ରଶ୍ନପତ୍ର ପ୍ରସ୍ତୁତ ହେଲାଭଳି ପାଠ ଅମଳ କରିଦେବା, ଶିକ୍ଷକମାନଙ୍କୁ ଖାଲି କର୍ତ୍ତବ୍ୟ ସମାପନ କରୁଥିବା ଏକ ଯନ୍ତ୍ର ରୂପରେ ଉପସ୍ଥାପନ କରେ ତାହା ନୁହେଁ, ବିଭିନ୍ନ ଅଣଶୈକ୍ଷିକ କର୍ମରେ ଶିକ୍ଷକମାନେ ଲିପ୍ତ ହେବାରୁ ସେମାନେ ସାଧାରଣତଃ 'ଧ୍ୟାନଚ୍ୟୁତ' ଅବା 'କକ୍ଷଚ୍ୟୁତ' ହୋଇଯାଆନ୍ତି; ଯାହା ସେମାନଙ୍କର ଶିକ୍ଷାଦାନର ଗୁଣବତ୍ତାକୁ ପ୍ରଭାବିତ କରେ। ଶିକ୍ଷାଦାନ ସମୟ ମଧ୍ୟରେ ବିଭିନ୍ନ ବୈଠକରେ ଯୋଗଦେବା, ବୈଠକ ଅଧାରୁ ଉଠିଆସି କ୍ଲାସନେଇ ପୁଣି ଯାଇ ବୈଠକରେ ବସି ପଡ଼ିବା; କ୍ଲାସ ପୂର୍ବରୁ ନିଜକୁ ପ୍ରସ୍ତୁତ କରିବା ପରିବର୍ତ୍ତେ କର୍ତ୍ତୃପକ୍ଷଙ୍କ ପ୍ରଦତ୍ତ ରିପୋର୍ଟ ଲେଖିବା; ବିଶ୍ୱବ୍ୟାଙ୍କ ପ୍ରତିନିଧିଦଳ ଅବା ୟୁଜିସି ସଦସ୍ୟଙ୍କ ଅନୁଷ୍ଠାନ ପରିଦର୍ଶନ ପାଇଁ କାଗଜପତ୍ର ପ୍ରସ୍ତୁତ କରିବାକୁ ଯାଇ ଶିକ୍ଷକମାନେ ସେମାନଙ୍କ ମୂଳକାର୍ଯ୍ୟଟିକୁ ଗୌଣ କରି ତୋଳନ୍ତି। ସେମାନଙ୍କୁ କୁହାଯାଇଥାଏ ଉପରଲିଖିତ କାର୍ଯ୍ୟଗୁଡ଼ିକ ବହୁତ ଗୁରୁତ୍ୱପୂର୍ଣ୍ଣ ବୋଲି! କହିବା ବାହୁଲ୍ୟ ଏହି ପ୍ରକାର କାମରେ ନିୟୋଜିତ ହୋଇ ଶିକ୍ଷକଟିଏ ସାଙ୍କେତିକ ଭାବରେ ଛାତ୍ରୀଛାତ୍ର ଆଗରେ କ୍ଷମାପ୍ରାର୍ଥୀ ହୁଏ, ନିଜ ବିବେକ ଆଗରେ ହାତଯୋଡ଼ି ଛିଡ଼ା ହୁଏ କାରଣ ସେ ଜାଣେ ଠିକ୍ ପାଠ ପଢ଼ା ହେଉନାହିଁ। ଶିକ୍ଷାଦାନ ନାମରେ ଗୁଣବତ୍ତା ରକ୍ଷା କରିବା ପରିବର୍ତ୍ତେ ସେ ଚତୁରତା ଅବଲମ୍ବନ କରୁଛନ୍ତି।

ଶ୍ରେଣୀ ଶିକ୍ଷା ଉଭୟ ଶିକ୍ଷକ ଓ ଛାତ୍ରୀଛାତ୍ରମାନଙ୍କ ପାଇଁ ଏକ ଆନନ୍ଦମୟ ଅନୁଭୂତି; ଟିକିଏ ଉନ୍ନୀତ ସ୍ତରରେ ଏହା ଏକ ଆଧ୍ୟାତ୍ମିକ ଅନୁଭୂତି ମଧ୍ୟ। ଜଣେ ଜ୍ଞାନୀ, ସଫଳ ଶିକ୍ଷକ କଠିନତମ ପାଠକୁ ସୁକୋମଳ କରି ତୋଳନ୍ତି ଏବଂ ଏକ ନିର୍ଦ୍ଦିଷ୍ଟ ଅବସ୍ଥାରେ ଶିକ୍ଷକ ଓ ଛାତ୍ର ଏକ ଭିନ୍ନ ସ୍ତରକୁ ଚାଲିଯାଆନ୍ତି। ଘଣ୍ଟା ବାଜିଲା ପରେ ଦୁହେଁ ପ୍ରକୃତିସ୍ଥ ହୁଅନ୍ତି, କିନ୍ତୁ ଏ ଅନୁଭୂତି ଉଭୟଙ୍କ ମଧ୍ୟରେ ତଥାପି ଅନୁରଣୀତ ହଉଥାଏ। ଶିକ୍ଷାଦାନର ତିନି ପର୍ଯ୍ୟାୟ–କ୍ଲାସପୂର୍ବ, କ୍ଲାସ ଭିତର ଏବଂ କ୍ଲାସପରର ସୁଖଦ ଅନୁଭୂତିରୁ ଶ୍ରେଣୀଶିକ୍ଷକଟି ଆଜି ବଞ୍ଚିତ। କୋର୍ସ ସାରିବାକୁ ଏବଂ ପରୀକ୍ଷାରେ ପିଲା କେମିତି ବେଶି ନମ୍ବର ରଖିବେ, ସେ 'ବ୍ୟବସ୍ଥା' କରିବାକୁ ତାଙ୍କୁ କୁହାଯାଇଛି।

**ପୂର୍ବତନ ଅଧ୍ୟକ୍ଷ, ଜେଲ ରୋଡ୍, ବାଲେଶ୍ୱର**
**ମୋ :୯୪୩୭୩୭୬୨୧୯**



# ବୃହତ୍ ସ୍ୱାସ୍ଥ୍ୟଗତ ବିପଦ

ଡା. ପ୍ରଫୁଲ୍ଲ କୁମାର ଦାସ

## ଧୂମପାନ ନିଷେଧ ଦିବସ ଉପଲକ୍ଷେ

୧୯୮୪ରୁ ପ୍ରତି ବର୍ଷ ମାର୍ଚ୍ଚ ଦ୍ୱିତୀୟ ବୁଧବାର ଦିନ ବିଶ୍ୱସ୍ତରରେ ପାଳିତ ହେଉଛି ଧୂମପାନ ନିଷେଧ ଦିବସ। ଧୂମପାନର ଭୟାବହତା ସମ୍ପର୍କରେ ସବୁ ସ୍ତରରେ ଜନସଚେତନତା ସୃଷ୍ଟି କରିବା, ଏହି ଦିବସ ପାଳନର ଲକ୍ଷ୍ୟ। ଏଠାରେ ଧୂମପାନ କହିଲେ ମୁଖ୍ୟତଃ ବିଡ଼ି, ସିଗାରେଟ ସେବନକୁ ବୁଝାଏ। ମଣିଷର ଧୂମପାନ ବଦଭ୍ୟାସ ବେଶ୍ ପୁରୁଣା। ଖ୍ରୀଷ୍ଟପୂର୍ବ ୫୦୦୦ରେ ମଣିଷ ଧୂମପାନ କରୁଥିବାର ପ୍ରମାଣ ମିଳେ। ତେବେ ଏକଦା ଏହା ଧାର୍ମିକ ଉତ୍ସବ ଅନୁଷ୍ଠାନ ସହ ସଂପୃକ୍ତ ଥିଲା। ୟୁରୋପୀୟମାନେ ଆମେରିକା ଭୂଖଣ୍ଡରେ ପାଦ ଦେବା ପରେ ତଥା ଧୂଆଁପତ୍ରର ବ୍ୟାପକ ଉତ୍ପାଦନ ସହ ଏହା କ୍ରମଶଃ ଏକ ସାମାଜିକ ବ୍ୟାଧିରେ ପରିଣତ ହୋଇଥିଲା। ଧୂମପାନ ଏକାଧିକ ପ୍ରକାରର କର୍କଟ, ହୃଦ୍‌ରୋଗ, ନପୁଂସକତା, ଜନ୍ମଗତ ତ୍ରୁଟି ଆଦିର ମୁଖ୍ୟ କାରଣ।

ଧୂମପାୟୀମାନଙ୍କୁ ସେମାନଙ୍କ ଏ ଅଭ୍ୟାସରୁ ବିରତ ରଖିବା ଲାଗି ଇତିମଧ୍ୟରେ କେନ୍ଦ୍ର ସରକାର ଯେଉଁ ନୂତନ ନିୟମଟିର ପ୍ରଚଳନ କରିଛନ୍ତି ତାହା ସିଗାରେଟ ତିଆରି କରୁଥିବା କମ୍ପାନୀମାନଙ୍କ ଲାଗି ଗ୍ରହଣଯୋଗ୍ୟ ହୋଇପାରିନାହିଁ। ସରକାରଙ୍କ ନୂଆ ନିୟମ ଅନୁସାରେ ଏକ ସିଗାରେଟ ପ୍ୟାକେଟର ୮୫ ପ୍ରତିଶତ ସ୍ଥାନରେ ଧୂମପାନର ବିପଦକୁ ସୂଚାଉ ଥିବା ଚିତ୍ର ରହିବା ବାଧ୍ୟତାମୂଳକ। ଏଭଳି ହେଲେ ସିଗାରେଟ ଟାଣୁଥିବା ଲୋକଙ୍କ ଭିତରେ ଅନେକେ ଧୂମପାନରୁ ବିରତ ରହିପାରନ୍ତି ବୋଲି ଆଶା କରାଯାଉଛି। କିନ୍ତୁ ସିଗାରେଟ ପ୍ରସ୍ତୁତକାରୀ କମ୍ପାନୀଗୁଡ଼ିକର କହିବା କଥା ହେଲା ଏ ମାମଲା ଅଦାଲତରେ ଥିବାରୁ ଏବଂ ଏକ ସଂସଦୀୟ କମିଟିରେ ବିଚାରାଧୀନ ଥିବାରୁ ଏ ନିୟମ ନେଇ ସ୍ପଷ୍ଟତା ନାହିଁ। ତେଣୁ ସେମାନେ ଏହାକୁ ଗ୍ରହଣ କରିବାକୁ ଅସମର୍ଥ। ଗଲା ବର୍ଷ ସେପ୍ଟେମ୍ବର ୨୪ରେ ସରକାରଙ୍କ ପକ୍ଷରୁ କୁହାଯାଇଥିଲା ଯେ ଏପ୍ରିଲ ୧, ୨୦୧୬ରୁ ଏ ନୂଆ ନିୟମ କଡ଼ାକଡ଼ି ଲାଗୁହୋଇଛି। କିନ୍ତୁ ଏହାକୁ ଆପାତତଃ ଗ୍ରହଣ ନକରି ଭାରତର ଅନ୍ୟତମ ସର୍ବବୃହତ୍ ସିଗାରେଟ ପ୍ରସ୍ତୁତକାରୀ କମ୍ପାନୀର କାରଖାନା ଇତିମଧ୍ୟରେ ବନ୍ଦ ହୋଇଯାଇଛି। ସିଗାରେଟ କମ୍ପାନୀଗୁଡ଼ିକର ଏଭଳି ଆଭିମୁଖ୍ୟ ପଛରେ ଥିବା କାରଣ ସଂପର୍କରେ ସେମାନେ ଯାହା ସଫେଇ ଦିଅନ୍ତୁ ନା କାହିଁକି, ଏହା ସ୍ପଷ୍ଟ ଭାବେ ବୁଝାପଡ଼େ ଯେ ଏ ନୂଆ ନିୟମକୁ ମାନିଲେ ସେମାନେ ଗ୍ରାହକମାନଙ୍କୁ ହରାଇବାର ଯଥେଷ୍ଟ ଆଶଙ୍କା ନେଇ ସଂତ୍ରସ୍ତ। ଏବେ ଦେଖାଗଲାଣି ଯେ ଧୂମପାନର କ୍ଷତି ବାବଦରେ ସଚେତନତାର ପ୍ରସାର ହେତୁ ଏବଂ ଲୋକେ ଆପଣା ସ୍ୱାସ୍ଥ୍ୟ ପ୍ରତି ଅଧିକ ଯତ୍ନଶୀଳ ହେଉଥିବା କାରଣରୁ ଦେଶରେ ଧୂମପାନ କରୁଥିବା ଲୋକଙ୍କ ସଂଖ୍ୟାରେ ହ୍ରାସର ସୂଚନା ମିଳିଲାଣି। ଏକ ଅନୁଶୀଳନରୁ ଜଣାପଡ଼ିଛି ଯେ କିଶୋର ଏବଂ ତରୁଣ ବୟସରେ ଧୂମପାନ ପ୍ରତି ଆକର୍ଷିତ ହୋଇ ଏ ଅଭ୍ୟାସ ଆରମ୍ଭ କରିବା ହାରରେ ଯଦିଓ ହ୍ରାସ ଘଟି ନାହିଁ, କିନ୍ତୁ ବୟସ ବଢ଼ିବା ସହିତ ଏହାକୁ ଏକ ବଦ୍ଧମୂଳ ଅଭ୍ୟାସରେ ପରିଣତ କରୁଥିବା ବ୍ୟକ୍ତିଙ୍କ ସଂଖ୍ୟାରେ କ୍ରମାଗତ ହ୍ରାସ ଘଟି ଚାଲିଛି।

ଧୂମପାନ ସେବନରେ ମୁଖଗହ୍ୱର, ହୃତ୍‌ପିଣ୍ଡ, ଯକୃତ, ଫୁସ୍‌ଫୁସ୍, ଅଗ୍ନ୍ୟାଶୟ ଓ ଖାଦ୍ୟନଳୀ ଇତ୍ୟାଦି ଶରୀରର ଅଂଶଗୁଡ଼ିକ ରୋଗାକ୍ରାନ୍ତ ହୁଅନ୍ତି। ଉଚ୍ଚରକ୍ତଚାପ, ହୃଦ୍‌ଘାତ, ପକ୍ଷାଘାତ, ଫୁସ୍‌ଫୁସ୍ କ୍ୟାନ୍‌ସର, ବୃକକ୍ କ୍ୟାନ୍‌ସର, ଖାଦ୍ୟନଳୀ କ୍ୟାନ୍‌ସର, ସ୍ୱରନଳୀର କ୍ୟାନ୍‌ସର ଓ ଅଗ୍ନ୍ୟାଶୟର କ୍ୟାନ୍‌ସର ଇତ୍ୟାଦି ଧୂମପାନ ସେବନ ଯୋଗୁ ହୋଇଥାଏ। ବେଶି ସଂଖ୍ୟାରେ ଅଧିକ ବର୍ଷ ଧୂମପାନ କଲେ ଏହି ରୋଗ ସବୁ ଦେଖାଯାଏ। ଯେଉଁମାନେ ଧୂମପାନ କରୁନାହାନ୍ତି କିନ୍ତୁ ପରିବେଶରେ ଧୂମପାନ ଦ୍ୱାରା ଆକ୍ରାନ୍ତ ହେଉଛନ୍ତି, ଯାହାକୁ କି ଦ୍ୱିତୀୟ ସ୍ତରର ଧୂମପାନ କୁହନ୍ତି ତାହା ମଧ୍ୟ ଶରୀର ପକ୍ଷେ କ୍ଷତିକାରକ। ଦ୍ୱିତୀୟସ୍ତର ଧୂମପାନ ହେଉଛି ସିଗାରେଟ୍‌ର ଧୂଆଁ ଓ ମନୁଷ୍ୟର ନିଃଶ୍ୱାସରେ ଛାଡୁଥିବା ଧୂଆଁର ମିଶ୍ରଣ। ଗର୍ଭବତୀ ମହିଳାମାନେ ଏହି ଦ୍ୱିତୀୟ ସ୍ତରର ଧୂମପାନ ଦ୍ୱାରା ବିଶେଷ ଭାବେ ଆକ୍ରାନ୍ତ ହୁଅନ୍ତି ଓ ଶିଶୁ ମୃତ୍ୟୁର ହାର ମଧ୍ୟ ତିନିଗୁଣ ବୃଦ୍ଧିପ୍ରାପ୍ତ ହୁଏ। ଧୂମପାନ ଦ୍ୱାରା ମନୁଷ୍ୟର ଆୟୁଷ ମଧ୍ୟ ଦଶ ପନ୍ଦର ବର୍ଷ କମିଯାଏ। ରକ୍ତ କ୍ୟାନ୍‌ସର, ଯକୃତ୍ କ୍ୟାନ୍‌ସର, ବୃହଦନ୍ତ୍ର କ୍ୟାନ୍‌ସର ଓ ପିତ୍ତକୋଷ କ୍ୟାନ୍‌ସରର ସଂଖ୍ୟା ଧୂମପାନ ବ୍ୟକ୍ତିଙ୍କଠାରେ ବେଶି ସଂଖ୍ୟାରେ ଦେଖାଯାଏ। ଧୂମପାନ ଦ୍ୱାରା କାର୍ବନ ମନୋକ୍ସାଇଡ, ସାଇନାଇଡ୍ ଓ ବେନ୍‌ଜୋପାଇରିନ୍ ଇତ୍ୟାଦି ରାସାୟନିକ ବସ୍ତୁ ଶରୀରକୁ ପ୍ରବେଶ କରି ବିଭିନ୍ନ ଅଙ୍ଗକୁ ଆକ୍ରାନ୍ତ କରନ୍ତି। ରକ୍ତ ଶିରା ପ୍ରଶିରା ସଙ୍କୁଚିତ ହୋଇ ବାରଜରସ୍ ରୋଗ ସୃଷ୍ଟି କରେ। ରକ୍ତରେ କୋଲେଷ୍ଟରଲ୍, ଫିବ୍ରିନୋଜେନ୍ ଇତ୍ୟାଦିର ଅଂଶ ବୃଦ୍ଧି ପାଇ ହୃଦ୍‌ଘାତ ହୁଏ। ହୁକା ସେବନ ମଧ୍ୟ ଧୂମପାନ ଭଳି କ୍ଷତିକାରକ। ଧୂମପାନ ଦ୍ୱାରା ଖାଦ୍ୟନଳୀ ଓ ପେଟରେ ଘାଆ ସୃଷ୍ଟି ହୁଏ।

ତେଣୁ ସିଗାରେଟ ପ୍ରସ୍ତୁତ କରୁଥିବା ଉଦ୍ୟୋଗ ଆଉ ଅଧିକ ଗ୍ରାହକ ହରାଇବା ସପକ୍ଷରେ ନାହିଁ। ସେଇ କାରଣରୁ ୨୦୧୪ର ନିୟମରେ ଅଣାଯାଇଥିବା ସଂଶୋଧନକୁ ସେମାନେ ସହଜରେ ମାନି ନେଇପାରୁନାହାନ୍ତି। କିନ୍ତୁ ଧୂମପାନ ଯେ ଏବେ ବି ଭାରତରେ ଏକ ସର୍ବବୃହତ୍ ସ୍ୱାସ୍ଥ୍ୟଗତ ବିପଦ ଏବଂ ମାରକ ହୋଇ ରହିଛି ଏହା ଦ୍ୱିଧାହୀନ ଭାବେ କୁହାଯାଇପାରେ। ଭାରତରେ ଏବେ ପ୍ରତି ବର୍ଷ ଏକ ନିୟୁତ ଲୋକ ଧୂମପାନଜନିତ ବ୍ୟାଧିରୁ ମୃତ୍ୟୁ ମୁଖରେ ପଡୁଛନ୍ତି। ସାରା ପୃଥିବୀରେ ଧୂମପାନ କାରଣରୁ ମୃତ୍ୟୁମୁଖରେ ପଡୁଥିବା ଲୋକ ସଂଖ୍ୟାର ଏହାର ଏକ ଷଷ୍ଠାଂଶ। ଯଦି ଏ ହାରରେ ବିରାମ ନ ଲାଗେ ତେବେ ୨୦୩୦ବେଳକୁ ଏହି କାରଣରୁ ମୃତ୍ୟୁ ଲାଭ କରୁଥିବା ଭାରତୀୟମାନଙ୍କ ସଂଖ୍ୟାରେ ୩୦ପ୍ରତିଶତ ବୃଦ୍ଧି ଘଟିବାର ଆଶଙ୍କା ଅଛି। ଏହା ସତ ଯେ ଧୂମପାନକୁ ନେଇ ହୋଇଥିବା ନୂଆ ନିୟମକୁ ସିଗାରେଟ କମ୍ପାନୀମାନେ ଏତେ ସହଜରେ ଗ୍ରହଣ କରିବେ ନାହିଁ। ତେବେ ସରକାର ଏ କ୍ଷେତ୍ରରେ ଗୋଟିଏ କାମ କରିପାରିବେ। ସିଗାରେଟ ଟାଣିବା ଦ୍ୱାରା ହେଉଥିବା ସ୍ୱାସ୍ଥ୍ୟଗତ କ୍ଷତିର ସଚିତ୍ର ସୂଚନାର ବହୁଳ ପ୍ରଚାର ବିଭିନ୍ନ ଗଣମାଧ୍ୟମ ଏବଂ ସୋସିଆଲ ମିଡ଼ିଆରେ କରି ଧୂମପାନ ରୋକିପାରିବେ। ବ୍ୟାପକ ଏବଂ ଲଗାତାର ପ୍ରଚାର ପ୍ରସାର ବଳରେ ପଲ୍‌ସ ପୋଲିଓ ଟିକାକରଣର ବାର୍ତ୍ତା ଯେମିତି ଜନମନ ଭିତରକୁ ଭେଦିଗଲା ସେମିତି ଧୂମପାନର କୁଫଳ ବାବଦ ସଚେତନତା ଯଦି ସାଧାରଣ ଲୋକ ମନକୁ ଭେଦିଯାଏ, ତେବେ ଅଧା ଲକ୍ଷ୍ୟ ହାସଲ ହେଲା ବୋଲି ବୁଝିବାକୁ ହେବ।

**କନ୍‌ସଲଟାଣ୍ଟ ରେଡିଓଲୋଜିଷ୍ଟ,**
**ଏମ୍‌ଆରଆଇ କେନ୍ଦ୍ର, ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡିକାଲ କଲେଜ, କଟକ,**
**ମୋ:୯୪୩୭୦୨୩୪୪୩**

## ଏଇ ଭାରତରେ

୪ ଦଶନ୍ଧି ଧରି ମ୍ୟାନଗ୍ରୋଭ ସଂରକ୍ଷଣରେ ଲାଗିଛନ୍ତି କେରଳର କନ୍ଦଲ ରଞ୍ଜନ। କନ୍ଦଲ ହେଉଛି ତାଙ୍କ ଡାକ ନାମ, ଯାହାର ଅର୍ଥ ହେଉଛି ମ୍ୟାନଗ୍ରୋଭ। ସେ କନ୍ନୁର ଜିଲାର ପାଖାପାଖି ନଦୀଅବବାହିକାରେ ଥିବା ମ୍ୟାନଗ୍ରୋଭର ସଂରକ୍ଷଣ କରିବା ସହ ଘରେ ଏକ ନର୍ସରି ଖୋଲିଛନ୍ତି। ଏଠାରେ ୫,୦୦୦ ମ୍ୟାନଗ୍ରୋଭ ଚାରା ଅଛି। ରଞ୍ଜନ ସକାଳୁ ନଦୀରୁ ମାଛ ଧରିବା ଲାଗି ତାଙ୍କ ବୋଟ୍ ନେଇ ବାହାରିଯାଆନ୍ତି। ଏହି ସମୟରେ ସେ ମ୍ୟାନଗ୍ରୋଭ ମଞ୍ଜି ସଂଗ୍ରହ କରି ଏଭଳି ନର୍ସରି କରିପାରିଛନ୍ତି। ମାଛ ଧରିବା ସମୟରେ ରଞ୍ଜନ ଚାରା ଲଗାଉଛନ୍ତି। ରୋପଣ କରୁଥିବା ଚାରାଗୁଡ଼ିକର ଯତ୍ନ ମଧ୍ୟ ନେଉଛନ୍ତି। ୪୦ ବର୍ଷ ହେବ ସେ ଗଛ ଲଗାଇ ଚାଲିଛନ୍ତି ଓ ଏବେ ତାଙ୍କ ବୟସ ୫୮ ଛୁଇଁଲାଣି। ନର୍ସରିରୁ ଲୋକମାନଙ୍କୁ ମାଗଣାରେ ସେ ଚାରା ଯୋଗାଇ ଦେଉଛନ୍ତି। ସ୍କୁଲ୍, କଲେଜ ଓ ବିଭିନ୍ନ ସଂସ୍ଥା ମଧ୍ୟ ତାଙ୍କଠାରୁ ଚାରା ନେଉଛନ୍ତି। ଚାରାର ଯତ୍ନ କିଭଳି ନିଆଯାଇପାରିବ ସେ ସମ୍ପର୍କରେ ରଞ୍ଜନ ଲୋକମାନଙ୍କୁ ବୁଝାଇ ଦିଅନ୍ତି। ମ୍ୟାନ୍‌ଗ୍ରୋଭରେ ୨୨ଟି ପ୍ରଜାତିର ଗଛ ରହିଥିଲା ଓ ଏବେ ବହୁ ସଂଖ୍ୟାରେ କମିବା ଲକ୍ଷ୍ୟ କରି ଏଗୁଡ଼ିକର ବଂଶ ରକ୍ଷା ଲାଗି ଏଭଳି ଅଭିଯାନ ଚଳାଇଛନ୍ତି ବୋଲି କହନ୍ତି ରଞ୍ଜନ। ସେ ମଧ୍ୟ କେରଳ ବନ ବିଭାଗ ଦ୍ୱାରା ମ୍ୟାନଗ୍ରୋଭ ବନୀକରଣ କାର୍ଯ୍ୟକ୍ରମରେ ମଧ୍ୟ ଭାଗ ନେଉଛନ୍ତି।

## ୨୫ ବର୍ଷ ତଳର ଧରିତ୍ରୀ

୯ ମାର୍ଚ୍ଚ ୧୯୯୭

- କଠୋରବାଦୀ ଖମେରରୁଜର ଗେରିଲାମାନେ ଜେଲରେ ଥିବା ୫୦୦ କଏଦୀଙ୍କୁ ଫାଶୀ ଦେଇ ହତ୍ୟା କରିଛନ୍ତି।
- ଜାତିଆଣ ଓ ଅନ୍ୟାନ୍ୟ ଅପରାଧମୂଳକ ହିଂସାକାଣ୍ଡରେ ଲିପ୍ତ ବ୍ୟକ୍ତିଙ୍କୁ ମୃତ୍ୟୁଦଣ୍ଡ ଦେବା ପାଇଁ ପାକିସ୍ତାନ ତାହାର ଆଇନରେ ପରିବର୍ତ୍ତନ କରି କଠୋର ବ୍ୟବସ୍ଥା ଗ୍ରହଣ କରିଛି।
- ମାଲଟା ନୌକା ଦୁର୍ଘଟଣାର ମୁଖ୍ୟ ଅଭିଯୁକ୍ତ ନବୀନ କୁମାରଙ୍କ ଅତିରିକ୍ତ ମୁଖ୍ୟ ଜୁଡିସିଆଲ ମାଜିଷ୍ଟ୍ରେଟ୍‌ଙ୍କ କୋର୍ଟରେ ଆତ୍ମସମର୍ପଣ।

## su | do | ku ସୁ–ଡୋ–କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| 1 | | | | | | | | |
| | 6 | | | | | | 8 | |
| | | 4 | | | 2 | | 9 | |
| 9 | 7 | | 2 | | 4 | | | |
| 5 | | 6 | | 1 | | | | |
| | | | | 3 | | | | 4 |
| | | | | | | | 7 | 6 |
| | | 8 | | | 9 | | 2 | 1 |
| | 2 | | | | 8 | 4 | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 3 | 7 | 2 | 1 | 5 | 8 | 4 | 6 | 9 |
| 5 | 9 | 1 | 7 | 6 | 4 | 8 | 3 | 2 |
| 6 | 8 | 4 | 9 | 2 | 3 | 5 | 1 | 7 |
| 2 | 5 | 7 | 3 | 8 | 9 | 6 | 4 | 1 |
| 1 | 4 | 8 | 2 | 7 | 6 | 9 | 5 | 3 |
| 9 | 3 | 6 | 4 | 1 | 5 | 7 | 2 | 8 |
| 4 | 2 | 5 | 8 | 3 | 7 | 1 | 9 | 6 |
| 7 | 6 | 3 | 5 | 9 | 1 | 2 | 8 | 4 |
| 8 | 1 | 9 | 6 | 4 | 2 | 3 | 7 | 5 |

ଗତକାଲିର ଉତ୍ତର

# ପାଠକ ଶ୍ରେଷ୍ଠ ବିଚାରକ

## ଶାନ୍ତି ଖୋଜାଚାଲିଛି

ମହାଶୟ,

ସାରା ବିଶ୍ୱକୁ ଅଶାନ୍ତି ରାକ୍ଷସ ଗ୍ରାସ କରିବସିଛି। ମଣିଷ, ପଶୁପକ୍ଷୀ ଓ ବୃକ୍ଷଲତା ସମସ୍ତେ ଏହା ପ୍ରଭାବରେ ଅଣନିଃଶ୍ୱାସୀ ହୋଇପଡ଼ିଲେଣି। ଚାରିଆଡେ ଯୁଦ୍ଧର ଆତଙ୍କ। ମହାଶକ୍ତି ଦୁର୍ବଳ ଦେଶକୁ ଆକ୍ରମଣ କରୁଛି। ଚାରିଆଡ଼େ ଶାନ୍ତି କାହିଁ, ଶାନ୍ତି କାହିଁ ବୋଲି ଚିତ୍କାର ଶୁଭୁଛି। ତେବେ ଶାନ୍ତି ଖୋଜିଲେ କ'ଣ ତାହା ଆପେ ହାତରେ ଧରାଦେବ। ବୁଝିବାକୁ ହେବ ଯେ, ଶାନ୍ତି ଗୋଟିଏ ଗଛର ଫଳ ନୁହେଁ କିମ୍ବା ଏହା ଦୋକାନ ବଜାରରେ ଉପଲବ୍ଧ ହେଉନାହିଁ। ପ୍ରକୃତପକ୍ଷେ ଶାନ୍ତି ପ୍ରତିଷ୍ଠା କରିବା ପାଇଁ ପ୍ରୟାସ ଆବଶ୍ୟକ। ଶାନ୍ତି ପାଇଁ ଏକାନ୍ତ ଆତ୍ମୀୟତା ଦରକାର। ଶାନ୍ତି ପ୍ରତ୍ୟେକ ବ୍ୟକ୍ତିଠାରୁ ସୃଷ୍ଟି ହୋଇଥାଏ। ଏହା ମଣିଷର ଆୟତ୍ତାଧୀନ। ମାତ୍ର ମଣିଷମାନଙ୍କର ହୀନ ଆଚରଣ ପାଇଁ ଶାନ୍ତି ହିଁ ଦୂରେଇଯାଇଛି। ମହାତ୍ମାମାନଙ୍କ ମତରେ ଶାନ୍ତି ପାଇଁ ମନୁଷ୍ୟ ମନରୁ କାମନା,ବାସନା ଓ ଏକଚ୍ଛତ୍ରବାଦ ନୀତି ପରିତ୍ୟାଗ କରିବା ଉଚିତ। ନିରାଡ଼ମ୍ବର, ଶୋଭନୀୟ ଓ ସାଧାରଣ ଜୀବନ ବିତାଇବାକୁ ଚେଷ୍ଟିତ ହେବାକୁ ପଡ଼ିବ। ଉପରୋକ୍ତ ନୀତି ବଳରେ ଜୀବନ ବିତାଇବା ସହ ମନରେ ଶାନ୍ତି ଖୋଜିବା ଦରକାର। ତା'ହେଲେ ଶାନ୍ତି ନିଶ୍ଚୟ ଉପଲବ୍ଧ ହୋଇପାରିବ ।

**–ମହେଶ୍ୱର ନାୟକ, ଦୋବନ୍ଧା, ଗୋଗୁଆ, କେନ୍ଦ୍ରାପଡ଼ା**

## ଚିରନ୍ତନୀ

ନିବିଡ଼ ଆଶ୍ଳେଷେ ଆଜି
ନିବିଡ଼ ଏ ଘନରାଜି
ଆବୋରିଛି ଆକାଶର ବକ୍ଷ,
ବ୍ୟଥିତ ଧରଣୀ ପରେ
ଏକା ମୁଁ ବେଦନାଭରେ
ନୀରବ ନିଶୂନ୍ୟ ମୋର କକ୍ଷ !
–(ଆଶ୍ଳେଷ ସ୍ୱର୍ଗ)

–କାଳିନ୍ଦୀ ଚରଣ ପାଣିଗ୍ରାହୀ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

**ସେନ୍‌ସେକ୍ସ ୫୮୧ ପଏଣ୍ଟ ବୃଦ୍ଧି**

**ନୂଆଦିଲ୍ଲୀ:** ଗତ ଦୁଇ ସପ୍ତାହ ହେବ ଶେୟାର ବଜାରରେ ବ୍ୟାପକ କ୍ଷତି ସାଙ୍ଗକୁ ନିବେଶରେ ମଧ ହ୍ରାସ ଘଟୁଥିଲା। ଫଳରେ ନିବେଶକମାନେ ଆଶା ଓ ଆଶଙ୍କା ମଧରେ ରହୁଥିଲେ। ମଙ୍ଗଳବାର ଶେୟାର ମାର୍କେଟର କାରବାର କିଛି ପରିମାଣରେ ବୃଦ୍ଧି ଘଟିବାରୁ ବଜାର ଶେୟାରରେ ଉତ୍ସାହ ପରିଲିକ୍ଷିତ ହୋଇଛି। ଫଳରେ ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜ୍ (ବିଏସ୍ଇ) ର ମିଡ୍ ଏବଂ ସ୍ମଲ୍ କ୍ୟାପ୍ ଇନ୍‌ଡେକ୍ସ ପ୍ରାୟ ୧% ବଢି ସେନ୍‌ସେକ୍ସରେ ୫୮୧.୩୪ ପଏଣ୍ଟ ଅର୍ଥାତ୍ ୧.୧୦% ବୃଦ୍ଧି ସହିତ ୫୩, ୪୨୪.୦୯ ଅଙ୍କରେ ବନ୍ଦ ହୋଇଛି। ସେହିପରି ନିଫ୍ଟି ୫୦ରେ ୧୫୦.୩୦ ପଏଣ୍ଟ ଅର୍ଥାତ୍ ୦.୯୫% ବୃଦ୍ଧି ପାଇ ୧୬,୦୧୩.୪୫ ଅଙ୍କରେ କାରବାର ବନ୍ଦ କରିଛି।

# ରାଜଧାନୀରେ ବିଶ୍ୱ ମହିଳା ଦିବସ



ଓଡ଼ିଶାର ଉତ୍ସାହୀ ଓ କର୍ମଯୋଗୀ ମହିଳାଙ୍କ ସମ୍ମାନ ଉଦ୍ଦେଶ୍ୟରେ ନାବାର୍ଡ ପକ୍ଷରୁ ମଙ୍ଗଳବାର ଅନ୍ତର୍ଜାତୀୟ ମହିଳା ଦିବସ ଅବସରରେ ବିଭିନ୍ନ କ୍ଷେତ୍ରରେ ପରିବର୍ତ୍ତନକାରୀର ଭୂମିକା ନିର୍ବାହ କରିଥିବା ମହିଳାମାନଙ୍କୁ ସମ୍ମାନିତ କରାଯାଉଛି।



ଆମନ୍ତ୍ରିତ ଅତିଥିଙ୍କ ଗହଣରେ ଓଏଚ୍‌ପିସିର ମହିଳା ପଦାଧିକାରୀ ଓ କର୍ମଚାରୀମାନେ ଅନ୍ତର୍ଜାତୀୟ ମହିଳା ଦିବସ ପାଳନ କରୁଛନ୍ତି।




ପୂର୍ବତଟ ରେଳପଥର ମହିଳା କଲ୍ୟାଣ ସଂଗଠନ ପକ୍ଷରୁ ଏହାର ସମସ୍ତ ମହିଳା କର୍ମଚାରୀଙ୍କ ଅବଦାନ ଉଦ୍ଦେଶ୍ୟରେ ଅନ୍ତର୍ଜାତୀୟ ମହିଳା ଦିବସ ପାଳିତ।




ଅନ୍ତର୍ଜାତୀୟ ମହିଳା ଦିବସ ଅବସରରେ ପଞ୍ଜାବ ନ୍ୟାଶନାଲ ବ୍ୟାଙ୍କ (ପିଏନ୍‌ବି) ର ସମସ୍ତ ବରିଷ୍ଠ ଅଧିକାରୀଙ୍କ ଗହଣରେ ବିଭିନ୍ନ ମହିଳା କୈନ୍ଦ୍ରିକ ଯୋଜନାର ଶୁଭାରମ୍ଭ କରାଯାଉଛି।



ରୁଚି ଉଦ୍ୟୋଗର ନିର୍ଦ୍ଦେଶକ ଅରବିନ୍ଦ ସାହୁଙ୍କ ଅଧ୍ୟକ୍ଷତାରେ କମ୍ପାନୀର ସମସ୍ତ ମହିଳା କର୍ମଚାରୀଙ୍କ ଉପସ୍ଥିତିରେ ଅନ୍ତର୍ଜାତୀୟ ମହିଳା ଦିବସ ପାଳିତ ହୋଇଯାଇଛି।




ଏଏମ୍‌ଏନ୍‌ଏସ୍ ଇଣ୍ଡିଆର ମହିଳା କର୍ମଚାରୀଙ୍କୁ ଉତ୍ସାହିତ ଓ ସମ୍ମାନ ଜଣାଇ ଅନ୍ତର୍ଜାତୀୟ ମହିଳା ଦିବସ ପାଳିତ ହୋଇଯାଇଛି।

## ହୋଟେଲ ଉଦ୍ୟୋଗକୁ ଇନ୍‌ଫ୍ରାଷ୍ଟ୍ରକ୍ଟର ଷ୍ଟାଟସ୍ ଦେବାକୁ ଦାବି



ନୂଆଦିଲ୍ଲୀ, ୮।୩

ହୋଟେଲ ଆସୋସିଏଶନ୍ ଅଫ୍ ଇଣ୍ଡିଆର ଏକ୍‌ଜିକ୍ୟୁଟିଭ୍ କମିଟି ସଦସ୍ୟମାନଙ୍କ ମଧ୍ୟରେ ନିକଟରେ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ବୈଠକରେ କେନ୍ଦ୍ର ପର୍ଯ୍ୟଟନ ମନ୍ତ୍ରୀ ଜି. କିଶନ ରେଡ୍ଡୀ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଆସୋସିଏଶନର ବିଭିନ୍ନ ଦାବି ସମ୍ପର୍କରେ ଆଲୋଚନା କରିଥିଲେ। ଉକ୍ତ ବୈଠକରେ ହୋଟେଲ ଉଦ୍ୟୋଗକୁ ଇନ୍‌ଫ୍ରାଷ୍ଟ୍ରକ୍ଟର ଷ୍ଟାଟସ୍ ଦେବାକୁ ହୋଟେଲ ଆସୋସିଏଶନ୍ ଅଫ୍ ଇଣ୍ଡିଆ ପକ୍ଷରୁ ଦାବି କରାଯାଇଛି। ଏଥିସହିତ ପର୍ଯ୍ୟଟନ ମନ୍ତ୍ରଣାଳୟ ଏହି ପ୍ରସଙ୍ଗକୁ ବ୍ୟକ୍ତିଗତ ଭାବେ ଗ୍ରହଣ କରିବେ, ଯାହାଦ୍ୱାରା ଏହା ଆଗାମୀ ସଂସଦୀୟ ଅଧିବେଶନରେ ଉପସ୍ଥାପିତ ହୋଇପାରିବ ବୋଲି ସେମାନେ କହିଛନ୍ତି। ପର୍ଯ୍ୟଟନ ଉପରେ କାର୍ଯ୍ୟ କରୁଥିବା ପାର୍ଲାମେଣ୍ଟାରୀ ୱାର୍କିଂ ଗ୍ରୁପ୍ ପକ୍ଷରୁ ୧୨ତମ ପଞ୍ଚବାର୍ଷିକ ଯୋଜନା ପାଇଁ ଦେଇଥିବା ରିପୋର୍ଟରେ ଦେଶରେ ହୋଟେଲ୍ ରୁମ୍‌ର ବହୁମାତ୍ରାରେ ଅଭାବ ରହିଥିବା ଉଲ୍ଲେଖ କରାଯାଇଛି। ଏଥିସହିତ ହୋଟେଲ୍ ରୁମ୍ କ୍ଷମତାରେ ଉଲ୍ଲେଖନୀୟ ବୃଦ୍ଧି କରିବା ପାଇଁ ପରିବହନ, ପର୍ଯ୍ୟଟନ ଏବଂ ସଂସ୍କୃତି ପାଇଁ ଥିବା ପାର୍ଲାମେଣ୍ଟାରୀ ଷ୍ଟାଣ୍ଡିଂ କମିଟି ପକ୍ଷରୁ ପରାମର୍ଶ ଦିଆଯାଇଛି।

**ଫୁର୍‌ସତ୍**

# ସଚେତନତା ହିଁ ନିଦାନ



## ଧୂମପାନ ନିଷେଧ ଦିବସ

**ସ୍ୱା**ସ୍ଥ୍ୟ ହିଁ ସମ୍ପଦ। ତେବେ କେତେକ କାର୍ଯ୍ୟ ଦ୍ୱାରା ମଣିଷ ନିଜେ ସ୍ୱାସ୍ଥ୍ୟ ଭଳି ଦୁର୍ମୂଲ୍ୟ ସମ୍ପଦକୁ ଅଣଦେଖା କରିଥାଏ । ଅଜାଣତରେ କେତେକ କାର୍ଯ୍ୟ ଅଭ୍ୟାସଗତ ହେବା ଦ୍ୱାରା ଶରୀର ଅଶେଷ କ୍ଷତି ସାଧନ ହୋଇଥାଏ। ଧୂମପାନ ଶରୀରକୁ କ୍ଷତି ପହଞ୍ଚାଉଥିବା ଏକ କାର୍ଯ୍ୟ। ଏଥିରୁ ଦୂରେଇ ରହିବା ଲାଗି ସମସ୍ତଙ୍କ ମଧ୍ୟରେ ସଚେତନତା ସୃଷ୍ଟି ପାଇଁ ପ୍ରତିବର୍ଷ ମାର୍ଚ୍ଚ ମାସର ଦ୍ୱିତୀୟ ବୁଧବାରକୁ ଧୂମପାନ ନିଷେଧ ଦିବସ (ନୋ ସ୍ମୋକିଂ ଡେ) ଭାବେ ପାଳନ କରାଯାଇଥାଏ। ଚଳିତ ୨୦୨୨ ବର୍ଷରେ ଏହି ଦିବସ ମାର୍ଚ୍ଚ ୯ରେ ପାଳନ କରାଯାଉଛି। ୧୯୮୪ରେ ପ୍ରଥମ ଧୂମପାନ ନିଷେଧ ଦିବସ ପାଳନ କରାଯାଇଥିଲା। ଧୂମପାନକାରୀଙ୍କୁ ଏଭଳି ଅଭ୍ୟାସଗତ କାର୍ଯ୍ୟରୁ ଦୂରେଇ ରଖିବା ପାଇଁ ଏହି ଦିବସ ପାଳନ ଅବସରରେ ସଚେତନତାମୂଳକ ବହୁ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥାଏ । ଅନୁସନ୍ଧାନରୁ ଜଣାପଡିଛି ଯେ ଧୂମପାନକାରୀଙ୍କ ମଧ୍ୟରୁ ପ୍ରତି ୧୦ ଜଣରୁ ଜଣେ ଧୂମପାନ ଦିବସରେ ଅଭ୍ୟାସ ଛାଡ଼ିଥାନ୍ତି । ସମଗ୍ର ସମାଜକୁ ଧୂମପାନ ଭଳି ଅଭ୍ୟାସରୁ ଦୂରେଇ ରଖିବା ପାଇଁ ସରକାରୀ ତଥା ବେସରକାରୀସ୍ତରରେ ବିଭିନ୍ନ ଦେଶରେ ଏହି ଅବସରରେ କାର୍ଯ୍ୟକ୍ରମ ଆୟୋଜିତ ହୋଇଥାଏ।

## ତୁଷାର, ତ୍ରିବେଣୀଙ୍କ ନିର୍ବନ୍ଧ

**ମୁମ୍ବାଇ:** ଡ୍ୟାନ୍ସ କୋରିଓଗ୍ରାଫର ତୁଷାର କାଲିଆ ପ୍ରେମିକା ତ୍ରିବେଣୀ ବର୍ମନଙ୍କ ସହ ନିର୍ବନ୍ଧ କରିଛନ୍ତି। ଇନ୍‌ଷ୍ଟାଗ୍ରାମ ଆକାଉଣ୍ଟରେ ସେ ଉଭୟଙ୍କ ଏକ ରୋମାଣ୍ଟିକ ଫଟୋ ଶେୟାର କରି ଏନେଇ ସୂଚନା ଦେଇଛନ୍ତି। ଫଟୋଟି ଏବେ ଭାଇରାଲ ହେଉଥିବା ବେଳେ ପ୍ରଶଂସକ ତଥା ସାଥୀମାନେ ତାଙ୍କୁ ଶୁଭେଚ୍ଛା ଜଣାଉଛନ୍ତି। ବଲିଉଡ୍‌ର ଅନେକ ସୁପରହିଟ ଗୀତରେ ତୁଷାର ନାୟକମାନଙ୍କୁ ନୃତ୍ୟ ଶିଖାଇଛନ୍ତି। ଟେଲି ପରଦାରେ ସେ ଅନେକ ଶୋ'ରେ ବିଚାରପତି ଆସନ ଅଳଙ୍କୃତ କରିଛନ୍ତି। ସର୍ବଦା ତୁଷାରଙ୍କ ବ୍ୟକ୍ତିଗତ ଜୀବନ ବିଷୟରେ ଜାଣିବାକୁ ସମସ୍ତେ ଉତ୍କଣ୍ଠା ପ୍ରକାଶ କରିଥାନ୍ତି। ହେଲେ ସେ ସର୍ବଦା ନିରବ ରହିଥାନ୍ତି। ଏବେ ସେ ନିଜର ଜନ୍ମଦିନ ଅବସରରେ ପ୍ରଶଂସକଙ୍କୁ ବଡ଼ ଉପହାର ଦେଇଛନ୍ତି।

## ମହଙ୍ଗା ପଡ଼ିଲା ଜିରାଫକୁ ଖୁଆଇବା

**ନୂଆଦିଲ୍ଲୀ:** ଆଜିକାଲି ଲୋକଙ୍କ ମଧ୍ୟରେ ବନ୍ୟପ୍ରାଣୀଙ୍କ ପାଇଁ କ୍ରେଜ ଦ୍ରୁତ ଗତିରେ ବଢିବାରେ ଲାଗିଛି। ବନ୍ୟଜନ୍ତୁ ସହିତ ଜଡିତ ଅନେକ ଭିଡିଓ ସୋସିଆଲ ମିଡିଆରେ ବେଶ୍ ଭାଇରାଲ ହେଉଛି। ନିକଟରେ ଜଣେ ବାଳକ ଜିରାଫକୁ ଖାଇବାକୁ ଦେଉଥିବାର ଏକ ଭିଡିଓ ସାମ୍ନାକୁ ଆସିଛି। ତେବେ ଜିରାଫକୁ ଖାଦ୍ୟଦେବା ତାଙ୍କୁ ମହଙ୍ଗା ପଡ଼ିଛି। ସାଧାରଣତଃ ବନ୍ୟପ୍ରାଣୀଙ୍କୁ ଦେଖିବାକୁ ଏବଂ ସେମାନଙ୍କୁ ଖାଇବାକୁ ଦେବାକୁ ଲୋକଙ୍କ ମଧ୍ୟରେ ଉତ୍କଣ୍ଠା ଥାଏ। ବେଳେବେଳେ ସେମାନଙ୍କ ନିକଟକୁ ଯିବାବେଳେ ବିପଜ୍ଜନକ ଘଟଣା ଘଟିଥାଏ। ସଦ୍ୟ ଭାଇରାଲ ହେଉଥିବା ଭିଡିଓରେ ଏପରି ଘଟଣା ଦେଖିବାକୁ ମିଳିଛି। ଜଣେ ବାଳକ ଏନକ୍ଲୋଜରରେ ଠିଆ



ହୋଇଥିବା ଜିରାଫକୁ ଖାଇବାକୁ ଦେବା ପାଇଁ ଆସିଛନ୍ତି। ପାଖରେ ତାଙ୍କ ମାତାପିତା ମଧ ଅଛନ୍ତି। ପରେ ଜିରାଫ ପିଲାଟିର ଖାଦ୍ୟ ଖାଇବା ପାଇଁ ବେକକୁ ବଙ୍କା କରି ପାଟିରେ ନେବାକୁ ଚେଷ୍ଟା କରୁଛି। ଏହି ସମୟରେ ଖାଦ୍ୟ ବଦଳରେ ଜିରାଫ୍‌ଟି ପିଲାଟିକୁ ମଧ ଉଠାଇ ନେଉଥିବା ଭିଡିଓରେ ଦେଖାଯାଇଛି। ଏହା ଦେଖି ଶିଶୁର ମାତାପିତା ପିଲାକୁ କଳେବଳେ କୌଶଳେ ଜିରାଫଠାରୁ ଟାଣିଆଣିଥିଲେ। ଏହି ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହେବାରେ ଲାଗିଥିବାବେଳେ ପ୍ରାୟ ୩ ଲକ୍ଷରୁ ଅଧିକ ଲୋକ ଏହାକୁ ଦେଖିସାରିଲେଣି।

## ଶୋ' ଛାଡ଼ିଲେ ଆଦିତ୍ୟ



**ମୁମ୍ବାଇ:** ଜୀ ଟିଭି ଦ୍ୱାରା ପ୍ରସାରିତ ସିଙ୍ଗିଙ୍ଗ୍ ରିଆଲିଟି ଶୋ' 'ସାରେଗାମାପା' ଛାଡ଼ିଲେ ଆଦିତ୍ୟ ନାରାୟଣ। ଇନ୍‌ଷ୍ଟାଗ୍ରାମ ଜରିଆରେ ସେ ଏ ନେଇ ଘୋଷଣା କରିଛନ୍ତି। ସେ କହିଛନ୍ତି, ସେ ଆଉ ଏହି ଶୋ'କୁ ହୋଷ୍ଟ କରିବେ ନାହିଁ। ଦୀର୍ଘ ୧୫ ବର୍ଷ ଧରି ଶୋ'ର ଅଂଶ ଥିବା ଆଦିତ୍ୟ ଏହି ଅବସରରେ 'ସା।ରେ।ଗା।ମା।ପା।'ର କେତେକ ଫଟୋ ସହ ଏକ ନୋଟ୍ ମଧ ଲେଖିଛନ୍ତି। ଆଦିତ୍ୟଙ୍କ ସହ ଶୋ'ରେ ଜଜ୍ ହିମେଶ ରେଶମିୟା, ବିଶାଲ ଦଦଲାନୀ ଓ ଶଙ୍କର ମହାଦେବନ ମଧ ନଜରକୁ ଆସିଛନ୍ତି। ଶୋ' ଛାଡିବା ସମୟରେ ଆଦିତ୍ୟ ଲେଖିଛନ୍ତି, ଅତି ଦୁଃଖରେ କହୁଛି ଯେ ମୋତେ ପରିଚୟ ଦେଇଥିବା ଶୋ' ସାରେଗାମାପାର ହୋଷ୍ଟିଂ ଡ୍ୟୁଟିକୁ ମୁଁ ଛାଡୁଛି। ୧୮ ବର୍ଷର ଟିନ୍ ଏଜ୍‌ରୁ ଜଣେ ସ୍ୱାମୀ ଓ ଛୁଆର ବାପା ହେବା ପର୍ଯ୍ୟନ୍ତ ୧୫ ବର୍ଷ, ୯ ସିଜନ୍, ୫୦ ଏପିସୋଡ୍‌ର ସମୟ ହେ ମଞ୍ଚରେ ଅତିବାହିତ ହୋଇଛି। ଟିମ୍‌ର ସବୁ ସଦସ୍ୟଙ୍କୁ ଧନ୍ୟବାଦ। ଆଦିତ୍ୟ ଏହି ଖବର ଶେୟାର କରିବା ପରେ ସମସ୍ତେ ଆଶ୍ଚର୍ଯ୍ୟ ପ୍ରକାଟ କରିଛନ୍ତି। ଏକ ଇଣ୍ଟରଭ୍ୟୁରେ ଆଦିତ୍ୟ କହିଥିଲେ, ୨୦୨୨ ଇଣ୍ଡିଆନ ଟେଲିଭିଜନ୍‌ରେ ହୋଷ୍ଟ ଭାବେ ମୋର ଶେଷ ବର୍ଷ ହେବ। ଏହା ପରେ ମୁଁ ଆଉ ହୋଷ୍ଟ କରିବି ନାହିଁ। ଆଗକୁ ବଡ କାମ ଅଛି, କମିଟ୍‌ମେଣ୍ଟ କରି ସାରିଛି। ଏହା ଆଗକୁ ପୂରଣ କରିବାର ଅଛି।

**ମନେ ପଡ଼ନ୍ତି**

**ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**
(ପ୍ରଥମ ଶ୍ରାଦ୍ଧବାର୍ଷିକ ଉପଲକ୍ଷେ)



ଜୟ କୃଷ୍ଣ ପଟ୍ଟନାୟକ
(ଖଲିକୋଟ, ଗଞ୍ଜାମ)
(ସମେଇଗାଡିଆ, ଭୁବନେଶ୍ୱର)
ଆବିର୍ଭାବ- ୧୫।୦୩।୧୯୫୬
ତିରୋଧାନ- ୨୦।୦୩।୨୦୨୧ (ଶୁକ୍ଳ ସପ୍ତମୀ)
ଚାହୁଁ ଚାହୁଁ ଗୋଟିଏ ବର୍ଷ ବିତିଗଲା ସତ, କିନ୍ତୁ କାଲିପରି ଲାଗୁଛି । ଅସମୟରେ ଆମକୁ ନିଜ ସ୍ନେହ ଶ୍ରଦ୍ଧାରୁ ଦୂରେଇ ଆରପାରିକୁ ଚାଲିଗଲ । ଏବେ ବି ମନରେ କୋହ, ଆଖିରେ ଆଖିଏ ଲୁହ । ଭଗବାନଙ୍କ ପାଖରେ ଏତିକି ପ୍ରାର୍ଥନା ଯେଉଁଠି ଥାଅ ଭଲରେ ଥାଅ ।
-:ଶ୍ରଦ୍ଧାଞ୍ଜଳି ସହ:-
ପତ୍ନୀ- ସଞ୍ଜୁ, ଝିଅ- ଗୁଡୁଲୁ, ବଡଭାଇନା- ଯୋଗୀ, ସାନଭାଇମାନେ- ବିଜୟ, ଯୁଗଳ, ଚିଭ, ରବି, ଭଉଣୀ-ଝିଅ, ଭିଣେଇ- ସୁରେଶ, ବଡଭାଉଜ- ଜୟନ୍ତୀ, ଭାଇବୋହୂମାନେ- ବାସନ୍ତୀ, ମୁନି, ମାମି, ଅରୁଣା, ପରିବାର ବର୍ଗ ଓ ଆତ୍ମୀୟ ସ୍ୱଜନ ।
ଧ-୭୦୭୮୨

**ଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**



ଗୋପୀନାଥ ମହାପାତ୍ର
ନବକଳେବର ରୋଡ୍, ନୂଆସାହି, ପୁରୀ
ଆବିର୍ଭାବ- ୦୩।୦୨।୧୯୪୮
ତିରୋଧାନ- ୨୮।୦୨।୨୦୨୨
ଆପଣଙ୍କ ବିଦାୟଜନିତ ଶୂନ୍ୟସ୍ଥାନ ଚିର ଅପୂରଣୀୟ । ଆପଣଙ୍କ ସ୍ନେହ, ମମତା, ତ୍ୟାଗ, ଆଦର୍ଶ,ନିଷ୍କପଟ ଜୀବନଶୈଳୀ ସମସ୍ତଙ୍କୁ ଆପଣାର କରିବା ସର୍ବଦା ଅବିସ୍ମରଣୀୟ ରହିବ । ଆପଣଙ୍କ ଦିବଂଗତ ଆତ୍ମାର ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଶ୍ରୀଚରଣରେ ବିନମ୍ର ପ୍ରାର୍ଥନା ।
ଶୋକସନ୍ତପ୍ତ: ପରିବାର, ବନ୍ଧୁ ଏବଂ ସାଙ୍ଗସାଥୀବର୍ଗ ।
ଧ-୬୮୮୯୪

**IN LOVING MEMORY OF**



Manorama Mahapatra
20.08.1930 - 28.02.2022
You shall be in our hearts forever, and you shall always be remembered as a loving mother, a dedicated wife and an affectionate woman who was loved by one and all.
Deeply Mourned by:
Family & Relatives
ଧ-୨୩୩୪୫

**ଏକାଦଶାହ ଉପଲକ୍ଷେ ଶ୍ରଦ୍ଧାଞ୍ଜଳି**



ରବିନାରାୟଣ ସାହୁ
ଜଗନ୍ନାଥରୋଡ୍, ମୀନାବଜାର, ଢେଙ୍କାନାଳ ଟାଉନ
ଆବିର୍ଭାବ- ୩୧।୦୧।୧୯୪୪
ତିରୋଧାନ- ୨୭।୦୨।୨୦୨୨
ଆପଣଙ୍କ ସ୍ନେହ, ଶ୍ରଦ୍ଧା, କର୍ମପରାୟଣତା ସବୁଦିନ ପାଇଁ ଚିରସ୍ମରଣୀୟ ହୋଇରହିବ । ଆପଣଙ୍କ ଅମରାତ୍ମା ଶାନ୍ତି ଓ ସଦ୍‌ଗତି ଲାଭକରୁ, ଏତିକି ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ଆମର ପ୍ରାର୍ଥନା ।
ଶୋକସନ୍ତପ୍ତ: ବନ୍ଧୁ, ପରିବାରବର୍ଗ ଓ ଆତ୍ମୀୟସ୍ୱଜନ
ଧ-୭୦୩୮୫

ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୮ Press Regd. No. R.N. ORIORI/2011/36305 Postal Regd. No. BN/42/21-23. ରାୟଗଡ଼ା, ବୁଧବାର, ମାର୍ଚ୍ଚ ୯/୨୦୨୨ Rayagada, Wednesday, March 9/ 2022

# ଜର୍ମାନୀ ମହିଳା ଦଳ ପହଞ୍ଚିଲା, ପୁରୁଷ ମ୍ୟାଚ ସ୍ଥଗିତ

**ଭୁବନେଶ୍ୱର, ୮।୩ (କ୍ରୀଡ଼ା ପ୍ରତିନିଧି)**

ଚଳିତ ମାସ ୧୨ ଓ ୧୩ ତାରିଖରେ କଳିଙ୍ଗ ଷ୍ଟାଡିୟମରେ ହେବାକୁଥିବା ଏଫ୍‌ଆଇଏଚ୍ ପ୍ରୋ ଲିଗ୍ ହକି ମ୍ୟାଚ ଖେଳିବା ପାଇଁ ଜର୍ମାନୀ ମହିଳା ଦଳ ମଙ୍ଗଳବାର ଭୁବନେଶ୍ୱରରେ ପହଞ୍ଚିଛି। ତେବେ ପୁରୁଷ ହକି ମ୍ୟାଚକୁ ସ୍ଥଗିତ ରଖାଯାଇଛି। ଜର୍ମାନୀ ପୁରୁଷ ଦଳର ଅଧିକାଂଶ ଖେଳାଳି କୋଭିଡ-୧୯ରେ ସଂକ୍ରମିତ ହେବାରୁ ଏଫ୍‌ଆଇଏଚ୍ ପକ୍ଷରୁ ଏହି ନିଷ୍ପତ୍ତି ନିଆ ଯାଇଛି। ଅନ୍ତର୍ଜାତୀୟ ହକି ଫେଡେରେଶନ୍ (ଏଫ୍‌ଆଇଏଚ୍ ), ହକି ଇଣ୍ଡିଆ ଓ ହକି ଜର୍ମାନୀ ମିଶି ଏହାର ପରିବର୍ତ୍ତିତ ତାରିଖ ନିର୍ଦ୍ଧାରଣ କରିବେ। ତେବେ ମହିଳା ବିଭାଗ ମ୍ୟାଚ ନିର୍ଦ୍ଧାରିତ କାର୍ଯ୍ୟସୂଚୀ ଅନୁସାରେ ହେବ ବୋଲି ସ୍ପଷ୍ଟ କରାଯାଇଛି।

ପ୍ରକାଶଯୋଗ୍ୟ ଯେ, ଭାରତୀୟ ମହିଳା ହକି ଦଳ ଚଳିତ ସିଜନରେ ଚାଇନା ବିପକ୍ଷରେ ଡବଲ ବିଜୟ ସହ ଅଭିଯାନ ଆରମ୍ଭ କରିଥିଲା। ମସ୍କଟରେ ଅନୁଷ୍ଠିତ ପ୍ରଥମ ମ୍ୟାଚରେ ଭାରତ ୭-୧ ଓ ଦ୍ୱିତୀୟ ମ୍ୟାଚରେ ୨-୧ ଗୋଲରେ ବିଜୟୀ ହୋଇଥିଲା। କୋଭିଡ-୧୯ କଟକଣା ଯୋଗୁ ନେଦରଲାଣ୍ଡ୍ସ ଆସିବାକୁ ମନା କରିଦେବାରୁ ଫେବୃୟାରୀ ୧୯ ଓ ୨୦ ତାରିଖରେ କଳିଙ୍ଗ ଷ୍ଟାଡିୟମରେ ହେବାକୁଥିବା ମ୍ୟାଚ ସ୍ଥଗିତ ରହିଥିଲା। କଳିଙ୍ଗରେ ଅନୁଷ୍ଠିତ ସ୍ପେନ୍ ବିପକ୍ଷ ମ୍ୟାଚରୁ ଭାରତୀୟ ଦଳକୁ ମିଶ୍ରିତ ସଫଳତା ମିଳିଥିଲା। ଫେବୃୟାରୀ ୨୬ରେ ଅନୁଷ୍ଠିତ ପ୍ରଥମ ମ୍ୟାଚରେ ଭାରତ ୨-୧ ଗୋଲରେ ବିଜୟୀ ହୋଇଥିବାବେଳେ ୨୭ରେ ଅନୁଷ୍ଠିତ ଦ୍ୱିତୀୟ ମ୍ୟାଚରେ ସମାନ ପ୍ରତିଦ୍ୱନ୍ଦ୍ୱୀଠାରୁ ୩-୪ ଗୋଲରେ ହାରିଯାଇଥିଲା। ଅନ୍ୟପକ୍ଷରେ ଜର୍ମାନୀ ଗତବର୍ଷ ଅକ୍ଟୋବରରେ ବ୍ରୁସେଲ୍ସରେ ଅନୁଷ୍ଠିତ ୨ଟି ମ୍ୟାଚରେ ବେଲଜିୟମଠାରୁ ଯଥାକ୍ରମେ ୦-୧ ଓ ୧-୩ ଗୋଲରେ ପରାଜିତ ହୋଇଥିଲା। ତେଣୁ ଏହି ଦଳ ଗତ ଅକ୍ଟୋବର ପରେ ଏଠାରେ ପ୍ରଥମ ମ୍ୟାଚ୍ ଖେଳିବାକୁ ଯାଉଛି। ଜର୍ମାନୀ ଚଳିତ ସିଜନରେ ପ୍ରଥମ ବିଜୟ ସନ୍ଧାନରେ ଥିବାବେଳେ ଭାରତ ୬ ମ୍ୟାଚରୁ ୪ ବିଜୟ ଓ ୨ ପରାଜୟ ସହ ୧୨ ପଏଣ୍ଟ ପାଇ ଟେବୁଲରେ ନେଦରଲାଣ୍ଡ୍ସ (୧୬)ପଛକୁ ଦ୍ୱିତୀୟ ସ୍ଥାନରେ ରହିଛି।



ଏଫ୍‌ଆଇଏଚ୍ ପ୍ରୋ ଲିଗ୍ ଖେଳିବା ପାଇଁ ମଙ୍ଗଳବାର ଭୁବନେଶ୍ୱରରେ ପହଞ୍ଚିଥିବା ଜର୍ମାନୀ ମହିଳା ହକି ଦଳ।

**ଏଫ୍‌ଆଇଏଚ୍ ପ୍ରୋ ଲିଗ୍**

- ଜର୍ମାନୀ ପୁରୁଷ ଦଳର ଅଧିକାଂଶ ଖେଳାଳି କୋଭିଡ ସଂକ୍ରମିତ

"ଗତ ଅକ୍ଟୋବରରେ ଶେଷ ପ୍ରୋ ଲିଗ୍ ମ୍ୟାଚ ପରେ ମହିଳାମାନେ ବ୍ରେକ୍ ପାଇଥିଲେ। ଏହାପରେ ସେମାନେ କ୍ଲବ୍ ଗୁଡ଼ିକ ସହିତ ମିଶି ଇନ୍‌ଡୋର ସେସନ କଟାଇଥିଲେ। ଜର୍ମାନୀରେ ଏହା ଏକ ବଡ଼ ଇଭେଣ୍ଟ। ଆଗାମୀ ମ୍ୟାଚ ପାଇଁ ଆମେ ମାତ୍ର ଗୋଟିଏ କ୍ୟାମ୍ପ କରିଛୁ। ଏବେ ପ୍ରୋ ଲିଗ୍ ଖେଳିବା ପାଇଁ ଭାରତ ଆସିଥିବାରୁ ଜର୍ମାନୀ ଦଳକୁ ମୋଟିଭେଟ୍ କରାଇବା ସବୁଠାରୁ ବଡ଼ କାର୍ଯ୍ୟ'' ବୋଲି ମୁଖ୍ୟ କୋଚ୍ ଆକିମ୍ ବୁଚୋଚି ପ୍ରକାଶ କରିଛନ୍ତି। ଦୀର୍ଘବର୍ଷ ବ୍ୟବଧାନରେ ଜର୍ମାନୀ ମହିଳା ଦଳ ଭାରତରେ ମ୍ୟାଚ ଖେଳିବାକୁ ଯାଉଛି। କଳିଙ୍ଗ ଷ୍ଟାଡିୟମର ପରିବେଶ ଏବଂ ଭାରତ ବିପକ୍ଷରେ ମ୍ୟାଚ ଖେଳିବାକୁ ନେଇ ଆମ ମନରେ କୌତୂହଳ ରହିଛି। ଏଠାକୁ ଆସି ଆମେ ବହୁତ ଖୁସି ବୋଲି ସେ କହିଛନ୍ତି।

ଭାରତୀୟ ପୁରୁଷ ହକି ଦଳ ଏପର୍ଯ୍ୟନ୍ତ ମିଶ୍ରିତ ସଫଳତା ପାଇ ଆସିଛି। ପୋଚ୍‌ଫେଷ୍ଟ୍ରୁମଠାରେ ଦଳ ଫ୍ରାନ୍ସ ବିପକ୍ଷ ମ୍ୟାଚକୁ ୫-୦ରେ ଜିତି ଅଭିଯାନ ଆରମ୍ଭ କରିଥିଲା। ଏହାପରେ ଦଳ ଦକ୍ଷିଣ ଆଫ୍ରିକାକୁ ୧୦-୨ରେ ହରାଇଥିବାବେଳେ ଫ୍ରାନ୍ସଠାରୁ ୨-୫ ଗୋଲରେ ହାରିଯାଇଥିଲା। ପରବର୍ତ୍ତୀ ମ୍ୟାଚରେ ଦକ୍ଷିଣ ଆଫ୍ରିକାକୁ ୧୦-୨ ଗୋଲରେ ହରାଇ ସଫଳ ପ୍ରତ୍ୟାବର୍ତ୍ତନ କରିଥିଲା। କଳିଙ୍ଗ ଷ୍ଟାଡିୟମରେ ଫେବୃୟାରୀ ୨୬ରେ ଦଳ ସ୍ପେନ୍‌କୁ ୫-୪ ଗୋଲରେ ହରାଇଥିଲା ସତ, ମାତ୍ର ୨୭ ତାରିଖ ମ୍ୟାଚରେ ୩-୫ ଗୋଲରେ ସେହି ସ୍ପେନଠାରୁ ହାରିଯାଇଥିଲା। ଜର୍ମାନୀ ବିପକ୍ଷ ମ୍ୟାଚ ସ୍ଥଗିତ ରହିଥିବାବେଳେ ଦଳ କଳିଙ୍ଗରେ ଆର୍ଜେଣ୍ଟିନା ବିପକ୍ଷରେ ମାର୍ଚ୍ଚ ୧୯ ଓ ୨୦ ତାରିଖରେ ଖେଳିବା କାର୍ଯ୍ୟସୂଚୀ ରହିଛି। ଭାରତ ୪ ମ୍ୟାଚରୁ ୩ ବିଜୟ ଓ ୧ ପରାଜୟ ସହ ୯ ପଏଣ୍ଟ ପାଇ ଟେବୁଲରେ ଆର୍ଜେଣ୍ଟିନା (୧୨ ପଏଣ୍ଟ) ଓ ନେଦରଲାଣ୍ଡ୍ସ (୧୧)ପଛକୁ ତୃତୀୟ ସ୍ଥାନରେ ରହିଛି।

# ଅରୂପାନନ୍ଦ, ବୀରେନ୍ଦ୍ରଙ୍କୁ ଓସ୍‌ଜା ପୁରସ୍କାର

**ଭୁବନେଶ୍ୱର, ୮।୩ (କ୍ରୀଡ଼ା ପ୍ରତିନିଧି)**

ଚଳିତ ବର୍ଷର ଓସ୍‌ଜା (ଓଡ଼ିଶା ସ୍ପୋର୍ଟ୍ସ ଜର୍ନାଲିଷ୍ଟ ଆସୋସିଏଶନ) ବାର୍ଷିକ ପୁରସ୍କାର ପାଇବା ପାଇଁ ଓଡ଼ିଶା ବାସ୍କେଟବଲ କିମ୍ବଦନ୍ତୀ ଅରୂପାନନ୍ଦ ରାଉତରାୟ ଓ ଟୋକିଓ ଅଲିମ୍ପିକ୍ସରେ ବ୍ରୋଞ୍ଜ ପଦକ ଜିତିଥିବା ଭାରତୀୟ ପୁରୁଷ ହକି ଦଳର ସଦସ୍ୟ ବୀରେନ୍ଦ୍ର ଲାକ୍ରା ମନୋନୀତ ହୋଇଛନ୍ତି। ଅରୂପାନନ୍ଦଙ୍କୁ ଲାଇଫ ଟାଇମ ଆଚିଭ୍‌ମେଣ୍ଟ ଏବଂ ଅର୍ଜୁନ ବିଜେତା ବୀରେନ୍ଦ୍ରଙ୍କୁ ଶ୍ରେଷ୍ଠ କ୍ରୀଡ଼ାବିତ ପୁରସ୍କାର ପ୍ରଦାନ କରାଯିବ। ଚଳିତ ମାସ ୨୧ ତାରିଖ ଓସ୍‌ଜାର ସପ୍ତମ ପ୍ରତିଷ୍ଠା ଦିବସ ଅବସରରେ ଏହି ପୁରସ୍କାର ପ୍ରଦାନ କରାଯିବ ବୋଲି ଓସ୍‌ଜା ସଭାପତି ସନ୍ଦୀପ ମିଶ୍ର ପ୍ରକାଶ କରିଛନ୍ତି। ଓସଜାର ବରିଷ୍ଠ ସଦସ୍ୟ ସୁଶାନ୍ତ ମହାନ୍ତିଙ୍କ ଅଧ୍ୟକ୍ଷତାରେ ଗଠିତ ଚୟନ କମିଟି ୨୦୨୧ବର୍ଷ ପାଇଁ ବୀରେନ୍ଦ୍ର ଏବଂ ଅରୂପାନନ୍ଦଙ୍କୁ ମନୋନୀତ କରିଥିଲା। ଏହି ଦୁଇ କ୍ରୀଡ଼ା ବ୍ୟକ୍ତିତ୍ୱଙ୍କୁ ଟ୍ରଫି, ମାନପତ୍ର ଏବଂ ୨୫ହଜାର ଟଙ୍କା ଲେଖାଏ ଦିଆଯାଇ ସମ୍ମାନିତ କରାଯିବ।

ପ୍ରକାଶଯୋଗ୍ୟ ଯେ, ସିନିୟର ସ୍ତରରେ ଓଡ଼ିଶାର ପ୍ରଥମ ଅନ୍ତର୍ଜାତୀୟ ବାସ୍କେଟବଲ ଖେଳାଳି ହେଉଛନ୍ତି ଅରୂପାନନ୍ଦ। ନିଜ ଖେଳ ଜୀବନରେ ସେ ସର୍ଭିସେସ ଓ ଓଡ଼ିଶା ପକ୍ଷରୁ ପ୍ରତିନିଧିତ୍ୱ କରିଥିଲେ। ଏହା ବ୍ୟତୀତ ଭାରତୀୟ ସିନିୟର ଦଳର କୋଚ ଭାବେ ବି ସେ ଆନେକ ବର୍ଷ ଦାୟିତ୍ୱ ତୁଲାଇଛନ୍ତି। ସେହିପରି ୨୦୧୨ ଲଣ୍ଡନ ଏବଂ ୨୦୨୦ ଟୋକିଓ ଅଲିମ୍ପିକ୍ସରେ ଦେଶର ପ୍ରତିନିଧିତ୍ୱ କରିଥିବା ବୀରେନ୍ଦ୍ର ଭାରତର ଅନ୍ୟତମ ପ୍ରମୁଖ ଡିଫେଣ୍ଡର। ବିଗତ ବର୍ଷ ଗୁଡିକରେ ଭାରତୀୟ ହକି ଦଳର ସଫଳ ପ୍ରଦର୍ଶନରେ ଓଡ଼ିଶାର ଏହି ପ୍ରତିଭାଧାରୀଙ୍କ ବେଶ୍ ଯୋଗଦାନ ରହିଛି। ସ୍ପୋର୍ଟ୍ସ ଜର୍ନାଲିଷ୍ଟ ଫେଡେରେଶନ ଅଫ୍ ଇଣ୍ଡିଆ (ଏସ୍‌ଜେଏଫ୍‌ଆଇ) ସହ ଅନୁବନ୍ଧିତ ଓସ୍‌ଜା ୨୦୧୮ରୁ ବାର୍ଷିକ ପୁରସ୍କାର ପ୍ରଦାନ କରିଆସୁଛି। ପ୍ରଥମ ବର୍ଷ ହେପ୍ଟାଥଲନ୍ ତାରକା ପୂର୍ଣ୍ଣିମା ହେମ୍ବ୍ରମ ଓ ବର୍ଷୀୟାନ ଫୁଟବଲର ଦେବ ସିଂଙ୍କୁ ପୁରସ୍କୃତ କରାଯାଇଥିଲା। ପରେ ୨୦୧୯ରେ ହକି ତାରକା ଅମିତ ରୋହିଦାସ ଓ ଦ୍ରୋଣାଚାର୍ଯ୍ୟ ବିଜେତା ବକ୍ସିଂ କୋଚ ବ୍ରଜ ଭୂଷଣ ମହାନ୍ତି, ୨୦୨୦ରେ ପ୍ରମୋଦ ଭଗତ ଓ ପଞ୍ଚାନନ ଗନ୍ତାୟତ ଏବଂ ୨୦୨୧ରେ ଚେସ ଗ୍ରାଣ୍ଡ ମାଷ୍ଟର ସ୍ୱୟମ୍ଭ ମିଶ୍ର ଓ ଆଥଲେଟିକ୍ସ କୋଚ ଅରୁଣ ଦାସଙ୍କୁ ଓସ୍‌ଜା ବାର୍ଷିକ ସମ୍ମାନରେ ସମ୍ମାନିତ କରା ଯାଇଥିଲା।



ଅରୂପାନନ୍ଦ ରାଉତରାୟ



ବୀରେନ୍ଦ୍ର ଲାକ୍ରା

# ସିନ୍ଧୁ, ଶ୍ରୀକାନ୍ତ ଦ୍ୱିତୀୟ ରାଉଣ୍ଡରେ

**(ଜର୍ମାନୀ), ୮।୩ (ପି.ଟି.):** ଡବଲ ଅଲିମ୍ପିକ ପଦକ ବିଜୟିନୀ ପି. ଭି. ସିନ୍ଧୁ ଓ ବିଶ୍ୱ ଚାମ୍ପିୟନଶିପ୍ ରୌପ୍ୟ ବିଜେତା କିଡାମ୍ବି ଶ୍ରୀକାନ୍ତ ଜର୍ମାନ ଓପନ ସୁପର ୩୦୦ ବ୍ୟାଡ୍‌ମିଣ୍ଟନ ଟୁର୍ନାମେଣ୍ଟର ଦ୍ୱିତୀୟ ରାଉଣ୍ଡରେ ପ୍ରବେଶ କରିଛନ୍ତି। ପ୍ରଥମ ରାଉଣ୍ଡରେ ସିନ୍ଧୁ ୨୧-୮, ୨୧-୭ରେ ଥାଇଲାଣ୍ଡର ବୁସାନାନ ଅଙ୍ଗବାମ୍‌ରଙ୍ଗଫାମ୍‌ଙ୍କୁ ଏବଂ ଶ୍ରୀକାନ୍ତ ଫ୍ରାନ୍ସର ବ୍ରିସ୍ ଲେଭରେଜଙ୍କୁ ୨୧-୧୦, ୧୩-୨୧, ୨୧-୭ରେ ହରାଇ ଦେଇଛନ୍ତି।

# ପୋଲ୍‌ଭଲ୍ଟରେ ଡୁପ୍ଲାଣ୍ଟିସଙ୍କ ବିଶ୍ୱ ରେକର୍ଡ

**ବେଲ୍‌ଗ୍ରେଡ୍, ୮।୩ (ଏପି):** ଅଲିମ୍ପିକ ଚାମ୍ପିୟନ ମୋଣ୍ଡୋ ଡୁପ୍ଲାଣ୍ଟିସ ପୋଲ୍‌ଭଲ୍ଟରେ ତାଙ୍କ ନିଜ ବିଶ୍ୱ ରେକର୍ଡ ଭଙ୍ଗ କରିଛନ୍ତି। ବେଲଗ୍ରେଡ୍ ଇନ୍‌ଡୋର ମିଟିଂରେ ସେ ୬.୧୯ମିଟର କ୍ଲିଅର କରି ନୂଆ କୀର୍ତ୍ତିମାନ ଅର୍ଜନ କରିଛନ୍ତି। ଡୁପ୍ଲାଣ୍ଟିସ ୨୦୨୦ ଫେବୃୟାରୀରେ ଗ୍ଲାସ୍‌ଗୋ ଇନ୍‌ଡୋର ୬.୧୮ ମିଟର କ୍ଲିଅର କରି ରେକର୍ଡ ପ୍ରତିଷ୍ଠା କରିଥିଲେ। ସୁଇଡେନ୍‌ର ଏହି ଆଥ୍‌ଲେଟ କହିଛନ୍ତି, ସେ ଗତ ଦୁଇବର୍ଷ ହେଲା କଠିନ ପରିଶ୍ରମ କରି ଆସିଛନ୍ତି। ମଙ୍ଗଳବାର ପ୍ରଦର୍ଶନ ନେଇ ସେ ଖୁବ୍ ଆନନ୍ଦିତ। ଡୁପ୍ଲାଣ୍ଟିସ କହିଛନ୍ତି, ସେ ପ୍ରଥମ ଦୁଇ ପ୍ରଚେଷ୍ଟାରେ ୬.୧୯ ମିଟର କ୍ଲିଅର କରିପାରି ନ ଥିଲେ। ତୃତୀୟ ତଥା ଫାଇନାଲ ପ୍ରଚେଷ୍ଟାବେଳେ ତାଙ୍କର ଆଣ୍ଠୁ ବାର୍‌କୁ ସାମାନ୍ୟ ସ୍ପର୍ଶ କରିଥିଲା। ବାର୍ କିନ୍ତୁ ଖସି ନ ଯାଇ ଯଥାସ୍ଥାନରେ ରହିଥିଲା। ଲ୍ୟାଣ୍ଡିଂ ମ୍ୟାଟ୍‌ରେ ସେ ଖୁସି ଉଲ୍ଲସିତ ହୋଇ ପଡ଼ିଥିଲେ।



ମୋଣ୍ଡୋ ଡୁପ୍ଲାଣ୍ଟିସ

# ଅଷ୍ଟ୍ରେଲିଆ-ପାକିସ୍ତାନ ପ୍ରଥମ ଟେଷ୍ଟ ଡ୍ର

**ରାୱଲପିଣ୍ଡି, ୮।୩ (ଏପି)**

ଅଷ୍ଟ୍ରେଲିଆ ଓ ପାକିସ୍ତାନ ମଧ୍ୟରେ ପ୍ରଥମ କ୍ରିକେଟ ଟେଷ୍ଟ ମଙ୍ଗଳବାର ଡ୍ର' ଭାବେ ଶେଷ ହୋଇଛି। ଏହି ମ୍ୟାଚରେ ପାକିସ୍ତାନ ୪୭୬/୪ରେ ଏହାର ପ୍ରଥମ ଇନିଂସ ଘୋଷଣା କରିଥିଲା। ଜବାବରେ ସୋମବାର ଚତୁର୍ଥ ଦିନ ଖେଳ ଶେଷ ସୁଦ୍ଧା ୭ଉଇକେଟ ବିନିମୟରେ ୪୪୯ରନ କରିଥିବା ଅଷ୍ଟ୍ରେଲିଆ ମଙ୍ଗଳବାର ୪୫୯ରନରେ ଅଲଆଉଟ ହୋଇଯାଇଥିଲା। ପାକିସ୍ତାନ ଏହାର ଦ୍ୱିତୀୟ ଇନିଂସ ଖେଳିବାକୁ ଯାଇ ବିନା କୌଣସି ଉଇକେଟରେ ୨୫୨ ରନ କରିଥିଲା। ଅବଦୁଲ୍ଲା ସାଫିକ ୧୩୬ ଓ ଇମାମ ଉଲ୍ ହକ୍ ୧୧୧ରନ କରି ଅପରାଜିତ ରହିଥିଲେ। ଇମାମୁଲଙ୍କର ଏହା ହେଉଛି କ୍ରମାଗତ ଦ୍ୱିତୀୟ ଶତକ। ପ୍ରଥମ ଇନିଂସରେ ସେ ୧୫୭ ରନ କରିଥିଲେ। ସେ ପ୍ଲେୟାର ଅଫ୍ ଦି ମ୍ୟାଚ ବିବେଚିତ ହୋଇଛନ୍ତି। ଉଭୟ ଦଳ ମଧ୍ୟରେ ବୁଝାମଣା ଭିତ୍ତିରେ ମଙ୍ଗଳବାର ୫ମ ତଥା ଅନ୍ତିମ ଦିବସ ଖେଳ ଏକ ଘଣ୍ଟା ଆଗରୁ ଶେଷ କରାଯାଇଥିଲା। ଦୁଇ ଦଳ ମଧ୍ୟରେ ଦ୍ୱିତୀୟ ଟେଷ୍ଟ ଶନିବାରଠାରୁ କରାଚୀରେ ଓ ତୃତୀୟ ଟେଷ୍ଟ ଲାହୋରରେ ମାର୍ଚ୍ଚ ୨୧ରୁ ୨୫ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ।

**ସଂକ୍ଷିପ୍ତ ସ୍କୋର**

ପାକିସ୍ତାନ ପ୍ରଥମ ଇନିଂସ: ୪୭୬/୪ (ଘୋଷଣା)। ଅଷ୍ଟ୍ରେଲିଆ ପ୍ରଥମ ଇନିଂସ: ୪୫୯/ଅଲଆଉଟ। ପାକିସ୍ତାନ ଦ୍ୱିତୀୟ ଇନିଂସ: ୨୫୨/୦ (ଅବ୍‌ଦୁଲ୍ଲା ସାଫିକ୍-୧୩୬*, ଇମାମ-ଉଲ ହକ୍-୧୧୧*)।




# ରୟଙ୍କ ସ୍ଥାନରେ ଗୁର୍‌ବାଜଙ୍କୁ ନେଇପାରେ ଗୁଜରାଟ ଟାଇଟାନ୍ସ

**ନୂଆଦିଲ୍ଲୀ, ୮।୩ (ପି.ଟି.):** ଆଗାମୀ ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ୍) ଲାଗି ଗୁଜରାଟ ଟାଇଟାନ୍ସ ଆଫଗାନିସ୍ତାନର ବିସ୍ଫୋରକ ଓପନର ରହମୁଲ୍ଲା ଗୁରବାଜ୍‌ଙ୍କୁ ଦଳରେ ନେବା ଯଥେଷ୍ଟ ସମ୍ଭାବନା ରହିଛି। ଦୀର୍ଘଦିନ ଧରି ବବଲରେ ରହିବାକୁ ପସନ୍ଦ କରୁ ନ ଥିବାରୁ ରୟ ଆଇପିଏଲ୍‌ରୁ ଓହରିଯିବା ଲାଗି ନିଷ୍ପତ୍ତି ନେଇଛନ୍ତି। ଜଣେ ଓପନର ହିସାବରେ ଟି୨୦ରେ ଗୁର୍‌ବାଜଙ୍କ ଷ୍ଟ୍ରାଇକ୍‌ରେଟ୍ ୧୫୦ରୁ ଅଧିକ ରହିଛି। ସେ ଭଲ ଉଇକେଟକିପିଂ ମଧ୍ୟ କରିପାରନ୍ତି। ସେ ଏକାଧିକ ପ୍ରତିଭାର ଅଧିକାରୀ। ୨୦ ବର୍ଷୀୟ ଏହି କ୍ରିକେଟର ତାଙ୍କ କ୍ୟାରିୟରରେ ଏପର୍ଯ୍ୟନ୍ତ ଖେଳିଥିବା ୬୯ମ୍ୟାଚରେ ୧୧୩ ଛକା ଲଗାଇଛନ୍ତି। ସେ ଇତିମଧ୍ୟରେ ୯ ଅନ୍ତର୍ଜାତୀୟ ଦିନିକିଆ ଓ ୧୨ ଅନ୍ତର୍ଜାତୀୟ ଟି୨୦ ଖେଳି ସାରିଛନ୍ତି। ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ)ଠାରୁ ସବୁଜ ସଙ୍କେତ ପାଇବା କ୍ଷଣି ଗୁଜରାଟ ଟାଇଟାନ୍ସ ବିଧିବଦ୍ଧ ଭାବେ ଗୁର୍‌ବାଜଙ୍କ ନାମ ଘୋଷଣା କରିବ। ଗୁର୍‌ବାଜଙ୍କ ଯୋଗଦାନ ଦ୍ୱାରା ଆହୁରି ମଧ୍ୟ କିପିଂ ସମସ୍ୟା ସମାଧାନ ହୋଇପାରିବ। କାରଣ ମାଥ୍ୟୁ ୱେଡ୍ କେବଳ ଆଇପିଏଲ୍‌ର ଦ୍ୱିତୀୟ ସପ୍ତାହରେ ଉପଲବ୍ଧ ହେବେ। ତାଙ୍କ ଅନୁପସ୍ଥିତିରେ ଋଦ୍ଧିମାନ ଶାହା ଉଇକେଟକିପିଂ ଦାୟିତ୍ୱ ତୁଲାଇବେ, ଯାହାଙ୍କର ବର୍ତ୍ତମାନ ଟି୨୦ରେ ଭଲ ରେକର୍ଡ ନାହିଁ।

# ଜୁନିୟର ଡେଭିସ୍ କପ୍ ଦଳରେ ଓଡ଼ିଶାର ଦେବାଶିଷ

**ଭୁବନେଶ୍ୱର, ୮।୩ (କ୍ରୀଡ଼ା ପ୍ରତିନିଧି)**

ନୂଆଦିଲ୍ଲୀର ଆର.କେ. ଖାନ୍ନା ଟେନିସ ଷ୍ଟାଡିୟମରେ ଏପ୍ରିଲ ୧୧ରୁ ୧୬ ପର୍ଯ୍ୟନ୍ତ ୨୦୨୨ ଜୁନିୟର ଡେଭିସ୍ କପ୍ ଟେନିସ ଫାଇନାଲ କ୍ୱାଲିଫାଇଂ ଇଭେଣ୍ଟ ଅନୁଷ୍ଠିତ ହେବ। ଏଥିପାଇଁ ମଙ୍ଗଳବାର ଭାରତୀୟ ଦଳ ଘୋଷଣା କରାଯାଇଛି। ଏଥିରେ ଓଡ଼ିଶାର ଦେବାଶିଷ ସାହୁ ସ୍ଥାନ ପାଇଛନ୍ତି। ଦଳରେ ସ୍ଥାନ ପାଇଥିବା ଅନ୍ୟ ୨ ଖେଳାଳି ହେଲେ ରୁଶିଲ ଖୋସ୍‌ଲା ଓ ବଂଶ ନନ୍ଦଲ। ସାଜିଦ ଲୋଦିଙ୍କୁ ଦଳର ଅଧିନାୟକ ମନୋନୀତ କରାଯାଇଛି। ଭାରତୀୟ ଟେନିସ ଦଳରେ ସ୍ଥାନ ପାଇବାରେ ଦେବାଶିଷ ହେଉଛନ୍ତି ପ୍ରଥମ ଓଡ଼ିଶା ଖେଳାଳି। ସେ ପ୍ରତିଷ୍ଠିତ କୋଚ୍ ଫରହାନ ଅଲୀଙ୍କଠାରୁ ପ୍ରଶିକ୍ଷଣ ନେଇ ଆଗକୁ ବଢ଼ୁଛନ୍ତି।



ଦେବାଶିଷ ସାହୁ







Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-34, Industrial Estate, Pita Mahal, Rayagada, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ

ପୃଷ୍ଠା-୮+୮

ଧରିତ୍ରୀ
DHARITRI

ରାୟଗଡ଼ା, ବୁଧବାର, ମାର୍ଚ୍ଚ ୯/୨୦୨୨ (୮+୮=୧୬ ପୃଷ୍ଠା) Rayagada, Wednesday, March 9/2022 Page 16 ₹ 7.00 | ପୃଷ୍ଠା-୧



## ଅଖିଳେଶ ଆଣିଲେ ଇଭିଏମ୍ ଜାଲିଆତି ଅଭିଯୋଗ

ୟୁପି ବିଧାନସଭା ନିର୍ବାଚନ ଫଳ ଆସିବାକୁ ଦୁଇଦିନ ବାକି ଥିବାବେଳେ ଏସ୍‌ପି ଅଧକ୍ଷ ଅଖିଳେଶ ଯାଦବ ଇଭିଏମ୍ ଜାଲିଆତି ଓ ଭୋଟ ଚୋରି ଅଭିଯୋଗ ଆଣିଛନ୍ତି।

୦୮

୦୨

## ସୁରକ୍ଷା ଯୋଗାଉ ନାହାନ୍ତି ପାଶ୍ଚାତ୍ୟ ଦେଶ

ରୁଷିଆ ୧୩ ଦିନ ହେଲା ୟୁକ୍ରେନ୍‌ରେ ମିଶାଇଲ ମାଡ଼ ଜାରି ରଖିଥିବାବେଳେ ପାଶ୍ଚାତ୍ୟ ଦେଶଗୁଡ଼ିକ ସୁରକ୍ଷା ଦେଉନାହାନ୍ତି ବୋଲି କହିଛନ୍ତି ୟୁକ୍ରେନ୍ ରାଷ୍ଟ୍ରପତି ଭୋଲୋଡିମିର ଜେଲେନ୍‌ସ୍କି।



# ମାର୍ଚ୍ଚ ୨୭ରୁ ଅନ୍ତଃରାଷ୍ଟ୍ରୀୟ ଉଡ଼ାଣ

■ ୨ବର୍ଷ ପରେ ସ୍ୱାଭାବିକ ହେବ ଯାତ୍ରା



ନୂଆଦିଲ୍ଲୀ, ୮।୩

କୋଭିଡ୍ ମହାମାରୀ ଯୋଗୁ ବାଧାପ୍ରାପ୍ତ ହୋଇଥିବା ଅନ୍ତରାଷ୍ଟ୍ରୀୟ ବିମାନ ସେବା ୨ବର୍ଷ ପରେ ସ୍ୱାଭାବିକ ହେବାକୁ ଯାଉଛି। ଆସନ୍ତା ୨୭ରୁ ଅନ୍ତରାଷ୍ଟ୍ରୀୟ ଉଡ଼ାଣ ହେବ ବୋଲି ମଙ୍ଗଳବାର ବେସାମରିକ ବିମାନ ଚଳାଚଳ ମନ୍ତ୍ରଣାଳୟ ପକ୍ଷରୁ ସ୍ପଷ୍ଟ କରାଯାଇଛି। କରୋନା ଯୋଗୁ ୨୦୨୦ ମାର୍ଚ୍ଚ ୨୩ରୁ ଅନ୍ତରାଷ୍ଟ୍ରୀୟ ଉଡ଼ାଣ ଉପରେ କଟକଣା ଜାରି ହୋଇଥିଲା। ତେବେ ଜରୁରୀ ସେବା ପାଇଁ ଭାରତରୁ ୨୭ଟି ଦେଶକୁ ସ୍ୱତନ୍ତ୍ର ବିମାନ ଚଳାଚଳ କରୁଛି। କୋଭିଡ୍ ସଂକ୍ରମଣରେ ☞ପୃଷ୍ଠା-୫



ଯୁଦ୍ଧ ପ୍ରଭାବିତ ୟୁକ୍ରେନ୍‌ର ଓଡେସାରୁ ବସ୍‌ରେ ପଳାୟନ କରୁଥିବା ନିଜ ଝିଅଙ୍କୁ ବିଦାୟ ଜଣାଉଛନ୍ତି ଜଣେ ମହିଳା।

# ଫିଚର ଫୋନ୍‌ରେ ଡିଜିଟାଲ ପେମେଣ୍ଟ

ମୁମ୍ବାଇ,୮।୩

ୟୁନିଫାଏଡ୍ ପେମେଣ୍ଟ ଇଣ୍ଟରଫେସ୍ (ୟୁପିଆଇ) ପ୍ରଚଳନର ପ୍ରାୟ ୬ ବର୍ଷ ପରେ ଏବେ ସାଧାରଣ ଫିଚର ଫୋନ୍‌ରେ ମଧ୍ୟ ଡିଜିଟାଲ ପେମେଣ୍ଟ ଅର୍ଥାତ୍ ଟଙ୍କା ଦେଣନେଣ କରିହେବ। ଏନେଇ ନୂଆ ଡିଜିଟାଲ ଫିଚର 'ୟୁପିଆଇ ୧୨୩ପେ' ଉପଲବ୍ଧ ହୋଇଛି, ଯଦ୍ୱାରା ଦେଶର ୪୦ କୋଟିରୁ ଊର୍ଦ୍ଧ୍ୱ ଫିଚର ଫୋନ୍ ବ୍ୟବହାରକାରୀ ୟୁପିଆଇ ପେମେଣ୍ଟ ସୁବିଧା ପାଇପାରିବେ ବୋଲି ଆର୍‌ବିଆଇ ଗଭର୍ନର ଶକ୍ତିକାନ୍ତ ଦାସ ମଙ୍ଗଳବାର କହିଛନ୍ତି।

ଆର୍‌ବିଆଇ ଅଧୀନ ନ୍ୟାଶନାଲ ପେମେଣ୍ଟ କର୍ପୋରେଶନ ଅଫ୍ ଇଣ୍ଡିଆ (ଏନ୍‌ପିସିଆଇ) ଦ୍ୱାରା ୟୁପିଆଇ ପରିଚାଳିତ। ତେବେ ୟୁପିଆଇକୁ ଅଧିକ ଲୋକପ୍ରିୟ କରିବା ପାଇଁ ଏନ୍‌ପିସିଆଇ ଦ୍ୱାରା ଅନ୍‌ଷ୍ଟ୍ରକଚର୍ଡ ସପ୍ଲିମେଣ୍ଟାରି ସର୍ଭିସ୍ ଡାଟା (ୟୁଏସ୍‌ଏସ୍‌ଡି) ଭିତ୍ତିକ ସେବା 'ୟୁପିଆଇ ୧୨୩ପେ' ଆରମ୍ଭ ହୋଇଛି। ଏହା ମାଧ୍ୟମରେ ଲୋକେ ନିଜ ଫିଚର ଫୋନ୍‌ରେ ଡିଜିଟାଲ ପେମେଣ୍ଟ ସେବା ପାଇପାରିବେ। ଆର୍‌ବିଆଇ ଗଭର୍ନର ଦାସ 'ୟୁପିଆଇ ୧୨୩ପେ' ସମେତ ଏଥିନିମନ୍ତେ ୨୪ ଘଣ୍ଟିଆ ହେଲ୍‌ପଲାଇନ ସେବା 'ଡିଜିସାଥୀ'ର ମଧ୍ୟ ଶୁଭାରମ୍ଭ କରିଛନ୍ତି। ☞ପୃଷ୍ଠା-୫

### ଆରମ୍ଭ ହେଲା 'ୟୁପିଆଇ ୧୨୩ପେ'




# ଗ୍ୟାସ୍ ଟ୍ରାଜେଡି ମୁକାବିଲା ଯୋଜନାକୁ ଅଣଦେଖା

ହର୍ଷବର୍ଦ୍ଧନ ବେହେରା
ଯାଜପୁର ଅଫିସ,୮।୩

୧୯୮୪ର ଭୋପାଳ ଗ୍ୟାସ୍ ଟ୍ରାଜେଡି କଥା ମନେପଡ଼ିଲେ ଏବେ ବି ଦେହ ଶିହରି ଉଠେ। ଏଥିରେ ପ୍ରାୟ ୩,୭୮୭ଜଣଙ୍କ ମୃତ୍ୟୁ ଘଟିଥିଲା। ଆହତଙ୍କ ସଂଖ୍ୟା ବି କମ୍ ନ ଥିଲା। ୨୦୦୮ରେ ସମ୍ବଲପୁର ଜିଲା ଠେଲକୋଲୋଏସ୍ଥିତ ଭୂଷଣ ଷ୍ଟିଲର କ୍ଲୋରିନ ଗ୍ୟାସ୍ ଲିକ୍ ୪ ଶ୍ରମିକଙ୍କ ଜୀବନ ନେଇଥିଲା। ଉପରୋକ୍ତ ଦୁଃଖଦ ଘଟଣା ପରେ ରାସାୟନିକ ଦୁର୍ଘଟଣାର ମୁକାବିଲା ପାଇଁ ଓଡ଼ିଶାରେ ଏକ ଅଫ୍ ସାଇଟ୍ ଜରୁରିକାଳୀନ ଯୋଜନାର ପରିକଳ୍ପନା କରାଯାଇଥିଲା। କିନ୍ତୁ ଦାୟିତ୍ୱରେ ଥିବା ଅଧିକାରୀମାନଙ୍କ ଆନ୍ତରିକତାର ଅଭାବ ଯୋଗୁ ପ୍ରାୟ ୧ ବର୍ଷ ହେଲା ଏହି ଯୋଜନା କାର୍ଯ୍ୟକାରୀ ହୋଇପାରି ନାହିଁ। ଏହାକୁ ନେଇ ଓଡ଼ିଶା ରାଜ୍ୟ ବିପର୍ଯ୍ୟୟ ପରିଚାଳନା ପ୍ରାଧିକରଣ ବା ଓଡ଼ିଶା ଷ୍ଟେଟ ଡିଜାଷ୍ଟର ମ୍ୟାନେଜମେଣ୍ଟ ଅଥରିଟି(ଓଏସ୍‌ଡିଏମ୍‌ଏ) ପକ୍ଷରୁ ଉଦ୍‌ବେଗ ପ୍ରକାଶ ପାଇଛି। ଆସନ୍ତା ୧୧ରେ ପୁଣି ଏକ ବୈଠକର ଆୟୋଜନ କରାଯାଉଛି।

ଓଏସ୍‌ଡିଏମ୍‌ଏର ରିପୋର୍ଟ ଅନୁସାରେ ୨୦୨୧ ମାର୍ଚ୍ଚରେ ଅନୁଗୋଳ, ଗଞ୍ଜାମ, ଝାରସୁଗୁଡ଼ା, ରାୟଗଡ଼ା, ସୁନ୍ଦରଗଡ଼ ଏବଂ କଟକ ଜିଲାର ଏଫ୍‌ଆଇସିସିଆଇ(ଫେଡେରେଶନ ଅଫ୍ ଇଣ୍ଡିଆନ ଚ୍ୟାମ୍ବରର୍ସ ଅଫ୍ କମର୍ସ ଆଣ୍ଡ ଇଣ୍ଡଷ୍ଟ୍ରିଜ) ଏବଂ ଖୋର୍ଦ୍ଧା, ଜଗତ୍‌ସିଂହପୁର, ଯାଜପୁର, ଢେଙ୍କାନାଳ ଓ ସମ୍ବଲପୁର ଜିଲାର ଡିଏମ୍‌ଆଇ(ଡିଜାଷ୍ଟର ମ୍ୟାନେଜମେଣ୍ଟ ଇନ୍‌ଷ୍ଟିଚ୍ୟୁଟ, ଭୋପାଳ)କୁ ଯୋଜନା ପ୍ରସ୍ତୁତ କରିବାକୁ ନିର୍ଦ୍ଦେଶ ଦିଆଯାଇଥିଲା। ଏଥିପାଇଁ ଗତ ୨୩।୬।୨୦୨୧ରେ ଅନୁଗୋଳ ଜିଲା, ୧୬।୭।୨୦୨୧ରେ ଝାରସୁଗୁଡ଼ା, ସୁନ୍ଦରଗଡ଼, ଗଞ୍ଜାମ ଓ ରାୟଗଡ଼ା ଜିଲା ଏବଂ ୨୮।୮।୨୦୨୧ରେ ଖୋର୍ଦ୍ଧା, ଜଗତ୍‌ସିଂହପୁର, ଯାଜପୁର, ଢେଙ୍କାନାଳ ଓ ସମ୍ବଲପୁର ଜିଲା କର୍ତ୍ତୃପକ୍ଷଙ୍କୁ ନେଇ ଭର୍ଚୁଆଲ ବୈଠକ ହୋଇଥିଲା। ଏହି ଗୁରୁତ୍ୱପୂର୍ଣ୍ଣ ଯୋଜନା ପ୍ରସ୍ତୁତ କରିବାକୁ ପ୍ରତ୍ୟେକ ଜିଲାକୁ ୪ ମାସ ସମୟ ଦିଆଯାଇଥିଲା। ସଂପୃକ୍ତ ଜିଲାପାଳମାନେ ଏହାର ସମୀକ୍ଷା କରିବାକୁ ଅନୁରୋଧ କରାଯାଇଥିଲା। ହେଲେ ଚିନ୍ତାର ବିଷୟ , ଇତିମଧ୍ୟରେ ପ୍ରାୟ ୧ ବର୍ଷ ଅତିକ୍ରାନ୍ତ ହୋଇ ସାରିଥିଲେ ମଧ୍ୟ ଏଯାଏ ଗୋଟିଏ ବି ଯୋଜନା ପ୍ରସ୍ତୁତ ହୋଇ ପାରିନାହିଁ ବୋଲି ଓଏସ୍‌ଡିଏମ୍‌ଏର ଚିଫ୍ ଜେନେରାଲ ମ୍ୟାନେଜର ସୁସ୍ମିତା ବେହେରା ସଂପୃକ୍ତ ଜିଲାପାଳମାନଙ୍କୁ ପତ୍ର ଲେଖି ଜଣାଇଛନ୍ତି। ଏଭଳି ଗୁରୁତ୍ୱପୂର୍ଣ୍ଣ ଯୋଜନାକୁ ଜିଲା ପ୍ରଶାସନ ହାଲୁକା ଭାବେ ଗ୍ରହଣ କରିବା ନିଶ୍ଚିତ ଭାବେ ଦୁର୍ଭାଗ୍ୟଜନକ ବୋଲି ମନେ ହେଉଛି ।

ସଂପ୍ରତି ଉପରୋକ୍ତ ୧୧ ଜିଲାରେ ଏକାଧିକ ଶିଳ୍ପ କାରଖାନା ଗଢ଼ି ଉଠିଛି। ବ୍ଲାଷ୍ଟ ଫର୍ନେସ ସମେତ ଅନ୍ୟାନ୍ୟ ଯନ୍ତ୍ରପାତି ବ୍ୟବହାରରେ ପର୍ଯ୍ୟାପ୍ତ ବିଷାକ୍ତ ରାସାୟନିକ ପଦାର୍ଥ ଉପଯୋଗ କରାଯାଉଛି। ବିଭିନ୍ନ ସମୟରେ କର୍ମଚାରୀ ଓ ଅଧିକାରୀଙ୍କ ଅବହେଳା ଯୋଗୁ ରାସାୟନିକ ଗ୍ୟାସ୍ ଲିକ୍ ହେବାର ସମ୍ଭାବନା ରହୁଛି। ବେଳେବେଳେ କେତେକ କାରଖାନାରୁ ରାସାୟନିକ ଗ୍ୟାସ୍ ଲିକ୍ ହୋଇ ନାକଫଟା ଦୁର୍ଗନ୍ଧ ହେଉଥିବା ନଜିର ରହିଛି। ଏହି ପରିସ୍ଥିତିରେ ମୁକାବିଲା ପାଇଁ ଅଫ୍ ସାଇଟ୍ ଜରୁରିକାଳୀନ ଯୋଜନାର ଆବଶ୍ୟକତା ରହୁଛି। ଏଥିପାଇଁ ଓଏସ୍‌ଡିଏମ୍‌ଏ ପକ୍ଷରୁ ଆସନ୍ତା ୧୧ରେ ପୁଣି ଥରେ ଭର୍ଚୁଆଲ ବୈଠକର ଆୟୋଜନ ହେଉଛି। ଏଥିରେ ଜିଲାପାଳ, ଏସ୍‌ପି, ସିଡିଏମ୍‌ଓ, ଜିଲା ଅଗ୍ନିଶମ ଅଧିକାରୀ, ଫ୍ୟାକ୍ଟରୀ ଆଣ୍ଡ ବୋଏଲର ଉପନିର୍ଦ୍ଦେଶକ, ଏସ୍‌ପିସିବିର ଆଞ୍ଚଳିକ ଅଧିକାରୀ, ଆରଟିଓ, ସିଏସ୍‌ଓ, ଅଣ୍ଡରଗ୍ରାଉଣ୍ଡ ପାଇପ୍ ଲାଇନ୍ କର୍ତ୍ତୃପକ୍ଷ ପ୍ରମୁଖଙ୍କୁ ଆମନ୍ତ୍ରଣ କରାଯାଇଛି।



■ ୧ବର୍ଷ ପରେ ବି କାର୍ଯ୍ୟାନୁଷ୍ଠାନ ଶୂନ୍

■ ଓଏସ୍‌ଡିଏମ୍‌ଏ ପକ୍ଷରୁ ଉଦ୍‌ବେଗ ପ୍ରକାଶ

■ ୧୧ରେ ଆଉ ଥରେ ବସିବ ବୈଠକ

# '୨୦୨୪ ସୁଦ୍ଧା ମାଲକାନଗିରି ବିମାନବନ୍ଦର କାର୍ଯ୍ୟକ୍ଷମ କର'

■ ପ୍ରଥମ ପର୍ଯ୍ୟାୟରେ ଷ୍ଟେଟ୍ ପ୍ଲେନ୍ ପାଇଁ ପ୍ରସ୍ତୁତି

■ ସରିଛି ଜମି ଅଧିଗ୍ରହଣ, ୨୯ କୋଟି ବ୍ୟୟବରାଦ

ଭୁବନେଶ୍ୱର, ୮।୩(ବ୍ୟୁରୋ)

ମାଲକାନଗିରିଠାରେ ନୂଆ ବିମାନବନ୍ଦର ନିର୍ମାଣ କାର୍ଯ୍ୟ ୨୦୨୪ ଜାନୁୟାରୀ ସୁଦ୍ଧା କାର୍ଯ୍ୟକ୍ଷମ କରିବା ପାଇଁ ମୁଖ୍ୟ ଶାସନ ସଚିବ ସୁରେଶ ଚନ୍ଦ୍ର ମହାପାତ୍ର ପୂର୍ତ୍ତ ବିଭାଗକୁ ନିର୍ଦ୍ଦେଶ ଦେଇଛନ୍ତି। ମଙ୍ଗଳବାର ଲୋକସେବା ଭବନରୁ ଡିଜିଟାଲ୍ ମୋଡ୍‌ରେ ମୁଖ୍ୟ ସଚିବଙ୍କ ଅଧକ୍ଷତାରେ ମାଲକାନଗିରି ବିମାନବନ୍ଦରର ଅଗ୍ରଗତି ସମ୍ପର୍କରେ ସମୀକ୍ଷା କରାଯାଇଥିଲା। ବାଣିଜ୍ୟ ଓ ପରିବହନ ପ୍ରମୁଖ ସଚିବ ବିଷ୍ଣୁପଦ ସେଠୀ ବୈଠକରେ ସବିଶେଷ ତଥ୍ୟ ପ୍ରଦାନ କରିଥିଲେ। ୨୦୨୪ ଜାନୁୟାରୀ ସୁଦ୍ଧା ଷ୍ଟେଟ୍ ପ୍ଲେନ୍ (ରାଜ୍ୟ ବିମାନ)ଗୁଡ଼ିକ ପାଇଁ ଏହାକୁ କାର୍ଯ୍ୟକ୍ଷମ କରିବାକୁ ମୁଖ୍ୟ ସଚିବ ନିର୍ଦ୍ଦେଶ ଦେଇଛନ୍ତି। ସେ କହିଛନ୍ତି, ରାଜ୍ୟ ମୁଖ୍ୟାଳୟରୁ ଯେହେତୁ ମାଲକାନଗିରି ଜିଲା ବହୁ ଦୂରରେ ରହିଛି, ଏହି ବିମାନବନ୍ଦର ହେବା ଦ୍ୱାରା ଗୁଣାତ୍ମକ ଶିକ୍ଷା ଏବଂ ସ୍ୱାସ୍ଥ୍ୟସେବାରେ ଉନ୍ନତି ଆସିପାରିବ। ଏହାଛଡ଼ା ଜିଲାରେ ଅର୍ଥନୈତିକ ଏବଂ ବ୍ୟବସାୟିକ କାର୍ଯ୍ୟକଳାପ ବୃଦ୍ଧି ହେବ। ଚାହିଦା ବଢ଼ିଲେ ଏହାର ସମ୍ପ୍ରସାରଣ କରାଯିବ। ସେହିପରି ସେଠୀ କହିଥିଲେ, ବର୍ତ୍ତମାନ ପରିସ୍ଥିତିରେ ମାଲକାନଗିରି ଏୟାରଫିଲ୍ଡକୁ ୨ବି କାଟେଗୋରି ବିମାନବନ୍ଦର ଭାବେ ବିକଶିତ କରାଯାଇପାରିବ। ଏବେ ସୁଦ୍ଧା ଜମି ଅଧିଗ୍ରହଣ ଶେଷ ହୋଇଛି। ପ୍ରାୟ ୨୯ କୋଟିର ଏହି ପ୍ରକଳ୍ପ ପାଇଁ ପ୍ରଶାସନିକ ଅନୁମୋଦନ ମିଳିସାରିଛି। ଏହି ପ୍ରକଳ୍ପ ପାଇଁ ପ୍ରାୟ ୭୪ ଏକର ସରକାରୀ ଜମି, ୧୨୬ ଏକର ଘରୋଇ ଜମି ଏବଂ ୩୩ ଏକର ଜଙ୍ଗଲ ଜମି ଅନ୍ତର୍ଭୁକ୍ତ ରହିଛି। ୭୪ ଏକର ସରକାରୀ ଜମି ହସ୍ତାନ୍ତରଣ କାର୍ଯ୍ୟ ସମାପ୍ତ ହୋଇଛି। ଷ୍ଟେଜ୍-୧ ଜଙ୍ଗଲ ମଞ୍ଜୁରୀପ୍ରାପ୍ତ ହୋଇଛି। ଭାରତୀୟ ବିମାନବନ୍ଦର କର୍ତ୍ତୃପକ୍ଷ (ଏଏଆଇ) ଦ୍ୱାରା ଅବ୍‌ଷ୍ଟାକଲ ଲିମିଟେଶନ୍ ସର୍ଫେସ୍ (ଓଏଲ୍‌ଏସ୍) ସର୍ଭେ କରାଯାଇଛି। ସ୍ଥାନାନ୍ତରଣ ଆବଶ୍ୟକ ଥିବା ପ୍ରାୟ ୫୪ ପରିବାରକୁ ଗ୍ରାମୀଣ ଆବାସ ଯୋଜନାରେ ଅନ୍ତର୍ଭୁକ୍ତ କରାଯାଇଛି ଏବଂ ସେମାନଙ୍କ ଘର ନିର୍ମାଣ ଶେଷ ହୋଇଛି। ଗ୍ରାମ୍ୟ ଉନ୍ନୟନ ବିଭାଗ ☞ପୃଷ୍ଠା-୫

# ହଲିଉଡ୍‌ରେ ଆଲିଆଙ୍କ ଏଣ୍ଟ୍ରି



ଆଲିଆ ଭଟ୍ଟ

ବଲିଉଡ୍ ଅଭିନେତା ହୁଅନ୍ତୁ କି ଅଭିନେତ୍ରୀ ପ୍ରତ୍ୟେକଙ୍କ ଇଚ୍ଛା ଅନ୍ତର୍ଜାତୀୟସ୍ତରରେ ଅର୍ଥାତ୍ ହଲିଉଡ୍ ଇଣ୍ଡଷ୍ଟ୍ରିରେ କାମ କରିବାକୁ। କିଛି କଳାକାରଙ୍କୁ ହଲିଉଡ୍‌ରେ କାମ କରିବାର ସୁଯୋଗ ମିଳେ ତ ଆଉ କିଛିଙ୍କୁ ଅପେକ୍ଷା କରବାକୁ ପଡ଼େ। ସେହିପରି କିଛି ସେଲିବ୍ରିଟି ହଲିଉଡ୍‌ରେ କାମ କରି ମଧ୍ୟ ବେଶି ଦିନ ତିଷ୍ଠିପାରି ନ ଥିବାବେଳେ ଆଉକିଛି ହଲିଉଡ୍‌ରେ ନିଜର ସ୍ୱତନ୍ତ୍ର ସ୍ଥାନ ତିଆରି କରିଛନ୍ତି। ଖୁବ୍‌ଶୀଘ୍ର ବଲିଉଡ୍‌ର ଚୁଲ୍‌ବୁଲି ନାୟିକା ଆଲିଆ ଭଟ୍ଟ ହଲିଉଡ୍ ଫିଲ୍ମରେ ନିଜର ଜଲୱା ଦେଖାଇବାକୁ ଯାଉଛନ୍ତି । ସ୍ପାଏ-ଥ୍ରିଲର ଫିଲ୍ମ 'ହାର୍ଟ ଅଫ୍ ଷ୍ଟୋନ୍' ଜରିଆରେ ଆଲିଆ ବଲିଉଡ୍ ଡେବ୍ୟୁ କରିବାକୁ ଯାଉଛନ୍ତି। ତେବେ ସେମିତି କିଛି ବଲିଉଡ୍ କଳାକାରଙ୍କ ବିଷୟରେ ଜାଣିବା, ଯେଉଁମାନେ ବର୍ତ୍ତମାନ ସୁଦ୍ଧା ହଲିଉଡ୍‌ରେ ନିଜର ସ୍ୱତନ୍ତ୍ର ସ୍ଥାନ ତିଆରି କରିସାରିଛନ୍ତି...

ମୁମ୍ବାଇ

**ଆଲିଆ ଭଟ୍ଟ:** ନିକଟରେ ରିଲିଜ୍ ହୋଇଯାଇଛି ଆଲିଆଙ୍କ ଅଭିନୀତ 'ଗଙ୍ଗୁବାଈ କାଠିଆୱାଡ଼ି' ଫିଲ୍ମ; ଯାହା ଦେହଜୀବୀ ଗଙ୍ଗୁବାଈଙ୍କ ଜୀବନୀ ଉପରେ ଆଧାରିତ। ଫିଲ୍ମଟି ଏବେ ବକ୍ସ ଅଫିସ୍‌ରେ ଧମାଲ୍ କରୁଥିବାବେଳେ ଆଲିଆଙ୍କ ଅଭିନୟକୁ ସମସ୍ତେ ପସନ୍ଦ କରୁଛନ୍ତି। ଗଙ୍ଗୁବାଈର ସଫଳତା ପରେ ଆଲିଆଙ୍କ ତରଫରୁ ଆଉ ଏକ ଖୁସି ଖବର ଆସି ପହଁଞ୍ଚିଛି। ସେ ଖୁବ୍‌ଶୀଘ୍ର ହଲିଉଡ୍ ଥ୍ରିଲର୍ ଫିଲ୍ମ 'ହାର୍ଟ ଅଫ୍ ଷ୍ଟୋନ୍' ଜରିଆରେ ହଲିଉଡ୍‌ରେ ପାଦ ଥାପିବାକୁ ଯାଉଛନ୍ତି। ଏହି ଫିଲ୍ମରେ ଆଲିଆଙ୍କ ସହ ସ୍କିନ୍ ଶେୟାର କରିବେ ଗାଲ୍ ଗାଡୋଟ୍ ଏବଂ ଜାମି ଡୋରନାନ୍। ଟମ୍ ହାରପର ଫିଲ୍ମର ନିର୍ଦ୍ଦେଶନା ଦାୟିତ୍ୱରେ ରହିଛନ୍ତି। ୨୦୨୩ରେ ହାର୍ଟ ଅଫ୍ ଷ୍ଟୋନ୍ ରିଲିଜ୍ ହେବ ଏବଂ ଖୁବ୍‌ଶୀଘ୍ର ଏହାର ଶୁଟିଂ ଆରମ୍ଭ ହେବ।

**ପ୍ରିୟଙ୍କା ଚୋପ୍ରା ଜୋନାସ୍:** ବଲିଉଡ୍ ନାୟିକା ଯେ ବର୍ତ୍ତମାନ ସମୟରେ ହଲିଉଡ୍‌ରେ ନିଜର ସ୍ୱତନ୍ତ୍ର ସ୍ଥାନ ତିଆରି କରିପାରିଛନ୍ତି ସେ ହେଲେ ପ୍ରିୟଙ୍କା ଚୋପ୍ରା ଜୋନାସ୍। ଫିଲ୍ 'ବେୱାଚ୍' ଜରିଆରେ ସେ ହଲିଉଡ୍‌ରେ ଡେବ୍ୟୁ କରିଥିଲେ; ଯାହା ୨୦୧୭ରେ ରିଲିଜ୍ ହୋଇଥିଲା। ବଲିଉଡ୍‌ରେ କାମ ☞ପୃଷ୍ଠା-୫





ରୁଷିଆ ଆକ୍ରମଣକୁ ବିରୋଧ କରି ପ୍ରଦର୍ଶନବେଳେ ଏକ ଶିଶୁ ପ୍ଲାକାର୍ଡ ଧରି ଛିଡ଼ା ହୋଇଛନ୍ତି।


ବିଧ୍ୱସ୍ତ ବ୍ରିଜ୍ ଦେଇ ଇର୍‌ପିନ୍ ଅଭିମୁଖେ ଯାଉଛନ୍ତି ୟୁକ୍ରେନ୍‌ବାସୀ।

# ରୁଷିଆର ଗ୍ୟାସ୍ ଯୋଗାଣ ବନ୍ଦ ଧମକ

**ମସ୍କୋ, ୮।୩**

ୟୁକ୍ରେନ୍ ଉପରେ ଆକ୍ରମଣ ଯୋଗୁ ରୁଷିଆ ଉପରେ ଆମେରିକା ସମେତ ବିଭିନ୍ନ ଦେଶ କଟକଣା ଲଗାଇ ଚାଲିଛନ୍ତି। ଏଥିଯୋଗୁ ରୁଷିଆର ବ୍ୟାଙ୍କିଙ୍ଗ ସିଷ୍ଟମ, ଅର୍ଥ ବ୍ୟବସ୍ଥା ଏବଂ ମୁଦ୍ରା ରୁବଲ ଉପରେ ଏହାର ପ୍ରଭାବ ପଡ଼ିଛି। ଏବେ ରୁଷିଆରୁ ସମ୍ପୂର୍ଣ୍ଣ ଭାବେ ତୈଳ ଓ ପ୍ରାକୃତିକ ଗ୍ୟାସ୍ ଆମଦାନୀ ବ୍ୟାନ୍ କରିବାକୁ ଆମେରିକା ଘୋଷଣା କରିସାରିଥିବାବେଳେ ରୁଷିଆ ନର୍ଡ ଷ୍ଟ୍ରିମ୍ ପାଇପ୍‌ଲାଇନ ଦେଇ ୟୁରୋପକୁ ହେଉଥିବା ପ୍ରାକୃତିକ ଗ୍ୟାସ୍ ଯୋଗାଣ ବନ୍ଦ କରିବାକୁ ଧମକ ଦେଇଛି। ଏଥିସହ ଯଦି ନାଟୋ ଦେଶଗୁଡ଼ିକ ଏପରି କରନ୍ତି ତେବେ ଆଗକୁ ଏନର୍ଜୀ ମାର୍କେଟରେ ବିରାଟ ବଡ଼ ସଙ୍କଟ ଦେଖାଯିବ ଏବଂ ଅଶୋଧିତ ତୈଳ ଦର ବ୍ୟାରେଲ ପିଛା ୩୦୦ ଡଲାର ଛୁଇଁବ ବୋଲି ରୁଷିଆ ଉପପ୍ରଧାନମନ୍ତ୍ରୀ ଆଲେକଜାଣ୍ଡର ନୋଭାକ୍ କହିଛନ୍ତି।




## ବ୍ୟାରେଲ ପିଛା ୩୦୦ ଡଲାର ଛୁଇଁପାରେ ତୈଳ

ରୁଷିଆକୁ ଏକଘରକିଆ କରିବା ନିମନ୍ତେ ଆମେରିକା ଓ ୟୁରୋପୀୟ ଦେଶଗୁଡ଼ିକ ରଣନୀତି ପ୍ରସ୍ତୁତ କରିବାରେ ଲାଗିଛନ୍ତି। ତୈଳ, ଗ୍ୟାସ୍, କୋଇଲା ଆଦି ପାଇଁ ରୁଷିଆ ଉପରେ ନିର୍ଭର ନ କରିବା ପାଇଁ ବିକଳ୍ପ ଚିନ୍ତା କରୁଛନ୍ତି। ଏଥିନିମନ୍ତେ ଆସନ୍ତା ୧୦, ୧୧ ତାରିଖରେ ବୈଠକ ଆୟୋଜନ କରାଯିବାକୁ ସ୍ଥିର ହୋଇଛି। ୟୁରୋପୀୟ ସଂଘ (ଇୟୁ) ଦେଶଗୁଡ଼ିକ ପ୍ରାୟ ୫୦ ପ୍ରତିଶତ ଗ୍ୟାସ୍, କୋଇଲା ଆବଶ୍ୟକତା ପୂରଣ କରିବାକୁ ରୁଷିଆ ଉପରେ ନିର୍ଭରଶୀଳ। ଏଥିସହ ପ୍ରାୟ ଏକ ତୃତୀୟାଂଶ ତୈଳ ସେମାନେ ରୁଷିଆରୁ ଆମଦାନୀ କରିଥାନ୍ତି। ରୁଷିଆରୁ ଆସୁଥିବା ତୈଳ ଓ ଗ୍ୟାସ୍ ଆମଦାନୀ ଚଳିତ ବର୍ଷ ୮୦ ପ୍ରତିଶତ କମ୍ କରିବାକୁ ଲକ୍ଷ୍ୟ ରଖାଯାଇଥିବା ଇୟୁ ପକ୍ଷରୁ ଜଣାଯାଇଛି। ୟୁକ୍ରେନ୍ ଉପରେ ରୁଷିଆ ଆକ୍ରମଣ କରିବା ପରେ ଜର୍ମାନୀ ୧୧ ବିଲିୟନ ଡଲାରର ନର୍ଡ ଷ୍ଟ୍ରିମ୍-୨ ପାଇପ୍‌ଲାଇନ ପ୍ରୋଜେକ୍ଟ ବାତିଲ କରିଥିଲା। ଏବେ ଜର୍ମାନୀକୁ ଯାଉଥିବା ମୁଖ୍ୟ ପାଇପ୍‌ଲାଇନକୁ ବନ୍ଦ କରିଦେବାକୁ ରୁଷିଆ ଧମକ ଦେଇଛି। ୟୁକ୍ରେନ୍‌ରେ ଯୁଦ୍ଧ ଜାରି ଯୋଗୁ ଅଶୋଧିତ ତୈଳ ଦର ବ୍ୟାରେଲ ପିଛା ୧୩୯ରେ ପହଞ୍ଚିଛି, ଯାହା କି ୨୦୦୮ ପରଠାରୁ ସର୍ବାଧିକ। ଅପରପକ୍ଷେ ଆମେରିକା ଓ ଅନ୍ୟ ଦେଶ ଜାରି କରିଥିବା କଟକଣାର ପ୍ରଭାବର ମୁକାବିଲା କରିବାକୁ ରୁଷିଆ ସମର୍ଥ ବୋଲି ନୋଭାକ କହିଛନ୍ତି। ଆମେରିକା ଓ ଇୟୁ ରୁଷିଆରୁ ତୈଳ ଏବଂ ଗ୍ୟାସ୍ ଆମଦାନୀ ସମ୍ପୂର୍ଣ୍ଣ ବନ୍ଦ କରିଦେଲେ ମଧ୍ୟ ଏହାର ବିକ୍ରି ପାଇଁ ଅନ୍ୟ ବିକଳ୍ପ ଥିବା ନୋଭାକ ପ୍ରକାଶ କରିଛନ୍ତି।

# ୟୁକ୍ରେନ୍ ଛାଡ଼ିଲେଣି ୨୦ ଲକ୍ଷ

➩ୟୁକ୍ରେନ୍-ରୁଷିଆ ଯୁଦ୍ଧର ୧୩ତମ ଦିନରେ ଅସ୍ତ୍ରବିରତି ଘୋଷଣା କରାଯାଇ କ୍ୱିଭ୍ ନିକଟ ଇରପିନ୍ ଏବଂ ଉତ୍ତର ସହର ସୁମିରୁ ସାଧାରଣ ନାଗରିକଙ୍କୁ ହ୍ୟୁମାନ କରିଡର ଦ୍ୱାରା ବାହାର କରାଯିବା ନିମନ୍ତେ ବ୍ୟବସ୍ଥା ହୋଇଛି। ରୁଷିଆର ଆକ୍ରମଣ ପରଠାରୁ ଏ ପର୍ଯ୍ୟନ୍ତ ପ୍ରାୟ ୨୦ ଲକ୍ଷ ଲୋକ ୟୁକ୍ରେନ୍ ଛାଡ଼ି ପଳାୟନ କରିଥିବା ଜାତିସଂଘ ପକ୍ଷରୁ କୁହାଯାଇଛି।

➩ୟୁକ୍ରେନ୍ ଉପରେ ଆକ୍ରମଣକୁ ରୁଷିଆ ସ୍ୱତନ୍ତ୍ର ମିଲିଟାରୀ ଅପରେଶନ କହୁଥିବାବେଳେ ଏଥିରେ ପ୍ରାୟ ୨୫ଶହ ସେନା ଟାର୍ଗେଟକୁ ନଷ୍ଟ କରାଯାଇଥିବା ମସ୍କୋ ପକ୍ଷରୁ କୁହାଯାଇଛି। ଝିଟୋମିରଠାରେ ଥିବା ୟୁକ୍ରେନ୍‌ର ଓଜେର୍ନେ ଏୟାରବେସ୍‌କୁ ମଧ୍ୟ ଧ୍ୱଂସ କରାଯାଇଥିବା କ୍ରେମଲିନ୍ ଦାବି କରିଛି।

➩ରୁଷିଆ ଏୟାରଷ୍ଟ୍ରାଇକ୍‌ରେ ମଙ୍ଗଳବାର ସୁମିରେ ୨୧ ଜଣଙ୍କ ମୃତ୍ୟୁ ଘଟିଛି। ଏଥିସହ ମସ୍କୋ କ୍ରମାଗତ ଜନବସତି ଅଞ୍ଚଳରେ ଆକ୍ରମଣ କରୁଥିବା ୟୁକ୍ରେନ୍ ଅଭିଯୋଗ ଆଣିଛି।

➩ଯୁଦ୍ଧରେ ପ୍ରାୟ ୧୨ ହଜାର ରୁଷୀୟ ସୈନ୍ୟ ନିହତ ହୋଇଥିବା କ୍ୱିଭ୍ ପକ୍ଷରୁ କୁହାଯାଇଛି। ୟୁକ୍ରେନ୍ ବହିର୍ବ୍ୟାପାର ମନ୍ତ୍ରଣାଳୟ କହିବା ଅନୁସାରେ, ରୁଷିଆର ବିଭିନ୍ନ ପ୍ରକାରର ୧୦୩୬ ଯୁଦ୍ଧବାହନ, ୪୮ ଏୟାର କ୍ରାଫ୍ଟ, ୮୦ ହେଲିକପ୍ଟର, ୩୦୩ ଟ୍ୟାଙ୍କ, ୧୨୦ ଆର୍ଟିଲାରି ଅସ୍ତ୍ର, ୫୬ ଏମ୍‌ଆର୍‌ଏଲ୍‌କୁ ନଷ୍ଟ କରାଯାଇଛି।

➩ ପୋଲାଣ୍ଡ ୟୁକ୍ରେନ୍‌କୁ ଯୁଦ୍ଧବିମାନ ପଠାଇଲେ ବ୍ରିଟେନ ତାହାକୁ ସମର୍ଥନ କରିବ ବୋଲି କହିଛି।

➩ବିଭିନ୍ନ ଦେଶରୁ ପ୍ରାୟ ୨୦ ହଜାର ସ୍ୱେଚ୍ଛାସେବୀ ୟୁକ୍ରେନ୍ ପାଇଁ ରୁଷିଆ ସହ ଲଢ଼େଇ କରିବାକୁ ଅସ୍ତ୍ର ଉଠାଇଛନ୍ତି।

➩ମାରିଉପୋଲରେ ରୁଷୀୟ ସୈନ୍ୟ ପ୍ରାୟ ୩ ଲକ୍ଷ ସାଧାରଣ ନାଗରିକଙ୍କୁ ବନ୍ଧକ ରଖିଥିବା ୟୁକ୍ରେନ୍ ବହିର୍ବ୍ୟାପାର ମନ୍ତ୍ରଣାଳୟ ପକ୍ଷରୁ ଅଭିଯୋଗ ଆସିଛି।

➩ ଆମେରିକୀୟ ଅଭିନେତା ଲିଓନାର୍ଡୋ ଡିକାପ୍ରିଓ ୟୁକ୍ରେନ୍‌କୁ ୧୦ ମିଲିୟନ ଡଲାର ପ୍ରଦାନ କରିଛନ୍ତି। ଅଭିନେତା ଜଣଙ୍କ ପିଲାଦିନେ କିଛି ସମୟ ୟୁକ୍ରେନ୍‌ରେ ବିତାଇଥିବାରୁ ଏହି ଦେଶ ସହ ତାଙ୍କ ଭାବାବେଗ ଜଡ଼ିତ ଥିବା କହିଛନ୍ତି।

➩ଜାପାନର ପେମେଣ୍ଟ ସିଷ୍ଟମ ଜେସିବି ଏହାର ସେବାକୁ ରୁଷିଆରେ ବନ୍ଦ କରିଛି। ଏଥିସହ ରୁଷିଆକୁ ତୈଳ ରିଫାଇନ ନିମନ୍ତେ ସାମଗ୍ରୀ ଯୋଗାଣ ବନ୍ଦ ନିମନ୍ତେ ଜାପାନ ଘୋଷଣା କରିଛି।

# ସୁରକ୍ଷା ଦେଉନି ପାଶ୍ଚାତ୍ୟ

## ଲୋକେସନ୍ ଶେୟାର କଲେ ଜେଲେନ୍‌ସ୍କି

**କ୍ୱିଭ୍, ୮।୩**

ରୁଷିଆ ୧୩ ଦିନ ହେଲା ୟୁକ୍ରେନ୍‌ର ବିଭିନ୍ନ ସହରରେ ମିଶାଇଲ, ବୋମାମାଡ଼ ଜାରି ରଖିଛି। କିନ୍ତୁ ପାଶ୍ଚାତ୍ୟ ଦେଶଗୁଡ଼ିକ ୟୁକ୍ରେନ୍‌କୁ ସୁରକ୍ଷା ଦେବା ପାଇଁ ପଦକ୍ଷେପ ନେଉନାହାନ୍ତି। ନୋ-ଫ୍ଲାଏ ଜୋନ୍ କରିବାର ଦକ୍ଷତା ସେମାନଙ୍କ ନିକଟରେ ଅଛି। କିନ୍ତୁ ଏଥିପାଇଁ ବାରମ୍ବାର ଅନୁରୋଧ ସତ୍ତ୍ୱେ କୌଣସି ପଦକ୍ଷେପ ନିଆଯାଉନାହିଁ ବୋଲି ଏକ ଟେଲିଭିଜନ୍‌କୁ ପ୍ରତିକ୍ରିୟା ଦେଇ କହିଛନ୍ତି ୟୁକ୍ରେନ୍ ରାଷ୍ଟ୍ରପତି ଭୋଲୋଡିମିର ଜେଲେନ୍‌ସ୍କି। ତେଣୁ ୟୁକ୍ରେନ୍‌ବାସୀ ମୃତାହତ ହେବା ପାଇଁ ପାଶ୍ଚାତ୍ୟ ଦେଶକୁ ମଧ୍ୟ ସେ ଦାୟୀ କରିଛନ୍ତି। ସେ କାହାକୁ ଭୟ କରନ୍ତି ନାହିଁ ଏବଂ କେଉଁଠି ଲୁଚି ନାହାନ୍ତି ବୋଲି ଜେଲେନ୍‌ସ୍କି ତାଙ୍କ ଅଫିସିଆଲ ଇନଷ୍ଟାଗ୍ରାମ ଆକାଉଣ୍ଟରେ ଏକ ଭିଡିଓ ପୋଷ୍ଟ କରିଛନ୍ତି। ଏକ ଲୋକେଶନ ଶେୟାର କରି କହିଛନ୍ତି ଯେ, ସେ କ୍ୱିଭ୍‌ରେ ବାନ୍‌କୋଭା ଷ୍ଟ୍ରିଟ୍‌ରେ ଅଛନ୍ତି। ଏହି ଯୁଦ୍ଧ ରୋକିବାକୁ ବିଶ୍ୱକୁ ଅନେକ କିଛି କରିବାକୁ ପଡ଼ିବ ବୋଲି ସେ ପ୍ରକାଶ କରିଛନ୍ତି। ୧୩ ଦିନ ଭିତରେ ରୁଷିଆ ୩୦ ବର୍ଷ ଧରି ଏକଜୁଟ କରିଥିବା ଏୟାରକ୍ରାଫ୍ଟ ହରାଇଥିବା ଜେଲେନ୍‌ସ୍କି କହିଛନ୍ତି।



# ମା’ଙ୍କ ଚିଠି ଧରି ୧୪୦୦ କି.ମି. ଆସିଲେ

ୟୁକ୍ରେନ୍‌ର ଦକ୍ଷିଣ-ପୂର୍ବ ସହର ଜାପୋରଝିଆରୁ ଜଣେ ୧୧ ବର୍ଷୀୟ ବାଳକ ସାଙ୍ଗରେ ମା’ଙ୍କ ଏକ ଚିଠି ଧରି ପଡ଼ୋଶୀ ଦେଶ ସ୍ଲୋଭାକିଆରେ ଏକାକୀ ପହଞ୍ଚିଛନ୍ତି। ତାଙ୍କ ମା’ବାପା ୟୁକ୍ରେନ୍‌ରେ ରହିଛନ୍ତି। ପିଲାକୁ ସୁରକ୍ଷିତ ଭାବେ ଦେଶ ବାହାରକୁ ପଠାଇବା ପାଇଁ ସେମାନଙ୍କ ଉଦ୍ୟମ ସଫଳ ହୋଇଛି। ବାଳକ ଜଣକ ନିଜ ହସ, ନିର୍ଭୀକତା ଏବଂ ଲକ୍ଷ୍ୟ ହାସଲ କରିବାର ନିଷ୍ଠାପଣ ପାଇଁ ସମସ୍ତଙ୍କ ହୃଦୟ ଜିତିଥିବା ୟୁକ୍ରେନ୍ ଆଭ୍ୟନ୍ତରୀଣ ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି। ସେ ଏକ ପ୍ଲାଷ୍ଟିକ୍ ବ୍ୟାଗ୍, ପାସପୋର୍ଟ ଏବଂ ହାତରେ କେତେକ ଫୋନ୍ ନମ୍ବର ଲେଖି ନେଇଥିଲେ। ବାଳକ ଜଣକ ସୁରକ୍ଷିତ ଭାବେ ସ୍ଲୋଭାକିଆ ସୀମାରେ ପହଞ୍ଚିଥିବା ସ୍ଲୋଭାକିଆ ସରକାରଙ୍କ ପକ୍ଷରୁ କୁହାଯାଇଛି। ତାଙ୍କୁ ସ୍ୱେଚ୍ଛାସେବୀମାନେ ଖାଦ୍ୟପାନୀୟ ଦେବା ସହ ରହିବା ବ୍ୟବସ୍ଥା କରିଥିବା ଜଣାଯାଇଛି।




## କାନ୍ଦିକାନ୍ଦି ଏକା ଦେଶ ଛାଡ଼ୁଛନ୍ତି ବାଳକ

**କ୍ୱିଭ୍,୮।୩**

ଯୁଦ୍ଧଗ୍ରସ୍ତ ୟୁକ୍ରେନ୍‌ରେ ଜନସାଧାରଣଙ୍କ ଦୁର୍ଦ୍ଦଶାର ଅସଂଖ୍ୟ କାହାଣୀ ଭିତରୁ ଗୋଟିଏର ଭିଡିଓ ଏବେ ବେଶ୍ ଭାଇରାଲ ହେବାରେ ଲାଗିଛି। ଜଣେ ବାଳକ ହାତରେ କିଛି ଚକୋଲେଟ୍, ଏକ ବ୍ୟାଗ୍‌ରେ କଣ୍ଢେଇ ଧରି କାନ୍ଦିକାନ୍ଦି ୟୁକ୍ରେନ୍‌ରୁ ପୋଲାଣ୍ଡ ସୀମା ଅଭିମୁଖେ ଯାଉଥିବା ଭିଡିଓରେ ଦେଖିବାକୁ ମିଳିଛି। ତାଙ୍କ ପରିବାର କେଉଁଠି ଅଛନ୍ତି କିମ୍ବା ତାଙ୍କ ସହ କ’ଣ ଘଟିଛି ସେ ବିଷୟରେ ଜଣାପଡ଼ିନାହିଁ। ରାସ୍ତାରେ ବାଳକ ଜଣକ ବ୍ୟାଗ୍‌ଟିକୁ ଘୋଷାଡ଼ି ଘୋଷାଡ଼ି ନେଉଛନ୍ତି। ଯେଉଁ ପିଲାଙ୍କ ସହ ସେମାନଙ୍କ ପରିବାର କିମ୍ବା ମା’ ବାପା ଅଛନ୍ତି ସେମାନଙ୍କୁ ଲୁହ ଛଳଛଳ ଆଖିରେ ସେ ଦେଖୁଥିବା ଭିଡିଓରେ ରହିଛି। ପିଲାଟିକୁ ଦେଖି ଆଖପାଖରେ ଥିବ ଲୋକ ମଧ୍ୟ ଭାବବିହ୍ୱଳ ହୋଇପଡ଼ିଛନ୍ତି।




ୟୁକ୍ରେନ୍ ସୈନ୍ୟଙ୍କ ନିମନ୍ତେ ରାଜଧାନୀ କ୍ୱିଭ୍‌ରେ ରୋଷେଇ କରୁଛନ୍ତି ସାଧାରଣ ଲୋକେ।

## ରାଜ୍ୟପାଳଙ୍କୁ ଅଟକାଇଲେ ଟିଏମ୍‌ସି ବିଧାୟକ

**କୋଲକାତା,୮।୩**

ପଶ୍ଚିମବଙ୍ଗ ବିଧାନସଭାରେ ସୋମବାର ବଜେଟ ଅଧିବେଶନର ପ୍ରଥମ ଦିନରେ ଅପ୍ରୀତିକର ସ୍ଥିତି ଦେଖିବାକୁ ମିଳିଥିଲା। ପୌର ନିର୍ବାଚନ ପରବର୍ତ୍ତୀ ହିଂସା ଘଟଣାକୁ ନେଇ ଭାଜପା ବିଧାୟକମାନେ ଗୃହ ମଧ୍ୟଭାଗରେ ହଟ୍ଟଗୋଳ କରିଥିଲେ। ରାଜ୍ୟପାଳ ଜଗଦୀପ୍ ଧନ୍‌ଖରଙ୍କୁ ତାଙ୍କ ଅଭିଭାଷଣ ରଖିବା ଲାଗି ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ଅନୁରୋଧ କରିଥିଲେ। ହଟ୍ଟଗୋଳ ଯୋଗୁ ରାଜ୍ୟପାଳ ଅଭିଭାଷଣ ପଢ଼ି ନ ପାରି ଗୃହ ଛାଡ଼ିବାକୁ ଯାଉଥିବାବେଳେ ଟିଏମ୍‌ସି କର୍ମୀମାନେ ତାଙ୍କୁ ଯିବାକୁ ଦେଇ ନ ଥିଲେ। ସେମାନେ ରାଜ୍ୟପାଳଙ୍କ ଆସନ ଚାରିପଟେ ଘେରି ରହିଥିଲେ। ଶେଷରେ ରାଜ୍ୟପାଳ ତାଙ୍କ ଅଭିଭାଷଣର ପ୍ରଥମ ଓ ଶେଷ ଧାଡ଼ି ପଢ଼ି ଗୃହ ଛାଡ଼ିଥିଲେ। ଏହା ଅଭୂତପୂର୍ବ ଓ ସାମ୍ବିଧାନିକ ସଙ୍କଟ ସୃଷ୍ଟି ଲାଗି ଯୋଜନାବଦ୍ଧ ଉଦ୍ୟମ ବୋଲି ମମତା କହିଛନ୍ତି।

# ସୁମିରୁ ଉଦ୍ଧାର ହେଲେ ସବୁ ଭାରତୀୟ

**ସୁମି,୮।୩:** ୟୁକ୍ରେନ୍‌ର ସୁମିରେ ଫସିଥିବା ସମସ୍ତ ୬୯୪ ଭାରତୀୟ ଛାତ୍ରୀଛାତ୍ରଙ୍କୁ ଉଦ୍ଧାର କରାଯାଇଛି। ସେମାନଙ୍କୁ ବସ୍ ଯୋଗେ ପୋଲଟାଭା ଅଣାଯାଇଥିବା ମଙ୍ଗଳବାର କେନ୍ଦ୍ରମନ୍ତ୍ରୀ ହରଦୀପ ସିଂ ପୁରୀ ସୂଚନା ଦେଇଛନ୍ତି। ସେଠାରୁ ସେମାନେ ବିମାନ ଯୋଗେ ଭାରତ ଫେରିବେ। ଗଣମାଧ୍ୟମକୁ ପ୍ରତିକ୍ରିୟା ଦେଇ ସେ କହିଛନ୍ତି, ଦୁଇଦିନର ପ୍ରୟାସ ପରେ ସୁମିରେ ଫସିଥିବା ୬୯୪ ଜଣ ଭାରତୀୟଙ୍କୁ ବସ୍ ଯୋଗେ ପୋଲଟାଭା ଅଣାଯାଇଛି। ଖୁବ୍‌ଶୀଘ୍ର ସେମାନଙ୍କୁ ବିମାନ ଯୋଗେ ଭାରତ ଅଣାଯିବ। ୟୁକ୍ରେନ୍‌ରେ ଫସି ରହିଥିବା ଭାରତୀୟଙ୍କ ଉଦ୍ଧାର ପାଇଁ କେନ୍ଦ୍ର ସରକାରଙ୍କ ପକ୍ଷରୁ ଅପରେଶନ ଗଙ୍ଗା ଆରମ୍ଭ କରାଯାଇଥିଲା। ଯୁଦ୍ଧ ସମୟରେ ପାଖାପାଖି ୨୦ ହଜାର ଭାରତୀୟ ସେଠାରେ ଫସି ରହିଥିବାବେଳେ ଏହି ମିଶନ ଜରିଆରେ ୧୭ ହଜାରରୁ ଉର୍ଦ୍ଧ୍ୱ ଭାରତ ଫେରିଛନ୍ତି।


ସୁମିରେ ଫସିଥିବା ଭାରତୀୟ ପୋଲଟାଭା ଅଭିମୁଖେ ଯାଉଛନ୍ତି।

ଧରିତ୍ରୀ
DHARITRI
ବୁଧବାର, ୯ ମାର୍ଚ୍ଚ, ୨୦୨୨

**ମହିଳାମାନେ ସ୍ୱାବଲମ୍ବୀ ହୁଅନ୍ତୁ**

ମାଲକାନଗିରି, (ଡି.ଏନ୍.ଏ.)-ମାଲକାନଗିରି ସଦର ମହକୁମା ଡିଆରଡିଏ ସମ୍ମିଳନୀ କକ୍ଷରେ ମଙ୍ଗଳବାର ଅନ୍ତର୍ଜାତୀୟ ମହିଳା ଦିବସ ଅତିରିକ୍ତ ଜିଲାପାଳ ବୀରସେନ ପ୍ରଧାନଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଜ୍ୟୋତ୍ସ୍ନାମୟୀ ଆଚାର୍ଯ୍ୟ, ଜିଲା ମଙ୍ଗଳ ଅଧିକାରୀ କୃପାସିନ୍ଧୁ ବେହେରା, ଜିଲା ଶିଶୁ ସୁରକ୍ଷା ଅଧିକାରୀ ନାରାୟଣ ଦାସ, ଜିଲା ସାମାଜିକ ମଙ୍ଗଳ ଅଧିକାରୀ ସୌଦାମିନୀ ପ୍ରଧାନ ପ୍ରମୁଖ ଅତିଥି ରୂପେ ଯୋଗଦେଇ ମହିଳାଙ୍କ ସାମାଜିକ ଅଧିକାର, ସେମାନଙ୍କ ପାଇଁ ରହିଥିବା ସରକାରଙ୍କ ବିଭିନ୍ନ ଯୋଜନା, ଜୀବିକା ମିଶନ ମାଧ୍ୟମରେ ସ୍ୱାବଲମ୍ବନଶୀଳତା ଉପରେ ମତବ୍ୟକ୍ତ କରିଥିଲେ। କାର୍ଯ୍ୟକ୍ରମରେ ବିଭିନ୍ନ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ, ବୁଦ୍ଧିଜୀବୀ, ଛାତ୍ରୀଛାତ୍ରମାନେ ଉପସ୍ଥିତ ଥିଲେ।



## ସଂକ୍ଷେପରେ

### ଅବକାରୀ ଚଢ଼ାଉ, ୨ ଗିରଫ

ରାଇଘର, ୮।୩(ଡି.ଏନ୍.ଏ.)- ନବରଙ୍ଗପୁର ଜିଲା ଅବକାରୀ ଅଧୀକ୍ଷକ ସନ୍ତୋଷ କୁମାର ଧଳ ସାମନ୍ତଙ୍କ ନିର୍ଦ୍ଦେଶ ଓ ଅବକାରୀ ନିରୀକ୍ଷକ ହରିହର ସିଂଙ୍କ ତତ୍ତ୍ୱାବଧାନରେ ରାଇଘର ଅବକାରୀ ଭାରପ୍ରାପ୍ତ ଅଧିକାରୀ କୁଶ ଜାଲଙ୍କ ଦ୍ୱାରା ଗଠିତ ଏକ ଟିମ୍ ୨ ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ ତୁଳସୀରାମ ଗଣ୍ଡ ଓ ବୀର ସିଂ ଗଣ୍ଡ। ଉକ୍ତ ଟିମ୍ ମୁଣ୍ଡିବେଡା, ଗୋନା, ଅଞ୍ଚଳା, ଖାଲେପାରା, ଟିମନପୁର୍, ବୁଡ୍ରାପାରା ଗ୍ରାମରେ ଚଢ଼ାଉ କରି ମୋଟ ୬୦ ଲିଟର ଖଜୁରି ତାଡି ଓ ୪୦ ଲିଟର ରନ୍ଧା ଦେଶୀ ମହୁଲ ମଦ ଜବତ କରିଥିଲେ। ଏହି ଚଢ଼ାଉରେ ଡାବୁଗାଁ ଅବକାରୀ ଥାନା ଏଏସ୍ଆଇ ମାଖନ୍ ହାଲ୍‌ଦାର, ଉମରକୋଟ ଏଏସ୍ଆଇ ସୁନାଧର କିର୍ସାନୀ, ସୁରେନ୍ଦ୍ର ନାଥ ପଣ୍ଡା, ଦେବାଶିଷ ଦାସ, ଛତରଗଣ୍ଡ, ଦସ ହରିଜନ, କାଳିମଣି ମୁଦୁଲି ପ୍ରମୁଖ ସାମିଲ ଥିଲେ।

### ଆଇନ ସଚେତନତା ଶିବିର



ଚନ୍ଦାହାଣ୍ଡି, ୮।୩(ଡି.ଏନ୍.ଏ.)- ଚନ୍ଦାହାଣ୍ଡି ତାଲୁକ ଆଇନ ସେବା ସମିତି ଆନୁକୂଲ୍ୟରେ ଅନ୍ତର୍ଜାତୀୟ ମହିଳା ଦିବସ ଅବସରରେ ଆଇନ ସଚେତନତା ଶିବିର ଚନ୍ଦାହାଣ୍ଡିସ୍ଥିତ ପାନାବେଡା ସରକାରୀ ହାଇସ୍କୁଲରେ ଅନୁଷ୍ଠିତ ହୋଇଛି। ଚନ୍ଦାହାଣ୍ଡି ତାଲୁକ ଆଇନ ସେବା ସମିତି ଅଧ୍ୟକ୍ଷ ତଥା ପ୍ରଥମ ଶ୍ରେଣୀ ବିଚାରପତି ହିମାଂଶୁ ଶେଖର ଆଚାର୍ଯ୍ୟ ମୁଖ୍ୟ ଅତିଥିଭାବେ ଯୋଗ ଦେଇଥିଲେ। ଆଇନଜୀବୀ ଜୟଦେବ ଖମାରି, ହୁମେଶ୍ୱର ହଂସ, କ୍ଷମରାଜ ବାଘ, ପାନାବେଡା ହାଇସ୍କୁଲ ଶିକ୍ଷକ ଇନ୍ଦ୍ର ନାୟକଙ୍କ ସମେତ ଛାତ୍ରୀଛାତ୍ର ଉପସ୍ଥିତ ଥିଲେ। ଶିଶୁ ଯୌନ ନିରୋଧ ଆଇନ ସମ୍ପର୍କରେ ବିଚାରପତି ଛାତ୍ରୀଛାତ୍ରଙ୍କୁ ଅବଗତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପାରାଲିଗାଲ ଭଲିଣ୍ଟିୟର ନକୁଳ ମନହିରା, ଜୟଦେବ ବାଘ, ଦେନାଥ କେଉଟ, ନିରଞ୍ଜନ କେଉଟ ଚନ୍ଦାହାଣ୍ଡି କୋର୍ଟ କର୍ମଚାରୀ ସର୍ବେଶ୍ୱର ପୂଜାରୀ, ଚନ୍ଦାହାଣ୍ଡି ପୋଲିସ ଓ ସ୍କୁଲର ଅନ୍ୟ ଶିକ୍ଷକମାନେ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମକୁ ଆଇନଜୀବୀ ଜୟଦେବ ଖମାରୀ ପରିଚାଳନା କରିଥିଲେ।

### କାଲିମେଲାରେ କାୟାକଳ୍ପ ଟିମ୍

କାଲିମେଲା,୮।୩(ଡି.ଏନ.ଏ.)- ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ଏକ କାୟାକଳ୍ପ ଟିମ୍ ମଙ୍ଗଳବାର ମାଲାକାନଗିରି ଜିଲା କାଲିମେଲା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରିଦର୍ଶନ କରି ସ୍ୱାସ୍ଥ୍ୟକେନ୍ଦ୍ରର ସ୍ୱଚ୍ଛତା, ଭିତ୍ତିଭୂମି ଏବଂ ଚିକିତ୍ସା ସଂକ୍ରାନ୍ତରେ ତଥ୍ୟ ସଂଗ୍ରହ କରଛନ୍ତି। ସ୍ୱାସ୍ଥ୍ୟ ବିଭାଗର ଯୁଗ୍ମ ନିର୍ଦ୍ଦେଶକ ଡା.ରାମକୃଷ୍ଣ ଶତପଥୀଙ୍କ ନେତୃତ୍ୱରେ ଆସିଥିବା ଏହି ଟିମ୍‌ରେ ରାଜ୍ୟ ଏନସିଡି ପ୍ରକଳ୍ପ ପରିଚାଳକ ଲଳିତ



ମୋହନ ସାହୁ, ରାଜ୍ୟ ତମାଖୁ ନିୟନ୍ତ୍ରଣ ବିଭାଗ ପ୍ରକଳ୍ପ ଅଧିକାରୀ ଡା. ବିଶ୍ୱ ରଞ୍ଜନ ପୁରୋହିତ, କୋରାପୁଟ ୟୁନିସେଫ୍‌ର ନିହାର ରଞ୍ଜନ ଜେନା, ଏଡିଏମଓ ଅନିଲ ମିଶ୍ର, ଜିଲା ସ୍ୱାସ୍ଥ୍ୟ ବିଭାଗର ଗୁଣାବତା ଅଧିକାରୀ ସଚିନ ଦେବ ଗୌଡ ପ୍ରମୁଖ ଥିଲେ। ଏହି ଟିମ୍ ପହଞ୍ଚିବା ପରେ ସ୍ୱାସ୍ଥ୍ୟକେନ୍ଦ୍ର ଭାରପ୍ରାପ୍ତ ଅଧିକାରୀ ଡା. ଅବିଦ ହୁସେନ୍ ଖାନ, ବିପିଏମ୍ ବିକାଶ ମିଶ୍ର, ସୁକାନ୍ତ ସାହୁ, ସ୍ନିଗ୍ଧାରାଣୀ ପାଣିଗ୍ରାହୀ , ପିଏଚଇଓ ସୌଷ୍ଟଭ ମହାପାତ୍ରଙ୍କ ସମେତ ଅନ୍ୟମାନେ ମୁଖ୍ୟ ଫାଟକଠାରେ ଜ କାୟାକଳ୍ପ ଟିମକୁ ସ୍ୱାଗତ କରିଥିଲେ। ସ୍ୱାସ୍ଥ୍ୟ କେନ୍ଦ୍ର ଭିତରେ ଥିବା ଓପିଡି ଆଇପିଡି, ନିଦାନ, ଅସ୍ତ୍ରୋପ୍ରଚାର କକ୍ଷ, ପ୍ରସୂତି କକ୍ଷ, ନିରାମୟ, ବର୍ଜ୍ୟବସ୍ତୁ ପରିଚାଳନା ଶୌଚାଳୟ, ସେବିକା କକ୍ଷ, ଆଶା ଗୃହ, ଏକ୍ସରେ, ସ୍ୱାସ୍ଥ୍ୟକେନ୍ଦ୍ରର ପରିବେଶ ଆଦିକୁ କାୟାକଳ୍ପ ଟିମ ୫/୬ ଘଣ୍ଟା ଧରି ପରଖିଥିଲେ। ସୂଚନାଯୋଗ୍ୟ, କାୟାକଳ୍ପ ଟିମ୍‌ର ରିପୋର୍ଟକୁ ଆଧାର କରି ଦିନରେ ସରକାର ସ୍ୱାସ୍ଥ୍ୟକେନ୍ଦ୍ରଗୁଡିକୁ ପୁରସ୍କୃତ କରିଥାନ୍ତି।

# ଅସନ୍ତୁଷ୍ଟ କର୍ମୀ ହେଉଛନ୍ତି ସ୍ୱାଧୀନ ପ୍ରାର୍ଥୀ, ବିଜୟରେ ନେବେ ନିର୍ଣ୍ଣାୟକ ଭୂମିକା

ନବରଙ୍ଗପୁର,୮।୩(ବି.ପ୍ର.)

ସହରରେ ଏବେ ଚାରିଆଡ଼େ ଚାଲିଛି ରାଜନୀତି ଚର୍ଚ୍ଚା। ପୌର ଅଧକ୍ଷ ପାଇଁ କିଏ ଉପଯୁକ୍ତ। କାହାର ପଲା ହେବ ଭାରି। କେଉଁ ଦଳ କିଭଳି ଲୋକ ସମ୍ପର୍କ ରଖି ଭବିଷ୍ୟତରେ କାର୍ଯ୍ୟ କରିବେ, ତାହାକୁ ନେଇ ଏବେ ଚାରିଆଡ଼େ ଚର୍ଚ୍ଚା। ୭ ତାରିଖରେ ୭ ଜଣ ନବରଙ୍ଗପୁର ପୌରାଧକ୍ଷ ପଦ ପାଇଁ ନାମାଙ୍କନ ଦାଖଲ କରିଛନ୍ତି। ଚଳିତ ଥର ନବରଙ୍ଗପୁର ପୌର ଅଧକ୍ଷ ପଦ ଅନୁସୂଚିତ ଜାତି ବର୍ଗଙ୍କ ପାଇଁ ସଂରକ୍ଷିତ ରହିଛି। କିନ୍ତୁ ଆଶାୟୀମାନେ ନିଜ ଦଳରୁ ଟିକେଟ ପାଇନାହାନ୍ତି। ଦଳ ବଦଳ କରି କେତେଜଣ ନୂଆ ଦଳରୁ ଟିକେଟ ପାଇଥିବାବେଳେ ଆଉ କେତେଜଣ ସ୍ୱାଧୀନ ଭାବେ ନାମାଙ୍କନ ଦାଖଲ କରିଛନ୍ତି। ଏଣୁ ଏବେ ବ୍ୟକ୍ତିଙ୍କ ଭାବମୂର୍ତ୍ତି ଓ ଲୋକଙ୍କ ସହ ସମ୍ପର୍କ ନିର୍ଣ୍ଣାୟକ ଭୂମିକା ଗ୍ରହଣ କରିବ ବୋଲି ରାଜନୀତି ମହଲରେ ଚର୍ଚ୍ଚା ହେଉଛି।

ବିଜେଡି ଟିକଟ ପାଇଁ ଆଶାବାଦୀ ରହିଥିବା ପ୍ରାର୍ଥୀ ଏବେ ସ୍ୱାଧୀନ ଭାବେ ଲଢୁଛନ୍ତି। ଜଣେ ପ୍ରାର୍ଥୀ ଭାଜପା ପକ୍ଷରୁ ଲଢୁଛନ୍ତି। ବିଜେଡି ରଣନୀତି ପ୍ରୟୋଗ କରି କଂଗ୍ରେସର ଟାଣୁଆ ନେତା ଭୀମ ହରିଜନଙ୍କୁ ନିଜ ଦଳରେ ସାମିଲ କରି ଟିକେଟ ଦେଇଛି। ପୂର୍ବତନ ଏମ୍‌ପି ପ୍ରଦୀପ ମାଝି କଂଗ୍ରେସ ଛାଡି ବିଜେଡିରେ ଯୋଗ ଦେବା ପରେ ତାଙ୍କ ଲିଙ୍କ୍‌ରେ ଥିବା ଭୀମ ହରିଜନ ମଧ୍ୟ ପୌର ନିର୍ବାଚନ ପୂର୍ବରୁ କଂଗ୍ରେସ ଛାଡିଥିଲେ। ସେ ବିଜେଡିରେ ମିଶିବା ପରେ ଦଳୀୟ ଟିକଟ ପାଇ ଅଧକ୍ଷ ପଦରେ ପ୍ରାର୍ଥୀ ହୋଇଛନ୍ତି। ଭୀମ କଂଗ୍ରେସ ଛାଡ଼ିବା ପରେ ଦଳ ନିଲମ ହରିଜନଙ୍କୁ ପ୍ରାର୍ଥୀ କଲା। ଏସ୍‌ବିଆଇର ଅବସରପ୍ରାପ୍ତ କର୍ମଚାରୀ କୁନୁ ନାୟକ ବିଜେଡି ଟିକଟ ପାଇଁ ଆଶାବାଦୀ ହୋଇ ନିରାଶ ହେବା ପରେ ସେ ଏବେ ଭାଜପା ପକ୍ଷରୁ ପ୍ରାର୍ଥୀ ହୋଇଛନ୍ତି। ଭାଜପାରୁ ଟିକେଟ ଆଶା କରିଥିବା ଜିଲା କୃଷକ ମୋର୍ଚ୍ଚା ସଭାପତି ଓ ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଅରୁଣ ପୂଜାରୀ ଦଳରୁ ଟିକେଟ ନ ପାଇ ଏବେ ସ୍ୱାଧୀନ ପ୍ରାର୍ଥୀଭାବେ ନାମାଙ୍କନ ଦାଖଲ କରିଛନ୍ତି। ସେହିଭଳି ଭାଜପାର ଯୁବନେତା

ସରୋଜ କୁମାର ବେହେରା ଓ ମନୋଜ ସଗରିଆ ମଧ୍ୟ ନିରାଶ ହୋଇ ସ୍ୱାଧୀନ ଭାବେ ପ୍ରାର୍ଥୀ ହୋଇଛନ୍ତି। ଏମାନଙ୍କ ବ୍ୟତୀତ ସାଗର ନାୟକ ମଧ୍ୟ ସ୍ୱାଧୀନ ପ୍ରାର୍ଥୀ ହୋଇଛନ୍ତି। ମନୋଜଙ୍କର ଠିକା ବ୍ୟବସାୟ, ଶ୍ରମିକ ସଙ୍ଗଠନ ସହ ସୁସମ୍ପର୍କ ରହି ଆସିଛି। ସାଗର ଶ୍ରମିକଙ୍କ ସହ ସୁସମ୍ପର୍କ ରଖିଥାନ୍ତି। ବିଜେଡିରୁ ଟିକଟ ପାଇଁ ଆଶା ରଖିଥିବା କୁନୁ ନାୟକ ଭାଜପାରୁ ପ୍ରାର୍ଥୀ ହେବା ଦ୍ୱାରା ବିଜେଡିକୁ ମଧ୍ୟ କିଛି ଝଟକା ଲାଗିଛି। ଭାଜପା, କଂଗ୍ରେସ, ବିଜେଡି ପ୍ରମୁଖ ତିନି ଦଳ ପାଇଁ ସ୍ୱାଧୀନ ପ୍ରାର୍ଥୀମାନେ ନିର୍ଣ୍ଣାୟକ ହେବେ। ଭାଜପା ଦଳରେ ରହି ସ୍ୱାଧୀନ ପ୍ରାର୍ଥୀ ହୋଇଥିବା ୩ ଜଣ ଭାଜପା ପାଇଁ ଅଲଗା ବାର୍ତ୍ତା ଦେବା ସହ ଭୋଟରଙ୍କ ମଧ୍ୟରେ ଅଡୁଆ ସୃଷ୍ଟି କରିବ ବୋଲି ସହରରେ ଚର୍ଚ୍ଚା ହେଉଛି।

# ଗୁଳି, ବୋମାବର୍ଷଣର ଶବ୍ଦ ଛାତି ଥରାଇ ଦେଉଛି

### ୟୁକ୍ରେନ୍‌ରୁ ସୁରକ୍ଷିତ ଫେରିଲେ ରାୟଗଡ଼ାର ଆଦିତ୍ୟ

ରାୟଗଡ଼ା ଅଫିସ,୮।୩



ମାଁ, ବାପାଙ୍କ ସହ ଆଦିତ୍ୟ।

ଦିନ ରାତି ବୋମା ଓ ଗୁଳିବର୍ଷଣର ଭୟଙ୍କର ଶବ୍ଦ ମନେ ପଡ଼ିଲେ ଏବେବି ଛାତି ଥରୁଛି। ଘରକୁ ଫେରିବା ଆଶା ନ ଥିଲା। କେବଳ ଜୀବନ ବଞ୍ଚାଇବା ପାଇଁ ସଂଘର୍ଷ କରୁଥିଲୁ। ୟୁକ୍ରେନ୍‌ରେ ଯୁଦ୍ଧକୁ ଅତି ନିକଟରୁ ଦେଖି ଘରକୁ ଫେରିଥିବା ରାୟଗଡ଼ା ସହର ନେହେରୁ ନଗର ଅଞ୍ଚଳର ପ୍ରଫୁଲ୍ଲ କୁମାର ପାତ୍ରଙ୍କ ପୁଅ ଆଦିତ୍ୟ ନାରାୟଣ ପାତ୍ର ଗଣମାଧ୍ୟମ ନିକଟରେ ଏଭଳି କହିଛନ୍ତି।

ଆଦିତ୍ୟ ଖାର୍‌କିଭ୍ ନ୍ୟାଶନାଲ ମେଡିକାଲ ୟୁନିଭର୍ସିଟିରେ ୩ୟ ବର୍ଷର ଡାକ୍ତରି ଛାତ୍ର ଥିଲେ। ୨୦୧୯ରୁ ସେ ସେଠାରେ ପଢୁଥିବାବେଳେ ଯୁଦ୍ଧ ଯୋଗୁ ଫସିଯାଇଥିଲେ। ମାର୍ଚ୍ଚ ୨ ପର୍ଯ୍ୟନ୍ତ ସେ ୟୁନିଭର୍ସିଟି ବଙ୍କରରେ ଅନ୍ୟ ପିଲାଙ୍କ ସହ ଆଶ୍ରୟ ନେଇଥିଲେ। ପରେ ଭାରତୀୟ ଦୂତାବାସ ସହାୟତାରେ ରୋମାନିଆ ବର୍ଡରରେ ପହଞ୍ଚିଥିଲେ। ପ୍ରାୟ ୪୦ କି.ମି. ବାଟ ଚାଲି ଚାଲି ଯିବା ପରେ ପୁଣି ବସ୍‌ରେ ୩୦ ଘଣ୍ଟା ଯାତ୍ରା କରି ରୋମାନିଆ ବର୍ଡରରେ ପହଞ୍ଚିଥିଲେ। ସେଠାରୁ ଭାରତ ସରକାରଙ୍କ ଅପରେଶନ ଗଙ୍ଗା ଜରିଆରେ ଯାଇଥିବା ବିମାନରେ ଆଦିତ୍ୟଙ୍କ ସମେତ ୧୦୦୦ ଛାତ୍ରୀଛାତ୍ର ଭାରତ ଫେରିଥିଲେ। ପରେ ଓଡ଼ିଶା ସରକାରଙ୍କ ସହାୟତାରେ ଘରକୁ ଫେରିଥିବା ଆଦିତ୍ୟ କହିଛନ୍ତି। ଅନ୍ୟପକ୍ଷରେ ମଙ୍ଗଳବାର ଘରେ ପହଞ୍ଚିବା ପରେ ପରିବାର ବର୍ଗ ଭାବବିହ୍ୱଳ ହୋଇପଡ଼ିଛନ୍ତି। କେନ୍ଦ୍ର ବୈଦେଶିକ ମନ୍ତ୍ରାଳୟ ସମେତ କେନ୍ଦ୍ର ଓ ରାଜ୍ୟ ସରକାରଙ୍କୁ ଆଦିତ୍ୟ ଓ ତାଙ୍କ ପରିବାର ଲୋକେ କୃତଜ୍ଞତା ଜଣାଇଛନ୍ତି।

# ଦେଶର ପ୍ରଗତିରେ ସାମିଲହେବାକୁ ମହିଳାଙ୍କୁ ଆହ୍ୱାନ

କୋରାପୁଟ,୮।୩(ସ୍ୱ.ପ୍ର)



ମହିଳା ଦିବସ ଅବସରରେ ଆୟୋଜିତ ପୁଷ୍ଟିସାଧନ ଖାଦ୍ୟ ପ୍ରଦର୍ଶନୀ।

କୋରାପୁଟସ୍ଥିତ ସଦଭାବନା ସଭାଗୃହ ପରିସରରେ ମଙ୍ଗଳବାର ଆନ୍ତର୍ଜାତିକ ମହିଳା ଦିବସ ପାଳିତ ହୋଇଯାଇଛି। ଜିଲା ସମାଜ ମଙ୍ଗଳ ବିଭାଗ ଓ ମିଶନ ଶକ୍ତିର ମିଳିତ ସହଯୋଗରେ ହୋଇଥିବା ଏହି କାର୍ଯ୍ୟକ୍ରମରେ ଜିଲା ସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ଅରୁଣ ପାଢୀ ମୁଖ୍ୟଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମ ଉଦ୍‌ଘାଟନ କରିବା ସହିତ ମହିଳାଙ୍କୁ ଦେଶର ପ୍ରଗତି ସୋତ୍ରରେ ସାମିଲ ହେବାକୁ ଅହ୍ୱାନ ଦେଇଥିଲେ । ସମ୍ମାନିତ ଅତିଥିଭାବେ ଅତିରିକ୍ତ ଜିଲା ସମାଜ ମଙ୍ଗଳ ଅଧିକାରୀ, ଏନ ଆରସି ଅଧକ୍ଷ ରାଜ କୁମାରୀ ପଟ୍ଟନାୟକ, ଜିଲା ଶିଶୁ ସୁରକ୍ଷା ଅଧିକାରୀ ରାଜଶ୍ରୀ ଦାସ, ଜିଲା ପୃଷ୍ଟିସାଧନ ବିଭାଗର ମମତା ମହାନ୍ତି, ଓଡିଶା ଜୀବିକା ମିଶନର ପୋଗ୍ରାମ ମ୍ୟାନେଜର ସୁସ୍ମିତା ସାମନ୍ତରାୟ, ଜିଲା ପରିମଳ ମିଶନର ପୋଗ୍ରାମ ମ୍ୟାନେଜର ସୀମା ସ୍ୱାରକୀ ରାୟ, ଡାକ୍ତର ସୁନିତା ଜେନା ପ୍ରମୁଖ ଯୋଗଦେଇ ମହିଳାମାନଙ୍କୁ ଏକଜୁଟ ହୋଇ ସମାଜର ବିକାଶରେ ନିଜକୁ ସାମିଲ କରିବାକୁ ପରାମର୍ଶ ଦେଇ ନାରୀ ସର୍ବଗୁଣ ସମ୍ପର୍ଣ୍ଣ ଭାବେ ମହାନ ଏବଂ ସମାଜରେ ତାର ସ୍ଥାନ ଓ ଯୋଗଦାନ ଗୁରୁତ୍ୱପୂର୍ଣ୍ଣ ବୋଲି ପ୍ରକାଶ କରିଥିଲେ । ଏହି ଅବସରରେ ମୁଖ୍ୟଅତିଥି ଜିଲାର ଶ୍ରେଷ୍ଠ ବାଲ୍ୟବିବାହ ନିଷେଧ

### ଶ୍ରେଷ୍ଠ ୩ ଜଣ ମହିଳା କର୍ମଚାରୀ ସମ୍ମାନିତ

ଅଧିକାରୀ ଭାବେ ବୋରିଗୁମ୍ମା ଶିଶୁ ବିକାଶ କାର୍ଯ୍ୟକ୍ରମ ଅଧିକାରୀ ଗାୟତ୍ରୀ ବାହନୀପତି, ଜିଲାର ଶ୍ରେଷ୍ଠ ସମନ୍ୱିତ ଶିଶୁ ବିକାଶ ଯୋଜନା ପରିଦର୍ଶିକା ଭାବେ ସାବିତ୍ରୀପ୍ରଭା ସାହୁ ଏବଂ ଶ୍ରେଷ୍ଠ ଅଙ୍ଗନୱାଡି କର୍ମୀ ଭାବେ ଝୁନୁରାଣୀ ମହାନ୍ତିଙ୍କୁ ପୁରସ୍କୃତ କରିଥିଲେ। ସେହିପରି ୨ ଜଣ ବାଳିକାଙ୍କୁ ଜିଲାର ଶ୍ରେଷ୍ଠ ସଖୀ ଏବଂ ସହେଲି ଭାବେ ପୁରସ୍କୃତ କରାଯାଇଥିଲା। ଜିଲା ସମାଜ ମଙ୍ଗଳ ଅଧିକାରୀ ସୁଚେତା ପଣ୍ଡା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଏହି ଅବସରରେ ପୁଷ୍ଟିସାର ଖାଦ୍ୟ ନେଇ ଏକ ପ୍ରଦର୍ଶନୀ ହୋଇଥିଲା ।

# କାମକୁ ଯାଉଥିବା ଯୁବକଙ୍କ ଦୁର୍ଘଟଣାରେ ମୃତ୍ୟୁ

ପଟ୍ଟାଙ୍ଗୀ, ୮।୩(ଡି.ଏନ.ଏ.)

କୋରାପୁଟ ଜିଲା ପଟ୍ଟାଙ୍ଗୀ ବ୍ଲକ ନୂଆଗାଁ ପଞ୍ଚାୟତର ଜଣେ ଶିକ୍ଷିତ ଯୁବକ ଦାଦନ ଖଟିବାକୁ ପଡୋଶୀ ଆନ୍ଧ୍ର ରାଜ୍ୟକୁ ଯାଇ ଦୁର୍ଘଟଣାର ଶିକାର ହୋଇ ମୃତ୍ୟୁବରଣ କରିଛନ୍ତି। ତାଙ୍କ ନାମ ସାନୁ ପାଙ୍ଗି। ସେ ଗାଲିଗାବଡାର ଗ୍ରାମର କାରାଣା ପାଙ୍ଗିଙ୍କ ସାନପୁଅ ବୋଲି ଜଣାପଡିଛି। ସାନୁ ପ୍ରତିଦିନ ନିଜ ଗ୍ରାମରୁ ଆନ୍ଧ୍ରର ବିଶାଖାପାଟଣା ଜିଲା ଅନ୍ତର୍ଗତ ଆରୁକୁ ଭେଲି ଅଞ୍ଚଳର ଜଣେ ଠିକାଦାରଙ୍କ ପାଖକୁ ଯାଇ ଠିକାଦାରଙ୍କ ରେଲୱେ ଟ୍ରାକ ନିର୍ମାଣ କାର୍ଯ୍ୟରେ ଶ୍ରମିକ ଭାବେ କାମ କରୁଥିଲେ। ରବିବାର ସେ ବାଇକ୍ ଏପି୩୫ଏଚ୍-୧୩୨୯ ଯୋଗେ ଆରୁକୁ ଭେଲି ଅଭିମୁଖେ ଯାଉଥିବା ବେଳେ ଏକ ବୁଲାଣି ରାସ୍ତାରେ ଭାରସାମ୍ୟ ହରାଇ ଦୁର୍ଘଟଣା ଗ୍ରସ୍ତ ହୋଇଥିଲେ। ଫଳରେ ତାଙ୍କର ଘଟଣା ସ୍ଥଳରେ ହିଁ ମୃତ୍ୟୁ ଘଟିଥିଲା। ଆରୁକୁଭେଲି ପୋଲିସ ମୃତଦେହ ବ୍ୟବଚ୍ଛେଦ କରାଇ ପରିବାର ଲୋକଙ୍କୁ ହସ୍ତାନ୍ତର ବେଳେ ପରିବାର ଲୋକେ ଏନେଇ କ୍ଷତିପୂରଣ ଦାବି କରିଥିଲେ। ସାନୁ କାମ କରୁଥିବା ଠିକାଦାରଙ୍କୁ ପୋଲିସ ଡକାଇ ଆଲୋଚନା କରିବାରୁ ଠିକାଦାର ସାନୁଙ୍କ ପରିବାରକୁ କ୍ଷତିପୂରଣ ବାବଦକୁ ୧ ଲକ୍ଷ ଟଙ୍କା ଦେଇଥିଲେ। ପରେ ପରିବାର ଲୋକେ ମୃତଦେହ ନେଇ ଗ୍ରାମକୁ ଫେରିଥିଲେ ।

## ଅନ୍ତର୍ଜାତୀୟ ମହିଳା ଦିବସ

### ମହିଳାଙ୍କ ସୁରକ୍ଷା ନେଇ ବିଭିନ୍ନ ଆଇନ ବିଷୟରେ ଆଲୋଚନା

ରାୟଗଡ଼ା ଅଫିସ,୮।୩

ରାୟଗଡ଼ା ଜିଲା ଆଇନ ସେବା ପ୍ରାଧିକରଣ(ଡିଏଲ୍‌ଏସ୍‌ଏ) ପକ୍ଷରୁ ମଙ୍ଗଳବାର ସ୍ଥାନୀୟ ସହୋଦୟ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଜିଏନ୍‌ଏମ୍ ଟ୍ରେନିଂ କଲେଜଠାରେ ଅନ୍ତର୍ଜାତୀୟ ମହିଳା ଦିବସ ପାଳିତ ହୋଇଯାଇଛି। ଜିଲା ଦୌରା ଜଜ୍ ତଥା ପ୍ରାଧିକରଣର ଅଧକ୍ଷ ବିକ୍ରମ କେଶରୀ ପଟ୍ଟନାୟକଙ୍କ ଅଧକ୍ଷତାରେ ହୋଇଥିବା କାର୍ଯ୍ୟକ୍ରମରେ ପୋକ୍ସୋ ଆକ୍ଟ, ମହିଳାଙ୍କୁ ଘରୋଇ ହିଂସାରୁ ସୁରକ୍ଷା, ପିଏନ୍‌ଡିଟି ଆକ୍ଟ, ପୀଡ଼ିତାଙ୍କୁ କ୍ଷତିପୂରଣ ଆଦି ଆଇନ ବିଷୟରେ ଆଲୋଚନା କରାଯାଇଥିଲା। ଏଥିରେ ପରିବାର ଅଦାଲତର ବିଚାରପତି ଅମୃତ ରଞ୍ଜନ ନନ୍ଦ, ଅତିରିକ୍ତ ଜିଲା ଦୌରା ଜଜ୍ ରୀନା ଚୌଧୁରୀ, ଅତିରିକ୍ତ ଜିଲା ଦୌରାଜଜ୍ ସୋନାଲି ପଟ୍ଟନାୟକ, ମୁଖ୍ୟ ବିଚାର ବିଭାଗୀୟ ଦଣ୍ଡାଧିକାରୀ ମନୋରଞ୍ଜନ ଦାସ, ରେଜିଷ୍ଟ୍ରାର ଦେବିଜ୍ୟୋତି ମହାପାତ୍ର, ଡିଏଲ୍‌ଏସ୍‌ଏର ସଚିବ ନିବେଦିତା ପଣ୍ଡା, ଉପଖଣ୍ଡୀୟ ବିଚାର ବିଭାଗୀୟ ଅଧିକାରୀ ଗୁରୁଚରଣ ଜେନାମଣି, ନ୍ୟାୟାଧିକାରୀ ସୁଭାସିନି ବେହେରା, ଏଡିଏମ୍‌ଓ ସୋମନାଥ ପ୍ରଧାନ, ଜିଏନ୍‌ଏମ ଟ୍ରେନିଂ କଲେଜର ପ୍ରିନ୍ସିପାଲ, ଜିଲା ମୁଖ୍ୟ ଚିକିତ୍ସାଳୟର ଏଡିପିଏଚ୍‌ଓ, ପ୍ୟାନେଲ ଓକିଲ ସାମୁଏଲ ତାଣ୍ଡି ପ୍ରମୁଖ ଉପସ୍ଥିତ ଥିଲେ। ବାଧାବିଘ୍ନକୁ ଖାତିର ନ କରି ଲକ୍ଷ୍ୟ ପଥରେ ଅଗ୍ରସର ହେଲେ ସଫଳତା ମିଳିପାରିବ ବୋଲି ଡିଏଲ୍‌ଏସ୍‌ଏର ସମ୍ପାଦିକା ନିବେଦିତା ପଣ୍ଡା ନିଜର ଅଭିଭାଷଣରେ କହିଥିଲେ। ଜିଲା ଦୌରା ଜଜ୍ ନିଜ ଅଭିଭାଷଣରେ ମହିଳା ଦିବସ ପାଳନର ତାତ୍ପର୍ଯ୍ୟ ଓ ମହିଳାଙ୍କ ପ୍ରତି ସମସ୍ତଙ୍କ ଦାୟିତ୍ୱ ବିଷୟରେ ପୌରାଣିକ ଦୃଷ୍ଟାନ୍ତ ମାଧ୍ୟମରେ ବୁଝାଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ମୁଖ୍ୟ ବିଚାର ବିଭାଗୀୟ ଦଣ୍ଡାଧିକାରୀ ମନୋରଞ୍ଜନ ଦାସ ମହିଳାଙ୍କ ସୁରକ୍ଷା ପାଇଁ ରହିଥିବା ବିଭିନ୍ନ ଆଇନ ବିଷୟରେ ଧାରଣା ଦେଇଥିଲେ। ଜିଏନ୍‌ଏମ୍ ଟ୍ରେନିଂ କଲେଜର ଛାତ୍ରୀଛାତ୍ର ଓ କର୍ମକର୍ତ୍ତାଙ୍କ ଉପସ୍ଥିତିରେ ଡିଏଲ୍‌ଏସ୍‌ଏର ସମ୍ପାଦିକାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ହୋଇଥିଲା।

### 'ଆଜିର ଲିଙ୍ଗଗତ ସମାନତା, ଆସନ୍ତା କାଲିର କବଚ'




ବୈଠକରେ ଜିଲାପାଳ ଓ ଅନ୍ୟ ଅଧିକାରୀମାନେ।

ନବରଙ୍ଗପୁର, ୮।୩ (ବି.ପ୍ର.)

ନବରଙ୍ଗପୁର ଜିଲା ପ୍ରଶାସନର ସମାଜ କଲ୍ୟାଣ ବିଭାଗ ପକ୍ଷରୁ ମଙ୍ଗଳବାର ମିଶନ ଶକ୍ତି ସଭା ଗୃହରେ ଜିଲାସ୍ତରୀୟ ଆନ୍ତର୍ଜାତୀୟ ମହିଳା ଦିବସ ପାଳନ କରାଯାଇଛି। ଜିଲାପାଳ ଡଃ କମଳ ଲୋଚନ ମିଶ୍ର, ଏସ୍‌ପି ପି.ଏସ୍. ପରଷୋତ୍ତମ ଦାସ, ଉପଜିଲାପାଳ ଅଗ୍ରୱାଲ ଅକ୍ଷୟ ସୁନୀଲ ପ୍ରଦୀପ ପ୍ରଜ୍ୱଳନ କରି କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ପାରମ୍ଭରେ ଜିଲା ସମାଜ କଲ୍ୟାଣ ଅଧିକାରୀ ସ୍ୱର୍ଣଲତା ବିଶ୍ୱାସ ମହିଳା ଦିବସର ଉଦେଶ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ମହିଳାମାନେ ଅବଳା ନୁହଁନ୍ତି। ପୁରୁଷଙ୍କ ପରି ମହିଳାମାନେ ମଧ୍ୟ ସବୁ କାର୍ଯ୍ୟ କରିପାରୁଛନ୍ତି। ସମାଜରେ ପୁରୁଷ ମହିଳାଙ୍କ ମଧ୍ୟରେ ସମାନତା ଆଣିବା ନିମନ୍ତେ ଚଳିତ ବର୍ଷ ଆର୍ନ୍ତଜାତିକ ମହିଳା ଦିବସର ଆଲୋଚ୍ୟ ବିଷୟ 'ଆଜିର ଲିଙ୍ଗଗତ ସମାନତା ଆସନ୍ତା କାଲିର ସୁରକ୍ଷା କବଚ' ବୋଲି ସେ କହିଥିଲେ। ସମାଜରେ ସବୁକ୍ଷେତ୍ରରେ ମହିଳାଙ୍କର ଭାଗିଦାରିତାକୁ ସୁନିଶ୍ଚିତ କରିବା ସହିତ ଆର୍ଥିକ କ୍ଷେତ୍ରରେ ସ୍ୱାବଲମ୍ବୀ କରିବାକୁ ଜିଲାପାଳ ଆହ୍ୱାନ ଦେଇଥିଲେ। ପୁରୁଷମାନେ ମହିଳାଙ୍କୁ ପ୍ରତ୍ୟେକ କ୍ଷେତ୍ରରେ ସମ୍ମାନ ଦେଇ କାର୍ଯ୍ୟ କରିଲେ ସମାଜରୁ ବିଷମତା ହଟିବ ବୋଲି ସେ କହିଥିଲେ। ମହିଳାମାନେ ଶିକ୍ଷିତ ହୋଇ ପାରିଲେ ସମାଜରୁ ଅନ୍ଧ ବିଶ୍ୱାସହଟିବା ସହିତ ବାଲ୍ୟ ବିବାହ ପରି କଳଙ୍କିତ ପ୍ରଥାର ବିଲୋପ ହୋଇ ପାରିବ ବୋଲି ଏସ୍‌ପି କହିଥିଲେ। ଅନ୍ୟାୟକୁ ମହିଳାମାନେ ନୀରବରେ ସହ୍ୟ ନ କରି ଏହାର ପ୍ରତିବାଦ କରିବାକୁ ସେ ଉପଜିଲାପାଳ କହିଥିଲେ। ଜିଲା ଶିଶୁ ସୁରକ୍ଷା ଅଧିକାରୀ ସୁରେଶ ପଟ୍ଟନାୟକ, ଆକ୍ସନଏଡ ଜିଲା ପରାମର୍ଶ ଦାତା ଫକିର ଚରଣ ରାଉତ, ଆଇନଜୀବୀ କିଶୋରୀ ପଟ୍ଟନାୟକ, ସହାୟକ ସମାଜ କଲ୍ୟାଣ ଅଧିକାରୀ ନରହରି ସିଂ ଉପସ୍ଥିତ ଥିଲେ। ଜିଲାରେ ବାଲ୍ୟବିବାହ ରୋକିବା ଓ କିଶୋରୀ ସଶକ୍ତିକରଣ ଦିଗରେ ଉଲ୍ଲେଖନୀୟ ଭାବରେ କାମ କରିଥିବା ଶ୍ରେଷ୍ଠ ବାଲ୍ୟବିବାହ ନିଷେଧ ଅଧିକାରୀ ଭାବରେ ଗୀତା ମହାରଣା, ସୁପର ଭାଇଜର ସଞ୍ଜୁକ୍ତା ବେହେରା, ଅଙ୍ଗନୱାଡି କର୍ମୀ ଚନ୍ଦ୍ରମା ମହାରଣା, ସଖୀ– ସରିତା ଗରଡା, ସହେଲି– ଯୁନିକି ସଖୀନା ହିଆଲ, ସଖା– ସୂତମ ଭତ୍ରା , ମହିଳା ପୋଲିସ , ୱାନଷ୍ଟପ ସେଣ୍ଟରର କର୍ମୀ ଓ କୋଭିଡି ଯୋଦ୍ଧାଙ୍କୁ ସମାମନିତ କରାଯାଇଛି। ସୁପରଭାଇଜର ସସ୍ମିତା ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ।

### ବିଶ୍ୱ ମହିଳା ଦିବସରେ ବିକ୍ଷୋଭ

ଜୟପୁର, ୮।୩(ନି.ପ୍ର.)

ଆନ୍ତର୍ଜାତୀୟ ମହିଳା ଦିବସରେ ଶ୍ରମିକ-କର୍ମଚାରୀ ଭବନ ସମ୍ମୁଖରେ କମ୍ୟୁନିଷ୍ଟ ପାର୍ଟିର ଯୁବ ଛାତ୍ର ବିଭାଗ ପକ୍ଷରୁ ଏକ ବିକ୍ଷୋଭ ସମାବେଶ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜୟପୁର ମହିଳା ମହାବିଦ୍ୟାଳୟ ଓ ବିକ୍ରମଦେବ ମହାବିଦ୍ୟାଳୟ ଛାତ୍ରୀମାନେ ସାମିଲ ହୋଇଥିଲେ। ଆବାହକ ସତ୍ୟବ୍ରତ ନନ୍ଦଙ୍କ ଆହ୍ୱାନରେ ହୋଇଥିବା ଏହି କାର୍ଯ୍ୟକ୍ରମରେ ମୁଖ୍ୟ ପ୍ରସଙ୍ଗ ଥିଲା ରୁଷ ଚଳାଇଥିବା ଯୁଦ୍ଧ ବନ୍ଦ କରିବା। ଆମେ ଯୁଦ୍ଧ ନୁହେଁ ଶାନ୍ତି ଚାହୁଁ ପୃଥିବୀକୁ ପରମାଣୁ ବୋମାମୁକ୍ତ କରିବା ନେଇ ଆନ୍ତର୍ଜାତୀୟ ମହିଳା ସଙ୍ଗଠନ ସମେତ ସମସ୍ତ ଅନୁଷ୍ଠାନ ସ୍ୱର ଉତ୍ତୋଳନ କରନ୍ତୁ ବୋଲି ମତ ପ୍ରକାଶ ପାଇଥିଲା। ଯେକୌଣସି ସ୍ଥାନରେ ମହିଳାମାନଙ୍କ ଉପରେ ଅତ୍ୟାଚାର ହେଲେ ରାଜରାସ୍ତାକୁ ଓହ୍ଲାଇ ଆନ୍ଦୋଳନ କରିବା ପାଇଁ ଅତିଥିମାନେ ଆହ୍ୱାନ ଦେଇଥିଲେ। ସିପିଆଇ ନେତା ପ୍ରମୋଦ କୁମାର ମହାନ୍ତି, ବିମଳ ପଟ୍ଟନାୟକ, ତିରୁପତି ସଗରିଆ, ନରସିଂହ ଜାନିଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ।

### ମା' ଭୈରବୀ ଏସଏଚଜି ପୁରସ୍କୃତ

ଚିତ୍ରକୋଣ୍ଡା, ୮।୫(ଡି.ଏନ.ଏ.)–

ମାଲକାନଗିରି ଜିଲା ଡିଆରଡିଏ ସମ୍ମିଳନୀ କକ୍ଷରେ ଆୟୋଜିତ ଜିଲାସ୍ତରୀୟ ଅନ୍ତର୍ଜାତୀୟ ମହିଳା ଦିବସ ଅବସରରେ ଶ୍ରେଷ୍ଠ ଏସଏଚଜି ଭାବେ ଚିତ୍ରକୋଣ୍ଡା ସ୍ୱାଭିମାନ ଅଞ୍ଚଳ ପାପରମେଟେଲା ପଞ୍ଚାୟତ ତଣ୍ଟାଗୁଡା ଗ୍ରାମର ମା' ଭୈରବୀ ଏସଏଚଜି ପୁରସ୍କୃତ ହୋଇଛି। ଛତୁ ଚାଷ କ୍ଷେତ୍ରରେ ଗୋଷ୍ଠୀ ସଭାପତି ଅମରାବତୀ ହନ୍ତାଳ ଓ ସମ୍ପାଦିକା ଧନାଇ ଆଞ୍ଜେଲ ଡିପିଏମ ପବିତ୍ର ମୋହନ ବରୁଆ, ସିଡିପିଓ ପବିତ୍ରା ବିଶ୍ୱାସ ଉପସ୍ଥିତ ଥିଲେ।

# ଗ୍ରୀଷ୍ମ ମୁକାବିଲା: ପାନୀୟ ଜଳ, ବିଦ୍ୟୁତ୍ ସମସ୍ୟା ଉପରେ ଜିଲାପାଳଙ୍କ ଗୁରୁତ୍ୱ

ମାଲକାନଗିରି,୮।୩ (ଡି.ଏନ୍.ଏ.)



ଜିଲାପାଳଙ୍କ ଅଧକ୍ଷତାରେ ଚାଲିଥିବା ବୈଠକ।

ମାଲକାନଗିରି ଜିଲାରେ ଗ୍ରୀଷ୍ମ ପ୍ରଭାବକୁ ଦୃଷ୍ଟିରେ ରଖି ମଙ୍ଗଳବାର ଜିଲାପାଳ ବିଶାଳ ସିଂଙ୍କ ଅଧକ୍ଷତାରେ ପଞ୍ଚାୟତିରାଜ ବିଭାଗ ସମ୍ମିଳନୀ କକ୍ଷରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟୁତ୍, ପାନୀୟ ଜଳ ସମସ୍ୟା, ଶ୍ରମିକମାନଙ୍କ ପାଇଁ କାର୍ଯ୍ୟ ସମୟ ସୀମା ଧାର୍ଯ୍ୟ ଉପରେ ଜିଲାପାଳ ଗୁରୁତ୍ୱାରୋପ କରିଥିଲେ। ବୈଠକରେ ଅତିରିକ୍ତ ଜିଲାପାଳ ବୀରସେନ ପ୍ରଧାନ, ଉପଜିଲାପାଳ ଅକ୍ଷୟ ଖେମୁଡୁ, ଜିଲା ମୁଖ୍ୟ ଚିକିତ୍ସାଧିକାରୀ ପ୍ରଫୁଲ୍ଲ ନନ୍ଦ, ବିଦ୍ୟୁତ୍ ବିଭାଗ ନିର୍ବାହୀଯନ୍ତ୍ରୀ ପ୍ରତାପ କିଶୋର ନାୟକଙ୍କ ସମେତ ଜିଲାର ସମସ୍ତ ତହସିଲଦାର ଏବଂ ବିଡିଓମାନେ ଉପସ୍ଥିତ ଥିଲେ। ଗ୍ରାମାଞ୍ଚଳରେ ଥିବା ଅଚଳ ନଳକୂପଗୁଡିକୁ ତୁରନ୍ତ ମରାମତି କରିବା, ବସ୍‌ଷ୍ଟାଣ୍ଡ, ଯାତ୍ରୀ ବିଶ୍ରାମାଗାର, ସାପ୍ତାହିକ ଓ ଦୈନିକ ବଜାର, ସରକାରୀ ବେସରକାରୀ କାର୍ଯ୍ୟାଳୟ, ଗ୍ରାମାଞ୍ଚଳର ପ୍ରତି ଛକରେ ଜଳଛତ୍ର କେନ୍ଦ୍ର ଖୋଲିବାକୁ ନିଷ୍ପତ୍ତି ହୋଇଥିଲା। ସେହିପରି ବିଦ୍ୟୁତ୍ ବିଭ୍ରାଟ ଓ ଅଘୋଷିତ ବିଦ୍ୟୁତ୍ କାଟ୍ ଯେପରି ନ ହୁଏ, ସେଥିପ୍ରତି ବିଭାଗ ସର୍ବାଧିକ ଗୁରୁତ୍ୱ ଦେବା ଲାଗି ଜିଲାପାଳ ପରାମର୍ଶ ଦେଇଥିଲେ। ଶ୍ରମିକମାନେ ସକାଳ ୭ଟାରୁ ୧୧ଟା ପର୍ଯ୍ୟନ୍ତ ଏବଂ ଅପରାହ୍ନ ୩ରୁ ୫ଟା ପର୍ଯ୍ୟନ୍ତ କାର୍ଯ୍ୟ କରିବେ। କୌଣସି ବ୍ୟକ୍ତି କିମ୍ବା ଠିକାଦାର ସଂସ୍ଥା ଏହାକୁ ଉଲ୍ଲଂଘନ କଲେ ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଜିଲାପାଳ ତାଗିଦା କରିଥିଲେ। ଅଙ୍ଗନୱାଡି କେନ୍ଦ୍ର ଏବଂ ବିଦ୍ୟାଳୟଗୁଡିକରେ ପାନୀୟ ଜଳ ବ୍ୟବସ୍ଥା ସହ ଆଶୁ ଚିକିତ୍ସା ପାଇଁ ଔଷଧ ଗଚ୍ଛିତ ରଖିବାକୁ କୁହାଯାଇଥିଲା। ଜନସାଧାରଣ ଓ ବରିଷ୍ଠ ନାଗରିକମାନେ କୌଣସି କାର୍ଯ୍ୟରେ ବାହାରକୁ ବାହାରିଲେ ମୁଣ୍ଡରେ ଗାମୁଛା, ଓଦା କନା, ଛତା ଏବଂ ପାଣି ବୋତଲ ନେବାକୁ ଜିଲାପାଳ ସିଂ ପରାମର୍ଶ ଦେଇଛନ୍ତି।

## ମହିଳାଙ୍କ ପାଇଁ ଦିନଟିଏ




ରାୟଗଡ଼ାଜିଲା ବିଷମକଟକ ମାଁ ମାର୍କମା କଲେଜରେ ମହିଳା ଦିବସ ପାଳିତ ।




ଜିଆଇଇଟି ବିଶ୍ୱବିଦ୍ୟାଳୟ ।




ରାୟଗଡ଼ା ଜିଲା ମଜ୍‌ଦୁର ସଂଘ ।



ରାୟଗଡ଼ା ମା'ଘର ।



କୋରାପୁଟ ଜିଲା ଜୟପୁରରେ ମହିଳା କଂଗ୍ରେସ ପକ୍ଷରୁ କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି।



ଦଶମନ୍ତପୁର ଅଗ୍ରଗାମୀ ଅନୁଷ୍ଠାନ ପକ୍ଷରୁ ଆୟୋଜିତ କାର୍ଯ୍ୟକ୍ରମ।



ବାଲିମେଲା ବିଜ୍ଞାନ ଓ ବୈଷୟିକ ମହାବିଦ୍ୟାଳୟ।



କୋଟପାଡରେ ମହିଳା ଦିବସ।



ସୁନାବେଡ଼ାରେ ମା'ଘର ସୁରକ୍ଷା ସେନା ପକ୍ଷରୁ ମହିଳା ଦିବସ।

## ଓଡ଼ିଶା ସରକାର

# କେନ୍ଦୁଝର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ

### ଅଧିସୂଚନା

**No. SPL.LAOR.I.P-JAJ-08//2021/168/R.I.P.** **Dated: 02.02.2022**

No. V-101: ଯେହେତୁ ଓଡ଼ିଶା ସରକାରଙ୍କୁ ପ୍ରତୀତ ହେଉଅଛି କି ଏକ ସାର୍ବଜନୀନ ଉଦ୍ଦେଶ୍ୟରେ କେନ୍ଦୁଝର ଜିଲ୍ଲାର ରେଙ୍ଗାଳି ଜଳସେଚନ ପ୍ରକଳ୍ପର ବାମ ମୁଖ୍ୟ କେନାଲ ନିର୍ମାଣ ନିମନ୍ତେ ସରକାର (Appropriate Government) ସରକାରୀ ବ୍ୟୟରେ ମୌଜା: ଖଲଣା, ଥାନା: ରାମଚନ୍ଦ୍ରପୁର – ୮୭, ତହସିଲ: ଘସିପୁରା, ଜିଲ୍ଲା: କେନ୍ଦୁଝରରେ ନିମ୍ନ ତଫସିଲମତେ ପ୍ରାୟ ଏ.୩୦.୫୪୫ ଭୂମି ଅର୍ଜନ କରିବା ଆବଶ୍ୟକ ହେଉଅଛି।

ତେଣୁ ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ ୨୦୧୩ (RFCTLAR & R Act, 2013)ର ୧୧(୧)ଧାରାରେ ଭାରପ୍ରାପ୍ତ ହୋଇ ସରକାର (Appropriate Government) ଏତଦ୍ଦ୍ୱାରା ନିମ୍ନ ଅନୁସୂଚୀରେ ପ୍ରଦତ୍ତ ଜମି ଅଧିଗ୍ରହଣ ପାଇଁ ପ୍ରାରମ୍ଭିକ ଅଧିସୂଚନା ଜାରି କରାଯାଉଛି।

ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ ୧୧(୧) ଧାରା ଅନୁଯାୟୀ ଘୋଷିତ ଏହି ପ୍ରାରମ୍ଭିକ ଅଧିସୂଚନାଟି ଏଥିସହିତ ସମ୍ପୃକ୍ତ ସମସ୍ତଙ୍କ ପାଇଁ ପ୍ରଯୁଜ୍ୟ ଅଟେ।

ଯଦି ସମ୍ପୃକ୍ତ ଜମିର କୌଣସି ସ୍ୱତ୍ୱାଧିକାରୀ/ଜମି ମାଲିକ ଭୂମି ଅଧିଗ୍ରହଣ ଅଧିସୂଚନା ସମ୍ପର୍କିତ ଅଧିସୂଚିତ ଜମିର ଉପଯୋଗିତା, ରକବା ଏବଂ ସାର୍ବଜନୀନ ଉଦ୍ଦେଶ୍ୟର ଔଚିତ୍ୟ ବିଷୟରେ କୌଣସି ଆପତ୍ତି ଥାଏ, ସେ ଉକ୍ତ ପ୍ରାରମ୍ଭିକ ଅଧିସୂଚନା ପ୍ରକାଶନର ୬୦ଦିନ ମଧ୍ୟରେ ସମ୍ପୃକ୍ତ ଜିଲ୍ଲାପାଳଙ୍କ ନିକଟରେ ଲିଖିତ ଆକାରରେ ଅଭିଯୋଗ କରିପାରିବେ।

### ପ୍ରକଳ୍ପ ସମ୍ବନ୍ଧୀୟ ବିବରଣୀ

୧. ସାର୍ବଜନୀନ ଉଦ୍ଦେଶ୍ୟର ସ୍ୱରୂପ – ରେଙ୍ଗାଳି ଜଳସେଚନ ପ୍ରକଳ୍ପର ବାମ ପାର୍ଶ୍ୱ କେନାଲ – ୨, ବାଲିବରାଉ ଟେଲ୍ ଡିଷ୍ଟ୍ରିବ୍ୟୁଟାରୀ ନିର୍ମାଣ ନିମନ୍ତେ।
୨. ଜମି ଆବଶ୍ୟକ କରୁଥିବା ସଂସ୍ଥାର ନାମ – ଅଧୀକ୍ଷଣ ଯନ୍ତ୍ରୀ, ବାମ ପାର୍ଶ୍ୱ କେନାଲ ଡିଭିଜନ-୩, ଡୁବୁରି।
୩. କ୍ଷତିଗ୍ରସ୍ତ ଲୋକଙ୍କ ବିସ୍ଥାପନ ଆବଶ୍ୟକତାର କାରଣ – ସାର୍ବଜନୀନ ଉଦ୍ଦେଶ୍ୟରେ ଜଳସେଚନ ପ୍ରକଳ୍ପ ନିର୍ମାଣ ନିମନ୍ତେ କାର୍ଯ୍ୟକାରୀ କରିବା।
୪. ସାମାଜିକ ପ୍ରଭାବ ମୂଲ୍ୟାୟନର ସାରାଂଶ ଉକ୍ତ ପ୍ରକଳ୍ପ ପାଇଁ ପ୍ରଯୁଜ୍ୟ ନୁହେଁ।
୫. ପୁନର୍ବାସ ଓ ଥଇଥାନ ପାଇଁ ନିଯୁକ୍ତ ପ୍ରଶାସକଙ୍କ ବିବରଣୀ – ଉପ-ଜିଲ୍ଲାପାଳ, କେନ୍ଦୁଝର।
୬. ଜମିର ବିବରଣୀ:

| ଜିଲ୍ଲା | ତହସିଲ | ଗ୍ରାମ | ଗ୍ରାମାଞ୍ଚଳ/ ସହରାଞ୍ଚଳ | ଖାତା ନଂ. | ପ୍ଲଟ ନଂ. | ପ୍ଲଟର ମୋଟ ରକବା | ଅଧିସୂଚିତ ଜମିର ରକବା | ରୟତଙ୍କ ନାମ |
|---|---|---|---|---|---|---|---|---|
| କେନ୍ଦୁଝର | ଘସିପୁରା | ଖଲଣା | ଗ୍ରାମାଞ୍ଚଳ | ଏଥିସହିତ ସଂଲଗ୍ନ | ଏଥିସହିତ ସଂଲଗ୍ନ | ଏଥିସହିତ ସଂଲଗ୍ନ | ୩୦.୫୪୫ ଏକର | ଏଥିସହିତ ସଂଲଗ୍ନ |

ଉକ୍ତ ଭୂମିର ଏକ ନକ୍ସା ସ୍ୱତନ୍ତ୍ର ଭୂ-ଅର୍ଜନ ଅଧିକାରୀ, ରେଙ୍ଗାଳି ଜଳସେଚନ ପ୍ରକଳ୍ପ, ବାମ ପାର୍ଶ୍ୱ କେନାଲ-୨, ସୁକିନ୍ଦାଙ୍କ କାର୍ଯ୍ୟାଳୟରେ କାର୍ଯ୍ୟଦିବସମାନଙ୍କରେ ଦେଖିବାକୁ ମିଳିପାରିବ।

ଉକ୍ତ ଅଧିସୂଚନା ଅନ୍ତର୍ଭୁକ୍ତ କୌଣସି ଜମିର କ୍ରୟ ବିକ୍ରୟ, ହସ୍ତାନ୍ତର (ଦେଣନେଣ) କିମ୍ବା ଦାୟ ସୃଷ୍ଟି କେନ୍ଦୁଝର ଜିଲ୍ଲାପାଳଙ୍କ ପୂର୍ବାନୁମୋଦନ ବିନା କରାଯାଇପାରିବ ନାହିଁ।

**ରାଜ୍ୟପାଳଙ୍କ ଆଦେଶକ୍ରମେ**
**ସ୍ୱା./- ଜିଲ୍ଲାପାଳ, କେନ୍ଦୁଝର**

## ଜମି ଅନୁସୂଚୀ

### ବାଲିବରାଉ ଟେଲ୍ ଡିଷ୍ଟ୍ରିବ୍ୟୁଟାରୀ

### ଗ୍ରାମର ନାମ: ଖଲଣା, ଥାନାର ନାମ: ରାମଚନ୍ଦ୍ରପୁର ନଂ. ୮୭, ତହସିଲ: ଘସିପୁରା, ଜିଲ୍ଲା: କେନ୍ଦୁଝର

### ଜମି ଅଧିଗ୍ରହଣ କେସ୍ ନଂ. ୦୮/୨୦୨୧

| କ୍ର. ନଂ. | ଖତିୟାନ ନଂ. | ପ୍ଲଟ ନଂ. | ପ୍ଲଟର ମୋଟ ରକବା (ଏକରରେ) | ଅଧିସୂଚିତ ଜମିର ରକବା | ରୟତଙ୍କ ନାମ | ମନ୍ତବ୍ୟ |
|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ |
| ୧ | ୩ | ୩୭୧୬ | ୦.୦୭୦ | ୦.୦୭୦ | ଅଇଁଠୁ ଦାସ, ପିତା: କାଟି ଦାସ, ଜା: ଖଣ୍ଡାୟତ, ବା: ନିଜଗାଁ | |
| ୨ | ୧୪ | ୫୪୫୯ | ୦.୧୩୦ | ୦.୧୩୦ | ଅନୁ ରାଉତ, ପିତା: ରାମ ରାଉତ, ଜା: ଖଣ୍ଡାୟତ, ବା:ନିଜଗାଁ | |
| ୩ | | ୫୯୯୨ | ୦.୦୫୦ | ୦.୦୪୦ | ଅନୁ ରାଉତ, ପିତା: ରାମ ରାଉତ, ଜା: ଖଣ୍ଡାୟତ, ବା:ନିଜଗାଁ | |
| ୪ | | ୬୦୦୦ | ୦.୦୮୦ | ୦.୦୪୦ | ଅନୁ ରାଉତ, ପିତା: ରାମ ରାଉତ, ଜା: ଖଣ୍ଡାୟତ, ବା:ନିଜଗାଁ | |
| ୫ | ୩୧ | ୩୫୮୦ | ୦.୦୬୦ | ୦.୦୧୦ | ଆନନ୍ଦ ସାହୁ, ପିତା: ଭଗବାନ ସାହୁ ଓଗେର, ଜା: ତେଲି, ବା: ନିଜଗାଁ | |
| ୬ | | ୩୬୨୯ | ୦.୧୭୦ | ୦.୧୧୦ | ଆନନ୍ଦ ସାହୁ, ପିତା: ଭଗବାନ ସାହୁ ଓଗେର, ଜା: ତେଲି, ବା: ନିଜଗାଁ | |
| ୭ | ୩୩ | ୫୪୧୧ | ୦.୧୬୦ | ୦.୦୩୦ | ଆନନ୍ଦ ଚରଣ ସାହୁ, ପିତା: ସାନ୍ଧୁ ସାହୁ, ଜା: ତେଲି, ବା: ନିଜଗାଁ | |
| ୮ | ୩୬ | ୩୬୫୪ | ୦.୧୦୦ | ୦.୧୦୦ | ଆନନ୍ଦ ମାଝୀ, ପିତା: ମହି ମାଝୀ ଓଗେର, ଜା: ଖଣ୍ଡାୟତ, ବା: ନିଜଗାଁ | |
| ୯ | ୩୭ | ୪୯୨୨ | ୦.୦୮୦ | ୦.୦୫୦ | ଇନ୍ଦ୍ର ସା, ପିତା: ଚନ୍ଦ୍ରୁ ସା, ଜା: ଖଣ୍ଡାୟତ, ବା: ନିଜଗାଁ | |
| ୧୦ | ୪୪ | ୫୫୯୭ | ୦.୨୪୦ | ୦.୨୪୦ | ଉମା ମାଝୀ, ସ୍ୱାମୀ: କେଶବ ଚରଣ ମାଝୀ, ଜା: ଖଣ୍ଡାୟତ, ବା: ନିଜଗାଁ | |
| ୧୧ | ୫୩ | ୫୭୮୭ | ୦.୧୦୦ | ୦.୦୭୦ | କପିଳ ଦଳେଇ, ପିତା: ଦଶମା ଦଳେଇ, ଜା: ଖଣ୍ଡାୟତ, ବା: ନିଜଗାଁ | |
| ୧୨ | | ୫୭୮୭/ ୬୫୮୬ | ୦.୦୭୦ | ୦.୦୭୦ | କପିଳ ଦଳେଇ, ପିତା: ଦଶମା ଦଳେଇ, ଜା: ଖଣ୍ଡାୟତ, ବା: ନିଜଗାଁ | |
| ୧୩ | ୫୯ | ୪୯୨୩ | ୦.୦୮୦ | ୦.୦୫୦ | ବିକଳା ସା, ପିତା: ନିଧି ସା ଓଗେର, ଜା: ଖଣ୍ଡାୟତ, ବା: ନିଜଗାଁ | |
| ୧୪ | | ୫୦୯୪ | ୦.୨୧୦ | ୦.୧୩୦ | ବିକଳା ସା, ପିତା: ନିଧି ସା ଓଗେର, ଜା: ଖଣ୍ଡାୟତ, ବା: ନିଜଗାଁ | |
| ୧୫ | ୬୬ | ୭୬୧ | ୦.୧୮୦ | ୦.୧୮୦ | କରୁଣୀ ବେହେରା, ପିତା: ଡେଙ୍ଗାବାନା ବେହେରା, ଜା: ଖଣ୍ଡାୟତ, ବା: ନିଜଗାଁ | |
| ୧୬ | ୬୯ | ୫୪୫୩ | ୦.୦୭୦ | ୦.୦୭୦ | କାନଧୁରି ରାଉତ, ପିତା: ସନେଇ ରାଉତ ଓଗେର, ଜା: ଖଣ୍ଡାୟତ, ବା: ନିଜଗାଁ | |
| ୧୭ | ୯୦ | ୫୨୪୭ | ୦.୨୫୦ | ୦.୧୨୦ | ଦୁର ସାହୁ, ସ୍ୱାମୀ: ସୁବର୍ଣ୍ଣ ସାହୁ ଓଗେର, ଜା: ତେଲି, ବା: ନିଜଗାଁ | |
| ୧୮ | ୯୬ | ୩୫୬୫ | ୦.୦୮୦ | ୦.୦୮୦ | କୁଶ ଘୋଷ, ପିତା: ଗଙ୍ଗାଧର ଘୋଷ, ଜା: ଖଣ୍ଡାୟତ, ବା: ନିଜଗାଁ | |
| ୧୯ | ୯୭ | ୭୬୦ | ୦.୧୫୦ | ୦.୧୫୦ | କୃଷ୍ଣଚନ୍ଦ୍ର ସା, ପିତା: ପୁରୀ ସା, ଜା: ଖଣ୍ଡାୟତ, ବା: ନିଜଗାଁ | |
| ୨୦ | ୯୯ | ୩୫୭୧ | ୦.୦୬୦ | ୦.୦୪୦ | ବଡ଼କୃଷ୍ଣ ମାଝୀ, ପିତା: ପରି ମାଝୀ, ଜା: ଖଣ୍ଡାୟତ, ବା: ନିଜଗାଁ | |
| ୨୧ | ୧୦୪ | ୩୬୩୭ | ୦.୨୪୦ | ୦.୧୫୦ | କୃଷ୍ଣ ବେହେରା, ପିତା: ଭବନ ବେହେରା, ଜା: ଖଣ୍ଡାୟତ, ବା: ନିଜଗାଁ | |
| ୨୨ | | ୫୨୫୦ | ୦.୧୦୦ | ୦.୦୬୦ | କୃଷ୍ଣ ବେହେରା, ପିତା: ଭବନ ବେହେରା, ଜା: ଖଣ୍ଡାୟତ, ବା: ନିଜଗାଁ | |
| ୨୩ | ୧୦୫ | ୩୬୩୬ | ୦.୨୭୦ | ୦.୧୮୦ | କୃଷ୍ଣ ବେହେରା, ପିତା: ଭବନ ବେହେରା ଓଗେର, ଜା: ଖଣ୍ଡାୟତ, ବା: ନିଜଗାଁ | |
| ୨୪ | ୧୨୨ | ୭୪୦ | ୦.୭୭୦ | ୦.୩୧୦ | ଗାଇ ରାଉତ, ପିତା: ପାଣ୍ଡୁ ରାଉତ ଓଗେର, ଜା: ଖଣ୍ଡାୟତ, ବା: ନିଜଗାଁ | |
| ୨୫ | ୧୩୧ | ୩୬୮୫ | ୦.୦୪୦ | ୦.୦୪୦ | ଗଣି ବାରିକ, ପିତା: ନିଶା ବାରିକ ଓଗେର, ଜା: ଭଣ୍ଡାରି, ବା: ନିଜଗାଁ | |
| ୨୬ | | ୫୨୬୩ | ୦.୧୭୦ | ୦.୧୦୦ | ଗଣି ବାରିକ, ପିତା: ନିଶା ବାରିକ ଓଗେର, ଜା: ଭଣ୍ଡାରି, ବା: ନିଜଗାଁ | |
| ୨୭ | ୧୫୨ | ୫୨୫୭ | ୦.୦୭୦ | ୦.୦୭୦ | ଦୈତାରି ସାହୁ, ପିତା: ଲକ୍ଷ୍ମଣ ସାହୁ ଓଗେର, ଜା: ତେଲି, ବା: ନିଜଗାଁ | |
| ୨୮ | | ୭୩୨ | ୧.୯୯୦ | ୦.୦୮୦ | ଦୈତାରି ସାହୁ, ପିତା: ଲକ୍ଷ୍ମଣ ସାହୁ ଓଗେର, ଜା: ତେଲି, ବା: ନିଜଗାଁ | |
| ୨୯ | | ୭୩୮ | ୦.୧୬୦ | ୦.୧୬୦ | ଦୈତାରି ସାହୁ, ପିତା: ଲକ୍ଷ୍ମଣ ସାହୁ ଓଗେର, ଜା: ତେଲି, ବା: ନିଜଗାଁ | |
| ୩୦ | ୧୫୬ | ୫୨୫୧ | ୦.୧୦୦ | ୦.୧୦୦ | ଗୋବିନ୍ଦ ସାହୁ, ପିତା: ହାଡ଼ି ସାହୁ, ଜା: ଗୁଡ଼ିଆ, ବା: ନିଜଗାଁ | |
| ୩୧ | ୧୬୧ | ୩୭୧୨ | ୦.୧୬୦ | ୦.୦୪୦ | ବୃନ୍ଦାବନ ବେହେରା, ପିତା: ବଇଶିମ ବେହେରା ଓଗେର, ଜା: ଗୋପାଳ, ବା: ନିଜଗାଁ | |
| ୩୨ | ୧୮୩ | ୫୧୦୦ | ୦.୩୬୦ | ୦.୧୬୦ | ଚଇନ ଦାସ, ପିତା: କମ୍ପୁ ଦାସ ଓଗେର, ଜା: ଖଣ୍ଡାୟତ, ବା: ନିଜଗାଁ | |
| ୩୩ | ୧୯୧ | ୫୫୮୯ | ୦.୬୬୦ | ୦.୩୧୦ | ଚଇତନ ସେଠି, ପିତା: କୁଞ୍ଜ ସେଠି, ଜା: ଧୋବା, ବା: ନିଜଗାଁ | |
| ୩୪ | | ୫୬୩୯ | ୦.୦୨୦ | ୦.୦୨୦ | ଚଇତନ ସେଠି, ପିତା: କୁଞ୍ଜ ସେଠି, ଜା: ଧୋବା, ବା: ନିଜଗାଁ | |
| ୩୫ | | ୫୭୫୨ | ୦.୦୫୦ | ୦.୦୫୦ | ଚଇତନ ସେଠି, ପିତା: କୁଞ୍ଜ ସେଠି, ଜା: ଧୋବା, ବା: ନିଜଗାଁ | |
| ୩୬ | ୧୯୯ | ୩୬୪୩ | ୦.୧୪୦ | ୦.୧୪୦ | ବଇଧର ବେହେରା, ପିତା: ମୂଳି ବେହେରା ଓଗେର, ଜା: ଖଣ୍ଡାୟତ, ବା: ନିଜଗାଁ | |
| ୩୭ | | ୮୧୨ | ୦.୫୫୦ | ୦.୪୧୦ | ବଇଧର ବେହେରା, ପିତା: ମୂଳି ବେହେରା ଓଗେର, ଜା: ଖଣ୍ଡାୟତ, ବା: ନିଜଗାଁ | |
| ୩୮ | ୨୦୪ | ୫୦୯୫ | ୦.୨୨୦ | ୦.୧୪୦ | ଜହ୍ନ ମାଝୀ, ସ୍ୱାମୀ: ରତ୍ନାକର ମାଝୀ ଓଗେର, ଜା: ଖଣ୍ଡାୟତ, ବା: ନିଜଗାଁ | |
| ୩୯ | ୨୦୫ | ୫୫୯୫ | ୦.୧୫୦ | ୦.୧୫୦ | ଝାଡ୍ରୀ ସା, ସ୍ୱାମୀ: ଦାଶରଥୀ ସା, ଜା: ଖଣ୍ଡାୟତ, ବା: ନିଜଗାଁ | |
| ୪୦ | | ୫୫୯୬ | ୦.୨୪୦ | ୦.୨୪୦ | ଝାଡ୍ରୀ ସା, ସ୍ୱାମୀ: ଦାଶରଥୀ ସା, ଜା: ଖଣ୍ଡାୟତ, ବା: ନିଜଗାଁ | |
| ୪୧ | ୨୧୭ | ୪୯୨୯ | ୦.୧୩୦ | ୦.୦୮୦ | ତାରା ମାଝୀ, ସ୍ୱାମୀ: ମୂଳି ମାଝୀ, ଜା: ଖଣ୍ଡାୟତ, ବା: ନିଜଗାଁ | |
| ୪୨ | ୨୨୧ | ୩୬୩୩ | ୦.୦୪୦ | ୦.୦୪୦ | ଦଇନ ଦଳେଇ, ପିତା: ଶମ୍ଭୁ ଦଳେଇ, ଜା: ଖଣ୍ଡାୟତ, ବା: ନିଜଗାଁ | |
| ୪୩ | ୨୨୨ | ୩୭୨୦ | ୦.୦୮୦ | ୦.୦୨୦ | ବସୁ ମାଝୀ, ପିତା: ବୋନା ମାଝୀ ଓଗେର, ଜା: ଖଣ୍ଡାୟତ, ବା: ନିଜଗାଁ | |
| ୪୪ | | ୭୪୭ | ୦.୧୪୦ | ୦.୦୭୦ | ବସୁ ମାଝୀ, ପିତା: ବୋନା ମାଝୀ ଓଗେର, ଜା: ଖଣ୍ଡାୟତ, ବା: ନିଜଗାଁ | |
| ୪୫ | ୨୩୦ | ୪୯୨୫ | ୦.୧୬୦ | ୦.୧୩୦ | ଚିନ୍ତାମଣି ସାହୁ, ପିତା: ଦାମ ସାହୁ ଓଗେର, ଜା: ତେଲି, ବା: ନିଜଗାଁ | |
| ୪୬ | ୨୪୩ | ୩୫୬୯ | ୦.୧୨୦ | ୦.୦୪୦ | ଧନି ବାରିକ, ପିତା: ହରି ବାରିକ, ଜା: ଭଣ୍ଡାରି, ବା: ନିଜଗାଁ | |
| ୪୭ | | ୫୨୫୯ | ୦.୧୬୦ | ୦.୧୬୦ | ଧନି ବାରିକ, ପିତା: ହରି ବାରିକ, ଜା: ଭଣ୍ଡାରି, ବା: ନିଜଗାଁ | |
| ୪୮ | ୨୪୫ | ୪୯୨୭ | ୦.୧୨୦ | ୦.୦୧୦ | ଧରଣୀ ସାହୁ, ପିତା: ଶ୍ରୀରାମ ସାହୁ, ଜା: ଗୁଡ଼ିଆ, ବା: ନିଜଗାଁ | |
| ୪୯ | ୨୪୬ | ୫୭୮୩ | ୦.୧୪୦ | ୦.୦୧୦ | ଡାଳିମ୍ବ ସା, ସ୍ୱାମୀ: ହରି ସା ଓଗେର, ଜା: ଖଣ୍ଡାୟତ, ବା: ନିଜଗାଁ | |
| ୫୦ | | ୫୯୯୬ | ୦.୦୮୦ | ୦.୦୬୦ | ଡାଳିମ୍ବ ସା, ସ୍ୱାମୀ: ହରି ସା ଓଗେର, ଜା: ଖଣ୍ଡାୟତ, ବା: ନିଜଗାଁ | |
| ୫୧ | ୨୬୮ | ୫୦୯୭ | ୦.୨୮୦ | ୦.୧୪୦ | ଭୀମ ସା, ପିତା: ସାନ ଜଗବନ୍ଧୁ ସା ଓଗେର, ଜା: ଖଣ୍ଡାୟତ, ବା: ନିଜଗାଁ | |
| ୫୨ | ୨୮୪ | ୫୫୭୭ | ୦.୨୦୦ | ୦.୧୪୦ | କାଟି ସେଠି, ପିତା: ନିଶାକର ସେଠି ଓଗେର, ଜା: ଧୋବା, ବା: ନିଜଗାଁ | |
| ୫୩ | | ୫୮୯୦ | ୦.୨୬୦ | ୦.୨୬୦ | କାଟି ସେଠି, ପିତା: ନିଶାକର ସେଠି ଓଗେର, ଜା: ଧୋବା, ବା: ନିଜଗାଁ | |
| ୫୪ | ୨୮୭ | ୭୩୯ | ୦.୪୨୦ | ୦.୪୨୦ | ନିଧି ସାହୁ, ପିତା: ନରି ସାହୁ, ଜା: ତେଲି, ବା: ନିଜଗାଁ | |
| ୫୫ | ୨୮୮ | ୫୪୫୮ | ୦.୧୬୦ | ୦.୦୬୦ | ମାଳି ରାଉତ, ପିତା: ଚଢ଼େଇ ରାଉତ ଓଗେର, ଜା: ଖଣ୍ଡାୟତ, ବା: ନିଜଗାଁ | |
| ୫୬ | ୨୯୫ | ୩୬୪୫/ ୬୧୮୬ | ୦.୧୬୦ | ୦.୦୪୦ | ନଟି ଘୋଷ, ପିତା: ଆତଙ୍କ ଘୋଷ, ଜା: ଖଣ୍ଡାୟତ, ବା: ନିଜଗାଁ | |
| ୫୭ | ୨୯୯ | ୫୦୯୮ | ୦.୨୦୦ | ୦.୨୦୦ | ପରି ବେହେରା, ପିତା: ନନ୍ଦ ବେହେରା ଓଗେର, ଜା: ଖଣ୍ଡାୟତ, ବା: ନିଜଗାଁ | |
| ୫୮ | | ୭୬୨ | ୨.୬୦୦ | ୦.୪୮୦ | ପରି ବେହେରା, ପିତା: ନନ୍ଦ ବେହେରା ଓଗେର, ଜା: ଖଣ୍ଡାୟତ, ବା: ନିଜଗାଁ | |
| ୫୯ | | ୭୬୨/ ୬୪୨୮ | ୧.୮୦୦ | ୦.୮୯୦ | ପରି ବେହେରା, ପିତା: ନନ୍ଦ ବେହେରା ଓଗେର, ଜା: ଖଣ୍ଡାୟତ, ବା: ନିଜଗାଁ | |
| ୬୦ | | ୭୬୨/ ୬୪୨୯ | ୦.୬୨୦ | ୦.୦୧୦ | ପରି ବେହେରା, ପିତା: ନନ୍ଦ ବେହେରା ଓଗେର, ଜା: ଖଣ୍ଡାୟତ, ବା: ନିଜଗାଁ | |
| ୬୧ | | ୭୯୫ | ୨.୨୬୦ | ୦.୮୬୦ | ପରି ବେହେରା, ପିତା: ନନ୍ଦ ବେହେରା ଓଗେର, ଜା: ଖଣ୍ଡାୟତ, ବା: ନିଜଗାଁ | |
| ୬୨ | ୩୦୧ | ୮୧୪ | ୦.୮୫୦ | ୦.୧୦୦ | ପରି ସା, ପିତା: ଗୌରୀ ସା, ଜା: ଖଣ୍ଡାୟତ, ବା: ନିଜଗାଁ | |
| ୬୩ | ୩୧୭ | ୩୭୧୩ | ୦.୧୯୦ | ୦.୦୫୦ | ପୂର୍ଣ୍ଣଚନ୍ଦ୍ର ସା, ପିତା: ଧୀର ସା, ଜା: ଖଣ୍ଡାୟତ, ବା: ନିଜଗାଁ | |
| ୬୪ | ୩୨୨ | ୩୫୭୫ | ୦.୧୪୦ | ୦.୦୭୦ | ପୋକ ସାହୁ, ସ୍ୱାମୀ: ବିନନ୍ଦ ସାହୁ, ଜା: ତେଲି, ବା: ନିଜଗାଁ | |
| ୬୫ | ୩୨୬ | ୫୭୮୮ | ୦.୯୧୦ | ୦.୨୨୦ | ବଡ଼ଫକିର ସା, ପିତା: ପଦନା ସା, ଜା: ଖଣ୍ଡାୟତ, ବା: ନିଜଗାଁ | |
| ୬୬ | ୩୨୯ | ୩୬୩୧ | ୦.୦୭୦ | ୦.୦୭୦ | ବଇ ଘୋଷ, ପିତା: ଅନନ୍ତ ଘୋଷ, ଜା: ଖଣ୍ଡାୟତ, ବା: ନିଜଗାଁ | |
| ୬୭ | ୩୩୪ | ୩୫୭୦ | ୦.୦୯୦ | ୦.୦୩୦ | ବଳରାମ ମାଝୀ, ପିତା: କୁଶ ମାଝୀ, ଜା: ଖଣ୍ଡାୟତ, ବା: ନିଜଗାଁ | |
| ୬୮ | ୩୪୯ | ୫୫୭୬ | ୦.୩୯୦ | ୦.୩୯୦ | ବଇଧର ସେଠି, ପିତା: ନିଶା ସେଠି, ଜା: ଧୋବା, ବା: ନିଜଗାଁ | |
| ୬୯ | | ୫୫୭୯ | ୦.୯୬୦ | ୦.୫୯୦ | ବଇଧର ସେଠି, ପିତା: ନିଶା ସେଠି, ଜା: ଧୋବା, ବା: ନିଜଗାଁ | |
| ୭୦ | ୩୫୫ | ୩୭୧୦ | ୦.୧୪୦ | ୦.୦୧୦ | ବାଜ ରାଉତ, ପିତା: ଯୋଗୀ ରାଉତ ଓଗେର, ଜା: ଖଣ୍ଡାୟତ, ବା: ନିଜଗାଁ | |
| ୭୧ | | ୩୭୧୪ | ୦.୧୮୦ | ୦.୦୭୦ | ବାଜ ରାଉତ, ପିତା: ଯୋଗୀ ରାଉତ ଓଗେର, ଜା: ଖଣ୍ଡାୟତ, ବା: ନିଜଗାଁ | |
| ୭୨ | ୩୫୮ | ୫୬୯୬ | ୦.୧୨୦ | ୦.୦୯୦ | ବାବାଜୀ ସେଠୀ, ପିତା: ଗାଣ୍ଡୁ ସେଠୀ ଓଗେର, ଜା: ଧୋବା, ବା: ନିଜଗାଁ | |
| ୭୩ | | ୫୭୧୪ | ୦.୦୩୦ | ୦.୦୧୦ | ବାବାଜୀ ସେଠୀ, ପିତା: ଗାଣ୍ଡୁ ସେଠୀ ଓଗେର, ଜା: ଧୋବା, ବା: ନିଜଗାଁ | |
| ୭୪ | | ୫୮୬୦ | ୦.୦୬୦ | ୦.୦୬୦ | ବାବାଜୀ ସେଠୀ, ପିତା: ଗାଣ୍ଡୁ ସେଠୀ ଓଗେର, ଜା: ଧୋବା, ବା: ନିଜଗାଁ | |
| ୭୫ | ୩୫୯ | ୭୬୩ | ୧.୪୪୦ | ୦.୭୮୦ | ବାବାଜୀ ରାଉତ, ପିତା: ବଡ଼ କହ୍ନେଇ ରାଉତ, ଜା: ଖଣ୍ଡାୟତ, ବା: ନିଜଗାଁ | |
| ୭୬ | ୩୬୨ | ୪୯୨୪ | ୦.୧୮୦ | ୦.୧୪୦ | ବାସୁ ରାଉତ, ପିତା: ଭଙ୍ଗି ରାଉତ, ଜା: ଖଣ୍ଡାୟତ, ବା: ନିଜଗାଁ | |
| ୭୭ | ୩୬୪ | ୭୪୧ | ୧.୭୧୦ | ୦.୧୫୦ | ଭାସ୍କର ବେହେରା, ପିତା: ଦୁରୀ ବେହେରା ଓଗେର, ଜା: ଗଉଡ଼, ବା: ନିଜଗାଁ | |
| ୭୮ | ୩୬୫ | ୫୯୯୫ | ୦.୧୨୦ | ୦.୧୨୦ | ବିକଳ ବେହେରା, ପିତା: ବାବାଜୀ ବେହେରା ଓଗେର, ଜା: ଗୋପାଳ, ବା: ନିଜଗାଁ | |
| ୭୯ | ୩୬୭ | ୩୫୬୮ | ୦.୦୫୦ | ୦.୦୫୦ | ବିକଳ ସା, ପିତା: ନିଧି ସା, ଜା: ଖଣ୍ଡାୟତ, ବା: ନିଜଗାଁ | |
| ୮୦ | | ୫୪୦୭ | ୦.୧୩୦ | ୦.୦୪୦ | ବିକଳ ସା, ପିତା: ନିଧି ସା, ଜା: ଖଣ୍ଡାୟତ, ବା: ନିଜଗାଁ | |
| ୮୧ | ୩୬୮ | ୩୬୪୪ | ୦.୦୫୦ | ୦.୦୫୦ | ବିକଳ ରାଉତ, ପିତା: ଆନନ୍ଦ ରାଉତ, ଜା: ଖଣ୍ଡାୟତ, ବା: ନିଜଗାଁ | |
| ୮୨ | | ୪୯୩୧ | ୦.୨୫୦ | ୦.୨୫୦ | ବିକଳ ରାଉତ, ପିତା: ଆନନ୍ଦ ରାଉତ, ଜା: ଖଣ୍ଡାୟତ, ବା: ନିଜଗାଁ | |
| ୮୩ | ୩୬୯ | ୩୬୪୨ | ୦.୧୨୦ | ୦.୧୨୦ | ବିକଳ ରାଉତ, ପିତା: ଟୁନି ରାଉତ, ଜା: ଖଣ୍ଡାୟତ, ବା: ନିଜଗାଁ | |
| ୮୪ | ୩୭୧ | ୩୬୫୫/ ୬୩୪୮ | ୦.୧୫୦ | ୦.୦୨୦ | ବିକଳ ଦଳେଇ, ପିତା: କହ୍ନେଇ ଦଳେଇ, ଜା: ଖଣ୍ଡାୟତ, ବା: ନିଜଗାଁ | |
| ୮୫ | | ୫୪୦୮ | ୦.୧୨୦ | ୦.୧୨୦ | ବିକଳ ଦଳେଇ, ପିତା: କହ୍ନେଇ ଦଳେଇ, ଜା: ଖଣ୍ଡାୟତ, ବା: ନିଜଗାଁ | |
| ୮୬ | | ୫୪୫୭ | ୦.୧୧୦ | ୦.୦୪୦ | ବିକଳ ଦଳେଇ, ପିତା: କହ୍ନେଇ ଦଳେଇ, ଜା: ଖଣ୍ଡାୟତ, ବା: ନିଜଗାଁ | |
| ୮୭ | | ୫୯୯୮ | ୦.୦୭୦ | ୦.୦୭୦ | ବିକଳ ଦଳେଇ, ପିତା: କହ୍ନେଇ ଦଳେଇ, ଜା: ଖଣ୍ଡାୟତ, ବା: ନିଜଗାଁ | |
| ୮୮ | ୩୭୫ | ୮୧୧ | ୦.୫୮୦ | ୦.୦୭୦ | ବିମଳି ସା, ସ୍ୱାମୀ: ଶଙ୍କୁଳି ସା, ଜା: ତେଲି, ବା: ନିଜଗାଁ | |
| ୮୯ | ୩୭୬ | ୫୪୦୬ | ୦.୨୭୦ | ୦.୧୯୦ | ବିଦ୍ୟାଧର ଜେନା, ପିତା: ମୂଷା ଜେନା, ଜା: ପାଣ, ବା: ନିଜଗାଁ | |
| ୯୦ | ୩୭୭ | ୫୫୭୫ | ୧.୫୦୦ | ୦.୧୦୦ | ବିନୋଦ ବେହେରା, ପିତା: ନନ୍ଦ ବେହେରା, ଜା: ଗୋପାଳ, ବା: ନିଜଗାଁ | |
| ୯୧ | ୩୮୭ | ୫୨୬୧ | ୦.୦୭୦ | ୦.୦୭୦ | ବୃନ୍ଦାବନ ରାଉତ, ପିତା: ଦିନା ରାଉତ, ଜା: ଖଣ୍ଡାୟତ, ବା: ନିଜଗାଁ | |
| ୯୨ | ୩୮୮ | ୩୬୩୪ | ୦.୧୪୦ | ୦.୧୪୦ | ବୃନ୍ଦାବନ ସା, ପିତା: ଗୋବିନ୍ଦ ସା ଓଗେର, ଜା: ଖଣ୍ଡାୟତ, ବା: ନିଜଗାଁ | |
| ୯୩ | | ୪୯୨୮ | ୦.୧୨୦ | ୦.୧୨୦ | ବୃନ୍ଦାବନ ସା, ପିତା: ଗୋବିନ୍ଦ ସା ଓଗେର, ଜା: ଖଣ୍ଡାୟତ, ବା: ନିଜଗାଁ | |
| ୯୪ | | ୫୫୯୩ | ୦.୨୪୦ | ୦.୦୨୦ | ବୃନ୍ଦାବନ ସା, ପିତା: ଗୋବିନ୍ଦ ସା ଓଗେର, ଜା: ଖଣ୍ଡାୟତ, ବା: ନିଜଗାଁ | |
| ୯୫ | ୪୦୩ | ୫୪୦୯ | ୦.୧୮୦ | ୦.୧୦୦ | ବଇଧେଇ ରାଉତ, ସ୍ୱାମୀ: ଧ୍ରୁବ ରାଉତ, ଜା: ଖଣ୍ଡାୟତ, ବା: ନିଜଗାଁ | |
| ୯୬ | ୪୦୬ | ୫୬୪୦ | ୦.୦୯୦ | ୦.୦୧୦ | ବୋଧି ସେଠି, ପିତା: ବାସୁ ସେଠି, ଜା: ଧୋବା, ବା: ନିଜଗାଁ | |
| ୯୭ | | ୫୬୯୫ | ୦.୦୮୦ | ୦.୦୬୦ | ବୋଧି ସେଠି, ପିତା: ବାସୁ ସେଠି, ଜା: ଧୋବା, ବା: ନିଜଗାଁ | |
| ୯୮ | | ୫୭୧୨ | ୦.୦୧୦ | ୦.୦୧୦ | ବୋଧି ସେଠି, ପିତା: ବାସୁ ସେଠି, ଜା: ଧୋବା, ବା: ନିଜଗାଁ | |
| ୯୯ | | ୫୮୬୫ | ୦.୦୨୦ | ୦.୦୨୦ | ବୋଧି ସେଠି, ପିତା: ବାସୁ ସେଠି, ଜା: ଧୋବା, ବା: ନିଜଗାଁ | |
| ୧୦୦ | ୪୦୬ | ୫୮୯୧ | ୦.୧୨୦ | ୦.୧୨୦ | ବୋଧି ସେଠି, ପିତା: ବାସୁ ସେଠି, ଜା: ଧୋବା, ବା: ନିଜଗାଁ | |
| ୧୦୧ | | ୫୮୯୯ | ୦.୩୬୦ | ୦.୧୪୦ | ବୋଧି ସେଠି, ପିତା: ବାସୁ ସେଠି, ଜା: ଧୋବା, ବା: ନିଜଗାଁ | |
| ୧୦୨ | ୪୧୦ | ୫୫୭୩ | ୦.୫୬୦ | ୦.୦୭୦ | ଭଗବାନ ସା, ପିତା: ରଙ୍କି ସା, ଜା: ଖଣ୍ଡାୟତ, ବା: ନିଜଗାଁ | |
| ୧୦୩ | ୪୧୫ | ୩୫୭୪ | ୦.୦୪୦ | ୦.୦୪୦ | ଭାଗିରଥି ସାହୁ, ପିତା: ମଧୁ ସାହୁ ଓଗେର, ଜା: ତେଲି, ବା: ନିଜଗାଁ | |
| ୧୦୪ | | ୭୩୬ | ୦.୫୩୦ | ୦.୨୪୦ | ଭାଗିରଥି ସାହୁ, ପିତା: ମଧୁ ସାହୁ ଓଗେର, ଜା: ତେଲି, ବା: ନିଜଗାଁ | |
| ୧୦୫ | ୪୧୭ | ୭୬୫ | ୦.୮୪୦ | ୦.୫୨୦ | ଭାଗିରଥି ପରିଡ଼ା, ପିତା: ବଜନ ପରିଡ଼ା, ଜା: ତନ୍ତି, ବା: ନିଜଗାଁ | |
| ୧୦୬ | | ୭୬୫/ ୬୬୪୯ | ୦.୧୧୦ | ୦.୧୧୦ | ଭାଗିରଥି ପରିଡ଼ା, ପିତା: ବଜନ ପରିଡ଼ା, ଜା: ତନ୍ତି, ବା: ନିଜଗାଁ | |
| ୧୦୭ | ୪୨୪ | ୩୭୨୩ | ୦.୩୦୦ | ୦.୧୮୦ | ଭୀମ ସା, ପିତା: ସାନ ଜଗବନ୍ଧୁ ସା, ଜା: ଖଣ୍ଡାୟତ, ବା: ନିଜଗାଁ | |
| ୧୦୮ | ୪୨୬ | ୩୫୬୭ | ୦.୦୯୦ | ୦.୦୯୦ | ସାନ ଭୀମ ସା, ପିତା: ଶଙ୍କର ସା, ଜା: ଖଣ୍ଡାୟତ, ବା: ନିଜଗାଁ | |
| ୧୦୯ | ୪୩୨ | ୩୬୪୧ | ୦.୨୧୦ | ୦.୦୮୦ | ମୌଡ଼ ରାଉତ, ପିତା: ଟୁନି ରାଉତ, ଜା: ଖଣ୍ଡାୟତ, ବା: ନିଜଗାଁ | |
| ୧୧୦ | | ୫୪୪୭ | ୦.୧୧୦ | ୦.୧୧୦ | ମୌଡ଼ ରାଉତ, ପିତା: ଟୁନି ରାଉତ, ଜା: ଖଣ୍ଡାୟତ, ବା: ନିଜଗାଁ | |
| ୧୧୧ | ୪୩୮ | ୫୨୬୦ | ୦.୧୧୦ | ୦.୧୦୦ | ମଙ୍ଗଳ ସା, ପିତା: ହରି ସା ଓଗେର, ଜା: ଖଣ୍ଡାୟତ, ବା: ନିଜଗାଁ | |
| ୧୧୨ | ୪୪୩ | ୫୨୫୬ | ୦.୧୦୦ | ୦.୧୦୦ | ମଙ୍ଗୁଳି ସାହୁ, ପିତା: କାଙ୍ଗାଳି ସାହୁ, ଜା: ଗୁଡ଼ିଆ, ବା: ନିଜଗାଁ | |
| ୧୧୩ | ୪୪୪ | ୫୨୫୫ | ୦.୦୮୦ | ୦.୦୧୦ | ଚମ୍ପା ସାହୁ, ପିତା: ନନ୍ଦୁ ସାହୁ ଓଗେର, ଜା: ଗୁଡ଼ିଆ, ବା: ନିଜଗାଁ | |
| ୧୧୪ | ୪୪୬ | ୫୭୫୩ | ୦.୧୧୦ | ୦.୦୨୦ | ମଙ୍ଗୁଳି ସେଠି, ପିତା: ଚିନ୍ତା ସେଠି, ଜା: ଧୋବା, ବା: ନିଜଗାଁ | |
| ୧୧୫ | ୪୫୧ | ୩୬୩୨ | ୦.୦୪୦ | ୦.୦୪୦ | ଲକ୍ଷ୍ମୀଧର ଦଳେଇ, ପିତା: ବିକଳ ଦଳେଇ ଓଗେର, ଜା: ଖଣ୍ଡାୟତ, ବା: ନିଜଗାଁ | |
| ୧୧୬ | | ୪୯୨୬ | ୦.୧୬୦ | ୦.୦୪୦ | ଲକ୍ଷ୍ମୀଧର ଦଳେଇ, ପିତା: ବିକଳ ଦଳେଇ ଓଗେର, ଜା: ଖଣ୍ଡାୟତ, ବା: ନିଜଗାଁ | |
| ୧୧୭ | ୪୫୪ | ୫୦୯୯ | ୦.୩୪୦ | ୦.୨୬୦ | ମନ୍ଦିରା ରାଉତ, ସ୍ୱାମୀ: ଦିରିଜ ରାଉତ, ଜା: ଖଣ୍ଡାୟତ, ବା: ନିଜଗାଁ | |
| ୧୧୮ | ୪୮୦ | ୫୨୫୮ | ୦.୧୪୦ | ୦.୦୪୦ | ଭୀମ ମଲ୍ଲିକ, ପିତା: ଧରଣୀ ମଲ୍ଲିକ ଓଗେର, ଜା: ପାଣ, ବା: ନିଜଗାଁ | |
| ୧୧୯ | | ୫୪୦୬/ ୬୪୭୫ | ୦.୦୫୦ | ୦.୦୫୦ | ଭୀମ ମଲ୍ଲିକ, ପିତା: ଧରଣୀ ମଲ୍ଲିକ ଓଗେର, ଜା: ପାଣ, ବା: ନିଜଗାଁ | |
| ୧୨୦ | | ୫୭୮୬ | ୦.୨୨୦ | ୦.୧୧୦ | ଭୀମ ମଲ୍ଲିକ, ପିତା: ଧରଣୀ ମଲ୍ଲିକ ଓଗେର, ଜା: ପାଣ, ବା: ନିଜଗାଁ | |
| ୧୨୧ | | ୮୧୦ | ୦.୧୭୦ | ୦.୧୭୦ | ଭୀମ ମଲ୍ଲିକ, ପିତା: ଧରଣୀ ମଲ୍ଲିକ ଓଗେର, ଜା: ପାଣ, ବା: ନିଜଗାଁ | |
| ୧୨୨ | ୪୮୮ | ୩୬୩୦ | ୦.୨୧୦ | ୦.୨୦୦ | ରଙ୍କ ସା, ପିତା: ଚକ୍ର ସା, ଜା: ଖଣ୍ଡାୟତ, ବା: ନିଜଗାଁ | |
| ୧୨୩ | | ୫୪୫୨ | ୦.୧୫୦ | ୦.୧୫୦ | ରଙ୍କ ସା, ପିତା: ଚକ୍ର ସା, ଜା: ଖଣ୍ଡାୟତ, ବା: ନିଜଗାଁ | |
| ୧୨୪ | ୪୯୮ | ୩୫୬୬ | ୦.୦୪୦ | ୦.୦୪୦ | ରଙ୍କ ଘୋଷ, ପିତା: ଜଗା ଘୋଷ, ଜା: ଖଣ୍ଡାୟତ, ବା: ନିଜଗାଁ | |
| ୧୨୫ | ୫୦୭ | ୭୫୧ | ୦.୯୮୦ | ୦.୦୬୦ | ରଞ୍ଜନାଶି ଭୂୟାଁ, ସ୍ୱାମୀ: ନଗେନ୍ଦ୍ର ନାଥ ଭୂୟାଁ, ଜା: ମହାଲାଏକ, ବା: ଦୋଳମୁଣ୍ଡାଇ, ଜିଲ୍ଲା: କଟକ | |
| ୧୨୬ | ୫୦୮ | ୫୨୩୮ | ୦.୧୪୦ | ୦.୧୪୦ | ରସିକ ସାହୁ, ପିତା: ବନମାଳି ସାହୁ, ଜା: ତେଲି, ବା: ଦୋଳମୁଣ୍ଡାଇ ବଡ଼ପଦନା | |
| ୧୨୭ | ୫୧୦ | ୫୭୨୧ | ୦.୦୩୦ | ୦.୦୩୦ | ରାଜୀବ ମାଝୀ, ପିତା: ଚହଲା ମାଝୀ, ଜା: ଖଣ୍ଡାୟତ, ବା: ନିଜଗାଁ | |
| ୧୨୮ | ୫୧୫ | ୫୪୫୧ | ୦.୦୮୦ | ୦.୦୧୦ | ରାମ ରାଉତ, ପିତା: ପାଣ୍ଡୁ ରାଉତ, ଜା: ଖଣ୍ଡାୟତ, ବା: ନିଜଗାଁ | |
| ୧୨୯ | ୫୧୭ | ୩୬୮୬ | ୦.୦୮୦ | ୦.୦୮୦ | ହୃଷି ମାଝୀ, ପିତା: ସୁକୁଟି ମାଝୀ ଓଗେର, ଜା: ଖଣ୍ଡାୟତ, ବା: ନିଜଗାଁ | |
| ୧୩୦ | ୫୨୯ | ୫୯୯୩ | ୦.୦୫୦ | ୦.୦୫୦ | ଲୋକନାଥ ରାଉତ, ପିତା: ରାମ ରାଉତ, ଜା: ଖଣ୍ଡାୟତ, ବା: ନିଜଗାଁ | |
| ୧୩୧ | ୫୩୪ | ୩୫୭୩ | ୦.୧୩୦ | ୦.୧୩୦ | ଶଙ୍କର ବେହେରା, ପିତା: ନଖି ବେହେରା, ଜା: ଗୋପାଳ, ବା: ନିଜଗାଁ | |
| ୧୩୨ | ୫୩୬ | ୫୯୯୯ | ୦.୦୮୦ | ୦.୦୮୦ | ଶଙ୍କର୍ଷଣ ସେନାପତି, ପିତା: ବାସୁ ସେନାପତି, ଜା: ତେଲି, ବା: ନିଜଗାଁ | |
| ୧୩୩ | ୫୪୯ | ୫୨୬୪ | ୦.୧୮୦ | ୦.୦୮୦ | ମାଗୁଣି ରାଉତ, ପିତା: ଦନେଇ ରାଉତ ଓଗେର, ଜା: ଖଣ୍ଡାୟତ, ବା: ନିଜଗାଁ | |
| ୧୩୪ | ୫୫୦ | ୩୬୨୬ | ୦.୧୭୦ | ୦.୧୧୦ | ଗିରିଧାରୀ ଘୋଷ, ପିତା: ପୁନି ଘୋଷ ଓଗେର, ଜା: ଖଣ୍ଡାୟତ, ବା: ନିଜଗାଁ | |
| ୧୩୫ | ୫୫୪ | ୩୫୮୧ | ୦.୦୮୦ | ୦.୦୧୦ | ସହଦେବ ସା, ପିତା: କଳ୍ପତରୁ ସା, ଜା: ଖଣ୍ଡାୟତ, ବା: ନିଜଗାଁ | |
| ୧୩୬ | ୫୫୭ | ୫୯୮୨ | ୧.୦୦୦ | ୦.୩୨୦ | ନୟଙ୍କ ସା, ପିତା: ତଇ ସା ଓଗେର, ଜା: ଖଣ୍ଡାୟତ, ବା: ନିଜଗାଁ | |
| ୧୩୭ | | ୬୦୦୩ | ୦.୦୫୫ | ୦.୦୫୫ | ନୟଙ୍କ ସା, ପିତା: ତଇ ସା ଓଗେର, ଜା: ଖଣ୍ଡାୟତ, ବା: ନିଜଗାଁ | |
| ୧୩୮ | ୫୫୮ | ୫୬୦୨ | ୦.୨୧୦ | ୦.୦୧୦ | ସାଗର ସା, ପିତା: ରଙ୍ଗଧର ସା, ଜା: ଖଣ୍ଡାୟତ, ବା: ନିଜଗାଁ | |
| ୧୩୯ | ୫୫୯ | ୩୭୧୫ | ୦.୦୫୦ | ୦.୦୫୦ | ଆର୍ତ୍ତ ଦଳେଇ, ପିତା: ଗୋପି ଦଳେଇ ଓଗେର, ଜା: ଖଣ୍ଡାୟତ, ବା: ନିଜଗାଁ | |
| ୧୪୦ | ୫୮୧ | ୮୦୮ | ୧.୬୪୦ | ୦.୮୧୦ | ଶୁକ ଓଝା, ପିତା: ଜଗୁ ଓଝା, ଜା: କମାର, ବା: ନିଜଗାଁ | |
| ୧୪୧ | ୫୮୫ | ୫୫୯୦ | ୦.୧୦୦ | ୦.୧୦୦ | ସୁକୁଟି ସେଠୀ, ପିତା: ନାଡ଼ ସେଠୀ, ଜା: ଧୋବା, ବା: ନିଜଗାଁ | |
| ୧୪୨ | | ୫୮୬୧ | ୦.୦୨୦ | ୦.୦୨୦ | ସୁକୁଟି ସେଠୀ, ପିତା: ନାଡ଼ ସେଠୀ, ଜା: ଧୋବା, ବା: ନିଜଗାଁ | |
| ୧୪୩ | | ୫୮୯୪ | ୦.୨୨୦ | ୦.୦୨୦ | ସୁକୁଟି ସେଠୀ, ପିତା: ନାଡ଼ ସେଠୀ, ଜା: ଧୋବା, ବା: ନିଜଗାଁ | |
| ୧୪୪ | ୫୯୦ | ୩୬୮୮ | ୦.୧୨୦ | ୦.୦୨୦ | ଅଲେଖ ମାଝୀ, ପିତା: ସୁଦାମ ମାଝୀ ଓଗେର, ଜା: ଖଣ୍ଡାୟତ, ବା: ନିଜଗାଁ | |
| ୧୪୫ | ୫୯୨ | ୭୬୪ | ୩.୧୪୦ | ୧.୨୧୦ | ଇଚ୍ଛା ମନ୍ତ୍ରୀ, ପିତା: ପଦନା ସା ଓଗେର, ଜା: ଖଣ୍ଡାୟତ, ବା: ନିଜଗାଁ | |
| ୧୪୬ | ୬୦୫/ ୧୧ | ୫୦୯୨ | ୦.୨୪୦ | ୦.୧୨୦ | ଶ୍ରୀ ଗୁରି ବେହେରା, ପିତା: କୃଷ୍ଣଚନ୍ଦ୍ର ବେହେରା ଓଗେର, ଜା: ଖଣ୍ଡାୟତ, ବା: ନିଜଗାଁ | |
| ୧୪୭ | ୬୦୫/ ୧୨ | ୭୬୫/ ୬୮୫୯ | ୦.୨୦୦ | ୦.୧୦୦ | ଶତୃଘ୍ନ ରାଉତ, ପିତା: ଭୁବନ ରାଉତ, ଜା: ଖଣ୍ଡାୟତ, ବା: ନିଜଗାଁ | |
| ୧୪୮ | ୬୦୫/ ୧୬ | ୫୨୫୨ | ୦.୦୭୦ | ୦.୦୭୦ | ଶ୍ରୀ ମଗୁ ଦଳେଇ, ପିତା: ବାବୁ ଦଳେଇ, ଜା: ଖଣ୍ଡାୟତ, ବା: ନିଜଗାଁ | |
| ୧୪୯ | ୬୦୫/ ୧୯ | ୭୩୭ | ୦.୧୬୦ | ୦.୦୧୦ | ଦଶରଥ ସାହୁ, ପିତା: ଗୋପୀନାଥ ସାହୁ ଓଗେର, ଜା: ତେଲି, ବା: ନିଜଗାଁ | |
| ୧୫୦ | ୬୦୫/ ୨୪ | ୫୧୦୫ | ୦.୨୯୦ | ୦.୧୭୦ | ଶୁକଦେବ ସେନାପତି, ପିତା: ଶଙ୍କର ସେନାପତି, ଜା: ତେଲି, ବା: ନିଜଗାଁ | |
| ୧୫୧ | ୬୦୫/ ୪୪ | ୫୨୪୯ | ୦.୧୮୦ | ୦.୦୫୦ | ମୁରଲୀ ଦଳେଇ, ପିତା: ଅନୁ ଦଳେଇ ଓଗେର, ଜା: ଖଣ୍ଡାୟତ, ବା: ନିଜଗାଁ | |
| ୧୫୨ | ୬୦୫/ ୪୮ | ୪୯୩୨ | ୦.୧୧୦ | ୦.୦୫୦ | ଗଣନାଥ ବେହେରା, ପିତା: କଟି ବେହେରା, ଜା: ଖଣ୍ଡାୟତ, ବା: ଚଣ୍ଡି ଗୋବର୍ଦ୍ଧନପୁର, ଥାନା: ସୁକିନ୍ଦା, କଟକ | |
| ୧୫୩ | ୬୦୫/ ୫୬ | ୫୯୮୦ | ୦.୮୦୦ | ୦.୧୫୦ | ଚଇନ ବେହେରା, ପିତା: କହ୍ନେଇ ବେହେରା, ଜା: ଗୋପାଳ, ବା: ନିଜଗାଁ | |
| ୧୫୪ | ୬୦୫/ ୮୬ | ୩୫୭୨ | ୦.୧୫୦ | ୦.୧୫୦ | ଚୈତନ୍ୟ ବେହେରା, ପିତା: ଜଳଧର ବେହେରା ଓଗେର, ଜା: ଖଣ୍ଡାୟତ, ବା: ଖଲଣା | |
| ୧୫୫ | ୬୦୫/ ୧୬୯ | ୫୯୯୭ | ୦.୦୮୦ | ୦.୦୮୦ | ନବୀନ ଚନ୍ଦ୍ର ସା, ପିତା: ହରିହର ସା, ଜା: ଖଣ୍ଡାୟତ, ବା: ନିଜଗାଁ | |
| ୧୫୬ | ୬୦୫/ ୧୭୦ | ୫୯୯୪ | ୦.୧୨୦ | ୦.୧୨୦ | ଶ୍ରମତୀ ବଉଳ ସା, ସ୍ୱାମୀ: ନବୀନ ଚନ୍ଦ୍ର ସା, ଜା: ଖଣ୍ଡାୟତ, ବା: ଖଲଣୀ | |
| ୧୫୭ | ୬୦୫/ ୧୮୦ | ୭୪୭/ ୬୫୬୯ | ୦.୦୬୦ | ୦.୦୬୦ | ଅନେଇ ସା, ସ୍ୱାମୀ: ନବଘନ ସା, ଜା: ଖଣ୍ଡାୟତ, ବା: ନିଜଗାଁ | |
| ୧୫୮ | ୬୦୫/ ୧୮୨ | ୩୬୫୩ | ୦.୦୯୦ | ୦.୦୫୦ | ଆର୍ତ୍ତ ବଲ୍ଲଭ ସା, ସ୍ୱାମୀ: ବିକଳ ସା ଓଗେର, ଜା: ଖଣ୍ଡାୟତ, ବା: ନିଜଗାଁ | |
| ୧୫୯ | ୬୦୫/ ୧୯୭ | ୭୬୫/ ୭୦୧୨ | ୦.୧୨୦ | ୦.୦୬୦ | ଅଲେଖ ମାଝୀ, ପିତା: ସୁଦାମ ମାଝୀ, ଜା: ଖଣ୍ଡାୟତ, ବା: ନିଜଗାଁ | |

ଅବଶିଷ୍ଟାଂଶ ପରବର୍ତ୍ତୀ ପୃଷ୍ଠାରେ...

## ହଲିଉଡ୍‌ରେ ଆଲିଆଙ୍କ ...

କରି ଯେତିକି ସଫଳତା ମିଳି ନ ଥିଲା ତା'ଠାରୁ ଅଧିକ ସଫଳତା ତାଙ୍କୁ ହଲିଉଡ୍ ଦେଇଛି। ବେୱାଚ୍‌ରେ ପ୍ରିୟଙ୍କାଙ୍କ ବିପକ୍ଷରେ ଅଭିନୟ କରିଥିଲେ ଡୱେନ୍ ଡଗଲାସ ହନ୍‌ସନ୍। ଏହା ଏକ ଆକ୍ସନ କମେଡି ମୁଭି ଥିଲା ; ଯାହାର ନିର୍ଦ୍ଦେଶନା ଦେଇଥିଲେ ସେଠ୍ ଗୋରଡୋନ୍। ବେୱାଚ୍ ପ୍ରିୟଙ୍କାଙ୍କ ସଫଳତାର ଶିଡ଼ି ହୋଇଥିଲା। ଏହାପରେ ସେ ଆଉ ପଛକୁ ବୁଲି ଚାହିଁ ନାହାନ୍ତି। ଇଜ୍ ନଟ୍ ଇଟ୍ ରୋମାଣ୍ଟିକ୍, କ୍ୱାଣ୍ଟିକୋ ଭଳି ଅନେକ ସୁପର ହିଟ୍ ଫିଲ୍ମ ହଲିଉଡ୍ ଇଣ୍ଡଷ୍ଟ୍ରିକୁ ଭେଟି ଦେଇଛନ୍ତି। ବର୍ତ୍ତମାନ ସମୟରେ ପ୍ରିୟଙ୍କା ବଲିଉଡ୍ ତୁଳନାରେ ହଲିଉଡ୍‌ରେ ବେଶି ଆକ୍ଟିଭ୍।

**ଦୀପିକା ପାଡୁକୋନ:** ବଲିଉଡ୍ ଡିଭା ଦୀପିକା ପାଡୁକୋନ 'ଟ୍ରିପଲ୍ ଏକ୍ସ- ଦ ରିଟର୍ନ ଅଫ୍ ଜେଣ୍ଡର୍ କେଜ୍' ଜରିଆରେ ହଲିଉଡ୍ ଡେବ୍ୟୁ କରିଥିଲେ। ଯେଉଁଥିରେ ଦୀପିକାଙ୍କ ଅପୋଜିଟରେ ଭିନ୍ ଡିଜେଲ୍ ଅଭିନୟ କରିଥିଲେ। ଏହା ଏକ ଆକ୍ସନ ମୁଭି ହୋଇଥିବାବେଳେ ଦର୍ଶକ ଫିଲ୍ମକୁ ଖୁବ୍ ଭଲପାଇବା ଦେଇଥିଲେ। ଆଗାମୀ ଦିନରେ ଦୀପିକା ହଲିଉଡ ମୁଭି ରୋମ୍-କମ୍‌ରେ ଦେଖାଯିବେ। ଏହା ଏକ କମେଡି ଥ୍ରିଲର୍ ଫିଲ୍ମ ହୋଇଥିବାବେଳେ ଦୀପିକା ଏହାର ସହ ପ୍ରଯୋଜନା ଦାୟିତ୍ୱରେ ମଧ୍ୟ ରହିବେ।

**ଇରଫାନ୍ ଖାନ୍:** ହିନ୍ଦୀ ଫିଲ୍ମ ଜଗତର ନାମକରା ଅଭିନେତା ସ୍ୱର୍ଗତ ଇରଫାନ୍ ଖାନ୍ ଏକାଧିକ ହଲିଉଡ ଫିଲ୍ମ ଜରିଆରେ ନଜରକୁ ଆସିଛନ୍ତି। ତାଙ୍କ ଅଭିନୟକୁ ଉଭୟ ଇଣ୍ଡଷ୍ଟ୍ରିରେ ଖୁବ୍ ଭଲପାଇବା ମିଳିଛି। ବ୍ରିଟିଶ୍ ଫିଲ୍ମ ୱାରିୟର ଥିଲା ତାଙ୍କ କ୍ୟାରିୟର ପାଇଁ ଟର୍ନିଂ ପଏଣ୍ଟ। ଏହାପରେ ସେ ଅନେକ ସୁପରହିଟ୍ ହଲିଉଡ ଫିଲ୍ମ ଯଥା,ଇନ୍‌ଫେରନୋ, ଜୁରାସିକ୍ ୱାର୍ଲ୍ଡ, ସ୍ଲମ୍‌ଡଗ୍ ମିଲେନିୟର, ସ୍ପାଇଡର ମ୍ୟାନ୍, ଲାଇଫ୍ ଅଫ୍ ପାଇ ଆଦି ଦର୍ଶକଙ୍କୁ ଭେଟି ଦେଇଥିଲେ। ଇରଫାନ କ୍ୟାରିୟରରେ ବେଶ୍ ସଫଳତା ପାଇଥିଲେ ହେଁ ତାଙ୍କ ଅସୁସ୍ଥତା କାରଣରୁ ତାଙ୍କ କ୍ୟାରିୟରରେ ଏକପ୍ରକାର ବ୍ରେକ୍ ଲାଗିଗଲା। କ୍ୟାନ୍ସରରେ ପୀଡ଼ିତ ଇରଫାନ୍ ୨୦୨୦ରେ ଦୁନିଆରୁ ବିଦାୟ ନେଇଥିଲେ।

**ଐଶ୍ୱର୍ଯ୍ୟା ରାୟ ବଚ୍ଚନ:** ନୀଳନୟନା ଐଶ୍ୱର୍ଯ୍ୟା ରାୟ ବଚ୍ଚନଙ୍କର ହଲିଉଡ୍‌ରେ ଦବ୍‌ଦବା କିଛି କମ୍ ନୁହେଁ। ବଲିଉଡ୍ ଭଳି ହଲିଉଡ୍‌ରେ ମଧ୍ୟ ତାଙ୍କୁ ଖୁବ୍ ଭଲପାଇବା ମିଳିଛି। ବ୍ରାଇଡ୍, ପ୍ରିଜୁଡିସ୍, ଦ ମିଷ୍ଟ୍ରେସ୍ ଅଫ୍ ସ୍ପାଇସେସ୍ ଏବଂ ଦ ପିଙ୍କ ପାନ୍ଥର ଭଳି ଫିଲ୍ମ ଜରିଆରେ ସେ ନଜରକୁ

## ପ୍ରଥମ ପୃଷ୍ଠାରୁ...

ଆସିଥିଲେ। ବିଦେଶୀ ଦର୍ଶକ ଐଶ୍ୱର୍ଯ୍ୟାଙ୍କ କାମକୁ ଭଲପାଇବା ଦେଇଛନ୍ତି।

**ଫ୍ରିଡା ପିଣ୍ଟୋ:** ବହୁଚର୍ଚ୍ଚିତ ହଲିଉଡ୍ ଫିଲ୍ମ ସ୍ଲମଡଗ୍ ମିଲେନିୟର୍‌ରୁ ନିଜର କ୍ୟାରିୟର ଆରମ୍ଭ କରିଥିବା ଫ୍ରିଡୋ ପିଣ୍ଟୋ ଏବେ ହଲିଉଡ୍‌ର ଜଣେ ସକ୍ରିୟ ଅଭିନେତ୍ରୀ। ଅଭିନୟକୁ ସେ କେବେ କ୍ୟାରିୟର୍ ଭାବେ ଗ୍ରହଣ କରିବେ ବୋଲି ଭାବି ନ ଥିଲେ। କିନ୍ତୁ ସ୍ଲମ୍‌ଡଗ୍ ମିଲେନିୟରର ସଫଳତା ତାଙ୍କୁ ଫିଲ୍ମ ଦୁନିଆରେ ବାନ୍ଧି ରଖିଦେଲା ଯେମିତି। ସେ ବଲିଉଡ୍ ଅପେକ୍ଷା ହଲିଉଡ୍ ଫିଲ୍ମରେ ବେଶି ଆକ୍ଟିଭ୍। ୟୁନିଟି, ଗର୍ଲ ରାଇଜିଙ୍ଗ୍, ଡେ ଅଫ୍ ଦ ଫାଲକୋନ ଏବଂ ଇମୋରଟାଲ ଭଳି ଏକାଧିକ ଫିଲ୍ମରେ କାମ କରିସାରିଛନ୍ତି ଫ୍ରିଡା। ଏବେବି ତାଙ୍କ ହଲିଉଡ୍ ଯାତ୍ରା ଜାରି ରହିଛି।

ଅନିଲ କପୁର, ନଶିରୁଦ୍ଦିନ ଶାହ ଏବଂ ଓମ୍ ପୁରୀଙ୍କ ଭଳି ବଲିଉଡ୍‌ର ନାମକରା କଳାକାର ଖାଲି ହିନ୍ଦୀ ଫିଲ୍ମ ଇଣ୍ଡଷ୍ଟ୍ରିରେ ନୁହେଁ ହଲିଉଡ୍ ଫିଲ୍ମଜଗତ ପାଇଁ କାମ କରିଛନ୍ତି ; ଯାହାଙ୍କ କାମକୁ ଦର୍ଶକେ ଖୁବ୍ ପସନ୍ଦ ମଧ୍ୟ କରିଛନ୍ତି।

## ମାର୍ଚ୍ଚ ୨୭ରୁ ...

ହ୍ରାସ ଏବଂ ବିମାନ କମ୍ପାନୀଗୁଡ଼ିକ ସହ ଆଲୋଚନା କରିବା ପରେ ବିମାନ ଚଳାଚଳକୁ ସ୍ୱାଭାବିକ କରିବାକୁ ନିଷ୍ପତ୍ତି ନିଆଯାଇଛି ବୋଲି ବେସାମରିକ ବିମାନ ଚଳାଚଳ ମନ୍ତ୍ରୀ ଜ୍ୟୋତିରାଦିତ୍ୟ ସନ୍ଧିଆ ସୂଚନା ଦେଇଛନ୍ତି। ଏଥିପାଇଁ ସମସ୍ତ ବ୍ୟବସ୍ଥା ଗ୍ରହଣ କରିବାକୁ ପଦକ୍ଷେପ ନିଆଯିବାକୁ ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି। ମଙ୍ଗଳବାର ଦେଶରେ ୩,୯୯୩ ନୂଆ ସଂକ୍ରମିତ ଚିହ୍ନଟ ହୋଇଛନ୍ତି, ଯାହାକି ଗତ ୬୬୨ଦିନ ମଧ୍ୟରେ ସବୁଠାରୁ କମ୍ ଅଟେ। ତେଣୁ ଗତ ଫେବୃୟାରୀ ୧୦ତାରିଖରେ ସ୍ୱାସ୍ଥ୍ୟମନ୍ତ୍ରଣାଳୟ ପକ୍ଷରୁ ଜାରି ହୋଇଥିବା କଟକଣା ଅନୁସାରେ ୨୭ରୁ ଅନ୍ତରାଷ୍ଟ୍ରୀୟ ଉଡ଼ାଣ କରାଯିବ। ଟିକାକରଣ ପ୍ରାୟ ଅଧିକାଂଶ ଦେଶରେ କରାଯାଇଛି। ବିମାନ କମ୍ପାନୀଗୁଡ଼ିକ ମଧ୍ୟ ଅନ୍ତରାଷ୍ଟ୍ରୀୟ ଉଡ଼ାଣ ସପକ୍ଷରେ ମତ ଦେଇଥିବାରୁ ଭାରତରୁ ବିଦେଶକୁ ଏବଂ ସେଠାରୁ ଭାରତକୁ ବିମାନ ଉଡ଼ାଣ ପାଇଁ ନିଷ୍ପତ୍ତି ନିଆଯାଇଛି ବୋଲି ବେସାମରିକ ବିମାନ ଚଳାଚଳ ମନ୍ତ୍ରଣାଳୟ ପକ୍ଷରୁ ଏକ ପ୍ରେସ୍ ବିବୃତ୍ତିରେ କୁହାଯାଇଛି। ତେଣୁ ବନ୍ଦ କରାଯାଇଥିବା ଅନ୍ତରାଷ୍ଟ୍ରୀୟ ବ୍ୟବସାୟିକ ଉଡ଼ାଣ ସେବାକୁ ୨୭ ମାର୍ଚ୍ଚରୁ ପୁନଃ କାର୍ଯ୍ୟକାରୀ କରିବାକୁ ମନ୍ତ୍ରଣାଳୟ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି।

## '୨୦୨୪ ସୁଦ୍ଧା ମାଲକାନଗିରି ...

ଓ ପଞ୍ଚାୟତିରାଜ ଏବଂ ପାନୀୟ ଜଳ ବିଭାଗ ୨ଟି ଏକ୍‌ଜିଷ୍ଟିଙ୍ଗ୍ ରୋଡ୍‌କୁ ପୂର୍ତ୍ତ ବିଭାଗକୁ ହସ୍ତାନ୍ତର କରିବା ପାଇଁ ମୁଖ୍ୟ ଶାସନ ସଚିବ ନିର୍ଦ୍ଦେଶ ଦେଇଛନ୍ତି। ସେହିପରି ୨୦୨୨ ଜୁନ୍ ସୁଦ୍ଧା ଟାଟା ପାୱାର ସଦର୍ନ ଓଡ଼ିଶା ଡିଷ୍ଟ୍ରିବ୍ୟୁଶନ୍ ଲିମିଟେଡ୍ (ଟିପିଏସ୍‌ଓଡିଏଲ୍) ବିଦ୍ୟୁତ୍ ଲାଇନ୍ ସ୍ଥାନାନ୍ତର କରିବାକୁ କୁହାଯାଇଛି। ତୁରନ୍ତ ଡିପିଆର ପ୍ରସ୍ତୁତ ସହ ଟେଣ୍ଡର ପ୍ରକ୍ରିୟା ଆରମ୍ଭ କରିବାକୁ ମୁଖ୍ୟ ସଚିବ ପୂର୍ତ୍ତ ବିଭାଗକୁ ନିର୍ଦ୍ଦେଶ ଦେଇଛନ୍ତି। ବୈଠକରେ ଜଙ୍ଗଲ ଓ ପରିବେଶ ବିଭାଗ ଅତିରିକ୍ତ ମୁଖ୍ୟ ସଚିବ ମୋନା ଶର୍ମା, ଅର୍ଥ ବିଭାଗ ପ୍ରମୁଖ ସଚିବ ବିଶାଳ ଦେବ, ଆଇଟି ସଚିବ ମନୋଜ ମିଶ୍ରଙ୍କ ସମେତ ବିମାନ ବନ୍ଦର ପ୍ରାଧିକରଣର ବରିଷ୍ଠ ଅଧିକାରୀ ଏବଂ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ।

## ଫିଚର ଫୋନ୍‌ରେ...

ଫିଚର ଫୋନଧାରୀମାନେ କୌଣସି ଆପତ୍ତି ଅଭିଯୋଗ ଏବଂ ଅନୁସନ୍ଧାନ ପାଇଁ 'ଡିଜିସାଥୀ' ସହ ଫୋନ୍‌କଲ୍ (୧୪୪୩୧ ଓ ୧୮୦୦ ୮୯୧ ୩୩୩୩) ଏବଂ ୱେବ୍‌ସାଇଟ୍ (www.Digisaathi.Info) ଜରିଆରେ ଯୋଗାଯୋଗ କରିପାରିବେ। ଆର୍‌ବିଆଇ ଗଭର୍ନର ଦାସ କହିଛନ୍ତି ଯେ, ୟୁପିଆଇ ଅଧୀନରେ କାରବାର ବଢ଼ିଚାଲିଛି। ଆର୍ଥିକ ବର୍ଷ ୨୦୨୨ରେ ଅଦ୍ୟାବଧି ୟୁପିଆଇ କାରବାର ୭୬ ଲକ୍ଷ କୋଟି ଟଙ୍କା ଛୁଇଁଛି, ଯାହାକି ଆର୍ଥିକ ବର୍ଷ ୨୦୨୧ରେ ୪୧ ଲକ୍ଷ କୋଟି ଟଙ୍କା ହୋଇଥିଲା। କେବଳ ଗତ ଫେବୃୟାରୀରେ ୪୫୩ କୋଟି ଡିଜିଟାଲ ଟ୍ରାଞ୍ଜାକଶନ ମାଧ୍ୟମରେ ୮.୨୬ ଲକ୍ଷ କୋଟି ଟଙ୍କାର କାରବାର ହୋଇଥିଲା। ୧୦୦ ଲକ୍ଷ କୋଟି ଟଙ୍କାର ୟୁପିଆଇ କାରବାର ଆଉ ବେଶି ଦିନ ଦୂର ନୁହେଁ ବୋଲି ଦାସ କହିଛନ୍ତି।


OFFICE OF THE PRINCIPAL
**CHITALO DEGREE MOHAVIDYALAYA**
**CHITALO, JAJPUR, ODISHA**
**TENDER CALL NOTICE**

No- WB-OHEPEE/CDMV/001/2022 Dt.-10.03.2022

Sealed tenders (Two Bids) are invited from Registered Manufacturers/Firms/ Suppliers/ Authorized Dealers having PAN, GST registration with 3 years audited balance sheet and IT return copies for the supply of "Water Purifier- Cum- Cooler" by Regd. Post/Speed Post/Courier within 21 days from the date of publication of advertisement. The items shall be purchased from IDP funds under WB-OHEEPE. The details of tender are available in College Website i.e www.cdmv.edu.in

The undersigned reserves the rights to cancel part or whole of tender without specifying any reason thereof.

Sd./- Principal
Chitalo Degree Mohavidyalaya



No. W-30

ACCESS TO JUSTICE FOR ALL

**ପ୍ରଥମ ରାଷ୍ଟ୍ରୀୟ ଲୋକ ଅଦାଲତ, ୨୦୨୨**

ତା ୧୨.୦୩.୨୦୨୨ ରିଖ (ଶନିବାର)

ବିଶେଷ ସୂଚନା

୧ ଆଜ୍ଞା, କୌଣସି କଚେରୀ ରେ ଆପଣଙ୍କର କୌଣସି ମକଦ୍ଦମା ବିଚାରାଧିନ ରହିଛି କି, ବା ଆପଣଙ୍କ ର କାହା ସହିତ କୌଣସି ବିବାଦ ରହିଛି କି?

୨ ତେବେ ଆପଣ ସେ ମକଦ୍ଦମା / ବିବାଦର ସହଜ ଏବଂ ଆପୋଷ ସହମତରେ ସମାଧାନ ପାଇଁ ଲୋକ ଅଦାଲତଙ୍କ ସହାୟତା ନିଅନ୍ତୁ ।

୩ ତା ୧୨.୦୩.୨୦୨୨ ରିଖ (ଶନିବାର) ରେ ଉଚ୍ଚ ନ୍ୟାୟାଳୟ ପରିସରରେ ଏବଂ ପ୍ରତ୍ୟେକ ଜିଲ୍ଲା ସ୍ତରୀୟ ଏବଂ ରାଷ୍ଟ୍ର ସ୍ତରୀୟ ଏବଂ ତାଲୁକ୍ ସ୍ତରୀୟ ବିଚାର ବିଭାଗୀୟ କୋର୍ଟ ପରିସର ରେ ଏକ ରାଷ୍ଟ୍ର ସ୍ତରୀୟ ଲୋକ ଅଦାଲତ ଅନୁଷ୍ଠିତ ହେଉଛି ।

୪ ଏହି ରାଷ୍ଟ୍ରୀୟ ଲୋକ ଅଦାଲତ ରେ ପ୍ରାୟ ସମସ୍ତ ପ୍ରକାରର ବିଚାରାଧିନ ମକଦ୍ଦମା ଯଥା ଫୌଜଦାରୀ (ସାଲିସ୍ ଯୋଗ୍ୟ), ଚେକ୍ ବାଉନ୍ସ ମାମଲା, ବ୍ୟାଙ୍କ ଋଣ ମାମଲା, ମୋଟର ଦୁର୍ଘଟଣା ଜନିତ କ୍ଷତିପୂରଣ, ଶ୍ରମ ଓ ନିଯୁକ୍ତି ବିବାଦ, ବିଦ୍ୟୁତ୍, ଜଳ ଓ ଅନ୍ୟାନ୍ୟ ବିଲ୍ ଦେୟ ଜନିତ ବିବାଦ (ସାଲିସ୍ ବିହିନ ବିବାଦକୁ ବାଦ ଦେଇ), ବୈବାହିକ ବିବାଦ (ଛାଡପତ୍ର ବ୍ୟତିତ), ଜମି ଅଧିଗ୍ରହଣ, ଚାକିରି ସମ୍ବନ୍ଧିୟ (ଦରମା, ଭତା ଓ ଅବସରକାଳୀନ ପ୍ରାପ୍ୟ) ଓ ଅନ୍ୟାନ୍ୟ ଦେୱାନୀ ମକଦ୍ଦମା ଇତ୍ୟାଦିର ଆପୋଷ ସହମତିରେ ସମାଧାନ କରାଯାଇପାରିବ ।

୫ କେବଳ ବିଚାରାଧିନ ମକଦ୍ଦମା ନୁହେଁ, ପ୍ରାକ୍-ମକଦ୍ଦମା ସ୍ତରୀୟ (କଚେରୀରେ ଦାୟର ହୋଇନଥିବା) ଚେକ୍ ବାଉନ୍ସ ମାମଲା, ବ୍ୟାଙ୍କ ଋଣ ବିବାଦ, ଶ୍ରମ ଓ ନିଯୁକ୍ତି ବିବାଦ, ବିଦ୍ୟୁତ୍, ଜଳ ଓ ଅନ୍ୟାନ୍ୟ ବିଲ୍ ଦେୟ ଜନିତ ବିବାଦ (ସାଲିସ୍ ବିହିନ ବିବାଦକୁ ବାଦ ଦେଇ), ଭରଣପୋଷଣ ବିବାଦ, ଅନ୍ୟାନ୍ୟ ସାଲିସ୍ ଯୋଗ୍ୟ ଫୌଜଦାରୀ ଓ ଅନ୍ୟାନ୍ୟ ଦେୱାନୀ ମକଦ୍ଦମା ଇତ୍ୟାଦିର ମଧ୍ୟ ସମାଧାନ ଏହି ରାଷ୍ଟ୍ରୀୟ ଲୋକଅଦାଲତ ରେ ହୋଇପାରିବ ।

୬ ଲୋକ ଅଦାଲତରେ ମକଦ୍ଦମା /ବିବାଦର ସମାଧାନ ପାଇଁ କୌଣସି ଆର୍ଥିକ ଖର୍ଚ୍ଚ ପଡେ ନାହିଁ ଏବଂ ଲୋକ ଅଦାଲତଙ୍କ ରାୟ ବୈଧ, ଚୂଡାନ୍ତ ଏବଂ ଅମଳଯୋଗ୍ୟ ।

୭ ଯଦି କୌଣସି ବିଚାରାଧିନ ମକଦ୍ଦମା ର ସମାଧାନ ଲୋକ ଅଦାଲତ ମାଧ୍ୟମରେ ହୁଏ, ଆଗରୁ ପଇଠ ହୋଇଥିବା କୋର୍ଟ ଫି ଫେରସ୍ତ ହୋଇପାରିବ ।

୮ ଦୀର୍ଘ ଦିନ ଧରି ଚାଲୁରହିଥିବା ମକଦ୍ଦମାର ସହଜ ସମାଧାନ ପାଇଁ ଏବଂ ଆର୍ଥିକ ଖର୍ଚ୍ଚ ଓ ସମୟ ଅପଚୟରୁ ନିସ୍ତାର ପାଇଁ ଏହି ସୁଯୋଗର ସଦୁପଯୋଗ କରନ୍ତୁ ।

୯ ସବିଶେଷ ବିବରଣୀ ନିମେନ୍ତ ଆପଣଙ୍କ ନିକଟସ୍ଥ ଅଦାଲତ ରେ କାର୍ଯ୍ୟରତ ଥିବା ଜିଲ୍ଲା ବା ତାଲୁକ୍ ଆଇନ ସେବା କାର୍ଯ୍ୟାଳୟ ସହ ତୁରନ୍ତ ଯୋଗାଯୋଗ କରନ୍ତୁ ।

ସଦସ୍ୟ ସଚିବ
ଓଡିଶା ରାଜ୍ୟ ଆଇନ ସେବା ପ୍ରାଧିକରଣ, କଟକ
ଯୋଗାଯୋଗ :
OIPR-18008/11/0014/2122 ମୋ-୯୪୩୮୫୭୮୫୮୬ ଏବଂ ୯୪୩୭୯୫୯୭୩୧


ପୂର୍ବ ପୃଷ୍ଠାର ଅବଶିଷ୍ଟାଂଶ...

| କ୍ର. ନଂ. | ଖତିୟାନ ନଂ. | ପ୍ଲଟ ନଂ. | ପ୍ଲଟର ମୋଟ ରକବା (ଏକରରେ) | ଅଧିସୂଚିତ ଜମିର ରକବା | ରୟତଙ୍କ ନାମ | ମନ୍ତବ୍ୟ |
|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ |
| ୧୬୦ | ୬୦୫/ ୨୨୮ | ୭୪୨ | ୦.୫୫୦ | ୦.୨୦୦ | ଶ୍ରୀ ନଟ ବେହେରା, ପିତା: ରାଧୁ ବେହେରା, ଜା: ଗୋପାଳ, ବା: ନିଜଗାଁ | |
| ୧୬୧ | | ୭୪୩ | ୦.୫୩୦ | ୦.୧୨୦ | ଶ୍ରୀ ନଟ ବେହେରା, ପିତା: ରାଧୁ ବେହେରା, ଜା: ଗୋପାଳ, ବା: ନିଜଗାଁ | |
| ୧୬୨ | ୬୦୫/ ୨୨୮ | ୭୪୪ | ୦.୨୯୦ | ୦.୦୧୦ | ଶ୍ରୀ ନଟ ବେହେରା, ପିତା: ରାଧୁ ବେହେରା, ଜା: ଗୋପାଳ, ବା: ନିଜଗାଁ | |
| ୧୬୩ | | ୭୪୫ | ୦.୧୦୦ | ୦.୦୨୦ | ଶ୍ରୀ ନଟ ବେହେରା, ପିତା: ରାଧୁ ବେହେରା, ଜା: ଗୋପାଳ, ବା: ନିଜଗାଁ | |
| ୧୬୪ | | ୭୪୬ | ୦.୩୨୦ | ୦.୩୨୦ | ଶ୍ରୀ ନଟ ବେହେରା, ପିତା: ରାଧୁ ବେହେରା, ଜା: ଗୋପାଳ, ବା: ନିଜଗାଁ | |
| ୧୬୫ | ୬୦୫/ ୨୩୭ | ୭୬୫/ ୭୦୫୪ | ୦.୨୦୦ | ୦.୧୦୦ | କୁନା ମାଝୀ, ପିତା: ଅଲେଖ ମାଝୀ ଓଗେର, ଜା: ଖଣ୍ଡାୟତ, ବା: ଖଲଣା | |
| ୧୬୬ | ୬୦୫/ ୩୦୨ | ୫୫୯୮ | ୦.୨୪୦ | ୦.୧୬୦ | କୃଷ୍ଣ ଦାସ, ପିତା: ସଉନା ଦାସ ଓଗେର, ଜା: ବୈଷ୍ଣବ, ବା: ଖଲଣା | |
| ୧୬୭ | ୬୦୫/ ୩୧୦ | ୫୮୭୬/ ୭୧୨୯ | ୦.୧୮୦ | ୦.୦୭୦ | ପଞ୍ଚାନନ ସେଠୀ, ପିତା: ବିଧି ସେଠୀ, ଜା: ଧୋବା, ବା: ଖଲଣା | |
| ୧୬୮ | ୬୦୫/ ୪୧୫ | ୩୭୨୨ | ୦.୨୨୦ | ୦.୧୨୦ | ବାବୁ ରାଉତ, ପିତା: ଚେମା ରାଉତ, ଜା: ଖଣ୍ଡାୟତ, ବା: ଖଲଣା | |
| ୧୬୯ | ୬୦୫/ ୪୩୬ | ୫୯୮୨/ ୭୨୬୬ | ୦.୧୦୦ | ୦.୧୦୦ | ହିରଣ୍ୟ ସା, ପିତା: ଅପର୍ତ୍ତି ସା, ଜା: ଖଣ୍ଡାୟତ, ବା: ଖଲଣା | |
| ୧୭୦ | | ୬୦୦୨/ ୭୨୬୭ | ୦.୦୫୦ | ୦.୦୫୦ | ହିରଣ୍ୟ ସା, ପିତା: ଅପର୍ତ୍ତି ସା, ଜା: ଖଣ୍ଡାୟତ, ବା: ଖଲଣା | |
| ୧୭୧ | | ୬୦୦୩/ ୭୨୬୮ | ୦.୦୫୫ | ୦.୦୫୦ | ହିରଣ୍ୟ ସା, ପିତା: ଅପର୍ତ୍ତି ସା, ଜା: ଖଣ୍ଡାୟତ, ବା: ଖଲଣା | |
| ୧୭୨ | ୬୦୫/ ୪୫୩ | ୫୫୯୪ | ୦.୦୮୦ | ୦.୦୮୦ | ଚୁଇଁରାମ ରାଉତ, ପିତା: ଧ୍ରୁବ ରାଉତ, ଜା: ଖଣ୍ଡାୟତ, ବା: ଖଲଣା | |
| ୧୭୩ | | ୫୬୦୧ | ୦.୧୨୦ | ୦.୦୫୦ | ଚୁଇଁରାମ ରାଉତ, ପିତା: ଧ୍ରୁବ ରାଉତ, ଜା: ଖଣ୍ଡାୟତ, ବା: ଖଲଣା | |
| ୧୭୪ | | ୫୭୮୫ | ୦.୪୨୦ | ୦.୩୨୦ | ଚୁଇଁରାମ ରାଉତ, ପିତା: ଧ୍ରୁବ ରାଉତ, ଜା: ଖଣ୍ଡାୟତ, ବା: ଖଲଣା | |
| ୧୭୫ | ୬୦୫/ ୪୭୩ | ୫୬୮୯ | ୦.୩୦୦ | ୦.୦୭୦ | ମଞ୍ଜୁଲତା ସେଠୀ, ସ୍ୱାମୀ: ଶମ୍ଭୁନାଥ ସେଠୀ ଓଗେର, ଜା: ଧୋବା, ବା: ନିଜଗାଁ | |
| | | ୫୭୧୩ | ୦.୦୨୦ | ୦.୦୧୦ | ମଞ୍ଜୁଲତା ସେଠୀ, ସ୍ୱାମୀ: ଶମ୍ଭୁନାଥ ସେଠୀ ଓଗେର, ଜା: ଧୋବା, ବା: ନିଜଗାଁ | |
| ୧୭୬ | | ୫୮୫୮ | ୦.୦୯୦ | ୦.୦୫୦ | ମଞ୍ଜୁଲତା ସେଠୀ, ସ୍ୱାମୀ: ଶମ୍ଭୁନାଥ ସେଠୀ ଓଗେର, ଜା: ଧୋବା, ବା: ନିଜଗାଁ | |
| ୧୭୭ | ୬୦୫/ ୪୭୩ | ୫୮୮୮ | ୦.୧୧୦ | ୦.୦୪୦ | ମଞ୍ଜୁଲତା ସେଠୀ, ସ୍ୱାମୀ: ଶମ୍ଭୁନାଥ ସେଠୀ ଓଗେର, ଜା: ଧୋବା, ବା: ନିଜଗାଁ | |
| ୧୭୮ | ୬୦୫/ ୪୮୮ | ୫୫୮୦ | ୦.୩୨୦ | ୦.୧୧୦ | ଭୋଳାନାଥ ମାଝୀ, ପିତା: ବଳରାମ ମାଝୀ ଓଗେର, ଜା: ଖଣ୍ଡାୟତ, ବା: ନିଜଗାଁ | |
| ୧୭୯ | ୬୦୫/ ୪୯୧ | ୫୪୬୦/ ୭୩୨୯ | ୦.୨୭୦ | ୦.୦୫୦ | ଦେନା ଦଳେଇ, ପିତା: ଦଶମ ଦଳେଇ ଓଗେର, ଜା: ଖଣ୍ଡାୟତ, ବା: ନିଜଗାଁ | |
| ୧୮୦ | ୬୦୫/ ୫୦୯ | ୩୬୮୭ | ୦.୫୦୦ | ୦.୨୦୦ | ପୂର୍ଣ୍ଣଚନ୍ଦ୍ର ସା, ପିତା: ଧୀର ସା, ଜା: ଖଣ୍ଡାୟତ, ବା: ଖଲଣା | |
| ୧୮୧ | ୬୦୫/ ୫୨୩ | ୫୪୫୪ | ୦.୧୦୦ | ୦.୦୭୦ | ସାଦବ ସା, ସ୍ୱାମୀ: ଶୈଳେନ୍ଦ୍ର ସା, ଜା: ଖଣ୍ଡାୟତ, ବା: ନିଜଗାଁ | |
| ୧୮୨ | ୬୦୫/ ୫୪୫ | ୫୪୬୦ | ୦.୨୭୦ | ୦.୦୫୦ | ରମେଶ ଚନ୍ଦ୍ର ରାଉତ, ପିତା: ରାମଚନ୍ଦ୍ର ରାଉତ, ଜା: ଖଣ୍ଡାୟତ, ବା: ଖଲଣା | |
| ୧୮୩ | ୬୦୫/ ୫୪୭ | ୩୬୫୫/ ୬୭୧୬ | ୦.୨୫୦ | ୦.୦୫୦ | ଅନାମ ରାଉତ, ପିତା: ଚଇନ ରାଉତ, ଜା: ଖଣ୍ଡାୟତ, ବା: ନିଜଗାଁ | |
| ୧୮୪ | ୬୦୫/ ୫୭୭ | ୩୭୨୧ | ୦.୧୦୦ | ୦.୧୦୦ | ଗୋଲଖ ସା, ପିତା: କପିଳ ସା, ଜା: ଖଣ୍ଡାୟତ, ବା: ଖଲଣା | |
| ୧୮୫ | ୬୦୫/ ୫୮୪ | ୩୬୮୪ | ୦.୦୪୦ | ୦.୦୪୦ | ଚିନ୍ତାମଣି ଦଳେଇ, ପିତା: ଦୀନବନ୍ଧୁ ଦଳେଇ ଓଗେର, ଜା: ଖଣ୍ଡାୟତ, ବା: ଖଲଣା | |
| ୧୮୬ | ୬୦୫/ ୫୮୪ | ୫୪୧୦ | ୦.୦୪୦ | ୦.୦୪୦ | ଚିନ୍ତାମଣି ଦଳେଇ, ପିତା: ଦୀନବନ୍ଧୁ ଦଳେଇ ଓଗେର, ଜା: ଖଣ୍ଡାୟତ, ବା: ଖଲଣା | |
| ୧୮୭ | | ୫୪୪୬ | ୦.୦୬୦ | ୦.୦୬୦ | ଚିନ୍ତାମଣି ଦଳେଇ, ପିତା: ଦୀନବନ୍ଧୁ ଦଳେଇ ଓଗେର, ଜା: ଖଣ୍ଡାୟତ, ବା: ଖଲଣା | |
| ୧୮୮ | | ୫୯୯୧ | ୦.୦୭୦ | ୦.୦୧୦ | ଚିନ୍ତାମଣି ଦଳେଇ, ପିତା: ଦୀନବନ୍ଧୁ ଦଳେଇ ଓଗେର, ଜା: ଖଣ୍ଡାୟତ, ବା: ଖଲଣା | |
| ୧୮୯ | ୬୦୫/ ୫୮୭ | ୫୮୫୭/ ୭୪୪୧ | ୦.୦୪୦ | ୦.୦୪୦ | ଅଭିମନ୍ୟୁ ଦାସ, ପିତା: ସନାତନ ଦାସ ଓଗେର, ଜା: ଖଣ୍ଡାୟତ, ବା: ଖଲଣା | |
| ୧୯୦ | ୬୦୫/ ୬୧୦ | ୫୭୮୬/ ୭୪୬୪ | ୦.୧୧୦ | ୦.୧୧୦ | ଅକ୍ଷୟ କୁମାର ଜେନା, ପିତା: ମହେଶ୍ୱର ଜେନା, ଜା: ପାଣ, ବା: ଭଣ୍ଡାରିଡିହ, ପୋ: ଘସିପୁରା, କେନ୍ଦୁଝର | |
| ୧୯୧ | ୬୦୫/ ୬୨୪ | ୩୬୮୩ | ୦.୧୩୦ | ୦.୧୦୦ | ଅନନ୍ତ ରାଉତ, ପିତା: ଶରତ ରାଉତ ଓଗେର, ଜା: ଖଣ୍ଡାୟତ, ବା: ଖଲଣା | |
| ୧୯୨ | ୬୦୫/ ୬୪୦ | ୬୦୦୨ | ୦.୦୫୦ | ୦.୦୫୦ | ଜଳଧର ମାଝୀ, ପିତା: ସନାତନ ମାଝୀ, ଜା: ଖଣ୍ଡାୟତ, ବା: ଖଲଣା | |
| ୧୯୩ | ୬୨୦ | ୫୯୮୪ | ୦.୫୮୦ | ୦.୪୬୦ | ଧାନ ମାଝୀ, ପିତା: ଅର୍ଜୁନ ମାଝୀ ଓଗେର, ଜା: ଖଣ୍ଡାୟତ, ବା: ନିଜଗାଁ | |
| ୧୯୪ | ୬୨୪ | ୫୯୭୮ | ୧.୫୦୦ | ୦.୦୭୦ | ବିନୋଦ ବେହେରା, ପିତା: ନବ ବେହେରା ଓଗେର, ଜା: ଗୋପାଳ, ବା: ନିଜଗାଁ | |
| ୧୯୫ | ୬୨୪ | ୫୯୭୯ | ୨.୫୫୦ | ୦.୧୪୦ | ବିନୋଦ ବେହେରା, ପିତା: ନବ ବେହେରା ଓଗେର, ଜା: ଗୋପାଳ, ବା: ନିଜଗାଁ | |
| ୧୯୬ | | ୫୯୮୧ | ୦.୮୯୦ | ୦.୦୭୦ | ବିନୋଦ ବେହେରା, ପିତା: ନବ ବେହେରା ଓଗେର, ଜା: ଗୋପାଳ, ବା: ନିଜଗାଁ | |
| ୧୯୭ | | ୫୯୮୫ | ୧.୧୨୦ | ୦.୧୨୦ | ବିନୋଦ ବେହେରା, ପିତା: ନବ ବେହେରା ଓଗେର, ଜା: ଗୋପାଳ, ବା: ନିଜଗାଁ | |
| ୧୯୮ | ୬୨୬ | ୮୧୧/ ୬୩୭୨ | ୧.୧୦୦ | ୦.୮୧୦ | ଶ୍ରୀଧର ମହାପାତ୍ର, ପିତା: ପ୍ରାଣନାଥ ମହାପାତ୍ର, ଜା: ମହାନାୟକ, ବା: ଆନନ୍ଦପୁର | |
| ୧୯୯ | ୬୩୧ | ୫୬୮୬ | ୦.୦୯୦ | ୦.୦୯୦ | ଅନନ୍ତ ମାଝୀ, ପିତା: ସଦର ମାଝୀ ଓଗେର, ଜା: ଖଣ୍ଡାୟତ, ବା: ନିଜଗାଁ | |
| ୨୦୦ | | ୫୭୧୮ | ୦.୨୨୦ | ୦.୧୭୦ | ଅନନ୍ତ ମାଝୀ, ପିତା: ସଦର ମାଝୀ ଓଗେର, ଜା: ଖଣ୍ଡାୟତ, ବା: ନିଜଗାଁ | |
| ୨୦୧ | | ୫୭୨୫ | ୦.୩୦୦ | ୦.୧୪୦ | ଅନନ୍ତ ମାଝୀ, ପିତା: ସଦର ମାଝୀ ଓଗେର, ଜା: ଖଣ୍ଡାୟତ, ବା: ନିଜଗାଁ | |
| ୨୦୨ | | ୫୭୩୪ | ୦.୦୪୦ | ୦.୦୪୦ | ଅନନ୍ତ ମାଝୀ, ପିତା: ସଦର ମାଝୀ ଓଗେର, ଜା: ଖଣ୍ଡାୟତ, ବା: ନିଜଗାଁ | |
| ୨୦୩ | | ୫୭୫୧ | ୦.୧୭୦ | ୦.୦୯୦ | ଅନନ୍ତ ମାଝୀ, ପିତା: ସଦର ମାଝୀ ଓଗେର, ଜା: ଖଣ୍ଡାୟତ, ବା: ନିଜଗାଁ | |
| ୨୦୪ | | ୫୭୯୮ | ୦.୧୨୦ | ୦.୦୩୦ | ଅନନ୍ତ ମାଝୀ, ପିତା: ସଦର ମାଝୀ ଓଗେର, ଜା: ଖଣ୍ଡାୟତ, ବା: ନିଜଗାଁ | |
| ୨୦୫ | ୬୩୨ | ୫୮୯୩ | ୦.୨୭୦ | ୦.୧୮୦ | ଉଦିୟା ସେଠୀ, ସ୍ୱାମୀ: ଗୁରି ସେଠୀ, ଜା: ଧୋବା, ବା: ନିଜଗାଁ | |
| ୨୦୬ | ୬୩୬ | ୫୯୦୧ | ୦.୨୬୦ | ୦.୦୩୦ | କୃଷ୍ଣଚନ୍ଦ୍ର ସା, ପିତା: ପୁରୀ ସା, ଜା: ଖଣ୍ଡାୟତ, ବା: ନିଜଗାଁ | |
| ୨୦୭ | ୬୩୮ | ୫୬୮୦ | ୦.୦୮୦ | ୦.୦୨୦ | ବଡ଼କୃଷ୍ଣ ମାଝୀ, ପିତା: ପରି ମାଝୀ, ଜା: ଖଣ୍ଡାୟତ, ବା: ନିଜଗାଁ | |
| ୨୦୮ | | ୫୬୯୯ | ୦.୧୧୦ | ୦.୧୧୦ | ବଡ଼କୃଷ୍ଣ ମାଝୀ, ପିତା: ପରି ମାଝୀ, ଜା: ଖଣ୍ଡାୟତ, ବା: ନିଜଗାଁ | |
| ୨୦୯ | | ୫୭୨୭ | ୦.୦୪୦ | ୦.୦୪୦ | ବଡ଼କୃଷ୍ଣ ମାଝୀ, ପିତା: ପରି ମାଝୀ, ଜା: ଖଣ୍ଡାୟତ, ବା: ନିଜଗାଁ | |
| ୨୧୦ | | ୫୭୨୯ | ୦.୦୧୦ | ୦.୦୧୦ | ବଡ଼କୃଷ୍ଣ ମାଝୀ, ପିତା: ପରି ମାଝୀ, ଜା: ଖଣ୍ଡାୟତ, ବା: ନିଜଗାଁ | |
| ୨୧୧ | ୬୩୮ | ୫୭୬୯ | ୦.୧୨୦ | ୦.୧୨୦ | ବଡ଼କୃଷ୍ଣ ମାଝୀ, ପିତା: ପରି ମାଝୀ, ଜା: ଖଣ୍ଡାୟତ, ବା: ନିଜଗାଁ | |
| ୨୧୨ | | ୫୭୭୨ | ୦.୦୩୦ | ୦.୦୩୦ | ବଡ଼କୃଷ୍ଣ ମାଝୀ, ପିତା: ପରି ମାଝୀ, ଜା: ଖଣ୍ଡାୟତ, ବା: ନିଜଗାଁ | |
| ୨୧୩ | | ୫୮୫୬ | ୦.୦୮ | ୦.୦୫୦ | ବଡ଼କୃଷ୍ଣ ମାଝୀ, ପିତା: ପରି ମାଝୀ, ଜା: ଖଣ୍ଡାୟତ, ବା: ନିଜଗାଁ | |
| ୨୧୪ | ୬୩୯ | ୫୬୮୫ | ୦.୦୬୦ | ୦.୦୬୦ | ଦାମ ସେଠୀ, ପିତା: କରୁଣା ସେଠୀ ଓଗେର, ଜା: ଧୋବା: ବା: ନିଜଗାଁ | |
| ୨୧୫ | ୬୪୧ | ୫୭୧୯/ ୬୪୯୭ | ୦.୦୨୦ | ୦.୦୨୦ | ବାସୁ ମାଝୀ, ପିତା: ବନ ମାଝୀ, ଜା: ଖଣ୍ଡାୟତ, ବା: ନିଜଗାଁ | |
| ୨୧୬ | | ୫୭୨୮ | ୦.୦୨୦ | ୦.୦୨୦ | ବାସୁ ମାଝୀ, ପିତା: ବନ ମାଝୀ, ଜା: ଖଣ୍ଡାୟତ, ବା: ନିଜଗାଁ | |
| ୨୧୭ | ୬୪୧ | ୫୭୩୩ | ୦.୦୫୦ | ୦.୦୫୦ | ବାସୁ ମାଝୀ, ପିତା: ବନ ମାଝୀ, ଜା: ଖଣ୍ଡାୟତ, ବା: ନିଜଗାଁ | |
| ୨୧୮ | | ୫୭୩୩/ ୬୬୭୨ | ୦.୦୪୦ | ୦.୦୪୦ | ବାସୁ ମାଝୀ, ପିତା: ବନ ମାଝୀ, ଜା: ଖଣ୍ଡାୟତ, ବା: ନିଜଗାଁ | |
| ୨୧୯ | | ୫୭୭୦ | ୦.୦୨୦ | ୦.୦୨୦ | ବାସୁ ମାଝୀ, ପିତା: ବନ ମାଝୀ, ଜା: ଖଣ୍ଡାୟତ, ବା: ନିଜଗାଁ | |
| ୨୨୦ | | ୫୭୭୧ | ୦.୦୧୦ | ୦.୦୧୦ | ବାସୁ ମାଝୀ, ପିତା: ବନ ମାଝୀ, ଜା: ଖଣ୍ଡାୟତ, ବା: ନିଜଗାଁ | |
| ୨୨୧ | | ୫୭୭୩ | ୦.୦୬୦ | ୦.୦୬୦ | ବାସୁ ମାଝୀ, ପିତା: ବନ ମାଝୀ, ଜା: ଖଣ୍ଡାୟତ, ବା: ନିଜଗାଁ | |
| ୨୨୨ | | ୫୭୯୨ | ୦.୦୩୦ | ୦.୦୩୦ | ବାସୁ ମାଝୀ, ପିତା: ବନ ମାଝୀ, ଜା: ଖଣ୍ଡାୟତ, ବା: ନିଜଗାଁ | |
| ୨୨୩ | ୬୪୧ | ୫୮୬୨ | ୦.୦୧୦ | ୦.୦୧୦ | ବାସୁ ମାଝୀ, ପିତା: ବନ ମାଝୀ, ଜା: ଖଣ୍ଡାୟତ, ବା: ନିଜଗାଁ | |
| ୨୨୪ | | ୫୮୬୪ | ୦.୦୪୦ | ୦.୦୨୦ | ବାସୁ ମାଝୀ, ପିତା: ବନ ମାଝୀ, ଜା: ଖଣ୍ଡାୟତ, ବା: ନିଜଗାଁ | |
| ୨୨୫ | ୬୪୩ | ୫୮୫୯ | ୦.୦୬୦ | ୦.୦୬୦ | ଡଲି ସେଠି, ସ୍ୱାମୀ: ବଇଦ ସେଠି, ଜା: ଧୋବା, ବା: ନିଜଗାଁ | |
| ୨୨୬ | ୬୪୪ | ୫୭୦୨ | ୦.୦୧୦ | ୦.୦୧୦ | ନିତ୍ୟାନନ୍ଦ ସେଠି, ପିତା: ନିଶାକର ସେଠି, ଜା: ଧୋବା, ବା: ନିଜଗାଁ | |
| ୨୨୭ | ୬୪୮ | ୫୭୦୧ | ୦.୦୨୦ | ୦.୦୨୦ | ବଂଶୀ ବେହେରା, ପିତା: ସଦେଇ ବେହେରା, ଜା: ତନ୍ତି, ବା: ନିଜଗାଁ | |
| ୨୨୮ | ୬୪୯ | ୫୬୮୪ | ୦.୧୨୦ | ୦.୦୮୦ | ବାଇଧର ସେଠି, ପିତା: ନିଶା ସେଠି, ଜା: ଧୋବା, ବା: ନିଜଗାଁ | |
| ୨୨୯ | ୬୫୦ | ୫୬୯୦ | ୦.୩୪୦ | ୦.୦୪୦ | ବିର ସେଠୀ, ପିତା: ନବୀନା ସେଠୀ, ଜା: ଧୋବା, ବା: ନିଜଗାଁ | |
| ୨୩୦ | | ୫୮୯୨ | ୦.୧୭୦ | ୦.୧୧୦ | ବିର ସେଠୀ, ପିତା: ନବୀନା ସେଠୀ, ଜା: ଧୋବା, ବା: ନିଜଗାଁ | |
| ୨୩୧ | ୬୫୧ | ୫୭୦୩ | ୦.୦୨୦ | ୦.୦୨୦ | ବୁଦ୍ଧଦେବୀ ମାଝୀ, ପିତା: କେଶବ ମାଝୀ ଓଗେର, ଜା: ଖଣ୍ଡାୟତ, ବା: ନିଜଗାଁ | |
| ୨୩୨ | ୬୫୨ | ୫୯୦୦ | ୦.୩୭୦ | ୦.୧୨୦ | ବୃନ୍ଦାବନ ସା, ପିତା: ଗୋବିନ୍ଦ ସା ଓଗେର, ଜା: ଖଣ୍ଡାୟତ, ବା: ନିଜଗାଁ | |
| ୨୩୩ | ୬୫୬ | ୫୭୦୦ | ୦.୦୫୦ | ୦.୦୫୦ | ମାର୍କଣ୍ଡ ବେହେରା, ପିତା: ନାଦ ବେହେରା, ଜା: ତନ୍ତି, ବା: ନିଜଗାଁ | |
| ୨୩୪ | ୬୫୭ | ୫୭୩୬ | ୦.୧୨୦ | ୦.୦୧୦ | ମୁକ୍ତା ବେହେରା, ପିତା: ମାଧ ବେହେରା, ଜା: ଖଣ୍ଡାୟତ, ବା: ନିଜଗାଁ | |
| ୨୩୫ | ୬୫୭ | ୫୮୭୧ | ୦.୧୬୦ | ୦.୦୫୦ | ମୁକ୍ତା ବେହେରା, ପିତା: ମାଧ ବେହେରା, ଜା: ଖଣ୍ଡାୟତ, ବା: ନିଜଗାଁ | |
| ୨୩୬ | ୬୫୮ | ୫୭୩୨ | ୦.୨୫୦ | ୦.୧୫୦ | ରଙ୍କ ଘୋଷ, ପିତା: ଜଗା ଘୋଷ, ଜା: ଖଣ୍ଡାୟତ, ବା: ନିଜଗାଁ | |
| ୨୩୭ | | ୫୭୯୫ | ୦.୧୨୦ | ୦.୦୬୦ | ରଙ୍କ ଘୋଷ, ପିତା: ଜଗା ଘୋଷ, ଜା: ଖଣ୍ଡାୟତ, ବା: ନିଜଗାଁ | |
| ୨୩୮ | ୬୬୧ | ୫୭୨୨ | ୦.୦୫୦ | ୦.୦୧୦ | ରାଜୀବ ମାଝୀ, ପିତା: ଚହଳ ମାଝୀ, ଜା: ଖଣ୍ଡାୟତ, ବା: ନିଜଗାଁ | |
| ୨୩୯ | | ୫୭୨୬ | ୦.୦୯୦ | ୦.୦୯୦ | ରାଜୀବ ମାଝୀ, ପିତା: ଚହଳ ମାଝୀ, ଜା: ଖଣ୍ଡାୟତ, ବା: ନିଜଗାଁ | |
| ୨୪୦ | ୬୬୧ | ୫୭୩୫ | ୦.୦୮୦ | ୦.୦୫୦ | ରାଜୀବ ମାଝୀ, ପିତା: ଚହଳ ମାଝୀ, ଜା: ଖଣ୍ଡାୟତ, ବା: ନିଜଗାଁ | |
| ୨୪୧ | | ୫୭୬୮ | ୦.୧୩୦ | ୦.୦୨୦ | ରାଜୀବ ମାଝୀ, ପିତା: ଚହଳ ମାଝୀ, ଜା: ଖଣ୍ଡାୟତ, ବା: ନିଜଗାଁ | |
| ୨୪୨ | | ୫୭୯୪ | ୦.୦୮୦ | ୦.୦୮୦ | ରାଜୀବ ମାଝୀ, ପିତା: ଚହଳ ମାଝୀ, ଜା: ଖଣ୍ଡାୟତ, ବା: ନିଜଗାଁ | |
| ୨୪୩ | | ୫୮୮୯ | ୦.୧୬୦ | ୦.୦୭୦ | ରାଜୀବ ମାଝୀ, ପିତା: ଚହଳ ମାଝୀ, ଜା: ଖଣ୍ଡାୟତ, ବା: ନିଜଗାଁ | |
| ୨୪୪ | ୬୬୪ | ୫୭୭୫ | ୦.୧୮୦ | ୦.୦୨୦ | ଲକ୍ଷ୍ମୀଧର ବେହେରା, ପିତା: ବୀର ବେହେରା, ଜା: ଗଉଡ଼, ବା: ନିଜଗାଁ | |
| ୨୪୫ | | ୫୭୯୧ | ୦.୪୦୦ | ୦.୨୫୦ | ଲକ୍ଷ୍ମୀଧର ବେହେରା, ପିତା: ବୀର ବେହେରା, ଜା: ଗଉଡ଼, ବା: ନିଜଗାଁ | |
| ୨୪୬ | ୬୬୫ | ୫୯୦୨ | ୦.୩୩୦ | ୦.୦୧୦ | ମଲ୍ଲ ସା, ପିତା: ଶ୍ରୀଧର ସା ଓଗେର, ଜା: ଖଣ୍ଡାୟତ, ବା: ନିଜଗାଁ | |
| ୨୪୭ | ୬୬୬ | ୫୬୭୯ | ୧.୨୦୦ | ୦.୫୧୦ | ଚୁଇଁରାମ ମାଝୀ, ପିତା: ଶିବ ମାଝୀ ଓଗେର, ଜା: ଖଣ୍ଡାୟତ, ବା: ନିଜଗାଁ | |
| ୨୪୮ | | ୫୮୭୬ | ୧.୦୦୦ | ୦.୧୩୦ | ଚୁଇଁରାମ ମାଝୀ, ପିତା: ଶିବ ମାଝୀ ଓଗେର, ଜା: ଖଣ୍ଡାୟତ, ବା: ନିଜଗାଁ | |
| ୨୪୯ | ୬୬୭ | ୫୬୯୭ | ୦.୩୦୦ | ୦.୧୩୦ | ଶୁକଦେବ ସେଠି, ପିତା: ବରଜୁ ସେଠି, ଜା: ଧୋବା, ବା: ନିଜଗାଁ | |
| ୨୫୦ | ୬୬୮ | ୫୭୦୪ | ୦.୦୧୦ | ୦.୦୧୦ | ସୁକୁଟା ବେହେରା, ପିତା: ଚଢ଼େଇ ବେହେରା, ଜା: ତନ୍ତି, ବା: ନିଜଗାଁ | |
| ୨୫୧ | ୬୬୯ | ୫୬୯୮ | ୦.୨୫୦ | ୦.୦୨୦ | ସୁଦାମ ମାଝୀ, ପିତା: ଭୋଳା ମାଝୀ, ଜା: ଖଣ୍ଡାୟତ, ବା: ନିଜଗାଁ | |
| ୨୫୨ | ୬୭୦ | ୫୭୧୯ | ୦.୧୨୦ | ୦.୦୬୦ | ଅଲେଖ ମାଝୀ, ପିତା: ସୁଦାମ ମାଝୀ ଓଗେର, ଜା: ଖଣ୍ଡାୟତ, ବା: ନିଜଗାଁ | |
| ୨୫୩ | ୬୭୦ | ୫୭୨୦ | ୦.୦୪୦ | ୦.୦୪୦ | ଅଲେଖ ମାଝୀ, ପିତା: ସୁଦାମ ମାଝୀ ଓଗେର, ଜା: ଖଣ୍ଡାୟତ, ବା: ନିଜଗାଁ | |
| ୨୫୪ | | ୫୭୭୪ | ୦.୧୩୦ | ୦.୧୨୦ | ଅଲେଖ ମାଝୀ, ପିତା: ସୁଦାମ ମାଝୀ ଓଗେର, ଜା: ଖଣ୍ଡାୟତ, ବା: ନିଜଗାଁ | |
| ୨୫୫ | | ୫୭୯୩ | ୦.୦୩୦ | ୦.୦୩୦ | ଅଲେଖ ମାଝୀ, ପିତା: ସୁଦାମ ମାଝୀ ଓଗେର, ଜା: ଖଣ୍ଡାୟତ, ବା: ନିଜଗାଁ | |
| ୨୫୬ | | ୫୭୯୭ | ୦.୧୨୦ | ୦.୦୧୦ | ଅଲେଖ ମାଝୀ, ପିତା: ସୁଦାମ ମାଝୀ ଓଗେର, ଜା: ଖଣ୍ଡାୟତ, ବା: ନିଜଗାଁ | |
| ୨୫୭ | | ୫୮୫୭ | ୦.୦୬୦ | ୦.୦୨୦ | ଅଲେଖ ମାଝୀ, ପିତା: ସୁଦାମ ମାଝୀ ଓଗେର, ଜା: ଖଣ୍ଡାୟତ, ବା: ନିଜଗାଁ | |
| ୨୫୮ | | ୫୮୬୩ | ୦.୦୧୦ | ୦.୦୧୦ | ଅଲେଖ ମାଝୀ, ପିତା: ସୁଦାମ ମାଝୀ ଓଗେର, ଜା: ଖଣ୍ଡାୟତ, ବା: ନିଜଗାଁ | |
| ୨୫୯ | ୧୨ | ୬୫୫ | ୦.୫୦୦ | ୦.୫୦୦ | ଅନନ୍ତ ରାଉତ, ପିତା: ଶଂସ ରାଉତ, ଜା: ଖଣ୍ଡାୟତ, ବା: ନିଜଗାଁ | ଗୋଚର ବଦଳି |
| ୨୬୦ | | ୬୫୬ | ୩.୮୦୦ | ୦.୩୦୦ | ଅନନ୍ତ ରାଉତ, ପିତା: ଶଂସ ରାଉତ, ଜା: ଖଣ୍ଡାୟତ, ବା: ନିଜଗାଁ | ଗୋଚର ବଦଳି |
| | | | ମୋଟ | ୩୦.୫୪୫ | | |

ଗ୍ରାମର ମୋଟ ପ୍ଲଟ ସଂଖ୍ୟା: ୨୬୦ (ଦୁଇ ଶହ ଷାଠିଏ), ମୋଟ ଅଧିଗ୍ରହୀତ ଜମି: ୩୦.୫୪୫ ଏକର।

ସ୍ୱା./- ସ୍ୱତନ୍ତ୍ର ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ ଅଧିକାରୀ
ରେଙ୍ଗାଳି ଜଳସେଚନ ପ୍ରକଳ୍ପ, ସୁକିନ୍ଦା

ସ୍ୱା./- ମଣ୍ଡଳ ଅଧିକାରୀ
ରେଙ୍ଗାଳି ଜଳସେଚନ ପ୍ରକଳ୍ପ, ସୁକିନ୍ଦା

OIPR-24045/14/0052/2122

## ଗୋଲାପରେ ଶୋଷକ ପୋକ ନିୟନ୍ତ୍ରଣ



**ଗୋ**ଲାପ ଗଛରେ ଶୋଷକ ପୋକ ନିୟନ୍ତ୍ରଣ ପାଇଁ ଏକ ଲିଟର ପାଣିରେ ୦.୩ ମି.ଲି. ହିସାବରେ ଇମିଡାକ୍ଲୋପ୍ରିଡ୍ କୀଟନାଶକ ମିଶାଇ ଗଛରେ ଭଲ ଭାବରେ ସିଞ୍ଚନ କରନ୍ତୁ । ପାଉଁଶିଆ ରୋଗ (ପାଉଡରି ମିଲ୍‌ଡିଉ) ଦେଖାଦେଲେ ୧ ଲିଟର ପାଣିରେ ୩ ଗ୍ରାମ୍ ହିସାବରେ ସଲ୍‌ଫର ସେଚିତ ଗୁଣ୍ଡ ପ୍ରୟୋଗ କରନ୍ତୁ । ସେରାକଲ କିସମର ଗେଣ୍ଡୁଫୁଲ ଚାଷ କରୁଥିଲେ ହେକ୍ଟର ପ୍ରତି ୨୦ ଗାଡ଼ି ଭଲ ଶଢ଼ା ଗୋବରଖତ ସହ ୧୫୦ କି.ଗ୍ରା. ଯବକ୍ଷାରଜାନ, ୧୫୦ କି.ଗ୍ରା. ଫସ୍‌ଫରସ୍ ଏବଂ ୧୫୦ କି.ଗ୍ରା. ପଟାସ୍ ଆବଶ୍ୟକ । ଏହି ଫୁଲଗଛ ଲଗାଇବା ସମୟରେ ମୂଳସାର ହିସାବରେ ଅର୍ଦ୍ଧେକ ଯବକ୍ଷାରଜାନ ଏବଂ ସମସ୍ତ ପଟାସ୍ ଓ ଫସ୍‌ଫରସ୍ ଖତ ସହ ମାଟିରେ ପ୍ରୟୋଗ କରନ୍ତୁ ।

## ମାଛ ଚାଷ ସମୟରେ..

ଏକ ହେକ୍ଟର ବିଶିଷ୍ଟ ମାଛଚାଷ ପୋଖରୀ ପାଇଁ ଦୈନିକ ୭ କି.ଗ୍ରା. କାଣ୍ଡିଆକୁଣ୍ଡା, ୭ କି.ଗ୍ରା. ଚିନାବାଦାମ ପିଡ଼ିଆ ବ୍ୟବହାର କରନ୍ତୁ। ମାଛମାନଙ୍କୁ ହେଉଥିବା ବିଭିନ୍ନ ରୋଗ ମଧ୍ୟରୁ ଆଖିରୋଗ ଅନ୍ୟତମ। ଏହା ସାଧାରଣତଃ ଭାକୁର ମାଛରେ ଦେଖାଯାଇଥାଏ । ଏହାର ପ୍ରାଥମିକ ଲକ୍ଷଣରେ ଆଖିର ସ୍ୱଚ୍ଛପଟଳ ରକ୍ତବର୍ଣ୍ଣ ହୋଇଯାଏ ଏବଂ କିଛିଦିନ ପରେ ଏହା ଅସ୍ୱଚ୍ଛ ହୋଇ କ୍ରମେ ପଚିଯାଇ ଆଖି ନଷ୍ଟ ହୋଇଯାଏ । ଏହାର ପ୍ରତିକାର ପାଇଁ ୧୦ ମିଲିଗ୍ରାମ୍ ହିସାବରେ କ୍ଲୋରୋମାଇସିଟିନ୍‌କୁ ୧ ଲିଟର ପାଣିରେ ଦ୍ରବଣ ପ୍ରସ୍ତୁତ କରି ମାଛଗୁଡ଼ିକୁ ୫-୭ ମିନିଟ୍ ପର୍ଯ୍ୟନ୍ତ ବୁଡ଼ାଇ ରଖନ୍ତୁ । ପଟାସିୟମ ପରମାଙ୍ଗାନେଟ୍ ଦ୍ରବଣରେ (୫ ମିଲିଗ୍ରାମ୍ ୧ ଲିଟର ପାଣିରେ) ମାଛକୁ ପ୍ରାୟ ୫ ରୁ ୭ ମିନିଟ୍ ପର୍ଯ୍ୟନ୍ତ ବୁଡ଼ାଇ ରଖାଯାଇପାରେ। ଏହି ପ୍ରକ୍ରିୟା ୩-୪ ଦିନ ପର୍ଯ୍ୟନ୍ତ କଲେ ଭାକୁର ମାଛର ଆଖିରୋଗ ହେବା ଆଶଙ୍କା ନ ଥାଏ ।



## ମଲ୍ଲୀ ଗଛରେ ଅଧିକ ଚେର ହେବା ଲାଗି

**ମ**ଲ୍ଲୀ ଗଛରେ ଅଧିକ ତଥା ଶୀଘ୍ର ଚେର ହେବା ପାଇଁ ଇଣ୍ଡୋଲ ବ୍ୟୁଟିରିକ୍ ଏସିଡ୍ ୧୦୦୦ରୁ ୨୦୦୦ପି.ପିଏମ୍‌ର ଏକ ଦ୍ରବଣ ବା ପ୍ରଲେପରେ କଟା ଡାଳର ମୂଳ ଅଂଶକୁ ଉପଚାର କରି ପଟାଳିରେ ପୋତନ୍ତୁ। ଏହା ନ ମିଳିଲେ ବଜାରରେ ମିଳୁଥିବା ସେରାଡେକସ୍-ବି ଗୁଟେକ୍ସ ହରମୋନ୍ ପାଉଡର ସଂଗ୍ରହକରି ଏହାର ଏକ ପ୍ରଲେପ କଟାଡାଳର ମୂଳ ଅଂଶରେ ଡାଳ ପୋତିବା ପୂର୍ବରୁ ପ୍ରୟୋଗ କରନ୍ତୁ। ମଲ୍ଲୀଗଛ ସାଧାରଣତଃ ମନ୍ଦାରେ ଲଗାଯାଏ। ମନ୍ଦାଗୁଡ଼ିକୁ ୬୦ସେ.ମି. ଲମ୍ବ, ୬୦ସେ.ମି. ଓସାର ଏବଂ ୬୦ସେ.ମି. ଗଭୀର ବିଶିଷ୍ଟ ହେବା ଦରକାର। ମନ୍ଦା ଖୋଳିବା ପରେ ସେଥିରୁ ବାହାରୁଥିବା ମାଟିରେ ୫କି.ଗ୍ରା.ରୁ ୧୦କି.ଗ୍ରା. ଶଢ଼ା ଗୋବରଖତ ଭଲ ଭାବରେ ମିଶାଇ ପୁଣି ସେହି ମାଟିକୁ ମନ୍ଦା ମଧ୍ୟରେ ପୂରଣ କରି ଗଛ ଲଗାନ୍ତୁ। ଏହାର ବଂଶବିସ୍ତାର କଟା କଲମୀ କିମ୍ବା ଗୁଟି କଲମୀ ଦ୍ୱାରା ହୁଏ। କଟା କଲମୀ ପାଇଁ ୧୫ରୁ ୨୦ସେ.ମି. ପାକଳ ଡାଳ ବ୍ୟବହାର କରାଯାଏ। ପଟାଳି କରି କଲମୀଗୁଡ଼ିକୁ ପୋତିଦେଲେ ୨/୩ ମାସ ମଧ୍ୟରେ ଚେର ହୋଇଯାଏ।



# ଗ୍ରୀଷ୍ମଋତୁରେ ଗୋରୁଙ୍କ ସ୍ୱାସ୍ଥ୍ୟ ଓ ଖାଦ୍ୟ



ଡା. ବୀରକିଶୋର ପରିଡ଼ା

**ସା**ଧାରଣତଃ କେତେକ ଗୋରୁଙ୍କ ଠାରେ ପ୍ରଜନନ ଶକ୍ତିହୀନତା ଦେଖାଦେଇଥାଏ। ତେବେ ଏ ନେଇ କେତେକ ଦିଗ ପ୍ରତି ଦୃଷ୍ଟିଦେବା ନିହାତି ଜରୁରୀ। କେବଳ ସେତିକି ନୁହେଁ, ସେମାନଙ୍କର ବନ୍ଧ୍ୟାତ୍ୱ ଦୂରୀକରଣ ପାଇଁ ବ୍ୟବସ୍ଥା କରିବା ଉଚିତ। ବର୍ତ୍ତମାନ ଖରାଦିନ ଆରମ୍ଭ ହୋଇଗଲାଣି। ତେଣୁ ଏହି ସମୟରେ ଉପରୋକ୍ତ ବିଷୟ ପ୍ରତି ସତର୍କ ରହିବା ଦରକାର। ରୌଦ୍ରତାପ ପ୍ରଭାବରୁ ରକ୍ଷାପାଇବା ପାଇଁ ଛଡ଼ା, ଦୁଗ୍ଧ ଦେଉଥିବା ଗାଈ, ପଡ଼ିଆ ଗାଈ, ପ୍ରଜନନକ୍ଷମ ଷଣ୍ଢମାନଙ୍କୁ ଉପଯୁକ୍ତ ସୁରକ୍ଷା ପ୍ରଦାନ କରିବା ଉଚିତ । ନିକଟରୁ ପର୍ଯ୍ୟବେକ୍ଷଣ କରି ଗରମ ଗାଈର ଲକ୍ଷଣ ଜାଣି ଚିହ୍ନଟ କରିବା ସହିତ ଏହାର ନିର୍ଗତ ଲାଳ ପରୀକ୍ଷା ଏବଂ ଆବଶ୍ୟକ କୃତ୍ରିମ ପ୍ରଜନନ ବ୍ୟବସ୍ଥା କରନ୍ତୁ । ନିୟମିତ ଗରମ ଚିହ୍ନଟର ପଦ୍ଧତି ଏବଂ କୃତ୍ରିମ ପ୍ରଜନନ ଦିନ ଓ ରାତ୍ରିର ଥଣ୍ଡା ପ୍ରହରରେ କିମ୍ବା ପ୍ରାତଃ କାଳ ବା ବିଳମ୍ବ ଅପରାହ୍ନରେ ଅଭ୍ୟାସ କରିବା ଉଚିତ। ଗରମ ହେବାର ଠିକ୍ ସମୟରେ କୃତ୍ରିମ ପ୍ରଜନନ ବା ଗରମ ଲକ୍ଷଣ ଆରମ୍ଭ ହେବାର ୧୨ରୁ ୧୮ଘଣ୍ଟା ମଧ୍ୟରେ ଭଲଗୁଣ ଶୁକ୍ରାଣୁ ଦ୍ୱାରା କୃତ୍ରିମ ପ୍ରଜନନ କରାଇନେବା ଆବଶ୍ୟକ । ପ୍ରଜନନ ପରେ ଗାଈକୁ ଧୀରେ ସୁସ୍ଥେ ଘରକୁ ନେବା ଏବଂ ଗାଈକୁ ଥଣ୍ଡାପାଣିରେ ଗାଧୋଇଦେବା ଆବଶ୍ୟକ । ବୁଲା ଷଣ୍ଢଠାରୁ ସର୍ବଦା ଦୂରେଇ ରଖିବା ଆବଶ୍ୟକ।

**ଗୋରୁଙ୍କ ଖାଦ୍ୟର ବିକଳ୍ପ ବ୍ୟବସ୍ଥା**

ସାଧାରଣତଃ ଖରାଦିନେ ସବୁଜ ଘାସର ଘୋର ଅଭାବ ଦେଖାଦେଇଥାଏ । ତେଣୁ ଏହିଦିନେ ସବୁଜଘାସ ବଦଳରେ ଗଛପତ୍ର ଯଥା – ସୁବାବୁଲ୍ ପତ୍ର, ଅଶ୍ୱତ୍ଥପତ୍ର, ବରପତ୍ର, ଆମ୍ବପତ୍ର, ଶାଳପତ୍ର, ଅଗସ୍ତି ପତ୍ର ଆଦି ଗୋରୁଙ୍କୁ ଖୁଆଇବା ଦରକାର। ଗାଁ ଗହଳିରେ ମୁଖ୍ୟତଃ ନଡ଼ା ବା କୁଟା ବେଶି ପରିମାଣରେ ଗୋରୁଙ୍କୁ ଖାଇବାକୁ ଦେଇଥାନ୍ତି । ଏହି ନଡ଼ାରେ ଖାଦ୍ୟସାର ପ୍ରାୟ ନାହିଁ କହିଲେ ଚଳେ। ଏହା ଗୋରୁଙ୍କ ପେଟ ଭରିବାରେ ଏବଂ ଝାଡ଼ା କରିବାରେ ସହାୟକ ହୋଇଥାଏ। ପେଟ ଭରିବା ଯୋଗୁ ଗୋରୁ ସନ୍ତୋଷ ଲାଭ କରନ୍ତି । ନଡ଼ାରେ ଅକ୍‌ଜାଲିକ୍ ଏସିଡ୍ ନାମକ ଏକ ଅମ୍ଳ ନିହିତ ଥାଏ । ଏହି ନଡ଼ା ଗୋରୁ ଖାଇଲେ ଅକ୍‌ଜାଲିକ୍ ଅମ୍ଳ ଶରୀରର କ୍ୟାଲ୍‌ସିୟମ୍ ସହିତ ମିଶି କ୍ୟାଲ୍‌ସିୟମ୍ ଅକ୍‌ଜାଲେଟ୍‌ରେ ପରିଣତ ହୋଇ ଝାଡ଼ାରେ ମିଶି





ବାହାରି ଆସେ । ଫଳରେ ଗୋରୁଙ୍କ ହାଡ଼ ଦୁର୍ବଳ ହୋଇ ହାଡୁଆ ପରି ଦିଶେ। ତେଣୁ ଏହି ଅମ୍ଳରୁ ମୁକ୍ତି ପାଇବା ପାଇଁ ଏବଂ ନଡ଼ାର ଗୁଣାତ୍ମକମାନ ବଢ଼ାଇବା ପାଇଁ ଦୁଇପ୍ରକାର ପଦ୍ଧତି ଅବଲମ୍ବନ କରାଯାଇଥାଏ।

**ପ୍ରଥମ ପ୍ରଣାଳୀ :** ନଡ଼ାକୁ ୩-୫ ସେମି ଲମ୍ବର ଚାଫ୍ କଟରରେ କିମ୍ବା ଦାଆରେ କାଟି ୩-୪ ଘଣ୍ଟା ପାଣିରେ ଭିଜାଇ ରଖିବା ପରେ ଛାଣି ୨ ଘଣ୍ଟା ଶୁଖାନ୍ତୁ। ତା'ପରେ ମକାଗୁଣ୍ଡ, ମିନେରାଲ୍ ମିକ୍ସ କରି ଲୁଣ, କୁଣ୍ଡା ଆଦି ମିଶାଇ ଗୋରୁଙ୍କୁ ଖାଇବାକୁ ଦିଅନ୍ତୁ । ନଡ଼ା ଧୋଇ ଖାଇବାକୁ ଦେବାଦ୍ୱାରା ନଡ଼ାରେ ଥିବା ଅକ୍‌ଜାଲିକ୍ ଅମ୍ଳର ପ୍ରଭାବ କମିଯାଇଥାଏ ଏବଂ ନଡ଼ା ସୁସ୍ୱାଦୁ, ନରମ ଓ ପୁଷ୍ଟିଯୁକ୍ତ ହୋଇଥାଏ। ଏହାଦ୍ୱାରା ମଧ୍ୟ ନଡ଼ାରୁ ମଇଳା ବାହାରି ଯାଇଥାଏ ଏବଂ ଅଧିକ ନଷ୍ଟ ହୋଇ ନ ଥାଏ।

**ଦ୍ୱିତୀୟ ପ୍ରଣାଳୀ :** ୟୁରିଆ ମିଶ୍ରିତ ନଡ଼ା ଉପଚାର । ଆବଶ୍ୟକ ଉପାଦାନ : ୧. ୟୁରିଆ ସାର ୪କେ.ଜି ,୨. ପରିଷ୍କାର ପାଣି ୫୦ଲିଟର, ୩. ନଡ଼ା କଟା ଖଣ୍ଡ ୪-୫ସେ.ମି. ଲମ୍ବ ୧୦୦ କେ.ଜି।

**ପ୍ରସ୍ତୁତି :** ପ୍ରଥମେ ଏକ ପାତ୍ରରେ ୪କେ.ଜି. ୟୁରିଆକୁ ୫୦ଲିଟର ପରିଷ୍କାର ପାଣିରେ ଦ୍ରବୀଭୂତ କରାଯାଉ । ବିଛାଯାଇଥିବା କଟା ନଡ଼ାଖଣ୍ଡର ପ୍ରଥମସ୍ତର ଉପରେ ଏହି ଦ୍ରବଣ ହାତ କିମ୍ବା ସ୍ପ୍ରିଙ୍କଲର ସାହାଯ୍ୟରେ ସମାନ ଭାବେ ସିଞ୍ଚନ କରନ୍ତୁ । ପୁଣି ଏକ ସ୍ତର କଟା ନଡ଼ାଖଣ୍ଡ ଏହା ଉପରେ ରଖାଯାଇ ପୂର୍ବଭଳି ୟୁରିଆ ଦ୍ରବଣ ସିଞ୍ଚନ କରାଯାଉ। ଗୋଡ଼ଦ୍ୱାରା ନଡ଼ାଗଦାରୁ ବାୟୁ ନିଷ୍କାସନ ପାଇଁ ଭଲ ଭାବେ ଚାପିକରି ଗଦା କରାଯାଏ। ଏହିପରି ଗଦାଟି ସମ୍ପୂର୍ଣ୍ଣ ହୋଇଗଲେ କଳାରଙ୍ଗର ପଲିଥିନ କିମ୍ବା ଉପଚାର ନ ହୋଇଥିବା ଛଣ କିମ୍ବା ତାର୍ପୋଲିନଦ୍ୱାରା ନଡ଼ାଗଦାକୁ ସମ୍ପୂର୍ଣ୍ଣ ଆବଦ୍ଧ କରି ରଖାଯାଇଥାଏ ଏବଂ ସମସ୍ତ ରାସାୟନିକ ପ୍ରକ୍ରିୟା ପ୍ରଘଟ ପାଇଁ ୩ ସପ୍ତାହ ପର୍ଯ୍ୟନ୍ତ ଅତି କମ୍‌ରେ ରଖାଯାଇଥାଏ।

**ସାବଧାନତା :** ମଇଳା ବା ଅପରିଷ୍କାର ପାଣି ବ୍ୟବହାର କରନ୍ତୁ ନାହିଁ। ୟୁରିଆ ଦ୍ରବଣକୁ ସମାନ ଭାବେ ସବୁଆଡ଼େ ଛିଞ୍ଚନ୍ତୁ। ନଡ଼ାଗଦା ତିଆରି ସମୟରେ ଭଲଭାବେ ଗୋଡ଼ରେ ଚାପି ରଖନ୍ତୁ । ୟୁରିଆ ମିଶ୍ରିତ ନଡ଼ାଗଦାକୁ ଭଲଭାବେ କଳାରଙ୍ଗ ପଲିଥିନଦ୍ୱାରା ନିବୁଜ ରଖନ୍ତୁ । ତିନି ସପ୍ତାହ ପରେ ସମସ୍ତ ରାସାୟନିକ ପ୍ରକ୍ରିୟା ଘଟିବା ପରେ ନଡ଼ାର ଗୁଣାତ୍ମକମାନ ବଢ଼ିଯାଏ ଏବଂ ଏହା ଖାଦ୍ୟ ଉପଯୋଗୀ ଓ ସୁସ୍ୱାଦୁ ହୋଇଥାଏ । ପ୍ରକୃତରେ ଖାଲି ନଡ଼ାରେ ସୁପଚ୍ୟ ପୁଷ୍ଟିସାର ୦% ଏବଂ ସମୁଦାୟ ସୁପଚ୍ୟ ଶ୍ୱେତସାର ୩୮-୪୦%ଥାଏ। କିନ୍ତୁ ୟୁରିଆ ଉପଚାର ନଡ଼ାରେ ଏହା ବୃଦ୍ଧି ପାଇଁ ସୁପଚ୍ୟ ପୁଷ୍ଟିସାର ୪-୫% ଏବଂ ସମୁଦାୟ ଶ୍ୱେତସାର ୫୦% ହୋଇଥାଏ।

**ଖୁଆଇବା ପରିମାଣ :** ପଡ଼ିଆ ଗାଈ – ୪-୬କେ.ଜି. ଦୈନିକ ହିସାବରେ ଖାଇଲେ ତାହା ଶରୀରର ସମସ୍ତ ଶକ୍ତି ଏବଂ ପୁଷ୍ଟିସାର ଚାହିଦା ମେଣ୍ଟାଇଥାଏ।

**ଦୁଧିଆଳୀ ଗାଈ :** ୪-୫କେ.ଜି ୟୁରିଆ ଉପଚାର ନଡ଼ା ୫୦୦ଗ୍ରାମରୁ ୧ କି.ଗ୍ରା. ସୁଷମ ଦାନାର ପରିମାଣ କମାଇଦିଏ କିମ୍ବା ଏକ କି.ଗ୍ରା.ରୁ ଦେଢ଼ କି.ଗ୍ରା. କ୍ଷୀର ଉତ୍ପାଦନ ବୃଦ୍ଧି କରାଇବାରେ ସହାୟକ ହୋଇଥାଏ । ବେଳେବେଳେ ଚାଷୀଭାଇମାନେ କ୍ଷୀର ଉତ୍ପାଦନ ବୃଦ୍ଧି ଲାଗି ଭୁଲ୍‌ବଶତଃ କେବଳ ୟୁରିଆ ମିଶ୍ରିତ ପାଣି ବା ଦ୍ରବଣକୁ ସିଧାସଳଖ ଗାଈଙ୍କୁ ପିଆଇଥାନ୍ତି । ଫଳରେ ଗାଈ କ୍ଷୀର ଦେବା ପରିବର୍ତ୍ତେ ମୃତ୍ୟୁବରଣ କରନ୍ତି । ତେଣୁ ଚାଷୀଭାଇମାନେ ଏଥିପ୍ରତି ସତର୍କତା ଅବଲମ୍ବନ କରିବା ଉଚିତ । ବାଛୁରୀକୁ ୟୁରିଆ ଉପଚାର ନଡ଼ା ଖୁଆନ୍ତୁ ନାହିଁ।

**ଆଜୋଲା ଚାଷ :** ଖରାଦିନେ ଆଜୋଲା ଚାଷ କରି ଖାଇବାକୁ ଦିଅନ୍ତୁ। କାରଣ ଏଥିରେ ଜଳୀୟଅଂଶ ୯୦ରୁ ୯୨ ପ୍ରତିଶତ ଥିବାବେଳେ କଠିନାଂଶ ବା ଜୈବପଦାର୍ଥ ୮ରୁ ୧୦ ପ୍ରତିଶତ ନିହିତ ଥାଏ ଏବଂ ପୁଷ୍ଟିସାର ଅଧିକ ଥାଏ। ତେଣୁ ଖରାଦିନେ ଗୋରୁ, କୁକୁଡ଼ା ଆଦି ପ୍ରାଣୀଙ୍କୁ ଆଜୋଲା ଚାଷ କରି ଖାଇବାକୁ ଦେଲେ ଦୁଗ୍ଧ ଉତ୍ପାଦନ ବଢ଼ିବା ସହ ଅଣ୍ଡା ଉତ୍ପାଦନ ମଧ୍ୟ ବଢ଼ିଥାଏ । ସେହିପରି ଖରାଦିନେ ବିଭିନ୍ନ ଶସ୍ୟ ଯଥା ମକା, ବାଜରା, ଯୋଆର ଆଦିର ଶସ୍ୟ ଅବଶିଷ୍ଟାଂଶ ସହିତ ଧାତବ ଲବଣ ମିଶ୍ରିତ ଭିଟାମିନ ଗୁଣ୍ଡ, ଲୁଣ ଆଦି ମିଶାଇ ଖାଇବାକୁ ଦେଲେ ଗୋରୁମାନଙ୍କର ଖାଦ୍ୟ ରୁଚିକର ହେବା ସହ ପୁଷ୍ଟିହୀନତା ଦୂର ହୋଇଥାଏ।

– ଜିଲା ମୁଖ୍ୟ ପ୍ରାଣୀ ଚିକିତ୍ସା ଅଧିକାରୀ,
ଜଗତ୍‌ସିଂହପୁର
ମୋ : ୯୪୩୭୬୦୭୩୧୨

## ଚାଷୀଙ୍କ ପାଇଁ...

- ଆଖୁ ଲଗାଇବା କାର୍ଯ୍ୟ ଶେଷ କରନ୍ତୁ । ପୂର୍ବରୁ ଲଗାଯାଇଥିବା ଆଖୁ ଫସଲରେ ସଅଳ କିସମରେ ୪୫ ଓ ୯୦ ଦିନରେ ଏବଂ ମଧ୍ୟମ ଓ ବିଳମ୍ବ କିସମରେ ୪୫, ୯୦ ଓ ୧୨୦ ଦିନରେ ହେକ୍ଟର ପ୍ରତି ୩୦୦ କି.ଗ୍ରା. ଯବକ୍ଷାରଜାନ ସାର ସମାନ କିସ୍ତିରେ ପ୍ରୟୋଗ କରନ୍ତୁ। ୧୨୦ ଦିନ ପରେ ଆଖୁ ଫସଲରେ ଯବକ୍ଷାରଜାନ ସାର ପ୍ରୟୋଗ କରିବା ଉଚିତ ନୁହେଁ। କଳାଛଟା ରୋଗ ଆଖୁ ଗଛରେ ଦେଖାଦେଲେ ଆକ୍ରାନ୍ତ ଗଛକୁ ମୂଳରୁ ଉପାଡ଼ି କିଆରି ବାହାରେ ପୋତିଦିଅନ୍ତୁ। ଆକ୍ରାନ୍ତ କିଆରିରେ ପ୍ରୋପିକୋନାଜୋଲ୍ ୧.୦ ମି.ଲି., ଏକ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ ।
- ଜଳସେଚନର ସୁବିଧା ଥିଲେ ମୁଗ ଓ ବିରି ଫସଲରେ ୨୦-୨୫ ଦିନ ବେଳକୁ ଥରେ ଜଳସେଚନ କରନ୍ତୁ । ଜଳସେଚନ ପୂର୍ବରୁ ଟାର୍ଗା ସୁପର ଦୁଇ ମି.ଲି.କୁ ଏକ ଲିଟର ପାଣିରେ ମିଶାଇ ଫସଲକୁ ୧୫-୨୦ ଦିନ ବେଳକୁ ସିଞ୍ଚନ କଲେ ଏକ ବୀଜପତ୍ରୀ ଅନାବନା ଘାସ ଦାଉରୁ ସମ୍ପୂର୍ଣ୍ଣ ରକ୍ଷା ମିଳିଥାଏ ।
- ଚିନାବାଦାମ ଅମଳଯୋଗ୍ୟ ହେଲେ ଅର୍ଥାତ୍ ଗଛ ହଳଦିଆ ପଡ଼ି ଶୁଖି ଆସିଲେ, ଚିନାବାଦାମ ଖୋସା ଭିତର ପଟେ କଳାଦାଗ ପଡ଼ିଲେ ଓ ଚିନାବାଦାମ ମଞ୍ଜି ଚୋପା ଗୋଲାପି ପଡ଼ିଆସିଲେ ଅମଳ କରନ୍ତୁ । ଅମଳ ଚିନାବାଦାମକୁ ୩/୪ଟି ଟାଣ ଖରାରେ ଶୁଖାଇ ସାଇତି ରଖନ୍ତୁ ।
- ଖରାଦିନିଆ ରାଶି ଫସଲ ୩ ସପ୍ତାହର ହୋଇଗଲେ ପ୍ରଥମେ ଜଳସେଚନ କରି କୋଡ଼ାଖୁସା କରନ୍ତୁ ଓ ଘାସ ବାଛି ଦିଅନ୍ତୁ।
- ସୂର୍ଯ୍ୟମୁଖୀ ଫସଲରେ ଧଳାମାଛି ବା ପତ୍ରଉକୁଣି ପୋକ ଲାଗିଲେ ହେକ୍ଟର ପ୍ରତି ୧୨୫ ଗ୍ରାମ୍ ଆସିଟାମିପ୍ରିଡ୍ ବା ୧୨୫ ଗ୍ରାମ୍ ଥାଇଓମେଥୋକ୍‌ଜାମ୍ ଔଷଧକୁ ୫୦୦ ଲିଟର ପାଣି ସହ ମିଶାଇ ସିଞ୍ଚନ କରିବା ଆବଶ୍ୟକ ।
- ଯେଉଁ ଅଞ୍ଚଳରେ କେନାଲ କିମ୍ବା ଉଠା ଜଳସେଚନର ସୁବିଧା ଅଛି ସେଠାରେ ମାର୍ଚ୍ଚ ୧୫ ଠାରୁ ପିତାନଳିତା ବୁଣାବୁଣି କାର୍ଯ୍ୟ ଆରମ୍ଭ କରାଯାଇପାରିବ। ନଳିତା ବୁଣିବା ପାଇଁ ଜମି ପ୍ରସ୍ତୁତ କରନ୍ତୁ । ମାଟିକୁ ଭଲଭାବରେ ଗୁଣ୍ଡ କରି ହେକ୍ଟର ପ୍ରତି ୧୨ ଶଗଡ଼ ଶଢ଼ା ଗୋବର ଖତ ବା କମ୍ପୋଷ୍ଟ ପ୍ରୟୋଗ କରନ୍ତୁ । ହେକ୍ଟର ପ୍ରତି ପିତା ନଳିତା ପାଇଁ ୮୦ କି.ଗ୍ରା. ଯବକ୍ଷାରଜାନ, ୪୦ କି.ଗ୍ରା. ଫସ୍‌ଫରସ୍ ଓ ୪୦ କି.ଗ୍ରା. ପଟାସ୍‌ସାର, ମଧୁର ନଳିତାରେ ୬୦ କି.ଗ୍ରା. ଯବକ୍ଷାରଜାନ, ୩୦ କି.ଗ୍ରା. ଫସ୍‌ଫରସ୍ ଓ ୨୦କି.ଗ୍ରା. ପଟାସ୍‌ସାର ପ୍ରୟୋଗ କରନ୍ତୁ।

## ଖରାଦିନିଆ ପନିପରିବା



**ସ**ମସ୍ତ ପ୍ରକାର କଖାରୁ ଜାତୀୟ ପନିପରିବା ଯଥା କଖାରୁ, କାକୁଡ଼ି, ଜହ୍ନି, ଲାଉ, କଲରା, ତରଭୁଜ ଇତ୍ୟାଦିକୁ ଜମିରେ ଲଗାନ୍ତୁ। ପ୍ରତ୍ୟେକ ମନ୍ଦାରେ ୨-୩ଟି ସୁସ୍ଥ ସବଳର ଗଛ ରଖି ଅନ୍ୟାନ୍ୟ ଚାରାଗୁଡ଼ିକୁ ଉପାଡ଼ି ଦିଅନ୍ତୁ। ଉନ୍ନତ କିସମ ବା ସଙ୍କର ଜାତୀୟ ଭେଣ୍ଡି ମଞ୍ଜି ଲଗାନ୍ତୁ। ଜମିକୁ ଭଲଭାବରେ ଚାଷକରି ଶାଗଜାତୀୟ ଫସଲ ଲଗାନ୍ତୁ। ସବୁ ସମୟରେ ଶାଗଜାତୀୟ ଫସଲରେ ଅଧିକ ମାତ୍ରାରେ ଶୁଖିଲା ଶଢ଼ା ଗୋବରଖତ ବା ଜିଆଖତର ବ୍ୟବହାର କରନ୍ତୁ। ପ୍ରତ୍ୟେକ ୩ବର୍ଷ ଅନ୍ତରରେ ଜମିର ମାଟି ପରୀକ୍ଷାକରି ଅନୁମୋଦିତ ହିସାବରେ ସାର ପ୍ରୟୋଗ କରନ୍ତୁ। ବାଇଗଣ ଗଛରେ ଡାଳ ଓ ଫଳବିନ୍ଧା ପୋକ ଲାଗିଲେ ହେକ୍ଟର ପ୍ରତି ୨୦୦ ଗ୍ରାମ୍ ଫେମ୍ (ଫ୍ଲୁବେଣ୍ଡିଆମାଇଡ୍) ବା ୮୦୦ ଗ୍ରାମ୍ କାର୍ଟାପ୍ ହାଇଡ୍ରୋକ୍ଲୋରାଇଡ୍ ୪୦ ଭାଗ ସେଚିତ ଗୁଣ୍ଡ ଔଷଧକୁ ୫୦୦ ଲିଟର ପାଣିରେ ମିଶାଇ ୧୫ ଦିନ ବ୍ୟବଧାନରେ ଗୋଟିଏ ପରେ ଗୋଟିଏ ସିଞ୍ଚନ କରିବା ଆବଶ୍ୟକ । ଖରାଦିନିଆ ଭେଣ୍ଡି, ଜହ୍ନି, କଖାରୁ, ପୋଟଳ, କାଙ୍କଡ଼, କଲରା, କାକୁଡ଼ି, ଲାଉ, ବାଇଗଣ ଲଗାନ୍ତୁ । ଖଡ଼ା, ଲେଉଟିଆ, ପୋଇ ଆଦି ଶାଗ ଚାଷକରିବା ପାଇଁ ଏହା ପ୍ରକୃଷ୍ଟ ସମୟ । ଯେଉଁଠି ଗ୍ରୀଷ୍ମଋତୁରେ ଅଧିକ ଗରମ ଅନୁଭୂତ ହୁଏ ନାହିଁ, ସେଇଠି ଅଦିନିଆ ପନିପରିବା ଯଥା:- ବିଲାତି ବାଇଗଣ, ବିନ୍, ମୂଳା ଜଳବାୟୁ ଅନୁସାରେ ଚାଷ କରନ୍ତୁ ।

## ଭେଣ୍ଡି ଚାଷରେ କୋଡ଼ାଖୁସା

**ଭେଣ୍ଡି** ବିହନ ଲଗାଇବାର ୩ ସପ୍ତାହ ପରେ କୋଡ଼ାଖୁସା କରି ବଳକା ଅର୍ଦ୍ଧେକ ଯବକ୍ଷାରଜାନ ସାର ପ୍ରୟୋଗ କରନ୍ତୁ। ପ୍ରତି ୫-୬ ଦିନ ବ୍ୟବଧାନରେ ଭେଣ୍ଡି କିଆରିରେ ମାଟିର ବତର ଦେଖି ଜଳସେଚନ କରନ୍ତୁ । ପ୍ରତି ୨ଦିନରେ ଥରେ ଫଳ ତୋଳିବା ଉଚିତ । ଭେଣ୍ଡି ଗଛ ମଧ୍ୟରେ ଦୂରତା ୬୦ ସେ.ମି. x ୩୦ ସେ.ମି. ରହିବା ଦରକାର। ଭେଣ୍ଡି ଚାଷରେ ହେକ୍ଟର ପିଛା ୨୦ ଗାଡ଼ି ଭଲ ଶଢ଼ା ଗୋବର ଖତ ସହିତ ୮୦ କି.ଗ୍ରା. ଯବକ୍ଷାରଜାନ, ୪୦ କି.ଗ୍ରା. ଫସ୍‌ଫରସ୍ ଓ ୪୦ କି.ଗ୍ରା. ପଟାସ୍ ସାର ପ୍ରୟୋଗ କରନ୍ତୁ।



# ଖରାଟିଆ ଚିନାବାଦାମରେ ପୋକ ଦମନ



ଡ. ବିଷ୍ଣୁଚରଣ ଜେନା

**ଚି**ନାବାଦାମ ବର୍ଷାଋତୁରେ ଚାଷହେବା ସଙ୍ଗେ ସଙ୍ଗେ ଗ୍ରୀଷ୍ମଋତୁରେ ଜଳସେଚନ ସୁବିଧା ଥିବା ଅଞ୍ଚଳରେ ମଧ୍ୟ ଚାଷ ହୁଏ। ଏହା ଏକ ତୈଳବୀଜ ଜାତୀୟ ଫସଲ। ଆମେରିକା, ଚାଇନା ଏବଂ ବ୍ରାଜିଲ ପରେ ଭାରତ ପୃଥିବୀର ତୈଳ ଉତ୍ପାଦନରେ ଚତୁର୍ଥ ସ୍ଥାନ ଅଧିକାର କରିଛି। ହେକ୍ଟର ପ୍ରତି ଜାତୀୟ ସ୍ତରର ଅମଳ ତୁଳନାରେ ଓଡ଼ିଶାରେ କମ୍ ହେଉଛି। ଆଶାନୁରୂପ ଅମଳ ମିଳିବାରେ ଅନେକ ପ୍ରତିବନ୍ଧକ ରହିଛି। ତନ୍ମଧ୍ୟରୁ ଫସଲକୁ ଆକ୍ରମଣ କରୁଥିବା ରୋଗପୋକ ଆକ୍ରମଣ ଅନ୍ୟତମ କାରଣ। ଚିନାବାଦାମ ମଞ୍ଜି ଜମିରେ ବୁଣିବାଠାରୁ ଏହାର ଅମଳ ମଧ୍ୟରେ ଫସଲକୁ ବିଭିନ୍ନ ପ୍ରଜାତିର ପୋକ ଆକ୍ରମଣ କରନ୍ତି। ମଞ୍ଜିରୁ ଅଙ୍କୁରୋଦଗମ୍ ସମୟରେ ଉଇ ମଞ୍ଜିଗୁଡ଼ିକୁ ଖାଇଦିଅନ୍ତି। ତେଣୁ ଜମିରେ ଗଛ ସଂଖ୍ୟା କମିଯାଏ। ତଦନୁଯାୟୀ ଫସଲର ଅମଳ ହ୍ରାସପାଏ। ଗଛ ହେବା ପରେ ଗଛକୁ ପତ୍ରକଟା, ଶଁବାଳୁଆ , ପତ୍ରମୁଡ଼ଙ୍ଗକାରୀ, ପତ୍ର ଉକୁଣି, ପତ୍ରଡ଼ିଆଁ, ଧଳାମାଛି, ନାଲିରଙ୍ଗର ପତ୍ରକଟା ଶୂକ, ଧବଳ ଶୃଙ୍ଗ ଓ ବରିହା ପୋକମାନେ ଆକ୍ରମଣ କରନ୍ତି। ବାଲି ଦୋରସା ମାଟିରେ ଉଇ ଓ ଧବଳ ଭୃଙ୍ଗ ଶାବକ ଚିନାବାଦାମ ଗଛର ମୂଳ ଏବଂ ଚେରକୁ କାଟି ଦିଅନ୍ତି। ଏହା ଫଳରେ ଗଛଗୁଡ଼ିକ ଝାଉଁଳି ମରିଯାଏ। ପତ୍ରକଟା ଶଁବାଳୁଆ, ପତ୍ର ସୁଡ଼ଙ୍ଗକାରୀ ଏବଂ ପତ୍ର ଉକୁଣି ବିଶେଷ କ୍ଷତିକାରକ। ଚିନାବାଦାମ ଫସଲରେ କଟୁ ରାସାୟନିକ କୀଟନାଶକ ପ୍ରୟୋଗକୁ ନିଷେଧ କରାଯାଉଛି। ତା' ପରିବର୍ତ୍ତେ ଜୈବିକ କୀଟନାଶକର ପ୍ରୟୋଗ ଏବଂ ପୋକ ନିରୋଧକ ଶକ୍ତିସମ୍ପନ୍ନ କିସମ ଚାଷ କରିବା ପାଇଁ ଚାଷୀମାନଙ୍କୁ ଉକ୍ତ ନିବନ୍ଧ ମାଧ୍ୟମରେ ପରାମର୍ଶ ଦିଆଯାଉଛି। ପୋକ ଆକ୍ରମଣ ନିରୋଧକ ଶକ୍ତି ଥିବା ଚିନାବାଦାମ କିସମ ଯଥା ସ୍ମୃତି, କାଦିରି-୩, ଆଇସିଜିଏସ୍-୫ ଏବଂ ଆଇସିଜିଏସ୍-୧୧ ଚାଷ କରନ୍ତୁ। ସୁସ୍ଥ ଓ ସବଳ ମଞ୍ଜି ସର୍ବଦା ବ୍ୟବହାର କରନ୍ତୁ। ଏହା ସତ୍ତ୍ୱେ ପତ୍ରକଟା ଓ ଅନ୍ୟାନ୍ୟ ପୋକ ଦମନ ନିମନ୍ତେ ୫୦୦ ମିଲି ଲିଟର ଭୂତାଣୁଜନିତ ସୋଡ଼ାସାଇଡ୍ ୫୦୦ ଲିଟର ପାଣିରେ ମିଶାଇ ଫସଲରେ ସମ୍ପୂର୍ଣ୍ଣ ରୂପେ ସିଞ୍ଚନ କରନ୍ତୁ। ଉଇ ଏବଂ ଧବଳ ଭୃଙ୍ଗ ଶାବକମାନଙ୍କର ବିକାଶ ପାଇଁ କ୍ଲୋରୋପାଇରିଫସ୍ ଗୁଣ୍ଡ ୨୫ କିଲୋଗ୍ରାମ ଏକ ହେକ୍ଟର ଚାଷଜମିରେ ମଞ୍ଜି ବୁଣିବା ପୂର୍ବରୁ ପ୍ରୟୋଗ କରନ୍ତୁ। ପତ୍ରଖିଆ ପୋକର କ୍ଷତି କରିବାର ଲକ୍ଷଣ ଚିନାବାଦାମ ଗଛରେ ଦେଖା ଦେଲେ ଏକ ହେକ୍ଟର ଫସଲରେ ୬ରୁ ୮ଟି ଆକର୍ଷକ ଫ୍ଲୋଡୋଲିଓର ଥୋପ ବ୍ୟବହାର କରନ୍ତୁ। ଏହାଦ୍ୱାରା ପୁରୁଷ ପୋକମାନେ ଯନ୍ତାରେ ପଡ଼ନ୍ତି। ଏହି ଯନ୍ତାରେ ପଡୁଥିବା ପୋକଗୁଡ଼ିକୁ ସଂଗ୍ରହକରି ମାରିଦିଅନ୍ତୁ। ଫ୍ଲୋଡୋଲିଓର ଥୋପଗୁଡ଼ିକ ୧୫ ଦିନରେ ବଦଳାଇ ନୂଆ ଥୋପ ପ୍ରୟୋଗ କରନ୍ତୁ। ଫ୍ଲୋଡୋସାଇଡ୍ ଏବଂ ଫ୍ଲୋଡୋଲିଓର ବାୟୁମଣ୍ଡଳ ଏବଂ ଉପକାରୀ ପରାଶ୍ରୟୀ, ପରାଙ୍ଗଭୋଜୀ ଏବଂ ପରାଗସଙ୍ଗମକାରୀ ପୋକଙ୍କ ପ୍ରତି ନିରାପଦ।





–ପୂର୍ବତନ ପ୍ରଫେସର ଓ ବିଭାଗୀୟ ମୁଖ୍ୟ, କୀଟତତ୍ତ୍ୱ ବିଭାଗ, କୃଷି ମହାବିଦ୍ୟାଳୟ,
ଓୟୁଏଟି, ଭୁବନେଶ୍ୱର
ମୋ : ୯୭୭୬୪୦୪୪୦୬

ଧରିତ୍ରୀ
DHARITRI

www.orissakhabar.com/ www.dharitri.com ପୃଷ୍ଠା: ୮ Press Regd. No. R.N. ORIORI/2011/36305 Postal Regd. No. BN/42/21-23. ରାୟଗଡ଼ା, ବୁଧବାର, ୯ ମାର୍ଚ୍ଚ, ୨୦୨୨ Rayagada, Wednesday, March 9/2022

# ଅଧ୍ୟକ୍ଷ ପଦ ପାଇଁ ଭାଜପାରୁ ୨ ନାମାଙ୍କନ




ଭାଜପା ପକ୍ଷରୁ ଅଭିନନ୍ଦନ ପଣ୍ଡା ଏବଂ ଟଙ୍କଧର ସାହୁ ଅଧ୍ୟକ୍ଷ ପାଇଁ ନାମାଙ୍କନପତ୍ର ଦାଖଲ କରୁଛନ୍ତି।

ନୂଆପଡ଼ା ଅଫିସ,୮।୩

ପୌର ନିର୍ବାଚନ ପାଇଁ ନାମାଙ୍କନପତ୍ର ଦାଖଲର ଶେଷ ଦିନରେ ନୂଆପଡା ସଦର ବିଜ୍ଞାପିତ ଅଞ୍ଚଳ ପରିଷଦ (ଏନ୍ଏସି) ଅଧ୍ୟକ୍ଷ ପଦ ପାଇଁ ଭାଜପା ପକ୍ଷରୁ ଏକ ନାଟକୀୟ ଘଟଣାକ୍ରମରେ ୨ଜଣ ପ୍ରାର୍ଥୀପତ୍ର ଦାଖଲ କରିଛନ୍ତି। ସୂଚନାନୁଯାୟୀ ରବିବାର ରାତିରେ ପ୍ରାୟ ୧୨ଟା ପର୍ଯ୍ୟନ୍ତ ଦୀର୍ଘ ସମୟ ଆଲୋଚନା ପରେ ଭାଜପା ପକ୍ଷରୁ ସଦର ମହକୁମାସ୍ଥିତ ମହାମାୟା ଶିକ୍ଷାନୁଷ୍ଠାନର ନିର୍ଦ୍ଦେଶକ ଟଙ୍କଧର ସାହୁଙ୍କୁ ଅଧ୍ୟକ୍ଷ ପଦରେ ଲଢିବା ପାଇଁ ସହମତି ପ୍ରକାଶ ପାଇଥିଲା। ଭାଜପା ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ପ୍ରସନ୍ନ ପାଢ଼ୀ, ଭାଜପା ଯୁବମୋର୍ଚ୍ଚା ସଭାପତି ଅଭିନନ୍ଦନ ପଣ୍ଡା, ଜିଲା ସାଧାରଣ ସମ୍ପାଦକ ତୁଳସ ପଟେଲ, ଏମ୍‌ପି ପ୍ରତିନିଧି ହୋମସିଂ ମାଝି, ଯୁବମୋର୍ଚ୍ଚା ସମ୍ପାଦକ ସଦାନନ୍ଦ ଜୋଷୀ, ବିଭିନ୍ନ ୱାର୍ଡରୁ ଲଢୁଥିବା କାଉସିଲର ପ୍ରାର୍ଥୀମାନେ ଟଙ୍କଧର ସାହୁଙ୍କୁ ସାଙ୍ଗରେ ନେଇ ନାମାଙ୍କନପତ୍ର ଦାଖଲ କରିବା ପାଇଁ ଏନ୍ଏସି କାର୍ଯ୍ୟାଳୟରେ ପହଞ୍ଚିଥିଲେ। ନାମାଙ୍କନପତ୍ର ଦାଖଲ ସମୟରେ ଏକ ନାଟକୀୟ ଘଟଣାକ୍ରମେ ପ୍ରାର୍ଥୀଙ୍କ କକା ସେଠାରେ ପହଞ୍ଚି ନାମାଙ୍କନ ଦାଖଲ କରିବା ପାଇଁ ବାରଣ କରିଥିଲେ। ସେଠାରେ କିଛି ସମୟ ପାଇଁ ଏକ ଚାପା ଉତ୍ତେଜନା ଦେଖାଦେଇଥିଲା। ଟଙ୍କଧରଙ୍କ ପରିବାର ଲୋକେ ତାଙ୍କୁ ସେଠାରୁ ନେଇଯିବା ପାଇଁ ଉଦ୍ୟମ କରିଥିଲେ। ଭାଜପା ବରିଷ୍ଠ ନେତା ପ୍ରସନ୍ନ ପାଢୀ ହସ୍ତକ୍ଷେପ କରି ନାମାଙ୍କନ ଦାଖଲ କରିବାକୁ ବୁଝାଇଥିଲେ। ଫଳରେ ଟଙ୍କଧର ନିଜର ନାମାଙ୍କନପତ୍ର ଦାଖଲ କରିଥିଲେ। ଯଦି ଟଙ୍କଧର ପରିବାର ଚାପରେ ନାମାଙ୍କନପତ୍ର ପ୍ରତ୍ୟାହାର କରି ଦିଅନ୍ତି, ତେବେ ଦଳର କେହି ଅଧ୍ୟକ୍ଷ ପ୍ରାର୍ଥୀ ରହିବେ ନାହିଁ । ଦଳର ସମ୍ମାନ ହାନି ହେବ ଭାବି କିଛି ଉପାୟ ନ ପାଇ ଶେଷରେ ଭାଜପା ପକ୍ଷରୁ ଏମ୍‌ପି ବସନ୍ତ ପଣ୍ଡାଙ୍କ ପୁଅ ତଥା ଯୁବମୋର୍ଚ୍ଚା ଜିଲା ସଭାପତି ଅଭିନନ୍ଦନ ପଣ୍ଡା ଅଧ୍ୟକ୍ଷ ପାଇଁ ନାମାଙ୍କନପତ୍ର ଦାଖଲ କରିଥିଲେ। ଏହାକୁ ନେଇ ରାଜନୈତିକ ମହଲରେ ଜୋର ଚର୍ଚ୍ଚା ହେଉଛି। ଏ ନେଇ ଟଙ୍କଧର ସାହୁଙ୍କ ପ୍ରତିକ୍ରିୟା ମିଳି ପାରି ନ ଥିଲା ବେଳେ ନାଟକୀୟ ଢଙ୍ଗରେ ନାମାଙ୍କନ ଦାଖଲ କରିଥିବା ଅଭିନନ୍ଦନ ପଣ୍ଡା ସହରବାସୀଙ୍କ ଆଶୀର୍ବାଦ କାମନା କରିଛନ୍ତି।

# ମାର୍ଶାଘାଇ ବିଡିଓଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ନିର୍ଦ୍ଦେଶ

କେନ୍ଦ୍ରାପଡ଼ା ଅଫିସ, ୮।୩

ରାଜ୍ୟ ନିର୍ବାଚନ କମିଶନଙ୍କ ସଚିବ ଆର. ଏନ୍. ସାହୁ ମଙ୍ଗଳବାର କେନ୍ଦ୍ରାପଡ଼ା ଜିଲାପାଳଙ୍କୁ ଚିଠି (ନଂ.୪୫୬୫) ପଠାଇଛନ୍ତି। ସଚିବ ସାହୁ ଜିଲାପାଳଙ୍କୁ ଦେଇଥିବା ଚିଠିରେ ମାର୍ଶାଘାଇ ବିଡିଓ ରଞ୍ଜିତ କୁମାର ମଲ୍ଲିକଙ୍କ ଉପରେ ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନରେ ପରିଚାଳନାରେ ଅନିୟମିତତା ଦର୍ଶାଇ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ଏଥିସହ ସଚିବ ସାହୁଙ୍କ ଅନ୍ୟ ଏକ ଚିଠି (ନଂ.୪୫୬୪)ରେ ମାର୍ଶାଘାଇ ବ୍ଲକ ଜଳପୋକ ପଞ୍ଚାୟତର ୪ ନଂ. ବୁଥ୍, ଗରଦପୁର ବ୍ଲକ ବଙ୍ଗାଳପୁର ପଞ୍ଚାୟତର ୧୨ ନଂ. ବୁଥ୍ ଓ ଭଗବାନପୁରର ୧ ନଂ. ବୁଥ୍‌ର ଭୋଟ ଗଣନା ଅପରାହ୍ନ ୩ଟାରେ କରି ଫଳାଫଳ ଜଣାଇବାକୁ ନିର୍ଦ୍ଦେଶ ଦେଇଛନ୍ତି। ଅପରାହ୍ନରେ ଜଳପୋକ ପଞ୍ଚାୟତ ୪ ନଂ. ବୁଥ୍‌ର ଭୋଟ ଗଣନା ହୋଇଥିଲା। ଏହି ଗଣନା ପରେ ପଞ୍ଚାୟତର ସମିତିସଭ୍ୟା ପ୍ରାର୍ଥୀ କୃଷ୍ଣପ୍ରିୟା

## ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନରେ ଅନିୟମିତତା ଘଟଣା

■ଭୋଟ ଗଣନାରେ ସସ୍ମିତା, ନିରଞ୍ଜନ, ଭାଗବତ ବିଜୟୀ

ମହାନ୍ତିଙ୍କୁ ୫୮୬, ରଶ୍ମିରେଖା ଦାସଙ୍କୁ ୪୧୭, ସତୀ ନାୟକଙ୍କୁ ୧୭୮, ସସ୍ମିତା ପଟ୍ଟନାୟକଙ୍କୁ ୬୬୬ ଓ ସ୍ନେହଲତା ନାୟକଙ୍କୁ ୫୯୬ ଖଣ୍ଡ ଭୋଟ ମିଳିଛି। ଫଳରେ ପଞ୍ଚାୟତର ସମିତିସଭ୍ୟା ପ୍ରାର୍ଥୀ ସସ୍ମିତା ପଟ୍ଟନାୟକ ୭୦ ଖଣ୍ଡ ଭୋଟରେ ବିଜୟୀ ହୋଇଛନ୍ତି। ସେହିପରି ଗରଦପୁର ବ୍ଲକ ବିଜ୍ଞପ୍ତି (ନଂ.୧୩୪୩) ଅନୁଯାୟୀ ବଙ୍ଗାଳପୁର ପଞ୍ଚାୟତ ୧୨ ନଂ. ୱାର୍ଡ ସଭ୍ୟ ଭାବେ ନିରଞ୍ଜନ ବାରିକ ବିଜୟୀ ହୋଇଛନ୍ତି। ଏଠାରେ ମିଳିଥିବା ୨୯୨ ଖଣ୍ଡ ଭୋଟ ମଧ୍ୟରୁ ନିରଞ୍ଜନଙ୍କୁ ୧୩୮, ବିଜୟ କୁମାର ଲେଙ୍କାଙ୍କୁ ୩୧ ଓ ମନୋହର ଦାସଙ୍କୁ ୧୨୩ ଖଣ୍ଡ ଭୋଟ ମିଳିଛି। ଅନ୍ୟ ଏକ ବିଜ୍ଞପ୍ତି (ନଂ.୧୩୪୭) ଅନୁଯାୟୀ ଭଗବାନପୁର ୧ ନଂ. ୱାର୍ଡ ସଭ୍ୟ ଭାବେ ଭାଗବତ ମଲ୍ଲିକ ବିଜୟୀ ହୋଇଛନ୍ତି। ଭାଗବତ ୧୪୫ ଖଣ୍ଡ ଭୋଟ ପାଇଥିବା ବେଳେ ପ୍ରତିଦ୍ୱନ୍ଦ୍ୱୀ ପ୍ରାର୍ଥୀ କୁଞ୍ଜଲତା ମଲ୍ଲିକ ୧୪୪ ଖଣ୍ଡ ଭୋଟ ପାଇଛନ୍ତି। ସୂଚନାଯୋଗ୍ୟ, ଜଳପୋକ ବୁଥ୍‌ରେ ଫେବୃୟାରୀ ୧୮ରେ ଭୋଟ ହୋଇଥିବା ବେଳେ ୨୮ ତାରିଖରେ ଗଣନା ହୋଇଥିଲା। ଏହି ସମୟରେ ସମିତିସଭ୍ୟ ପ୍ରାର୍ଥୀଙ୍କ ଭୋଟ କାଗଜରେ ପ୍ରିଜାଇଡିଂ ଅଫିସରଙ୍କ ଦସ୍ତଖତ ନ ଥିବା ଦେଖାଯାଇଥିଲା। ଏହାକୁ ନେଇ ଜିଲାପାଳଙ୍କ ନିକଟରେ ଅଭିଯୋଗ ହୋଇଥିଲା। ସେହିପରି ଗରଦପୁର ବ୍ଲକର ୨ଟି ବୁଥ୍‌ରେ ଭୋଟ ଗଣନାକୁ ନେଇ ପ୍ରତିନିଧିମାନେ ଜିଲାପାଳଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଏହି ୩ଟି ବୁଥ୍‌ରେ ପୁନର୍ବାର ନିର୍ବାଚନ କରାଇବାକୁ ଜିଲାପାଳ ଅମୃତ ଋତୁରାଜ ରାଜ୍ୟ ନିର୍ବାଚନ କମିଶନଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ।

# ହସ୍ପିଟାଲରେ ପିସିସି ସଭାପତି



ନିରଞ୍ଜନ ପଟ୍ଟନାୟକ

ଭୁବନେଶ୍ୱର, ୮।୩(ବ୍ୟୁରୋ)

ପ୍ରଦେଶ କଂଗ୍ରେସ କମିଟି(ପିସିସି) ସଭାପତି ନିରଞ୍ଜନ ପଟ୍ଟନାୟକ ମଙ୍ଗଳବାର ଅସୁସ୍ଥତା ଅନୁଭବ କରିବାରୁ ତାଙ୍କୁ ସ୍ଥାନୀୟ ଏକ ଘରୋଇ ହସ୍ପିଟାଲରେ ଭର୍ତ୍ତି ହୋଇଛନ୍ତି। ସୂଚନା ଅନୁଯାୟୀ ନିରଞ୍ଜନ ତାଙ୍କ ପେଟରେ ଯନ୍ତ୍ରଣା ଅନୁଭବ କରିବା ପରେ ଅସୁସ୍ଥ ହୋଇପଡିଥିଲେ। ଏହାପରେ ତାଙ୍କୁ ଭଲ ନ ଲାଗିବାରୁ ସେ ହସ୍ପିଟାଲରେ ଭର୍ତ୍ତି ହୋଇଛନ୍ତି। ତାଙ୍କ ସ୍ୱାସ୍ଥ୍ୟାବସ୍ଥା ଏବେ ସ୍ଥିର ଥିବାବେଳେ ଆସନ୍ତା ୨ ଦିନ ତାଙ୍କୁ ଅବଜରଭେସନରେ ରଖିବା ଲାଗି ଡାକ୍ତରୀ ଦଳ ପରାମର୍ଶ ଦେଇଛନ୍ତି। ଏନେଇ କଂଗ୍ରେସ ଗଣମାଧ୍ୟମ ସଂଯୋଜକ ଦୀପକ ମହାପାତ୍ର ସୂଚନା ଦେଇଛନ୍ତି।

# କାଉନସିଲର ପ୍ରାର୍ଥୀ ଦେଲାନି କଂଗ୍ରେସ

## ତରଭା ଏନଏସି

ତରଭା,୮।୩(ଡି.ଏନ.ଏ)

ସୁବର୍ଣ୍ଣପୁର ଜିଲା ତରଭା ବିଜ୍ଞାପିତ ଅଞ୍ଚଳ ପରିଷଦର ଅଧ୍ୟକ୍ଷା ଓ ୧୨ଟି ୱାର୍ଡର କାଉନସିଲର ପାଇଁ ସୋମବାର ନାମାଙ୍କନପତ୍ର ଦାଖଲ ହୋଇଛି। ଅଧ୍ୟକ୍ଷା ପଦ ପାଇଁ ବିଜେଡିରୁ ବନ୍ଦିତା ନାୟକ, ଭାଜପାରୁ ଶିବାଜୀ ସେଠ୍, କଂଗ୍ରେସରୁ ପ୍ରଭାତି ନାଏକ ଓ ସ୍ୱାଧୀନ ଭାବେ ହିମାଦ୍ରୀ ରାଉତିଆ ନିଜର ପ୍ରାର୍ଥୀପତ୍ର ଦାଖଲ କରିଛନ୍ତି । ବିଜେଡି ଓ ଭାଜପା ସମସ୍ତ ୧୨ଟି କାଉନସିଲର ପଦବି ପାଇଁ ପ୍ରାର୍ଥୀ ଦେଇଛନ୍ତି। ୧୦ ଜଣ ସ୍ୱାଧୀନ ପ୍ରାର୍ଥୀ ଭାବେ କାଉନସିଲର ପାଇଁ ନାମାଙ୍କନପତ୍ର ଦାଖଲ କରିଛନ୍ତି। ତେବେ କଂଗ୍ରେସ ୧୨ଟି ଯାକ କାଉନସିଲର ପଦ ପାଇଁ ଦଳୀୟ ପ୍ରାର୍ଥୀ ନ ଦେବା ସହରରେ ଚର୍ଚ୍ଚାର ବିଷୟ ପାଲଟିଛି ।

# ବିଜେଡିରେ ମିଶିଲେ ଦୁଇ କଂଗ୍ରେସ ନେତା

ଯୋଡ଼ା,୮।୩(ଡି.ଏନ.ଏ.)

କେନ୍ଦୁଝର ଜିଲା ଯୋଡ଼ା ପୌରପାଳିକା ନିର୍ବାଚନ ପରିପ୍ରେକ୍ଷୀରେ କଂଗ୍ରେସ ଦଳର ଦୁଇ ଟାଣୁଆ ନେତା ମଙ୍ଗଳବାର ବିଜେଡିରେ ଆନୁଷ୍ଠାନିକ ଭାବେ ଯୋଗ ଦେଇଛନ୍ତି। ବିଜେଡିର ଜିଲା ସଭାପତି ମାଧବ ସର୍ଦ୍ଦାର, ଯୋଡ଼ା ପୌରପାଳିକା ଅଧ୍ୟକ୍ଷ ପ୍ରାର୍ଥୀ ଡା. ଜଗଦୀଶ ଚନ୍ଦ୍ର ସାହୁ ଓ ଅନ୍ୟ ବିଜେଡି ନେତାଙ୍କ ଉପସ୍ଥିତିରେ କଂଗ୍ରେସ ଦଳର ବହୁ ପୁରୁଖା ନେତା ନିହାର ରଞ୍ଜନ ରାଉତ ଓ ପାଣ୍ଡବ କାରୁଆ ଦଳରେ ଯୋଗ ଦେଇଛନ୍ତି। ଦୀର୍ଘ ୨୫ବର୍ଷ ଧରି ସେମାନେ କଂଗ୍ରେସ ଦଳ ପାଇଁ କାର୍ଯ୍ୟ କରି ଆସୁଥିଲେ। ଏହି ଦୁଇ ନେତା ତାଙ୍କ ପ୍ରତିକ୍ରିୟାରେ କହିଛନ୍ତି ଯେ, ଅସ୍ୱଚ୍ଛ ଆଭିମୁଖ୍ୟ, ଦୁର୍ବଳ ସଂଗଠନ ପାଇଁ ସେମାନେ କଂଗ୍ରେସ ଦଳ ପରିତ୍ୟାଗ କରିଛନ୍ତି। ଦୁଇ ପୁରୁଖା ନେତା ବିଜେଡିରେ ଯୋଗ ଦେବାପରେ ପୌରପାଳିକା ରାଜନୀତିରେ ନୂଆ ସମୀକରଣ ଦେଖାଯିବ ବୋଲି ନେତାମାନେ ପ୍ରକାଶ କରୁଛନ୍ତି। ଏତଦବ୍ୟତୀତ ଯୋଡ଼ା ପୌରପାଳିକା ନିର୍ବାଚନରେ ବିଜେଡି ମଧ୍ୟରେ ଥିବା ଅନ୍ତର୍ଦ୍ୱନ୍ଦ୍ୱକୁ ନିୟନ୍ତ୍ରଣ କରାଯାଇ ପାରିବ। କାରଣ ବିଜେଡିର ଜିଲା ଉପସଭାପତି ଓ ଦଳର ଆଉ ଜଣେ ନେତା ପୌର ନିର୍ବାଚନରେ ଦଳୀୟ ଟିକେଟ ପାଇଁ ଆଶାୟୀ ଥିଲେ। ଟିକେଟରୁ ବଞ୍ଚିତ ହେବା ପରେ ସ୍ୱାଧୀନ ପ୍ରାର୍ଥୀଭାବେ ଏହି ଦୁଇ ନେତା ନାମାଙ୍କନ ପତ୍ର ଦାଖଲ କରିଛନ୍ତି।

# ଅଖିଳେଶ ଆଣିଲେ ଇଭିଏମ୍ ଜାଲିଆତି ଅଭିଯୋଗ

ଲକ୍ଷ୍ନୌ,୮।୩



ଉତ୍ତର ପ୍ରଦେଶ ବିଧାନସଭା ନିର୍ବାଚନ ଫଳ ଆସିବାକୁ ଦୁଇଦିନ ବାକି ଥିବାବେଳେ ସମାଜବାଦୀ ପାର୍ଟି (ଏସ୍‌ପି) ଅଧ୍ୟକ୍ଷ ଅଖିଳେଶ ଯାଦବ ଇଭିଏମ୍ ଜାଲିଆତି ଅଭିଯୋଗ ଆଣିଛନ୍ତି। ମଙ୍ଗଳବାର ଏକ ଖବରଦାତା ସମ୍ମିଳନୀକୁ ସମ୍ବୋଧନ କରି ଅଖିଳେଶ କହିଛନ୍ତି, ବ୍ୟାପକ ଭାବେ ଇଭିଏମ୍ ଜାଲିଆତି ଓ ଭୋଟ ଚୋରି ହୋଇଛି। ନିର୍ବାଚନ କମିଶନ(ଇସି)ଙ୍କ ଅଧିକାରୀମାନେ ଇଭିଏମ୍‌ଗୁଡ଼ିକୁ ଟାମ୍ପରିଂ କରିଛନ୍ତି। ଇସିଙ୍କ ଉପରେ ତାଙ୍କର ଭରସା ନାହିଁ। ଗଣତନ୍ତ୍ରକୁ ବଞ୍ଚାଇବା ପାଇଁ ଲୋକେ ନିଜେ ଉପାୟ ବାହାର କରିବେ। ୟୁପିର ପୂର୍ବତନ ମୁଖ୍ୟମନ୍ତ୍ରୀ ଅଖିଳେଶ ଆହୁରି କହିଥିଲେ, ବାରାଣସୀ ଜିଲାପାଳ ପ୍ରାର୍ଥୀଙ୍କୁ ନ ଜଣାଇ ଇଭିଏମ୍‌ଗୁଡ଼ିକୁ ସ୍ଥାନାନ୍ତର କରିଛନ୍ତି। ଏହି ଚୋରି ବିରୋଧରେ ଆମେ କୋର୍ଟକୁ ଯାଇପାରିବୁ। କିନ୍ତୁ ତାହା ପୂର୍ବରୁ ଗଣତନ୍ତ୍ରକୁ ସୁରକ୍ଷା ଦେବା ପାଇଁ ଲୋକେ ଆଗେଇ ଆସନ୍ତୁ ବୋଲି ଅଖିଳେଶ ଆହ୍ୱାନ ଦେଇଛନ୍ତି। ପ୍ରକାଶ ଯେ, ୭ ପର୍ଯ୍ୟାୟରେ ଅନୁଷ୍ଠିତ ୟୁପି ବିଧାନସଭା ନିର୍ବାଚନ ସୋମବାର ଶେଷ ହୋଇଥିବାବେଳେ ମାର୍ଚ୍ଚ ୧୦ରେ ଭୋଟ ଗଣତି କରାଯିବ।

# 'ଶାନ୍ତିଶୃଙ୍ଖଳାରେ ପୌର ଭୋଟ ପରିଚାଳନା କର'

ଭୁବନେଶ୍ୱର, ୮।୩(ବ୍ୟୁରୋ)

ପୌରସଂସ୍ଥା ନିର୍ବାଚନ ଶାନ୍ତିଶୃଙ୍ଖଳାର ସହ ପରିଚାଳନା କରିବା ଲାଗି ରାଜ୍ୟ ନିର୍ବାଚନ କମିଶନ ଆଦିତ୍ୟ ପ୍ରସାଦ ପାଢ଼ୀ କଟକ-ଭୁବନେଶ୍ୱର ଦ୍ୱୈତନଗରୀର ଜିଲା ଓ ପୋଲିସ ପ୍ରଶାସନକୁ ନିର୍ଦ୍ଦେଶ ଦେଇଛନ୍ତି । ଆସନ୍ତା ୨୪ ତାରିଖରେ ରାଜ୍ୟରେ ପୌର ଭୋଟ ଅନୁଷ୍ଠିତ ହେବ। ବିଶେଷକରି କଟକ ଓ ଭୁବନେଶ୍ୱର ମହାନଗର ନିଗମ(ବିଏମ୍‌ସି) ଅଞ୍ଚଳରେ ହେବାକୁ ଥିବା ନିର୍ବାଚନକୁ ସ୍ୱଚ୍ଛ, ମୁକ୍ତ ଓ ନିରାପଦ ଭାବେ ପରିଚାଳନା କରିବା ନିମନ୍ତେ ଅନୁଷ୍ଠିତ ଏକ ସମୀକ୍ଷା ବୈଠକରେ ବିସ୍ତୃତ ଭାବେ ଜିଲା ଓ ପୋଲିସ ପ୍ରଶାସନର ବରିଷ୍ଠ ଅଧିକାରୀମାନଙ୍କ ସହ ଆଲୋଚନା ହୋଇଛି ।

ଏହି ଅବସରରେ ନିର୍ବାଚନ କମିଶନ କହିଛନ୍ତି, ଆଦର୍ଶ ଆଚରଣ ବିଧିକୁ ଠିକ୍ ଭାବେ ଅନୁପାଳନ ସହ ଉଲ୍ଲଂଘନକାରୀଙ୍କ ବିରୋଧରେ ନିର୍ବାଚନ ଆଇନ ଅନୁସାରେ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ । ମହାନଗର ନିଗମ ଅଞ୍ଚଳର ସବୁ ବୁଥ୍‌ରେ ପର୍ଯ୍ୟାପ୍ତ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯିବ ବୋଲି ଦ୍ୱୈତନଗରୀର ପୋଲିସ କମିଶନର ସୌମେନ୍ଦ୍ର ପ୍ରିୟଦର୍ଶୀ ପ୍ରକାଶ କରିଛନ୍ତି। ନିର୍ବାଚନ ସାମଗ୍ରୀ ବଣ୍ଟନ ନିମନ୍ତେ ୩୩ କେନ୍ଦ୍ର ଖୋଲାଯାଇ ନିର୍ବାଚନ ସେଗୁଡ଼ିକୁ ସୁରୁଖୁରୁରେ ବଣ୍ଟନ କରାଯିବ ବୋଲି ବିଏମ୍‌ସି କମିଶନର ସଞ୍ଜୟ କୁମାର ସିଂହ ପ୍ରକାଶ କରିଛନ୍ତି । ସେହିପରି ଏଥର ନିର୍ବାଚନରେ ମହିଳା ବୁଥ୍ ଓ ଆଦର୍ଶ ବୁଥ୍ ସ୍ଥାପନ ଉପରେ ଅଧିକ ଗୁରୁତ୍ୱ ଦେବାକୁ ଜିଲା ପ୍ରଶାସନକୁ ନିର୍ବାଚନ କମିଶନ ନିର୍ଦ୍ଦେଶ ଦେଇଛନ୍ତି । ନିର୍ବାଚନ ପୂର୍ବରୁ ପୋଲିସ ପାଟ୍ରୋଲିଂ କଡ଼ାକଡ଼ି କରିବା ନିମନ୍ତେ ନିର୍ବାଚନ କମିଶନ ନିର୍ଦ୍ଦେଶ ଦେଇଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ଏହି ସମୀକ୍ଷା ବୈଠକରେ ରାଜ୍ୟ ପୋଲିସ ମହାନିର୍ଦ୍ଦେଶକ ସୁନୀଲ କୁମାର ବଂଶଲ, ବିଏମ୍‌ସି ନିର୍ବାଚନ ପର୍ଯ୍ୟବେକ୍ଷକ ଇନ୍ଦ୍ରମଣି ତ୍ରିପାଠୀ, ଖୋର୍ଦ୍ଧା ଜିଲାପାଳ ସଂଗ୍ରାମ କେଶରୀ ମହାପାତ୍ର, କଟକ ଜିଲାପାଳ ଭବାନୀ ଶଙ୍କର ଚୟନୀ, କଟକ ମହାନଗର ନିଗମର କମିଶନର ଅର୍ଚ୍ଚନା ଦାସ, ଡିସିପି ଉମାଶଙ୍କର ଦାଶ, କଟକ ଡିସିପି ପ୍ରତୀକ ସିଂହ, କଟକ ଓ ଭୁବନେଶ୍ୱରର ଅତିରିକ୍ତ ଜିଲାପାଳ ତଥା ମହାନଗର ନିଗମ ନିର୍ବାଚନ ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ ।

# ପୌରରେ ଆସିବେ ନା ପଞ୍ଚାୟତ ଭଳି ରହିଯିବେ

ଭୁବନେଶ୍ୱର, ୮।୩(ବ୍ୟୁରୋ)

■ପଞ୍ଚାୟତ ନିର୍ବାଚନ ବେଳେ ଦେଖା ନ ଥିଲେ ବଡ ନେତା

■ଏଥର କେନ୍ଦ୍ରୀୟ ନେତାଙ୍କୁ ଦେଖିବାକୁ ମିଳୁଛି ନା ନାହିଁ ଅପେକ୍ଷା କରିଛନ୍ତି ରାଜ୍ୟ ଭାଜପା, କଂଗ୍ରେସ ନେତା



ରାଜ୍ୟରେ ଗତ କିଛିଦିନ ହେଲା ପଞ୍ଚାୟତ ନିର୍ବାଚନ ଶେଷ ହୋଇଛି। ଏଥର ନିର୍ବାଚନରେ ବିଜେଡି ଏକପାଖିଆ ସଫଳତା ହାସଲ କରିଥିବା ବେଳେ ବିରୋଧୀ ଦଳ ମାଟି କାମୁଡ଼ିଛନ୍ତି। ୨୦୧୭ ନିର୍ବାଚନ ତୁଳନାରେ ୨୦୨୨ ପଞ୍ଚାୟତ ନିର୍ବାଚନରେ ଭାଜପା ପ୍ରଦର୍ଶନକୁ ନେଇ ସବୁଆଡେ ଆଲୋଚନା। ଭାଜପାର ବରିଷ୍ଠ ନେତାମାନେ ମଧ୍ୟ ପଞ୍ଚାୟତ ଫଳାଫଳକୁ ନେଇ ଅସନ୍ତୁଷ୍ଟ ହୋଇ ଦଳର ରଣନୀତି ଉପରେ ପ୍ରଶ୍ନ ଉଠାଉଛନ୍ତି। କଂଗ୍ରେସ ବି ଗତ ନିର୍ବାଚନ ତୁଳନାରେ ସେତେଟା ଭଲ ପ୍ରଦର୍ଶନ କରିପାରିନାହିଁ । ଏଥର ପଞ୍ଚାୟତ ଭୋଟ ବେଳେ ବିଜେଡି ଯେମିତି ଦମ୍ ଦେଖାଇଥିଲା ବିରୋଧୀଙ୍କ ପାଖରେ ସେମିତି ପ୍ରସ୍ତୁତି ଦେଖିବାକୁ ମିଳି ନ ଥିଲା। ସେହିପରି ଆସନ୍ତା ୨୪ ତାରିଖରେ ରାଜ୍ୟର ୧୦୬ଟି ବିଜ୍ଞାପିତ ଅଞ୍ଚଳ ପରିଷଦ/ମ୍ୟୁନିସିପାଲିଟି ଓ ୩ ମହାନଗର ନିଗମ ନିମନ୍ତେ ଭୋଟ ହେବ। ଏହି ନିର୍ବାଚନ ଫଳାଫଳ କେମିତି ହେବ ତାକୁ ନେଇ ଚର୍ଚ୍ଚା ଜୋର୍ ଧରିଛି। ପଞ୍ଚାୟତ ଭୋଟ ବେଳେ ରାଜ୍ୟର ୩ ପ୍ରମୁଖ ଦଳର ପ୍ରମୁଖ ନେତାମାନେ କ୍ୟାମ୍ପେନ କରିବାକୁ ଆସି ନ ଥିଲେ। ପଞ୍ଚାୟତ ଭୋଟ ସମୟରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଫିଜିକାଲି ନା ଭର୍ଚୁଆଲି କୌଣସି ପ୍ରକାର ରାଲି କିମ୍ବା ସଭାରେ ଯୋଗଦେଇ ନ ଥିଲେ। ସେହିପରି ବିରୋଧୀ ଦଳଗୁଡ଼ିକ ପକ୍ଷରୁ ବିଗତ ଦିନରେ ରାଜ୍ୟ ପ୍ରଭାରୀ, କେନ୍ଦ୍ର ନେତାମାନେ ଆସି ପ୍ରଚାର କରିଥାଆନ୍ତି ହେଲେ ଏଥର ସେସବୁ ନ ଥିଲା। ଖୋଦ୍ ପିସିସି ସଭାପତି ଶେଷ ସମୟରେ କିଛିଟା ସ୍ଥାନରେ ସାଧାରଣ ସଭା, ରାଲି କରି ଥିଲେ। ସେହିପରି ୨୦୧୭ ପଞ୍ଚାୟତ ଭୋଟ୍ ଏବଂ ୨୦୧୯ ସାଧାରଣ ନିର୍ବାଚନ ସମୟରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ଭଳି ରାଜ୍ୟ ପ୍ରଭାରୀ, ସହପ୍ରଭାରୀ, କେନ୍ଦ୍ରମନ୍ତ୍ରୀ ଥିବା ଅନେକ ନେତାଙ୍କୁ ଆସି ପ୍ରଚାର କରିବାର ଦେଖିବାକୁ ମିଳିଥିଲା। ହେଲେ ୨୦୨୨ ପଞ୍ଚାୟତ ଭୋଟ୍ ବେଳକୁ ଏମାନଙ୍କ ମଧ୍ୟରୁ କେହି ଜଣେ ହେଲେ ପ୍ରଚାରରେ ନ ଥିଲେ। ତେଣୁ ଏବେ ଆଗକୁ ହେବାକୁ ଥିବା ପୌର ଭୋଟ୍ ସକାଶେ କ୍ୟାମ୍ପେନ୍, ର୍ୟାଲି, ସଭା ଆଦି ଆରମ୍ଭ ହେଲାଣି। ମେୟର ପ୍ରାର୍ଥୀମାନେ କିଛିଟା ସ୍ଥାନରେ ମଙ୍ଗଳବାର କ୍ୟାମ୍ପେନ କରିଥିବା ବେଳେ ଆଗକୁ ଏହା ଜୋରଦାର କରିବେ। ଏବେ ବିରୋଧୀଙ୍କ ଲାଗି ସେମାନଙ୍କ ପ୍ରଭାରୀଙ୍କ ଠାରୁ ଆରମ୍ଭ କରି କେନ୍ଦ୍ରୀୟ ନେତା, ଅନ୍ୟ ରାଜ୍ୟର ମୁଖ୍ୟମନ୍ତ୍ରୀ ଏବଂ କେନ୍ଦ୍ରମନ୍ତ୍ରୀ, ପୂର୍ବତନ କେନ୍ଦ୍ରମନ୍ତ୍ରୀମାନେ ଆସିବେ ନା ନାହିଁ ତାହା ଉପରେ ସମସ୍ତଙ୍କ ନଜର ରହିଛି।

ତେବେ ଭୁବନେଶ୍ୱର ମହାନଗର ନିଗମ(ବିଏମ୍‌ସି) ନିର୍ବାଚନ ପାଇଁ ବିଜେଡି, ଭାଜପା ଏବଂ କଂଗ୍ରେସର ମେୟର ଓ କର୍ପୋରେଟର ପ୍ରାର୍ଥୀମାନେ ନାମାଙ୍କନ ପତ୍ର ଦାଖଲ କରିସାରିଛନ୍ତି। ବିଜେଡି ଏବଂ ବିରୋଧୀଙ୍କ ର୍ୟାଲି ଭିତରେ ବହୁ ଫରକ ରହିଥିଲା। ଭୁବନେଶ୍ୱରର ୩ ବିଧାୟକ, ପୂର୍ବତନ ଏମ୍‌ପି ଏବଂ ଅନ୍ୟ ବହୁ ବରିଷ୍ଠ ନେତା ନିଜ ମେୟର ପ୍ରାର୍ଥୀଙ୍କ ସାଙ୍ଗରେ ଯାଇ ନାମାଙ୍କନ ପତ୍ର ଦାଖଲ କରିଛନ୍ତି। ହେଲେ ଭାଜପା କିମ୍ବା କଂଗ୍ରେସ ପ୍ରାର୍ଥୀଙ୍କ ପାଇଁ ସେମିତି ଆଗ୍ରହ କିମ୍ବା ବରିଷ୍ଠ ନେତାମାନେ ସାଙ୍ଗରେ ଯିବା ଆଦର ଦୃଶ୍ୟ ଦେଖିବାକୁ ମିଳିନାହିଁ। କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ପଞ୍ଚାୟତରେ ଯମାବି ନ ଆସିବା ପରେ ପୌର ଭୋଟ୍ କ୍ୟାମ୍ପେନ ସମୟରେ ପହଞ୍ଚିବେ ନା ନାହିଁ ସମସ୍ତଙ୍କ ଚିନ୍ତାର ବିଷୟ ହୋଇଛି। ଭାଜପା ମେୟର ପ୍ରାର୍ଥୀ ନାମାଙ୍କନ ଦାଖଲ କରିବାକୁ ଯିବା ସମୟରେ ଖୋଦ୍ ଦଳର ରାଜ୍ୟ ସଭାପତି ସମୀର ମହାନ୍ତି ସାଙ୍ଗରେ ନ ଯିବା ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଛି। ସେହିପରି ଆହୁରି ଅନେକ ନେତା ମଧ୍ୟ ଯାଇ ନ ଥିଲେ। ସେହିପରି କଂଗ୍ରେସର ମଧ୍ୟ ସମଦଶା। ଉଭୟ ଭାଜପା ଏବଂ କଂଗ୍ରେସ ଜାତୀୟ ଦଳ ହୋଇଥିବାରୁ ବିଗତ ଦିନ ଗୁଡିକରେ ଯେତେସବୁ ନିର୍ବାଚନ ହୋଇଛି ସବୁବେଳେ କେନ୍ଦ୍ର ନେତାମାନେ ଆସି ସ୍ଥାନୀୟ ଶାସକ ଦଳ ବିରୋଧରେ ବର୍ଷିଥାଆନ୍ତି। ମାତ୍ର ଏବେ କୌଣସି କେନ୍ଦ୍ରୀୟ ନେତା ଆସି ବ୍ୟକ୍ତବ୍ୟ ନ ରଖିବା ରାଜନୈତିକ ମହଲରେ ଆଲୋଚନାର ଖୋରାକ୍ ପାଲଟିଛି। ଭୁବନେଶ୍ୱର ଏମ୍‌ପି ଅପରାଜିତା ଷଡଙ୍ଗୀଙ୍କ ନେତୃତ୍ୱରେ ବିଏମ୍‌ସି ଭୋଟ୍ ଲଢାଯାଉଛି। ତେଣୁ ଦଳ ଭିତରେ ତାଙ୍କ ପ୍ରତି କିଛି ନେତାଙ୍କ ଅସନ୍ତୋଷ ରହିଛି। ଦୀର୍ଘଦିନ ଧରି ଦଳ ପାଇଁ କାମ କରି ଆସିଥିବା ଭାଜପାର କେତେଜଣ ମହିଳା ନେତ୍ରୀ ମହିଳାଙ୍କୁ ଟିକେଟରୁ ବଞ୍ଚିତ କରି ସଙ୍ଗଠନ ସହ ଜଡିତ ନ ଥିବା ଜଣଙ୍କୁ ମେୟର ପ୍ରାର୍ଥୀ କରିବାରେ କେତେକ ଅସନ୍ତୋଷ ରହିଛନ୍ତି। ଅନ୍ୟପଟେ ପଞ୍ଚାୟତ ଭୋଟ୍ ଫଳାଫଳ ପରେ ପୌରସ୍ତରରେ ତୃଣମୂଳସ୍ତର ନେତା ଏବଂ କର୍ମୀ ସେତେଟା ସକ୍ରିୟ ଥିବାଭଳି ମନେ ହେଉ ନ ଥିବା ଭାଜପା ଶିବିରରେ ଆଲୋଚନା ଜୋର୍ ଧରିଛି। ଅନ୍ୟପଟେ କଂଗ୍ରେସ ନେତୃତ୍ୱ ମଧ୍ୟ ଦୁର୍ବଳ ହୋଇପଡିଛି। ଭୁବନେଶ୍ୱରର କେତେଗୁଡିଏ ୱାର୍ଡ ଲାଗି ଘୋଷଣା କରାଯାଇଥିବା ପ୍ରାର୍ଥୀ ତାଲିକା ମଧ୍ୟରୁ ବହୁଜଣ ନାମାଙ୍କନ ଦାଖଲ କରିନାହାନ୍ତି। କେତେଜଣ ବିଜେଡି ଏବଂ ଭାଜପା ସହ ମିଶିଯାଇ ନାମାଙ୍କନ ଭରି ନ ଥିବା ଦଳ ପକ୍ଷରୁ ଜଣେ ବରିଷ୍ଠ ନେତା ସୂଚନା ଦେଇଛନ୍ତି। ଫଳରେ ଦଳ ସେହିସବୁ ୱାର୍ଡରେ ପ୍ରାର୍ଥୀଶୂନ୍ୟ ହେଲା ବୋଲି କୁହାଯାଉଛି। ଦଳର ଆଗଧାଡିର ନେତାମାନେ ସକ୍ରିୟ ନ ରହିବା ଏଭଳି ପରିସ୍ଥିତି ସୃଷ୍ଟି କରିଛି ବୋଲି କେତେକ କର୍ମୀ କହୁଥିବା ଶୁଣିବାକୁ ମିଳୁଛି ।

# ବିଜେଡିକୁ ମୁକାବିଲା କରିବ ଭାଜପା

■ବ୍ରହ୍ମପୁର ମହାନଗର ନିଗମ ରାଜନୀତି ଚଳଚଞ୍ଚଳ

■ମେୟର ପାଇଁ ୯ ମହିଳାଙ୍କ ନାମାଙ୍କନ

ବ୍ରହ୍ମପୁର ଅଫିସ,୮।୩



ବ୍ରହ୍ମପୁର ପୌର ନିର୍ବାଚନ ପାଇଁ ନାମାଙ୍କନ ଦାଖଲ ପ୍ରକ୍ରିୟା ସୋମବାର ସରିଛି। ମେୟର ପାଇଁ ୯ ମହିଳା ପ୍ରାର୍ଥୀ ହୋଇଥିବା ବେଳେ ବିଭିନ୍ନ ଦଳରୁ ଓ ସ୍ୱାଧୀନ ଭାବେ ଦେଢ଼ ଶହରୁ ଅଧିକ କର୍ପୋରେଟର ନିମନ୍ତେ ନାମାଙ୍କନ ଦାଖଲ କରିଛନ୍ତି। ବୁଧବାର ସେସବୁ ଯାଞ୍ଚ ହେବ ଏବଂ ଆସନ୍ତା ୧୪ ତାରିଖରେ ପ୍ରତ୍ୟାହାର ଶେଷ ଦିବସ ଧାର୍ଯ୍ୟ କରାଯାଇଛି। ତେଣୁ ମଇଦାନରେ କେତେ ଜଣ ରହିବେ ଚୂଡ଼ାନ୍ତ ତାଲିକା ୧୫ରେ ସ୍ପଷ୍ଟ ହେବ। କର୍ପୋରେଟର ଆଶାୟୀଙ୍କ ମଧ୍ୟରୁ ଅନେକ ବିଜେଡିର ସହରାଞ୍ଚଳ ନେତା ଓ କର୍ମୀ ଟିକେଟରୁ ବଞ୍ଚିତ ହୋଇ ସେମାନେ ସ୍ୱାଧୀନ ଭାବେ ପ୍ରାର୍ଥୀପତ୍ର ଦାଖଲ କରିଥିବାରୁ ଶାସକ ଦଳ ଚ୍ୟାଲେଞ୍ଜର ସମ୍ମୁଖୀନ ହେବ ଏବଂ ବିଦ୍ରୋହୀଙ୍କ ନିମନ୍ତେ ବିଜେଡିରେ ସମସ୍ୟା ସୃଷ୍ଟି ହେବାର ରାଜନୈତିକ ସମୀକ୍ଷକ ଆଶଙ୍କା କରୁଛନ୍ତି।

ମେୟର ପଦ ପାଇଁ ନାମାଙ୍କନ ଦାଖଲ କରିଥିବା ୯ ମହିଳାଙ୍କ ମଧ୍ୟରୁ ବିଜେଡି, ଭାଜପା, କଂଗ୍ରେସ, ଆମ୍ ଆଦମୀ ପାର୍ଟି, ବିଏସ୍‌ପି ଓ ଏସ୍‌ୟୁସିଆଇ (କମ୍ୟୁନିଷ୍ଟ)ରୁ ଜଣେ ଲେଖାଏ ଏବଂ ୩ ଜଣ ସ୍ୱାଧୀନ ଅଛନ୍ତି। ଏମାନଙ୍କ ମଧ୍ୟରୁ ୮ ଜଣ ପ୍ରଥମ କରି ପୌର ରାଜନୀତିକୁ ଆସିଛନ୍ତି। ମେୟର ନିର୍ବାଚନ ମୁଖ୍ୟତଃ ଶାସକ ବିଜେଡି ଓ ମୁଖ୍ୟ ବିରୋଧୀ ଭାଜପା ମଧ୍ୟରେ କଡ଼ା ମୁକାବିଲା ହେବାର ପ୍ରାକ୍ ଅନୁମାନ କରାଯାଇଛି। ନୂଆ ମୁହଁ ମହିଳାମାନେ ଏହି ଦୁଇ ଦଳକୁ କିଭଳି ଟକ୍କର ଦେବେ ସେନେଇ ମହାନଗରର ସଚେତନ ମହଲ ଅପେକ୍ଷା କରିଛନ୍ତି। ଭାଜପା ଓ ବିଜେଡି ପକ୍ଷରୁ ଯୋଜନାବଦ୍ଧ ରଣନୀତି ପ୍ରସ୍ତୁତ କରାଯାଇଛି।

ସୂଚନାଯୋଗ୍ୟ, ୨୦୧୩ ପୌର ନିର୍ବାଚନରେ ମେୟର ପାଇଁ ପରୋକ୍ଷ ଭୋଟ ହୋଇଥିଲା। କର୍ପୋରେଟର ନିମନ୍ତେ ବିଜେଡି ଓ କଂଗ୍ରେସ ମଧ୍ୟରେ ଲଢ଼େଇ ଘମାଘୋଟ ହୋଇଥିଲା ବେଳେ ସେତେବେଳର ୪୦ ଯାକ ୱାର୍ଡରେ ଭାଜପା ଶୂନ ହୋଇଯାଇଥିଲା। ପୂର୍ବ ୨୬ନଂ. ୱାର୍ଡର ମହିଳା କଂଗ୍ରେସ କର୍ପୋରେଟର ଚିନ୍ମୟୀ ପାଢ଼ୀଙ୍କ ବିୟୋଗରୁ ହୋଇଥିବା ଉପନିର୍ବାଚନରେ ଭାଜପା ପ୍ରାର୍ଥୀ ଜିତିଥିଲେ। ନିର୍ବାଚିତ କଂଗ୍ରେସ କର୍ପୋରେଟରଙ୍କ ମଧ୍ୟରୁ ପର୍ଯ୍ୟାୟକ୍ରମେ ୧୪ ଜଣ ବିଜେଡିରେ ସାମିଲ ହୋଇଥିଲେ। ୨୦୧୮ ସେପ୍ଟେମ୍ବର ୩୦ରେ ପରିଷଦର ୫ ବର୍ଷିଆ କାର୍ଯ୍ୟକାଳ ସରିବା ବେଳେ ବିଏମ୍‌ସିରେ ଜଣେ ବି ବିରୋଧୀ କର୍ପୋରେଟର ନ ଥିଲେ। ସାଢ଼େ ୩ ବର୍ଷ ସ୍ୱାୟତ୍ତ ଶାସନ ସଂସ୍ଥାରେ ଅମଲାତନ୍ତ୍ର ଶାସନ ପରେ ପୌର ନିର୍ବାଚନ ହେଉଛି। ଗତ ନିର୍ବାଚନ ଭଳି ଏଥର ମଧ୍ୟ କ୍ଲିନ୍ ସୁଇପ୍ ଲକ୍ଷ୍ୟରେ ବିଜେଡି ଥିବା ବେଳେ ବିଦ୍ରୋହୀଙ୍କ ସଂଖ୍ୟା ବଢ଼ିଥିବାରୁ ଫଳାଫଳ ନେଇ ଗଣିତ ଆରମ୍ଭ ହୋଇଯାଇଛି।

ରେଶମ ନଗରୀ ପୌର ନିର୍ବାଚନରେ ବିଭିନ୍ନ କାରଣରୁ ବିଜେଡି ନାନା ଆଶଙ୍କା କରି ଭାଜପା କର୍ପୋରେଟର ପ୍ରାର୍ଥୀଙ୍କୁ ଭୟଭୀତ କରାଇ ନାମାଙ୍କନପତ୍ର ପ୍ରତ୍ୟାହାର କରାଇବାର ହୀନ ଷଡ଼ଯନ୍ତ୍ର ଚଳାଇଥିବା ଭାଜପା ସଂଗୀନ ଅଭିଯୋଗ କରିଛି। ଏଥିପାଇଁ ମାଫିଆମାନଙ୍କୁ ଅସ୍ତ୍ର କରିଥିବା ବରିଷ୍ଠ ନେତା କାହ୍ନୁ ଚରଣ ପତି କହିଛନ୍ତି। ସେ ଆହୁରି ମଧ୍ୟ ସଦ୍ୟ ସମାପ୍ତ ପଞ୍ଚାୟତ ନିର୍ବାଚନରେ ଅଧିକାରୀମାନେ ନାନା ବିଭ୍ରାଟ କରି ଗ୍ରାମାଞ୍ଚଳ ଭୋଟରେ ଗଡ଼ବଡ଼ ସୃଷ୍ଟି କରିଥିବା ଦର୍ଶାଇଛନ୍ତି। ସହରାଞ୍ଚଳ ଭୋଟରେ ତାହା ସମ୍ଭବ ନ ହେବା ଜାଣି ଏବେ ମାଫିଆଙ୍କୁ ଶାସକ ଦଳ ପ୍ରୟୋଗ କରୁଛି। ପ୍ରାର୍ଥୀପତ୍ର ପ୍ରତ୍ୟାହାର ପାଇଁ ଜାଣିଶୁଣି ସମୟ ସୀମା ବଢ଼ାଇଥିବା ପତି ସମାଲୋଚନା କରିଛନ୍ତି। ନିର୍ବାଚନ କମିଶନ ହସ୍ତକ୍ଷେପ କରି ଯାଞ୍ଚରେ ମାତ୍ର ଦୁଇ ଦିନ ପରେ ପ୍ରତ୍ୟାହାର ପର୍ବ ଶେଷ କରିବାକୁ ସେ ଦାବି କରିଛନ୍ତି।

Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-34, Industrial Estate, Pita Mahal, Rayagada, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ